# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ରବିବାର, ୩୦ ସେପ୍ଟେମ୍ବର, ୨୦୧୮ ( ୨୦ ପୃଷ୍ଠା + ଛୁଟିଦିନ) Dhenkanal-Angul, Sunday, 30 September, 2018 ★★★★★

୧୪ଶ ଭାଗ ୨୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ବାଓ୍ୱନେଙ୍କ ଅପରାଜିତ ଶତକ**

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଭାରତୀୟ ବୋର୍ଡ ସଭାପତି ଏକାଦଶର ଅଙ୍କିତ ବାଓ୍ୱନେ ଅପରାଜିତ ଶତକ ହାସଲ କରିଛନ୍ତି।

୧୯ | ୦୨

**‘ମଣିକର୍ଣ୍ଣିକା’ ପାଇଁ ଗର୍ବ ଅନୁଭବ କରେ: କଙ୍ଗନା**

‘ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସି’ ପାଇଁ ଖୁବ୍ ଗର୍ବ ଅନୁଭବ କରେ ବୋଲି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ୍ ପ୍ରକାଶ କରିଛନ୍ତି।




DADLS-122

Skilled in ODISHA



ସୁଦକ୍ଷା

▸ ବାଳିକାମାନଙ୍କୁ ବୃତ୍ତିଗତ ତାଲିମ୍ ପାଇଁ ଆଗ୍ରହୀ କରାଇବା
▸ ୨୦୧୭-୧୮ରେ ୨୪୭୬ ବାଳିକା ପାଇଲେ ଆଇଟିଆଇ ତାଲିମ୍
▸ ୭୦୮୭ ହାଇସ୍କୁଲ ଛାତ୍ରୀ ଆଇଟିଆଇ ବୁଲି ଦେଖିଲେ ବିଭିନ୍ନ ଟ୍ରେଡ୍‌ରେ ଦିଆଯାଉଥିବା ଟ୍ରେନିଂ
▸ ୫୧୭୬ ହାଇସ୍କୁଲ ଛାତ୍ରୀଙ୍କୁ ଦିଆଗଲା ବୃତ୍ତିଗତ ପରାମର୍ଶ

ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର



ଦକ୍ଷତା ହିଁ ବିକାଶ

@Naveen_Odisha CMO.Odisha @CMO_Odisha

15001/13/0261/1819


# ଏନ୍. ରବି ପିଟିଆଇ ମୁଖ୍ୟ

ନୂଆଦିଲ୍ଲୀ,୨୯।୯(ପି.ଟି.)

ଇଂଲିଶ୍ ଦୈନିକ ‘ଦି ହିନ୍ଦୁ’ର ପ୍ରକାଶକ ଏନ୍.ରବି ଶନିବାର ଦେଶର ସର୍ବବୃହତ୍ ନ୍ୟୁଜ୍ ଏଜେନ୍ସି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ) ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସେହିପରି ‘ପଞ୍ଜାବ କେଶରୀ’ ମୁଖ୍ୟ ସମ୍ପାଦକ ବିଜୟ କୁମାର ଚୋପ୍ରା ସର୍ବସମ୍ମତିକ୍ରମେ ପିଟିଆଇର ନୂଆ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

୭୦ ବର୍ଷୀୟ ରବି ଏକ୍ସପ୍ରେସ୍ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିବେକ ଗୋଏଙ୍କାଙ୍କ ସ୍ଥାନରେ ଏହି ନୂଆ ଦାୟିତ୍ୱ ନେବେ। ରବି ପୂର୍ବରୁ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇ ସାରିଛନ୍ତି। ସେ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ଇଣ୍ଟିଗ୍ରେଶନ୍ କାଉନ୍‌ସିଲ୍‌ର ସଦସ୍ୟ ଥିଲେ। ଆମେରିକାର ହାର୍ଭାର୍ଡ ଲ ସ୍କୁଲ ଓ ଅକ୍ସଫୋର୍ଡ ୟୁନିଭର୍ସିଟି ଭଳି ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନରେ ମଧ୍ୟ ରବି ଫେଲୋ ଥିଲେ। ନୂଆଦିଲ୍ଲୀରେ ଶନିବାର ଅନୁଷ୍ଠିତ ପିଟିଆଇର ୭୦ତମ ବାର୍ଷିକ ସାଧାରଣ ବୈଠକରେ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଏହି ନିର୍ବାଚନରେ ଭାଗନେଇଥିଲେ।

**ଆଜିର ସମ୍ପାଦକୀୟ**

**ହିନ୍ଦୁରାଷ୍ଟ୍ର ଅସମ୍ଭବ**

**ଆଜିର ମନ୍ତବ୍ୟ**

“ ଲକ୍ଷ୍ୟ ବିନା ଶିକ୍ଷାଗ୍ରହଣ କେବଳ ପ୍ରମାଣପତ୍ର ହାସଲ ଲାଗି ଉଦ୍ଦିଷ୍ଟ ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୩ ବିଲିୟନ ବୃଦ୍ଧି ଘଟି ୪୦୧.୭୯୦ ବିଲିୟନ ଡଲାର ଛୁଇଁଛି। ଏହା ଗତ ସପ୍ତାହରେ ୧.୨୦୭ ବିଲିୟନ ବୃଦ୍ଧି ଘଟି ୪୦୦.୪୮୯ ବିଲିୟନ ଡଲାର ରହିଥିଲା।

–ଭାରତୀୟ ରିଜର୍ଭ ବ୍ୟାଙ୍କ

# ୩ ସ୍ଥାନରେ ମିଳିଲା ବାଘଙ୍କ ସନ୍ଧାନ



ଭୁବନେଶ୍ୱର, ୨୯।୯(ବ୍ୟୁରୋ)

■ ରାଜ୍ୟରେ ୬୦ରୁ ଉର୍ଦ୍ଧ୍ୱ ବାଘ ଥିବା କହିଲେ ମନ୍ତ୍ରୀ
■ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଅସ୍ୱୀକାର

ରାଜ୍ୟରେ ୩ଟି ସ୍ଥାନରେ ମହାବଳ ବାଘ ଥିବାର ସନ୍ଧାନ ମିଳିଛି। ସୁନ୍ଦରଗଡ ଜିଲାର ହେମଗିର ଜଙ୍ଗଲ, ହୀରାକୁଦର ଡେବ୍ରିଗଡ଼ ଜଙ୍ଗଲ ଏବଂ ରାୟଗଡ଼ା ଜିଲାର ମୁନିଗୁଡ଼ା ବନାଞ୍ଚଳରେ ମହାବଳ ବାଘ ଥିବା ସନ୍ଧାନ ମିଳିଛି ବୋଲି ଶନିବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି। ପୂର୍ବରୁ ଏହି ସ୍ଥାନରେ ବାଘ ଥିବା ଜଣାପଡ଼ିଥିଲା। ତେଣୁ ସେଠାରେ କ୍ୟାମେରା ଲଗାଯାଇଥିଲା। ଏସବୁ ଜଙ୍ଗଲରେ ମହାବଳ ବାଘ ଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟରେ ମହାବଳ ବାଘଙ୍କ ପାଇଁ ଜଙ୍ଗଲରେ ବହୁ ମାତ୍ରାରେ କ୍ଷମତା ରହିଛି। ଆଶା କରୁଛୁ ଆଗକୁ ସଂଖ୍ୟା ବୃଦ୍ଧି ପାଇବ। ବର୍ତ୍ତମାନ ରାଜ୍ୟରେ ୬୦ରୁ ଉର୍ଦ୍ଧ୍ୱ ମହାବଳ ବାଘ ରହିଛନ୍ତି। ଡେବ୍ରିଗଡ଼ ଏବଂ ସୁନାବେଡ଼ାକୁ ବ୍ୟାଘ୍ର ଅଭୟାରଣ୍ୟ କରିବା ପାଇଁ କେନ୍ଦ୍ରକୁ ଚିଠି ଲେଖାଯାଇଥିବା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ରେ ରାଜ୍ୟରେ ୪୦ ମହାବଳ ବାଘ ଓ ୩୧୮ କଲରାପତରିଆ ବାଘ ଥିବା ସରକାର କହିଥିଲେ। କିନ୍ତୁ ୨୦୧୪ ଏନ୍‌ଟିସିଏ(ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ରିପୋର୍ଟ ଅନୁସାରେ ରାଜ୍ୟରେ ୨୮ଟି ବାଘ ଥିବା ଦର୍ଶାଯାଇଥିଲା। ଏହି ରିପୋର୍ଟକୁ ରାଜ୍ୟ ସରକାର ଗ୍ରହଣ କରି ନ ଥିଲେ। ସରକାର ନିଜ ତରଫରୁ ଗଣନା କରି ରାଜ୍ୟରେ ୪୦ଟି ବାଘ ଥିବା କହିଥିଲେ। ଅନ୍ୟପଟେ ରାଜ୍ୟରେ ଏତେ ମାତ୍ରାରେ ବାଘ ସଂଖ୍ୟା ବୃଦ୍ଧି ପାଇବା ଘଟଣାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ସ୍ୱୀକାର କରିପାରୁନାହାନ୍ତି। ଯଦି ରାଜ୍ୟରେ ଏତେ ସଂଖ୍ୟାରେ ବାଘ ଅଛନ୍ତି ବୋଲି ସରକାର କହୁଛନ୍ତି, ତେବେ ଅନ୍ୟ ରାଜ୍ୟରୁ ବାଘ ଆଣି କୋଟି କୋଟି ଟଙ୍କା କ’ଣ ପାଇଁ ଖର୍ଚ୍ଚ କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ୍ ମହାନ୍ତି କୁହନ୍ତି, ଅନ୍ୟ ରାଜ୍ୟରୁ ଯଦି ବାଘ ଆମ ରାଜ୍ୟକୁ ଚାଲିଆସିବେ ☞ପୃଷ୍ଠା–୪


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


■ ଜାତିସଂଘରେ ବର୍ଷିଲେ ସୁଷମା

# ଆତଙ୍କବାଦ ପାଲଟିଛି ପାକିସ୍ତାନର ରାଷ୍ଟ୍ର ନୀତି

ଜାତିସଂଘ,୨୯।୯(ପି.ଟି.)

ଆତଙ୍କବାଦ ପାକିସ୍ତାନର ରାଷ୍ଟ୍ର ନୀତିରେ ପରିଣତ ହୋଇଛି। ପଡ଼ୋଶୀ ଦେଶ ଆତଙ୍କବାଦକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୭୩ତମ ଅଧିବେଶନରେ ଶନିବାର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏଭଳି ଭାଷାରେ ଇସ୍‌ଲାମାବାଦ ଉପରେ ବର୍ଷିଛନ୍ତି।

ୟୁଏନ୍‌ଜିଏ ସାଧାରଣ ବିତର୍କରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସୁଷମା ଉଦ୍‌ବୋଧନ ଦେଇଛନ୍ତି। ସେ ବିଶ୍ୱ ନେତୃବୃନ୍ଦଙ୍କୁ ସମ୍ବୋଧିତ କରି ଆତଙ୍କବାଦକୁ ସମଗ୍ର ମାନବ ଜାତି ପାଇଁ ବିପଦ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଆତଙ୍କବାଦ ଓ ଜଳବାୟୁ ପରିବର୍ତ୍ତନ ବିଶ୍ୱ ସମୁଦାୟ ଆଗରେ ସବୁଠୁ ବଡ଼ ଆହ୍ୱାନ ହୋଇ ଛିଡ଼ାହୋଇଛି। ୯/୧୧ ନ୍ୟୁୟର୍କ ଆକ୍ରମଣର ମାଷ୍ଟରମାଇଣ୍ଡ ଓସାମା ବିନ୍ ଲାଡେନ୍‌ଙ୍କୁ ନିପାତ କରାଯାଇଛି। ହେଲେ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ରକାରୀ ହାଫିଜ୍ ସୟିଦ୍ ଏବେ ବି ପାକିସ୍ତାନର ରାଜରାସ୍ତାରେ ମୁକୁଳା ବୁଲୁଛନ୍ତି। ଆତଙ୍କବାଦକୁ ପାକିସ୍ତାନ ଜାତୀୟ ନୀତି ଭାବେ ଗ୍ରହଣ କରିଛି। ଆତଙ୍କବାଦ ପ୍ରତି ତା’ର ଏହି ପ୍ରତିଶ୍ରୁତିବଦ୍ଧତା ଓ ଛଳନାରେ ବିଶ୍ୱାସ କାଣିଚାଏ ଊଣା ହୋଇନାହିଁ। ଏକବିଂଶ ଶତାବ୍ଦୀ ଆମ ପାଇଁ ଶାନ୍ତି, ସମୃଦ୍ଧି ଓ ସହଯୋଗର ବାଟ ଫିଟାଇଦେବ ବୋଲି ଆଶା କରାଯାଉଥିଲା। ମାତ୍ର ନ୍ୟୁୟର୍କରେ ୯/୧୧ର ଏବଂ ମୁମ୍ବାଇରେ ୨୬/୧୧ର ଭୟଙ୍କର ଆକ୍ରମଣ ସବୁ ସ୍ୱପ୍ନକୁ ଧୂଳିସାତ୍ କରିଦେଲା। ଆତଙ୍କବାଦର ରାକ୍ଷସ ଏବେ ସାରା ବିଶ୍ୱରେ ଭ୍ରମଣ କରୁଛି। ଏହାର ଗତି କେଉଁଠି ତୀବ୍ରତର ତ ଆଉ କେଉଁଠି ଧୀର। ହେଲେ ସବୁଠି ଏହା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଆମ କ୍ଷେତ୍ରରେ ଆତଙ୍କବାଦ କେଉଁ ସୁଦୂର ଭୂଇଁରେ ସୃଷ୍ଟି ହୋଇନାହିଁ, ବରଂ ପଶ୍ଚିମରେ ସୀମା ସେପଟୁ ଏହା ଆମ ଦେଶକୁ ଆସୁଛି। ଆମ ପଡ଼ୋଶୀ ଆତଙ୍କବାଦକୁ କେବଳ ନିଜ ମାଟିରେ ବିସ୍ତାର ☞ପୃଷ୍ଠା–୪

# ଭୂକମ୍ପ–ସୁନାମିରେ ୪୦୦ ମୃତ

ପାଲୁ/ଜାକର୍ତ୍ତା, ୨୯।୯(ଆଇଏଏନ୍ଏସ୍)

**ଇଣ୍ଡୋନେସିଆରେ ପ୍ରକୃତିର କରାଳ ରୂପ**

■ ୭.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ପରେ ସୁନାମି
■ ମାଡ଼ିଆସିଲା ୧୦ ଫୁଟର ଜୁଆର
■ ଧୋଇନେଲା ଘର ଓ ବହୁ ଅଟ୍ଟାଳିକା
■ ପାଲୁ ଏବଂ ଦୋଙ୍ଗାଲାରେ ଅଧିକ କ୍ଷୟକ୍ଷତି



ଭୂକମ୍ପ ସବୁକିଛି ଉଜାଡ଼ିଦେବା ପରେ ଜଣେ ବ୍ୟକ୍ତି ଭଗ୍ନାବଶେଷରୁ ଖୋଜିବୁଲୁଛନ୍ତି ସାଇତା ସ୍ମୃତି।

ଇଣ୍ଡୋନେସିଆରେ ପ୍ରକୃତିରାଣୀର କରାଳ ରୂପ ରଚିଛି ଧ୍ୱଂସଲୀଳା। ୭.୫ ତୀବ୍ରତା ବିଶିଷ୍ଟ ଶକ୍ତିଶାଳୀ ଭୂକମ୍ପ ସାଙ୍ଗକୁ ସୁନାମି ସୁଲାୱେସି ଦ୍ୱୀପକୁ ଧ୍ୱସ୍ତବିଧ୍ୱସ୍ତ କରିଛି। ଏଥିରେ ପାଖାପାଖି ୪୦୦ ଲୋକ ପ୍ରାଣ ହରାଇଛନ୍ତି। ହଜାର ହଜାର ଲୋକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଭଗ୍ନାବଶେଷ ତଳେ ଅନେକେ ଚାପିହୋଇଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇବା ଆଶଙ୍କା କରାଯାଉଛି। ହସ୍ପିଟାଲଗୁଡ଼ିକରେ ଶହ ଶହ ଆହତ ଭର୍ତ୍ତି ହୋଇଥିବାରୁ ଚିକିତ୍ସା ଯୋଗାଇବାରେ ସମସ୍ୟା ଉପୁଜୁଛି। ସେପଟେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ଲାଗିପଡ଼ିଛନ୍ତି। ଶେଷ ଖବର ସୁଦ୍ଧା ସୁନାମି ଯୋଗୁ ପାଲୁ ଏବଂ ଦୋଙ୍ଗାଲାରେ ଅଧିକ କ୍ଷୟକ୍ଷତି ହୋଇଛି। ସର୍ବାଧିକ କ୍ଷତିଗ୍ରସ୍ତ ଅଞ୍ଚଳ ପାଲୁରେ ୩୮୪ ଜଣଙ୍କ ମୃତ୍ୟୁ ହୋଇଥିବା ଶନିବାର ସରକାରୀ କର୍ତ୍ତୃପକ୍ଷ କହିଛନ୍ତି।

ଶୁକ୍ରବାର ସୁଲାୱେସି ଦ୍ୱୀପର କେନ୍ଦ୍ର ଭାଗରେ ଶକ୍ତିଶାଳୀ ଭୂକମ୍ପ ହେବା ପରେ ଇଣ୍ଡୋନେସିଆର ବିଭିନ୍ନ ଅଞ୍ଚଳ ଥରିଉଠିଥିଲା। ଭୂକମ୍ପ ପରେ ଅନେକ ଥର ମଧ୍ୟ ଝଟକା ଅନୁଭୂତ ହୋଇଥିଲା। ଏହାପରେ ୧୦ ଫୁଟ ଉଚ୍ଚର ଜୁଆର ମାଡ଼ିଆସିଥିଲା। ବେଳାଭୂମି ନିକଟରେ ଥିବା ଘର, ହସ୍ପିଟାଲ, ହୋଟେଲ, ଶପିଂ ସେଣ୍ଟର ଏବଂ ଅନ୍ୟାନ୍ୟ ଅଟ୍ଟାଳିକାକୁ ଧୋଇନେଇଥିଲା। ଶୁକ୍ରବାର ରାତିରେ ଧ୍ୱଂସଚିତ୍ର ସେତେଟା ଦୃଶ୍ୟମାନ ହୋଇ ନ ଥିଲେ ସୁଦ୍ଧା ଶନିବାର ସକାଳେ ଚାରିଆଡ଼େ ପ୍ରକୃତିର କୋପ ବାରି ହୋଇପଡୁଥିଲା। ଭୂକମ୍ପ ଯୋଗୁ ଭାଙ୍ଗିଯାଇଥିବା ଘରେ ଏବଂ ବେଳାଭୂମିରେ ଅନେକ ମୃତଦେହ ଦେଖିବାକୁ ମିଳିଥିଲା। ଭୂକମ୍ପର ଉପକେନ୍ଦ୍ରସ୍ଥଳରୁ ୮୦ କି.ମି. ଦୂରରେ ଅବସ୍ଥିତ ବେଳାଭୂମି ସହର ପାଲୁ ଏବଂ ଦୋଙ୍ଗାଲାରେ ପ୍ରାୟ ୬ ଲକ୍ଷ ଲୋକ ବସବାସ କରନ୍ତି। ପାଲୁରେ ଅନେକ କୋଠା ଭୁଶୁଡ଼ିବା ସହ ଏକ ବଡ଼ ମସ୍‌ଜିଦ ଧୂଳିସାତ୍ ହୋଇଛି। ଏଠାରେ ବିଦ୍ୟୁତ୍ ସରବରାହ, ଟେଲି କମ୍ୟୁନିକେଶନ ଏବଂ ଅନ୍ୟାନ୍ୟ ପରିବହନ ବ୍ୟବସ୍ଥା ପ୍ରଭାବିତ ହୋଇଛି। ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରକୃତିର ତାଣ୍ଡବ ☞ପୃଷ୍ଠା–୪

# ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଅଗ୍ନିକାଣ୍ଡ

ଢେଙ୍କାନାଳ ଅଫିସ, ୨୯।୯



■ ବେଆଇନ କ୍ୟାଣ୍ଟିନରେ ଅଘଟଣ
■ କର୍ତ୍ତୃପକ୍ଷଙ୍କ ଜାଣତରେ ଚାଲିଥିଲା
■ ଅଗ୍ନିସୁରକ୍ଷା ସାର୍ଟିଫିକେଟ ନାହିଁ
■ ସିଡିଏମ୍‌ଓଙ୍କୁ ତାଗିଦ୍, ତଦନ୍ତ ନିର୍ଦ୍ଦେଶ

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଗ୍ନିକାଣ୍ଡ ଘଟିଛି। ୫ମହଲାରେ ଅବସ୍ଥିତ ସର୍ଜରି ୱାର୍ଡ ନିକଟ ପ୍ରକୋଷ୍ଠରେ ବେଆଇନ ଭାବେ ଚାଲିଥିବା କ୍ୟାଣ୍ଟିନରୁ ନିଆଁ ଲାଗି ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। ଏହାକୁ ନେଇ ଚିକିତ୍ସାଳୟ ପରିସରରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ସର୍ଜରି ୱାର୍ଡର ରୋଗୀ ଏବଂ ସମ୍ପର୍କୀୟମାନେ ପ୍ରାଣ ବିକଳରେ ଏଣେତେଣେ ଦୌଡ଼ିଥିଲେ। ରନ୍ଧନ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହୁଥିବାବେଳେ ଅନ୍ୟ କେତେଜଣ କୋଇଲା ଚୁଲାରୁ ନିଆଁ ଲାଗିଥିବା କହିଛନ୍ତି। ସୂଚନାପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା।

ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ପୀତାମ୍ବର ସାମଲ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଜାଣତରେ ଉକ୍ତ କ୍ୟାଣ୍ଟିନ ବେଆଇନ ଭାବେ ଚାଲିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମେଡିକାଲ ପରିସରରେ ଆଇନ ଉଲ୍ଲଂଘନ କରି ଭାବେ କିପରି କ୍ୟାଣ୍ଟିନ ଚାଲିଥିଲା, ଏହାକୁ କିଏ ଅନୁମତି ଦେଇଥିଲା ଏବଂ ଅଭିଯୁକ୍ତ କ୍ୟାଣ୍ଟିନ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା–୪

■ ପୌର ନିର୍ବାଚନ ପ୍ରସଙ୍ଗ

# ସ୍ଥାନ ସଂରକ୍ଷଣ ସାଜିଲା କଣ୍ଟା

ଭୁବନେଶ୍ୱର,୨୯।୯(ବ୍ୟୁରୋ)

■ ୬୫ ମ୍ୟୁନିସିପାଲିଟି/ ଏନ୍ଏସିରେ ନିଯୁକ୍ତ ହେଲେ ପ୍ରଶାସକ
■ ଜିଲାପାଳ ବ୍ରହ୍ମପୁର ମହାନଗର ନିଗମ ପ୍ରଶାସକ

ଅଧିକ ସ୍ଥାନ ସଂରକ୍ଷଣ ସାଜିଲା କଣ୍ଟା। ସୁପ୍ରିମକୋର୍ଟଙ୍କ ରାୟ ପରେ ନିର୍ଦ୍ଧାରିତ ସମୟରେ ରାଜ୍ୟ ସରକାର ପୌରସଂସ୍ଥାଗୁଡିକର ନିର୍ବାଚନ କରିବାରେ ଫେଲ୍ ମାରିଲେ। ଶନିବାର ଅର୍ଥାତ ସେପ୍ଟେମ୍ବର ୨୯ ତାରିଖରେ ରାଜ୍ୟର ୬୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲିଟି ଏବଂ ବ୍ରହ୍ମପୁର ମହାନଗର ନିଗମର କାର୍ଯ୍ୟକାଳ ଶେଷ ହୋଇଛି। ନିର୍ବାଚନ ହୋଇ ନ ପାରିବାରୁ ରାଜ୍ୟ ସରକାର ମହାନଗର ନିଗମ ଓ ପୌର ସଂସ୍ଥାଗୁଡ଼ିକରେ ପ୍ରଶାସକମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ନିର୍ବାଚନ ହୋଇ ନୂଆ ପରିଷଦ ଗଠନ ହେବା ପର୍ଯ୍ୟନ୍ତ ସେହି ପ୍ରଶାସକମାନେ ଦାୟିତ୍ୱରେ ରହିବେ। ଏ ନେଇ ଶନିବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ରାଜ୍ୟର ୨୦ଟି ଜିଲାର ୬୫ଟି ମ୍ୟୁନିସିପାଲିଟି ଓ ପୌରସଂସ୍ଥାରେ ୨୦୧୩ ସେପ୍ଟେମ୍ବର ୩୦ ତାରିଖରେ ପୌର ପରିଷଦ ପାଇଁ ୫ ବର୍ଷିଆ କାର୍ଯ୍ୟକାଳ ହିସାବରେ ☞ପୃଷ୍ଠା–୪


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 31,400/- 10gm.
Gold 22 CT - ₹ 30,300/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 29.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 59 | 105 | 115 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers



ତ୍ରିପଲ ତଲାକ୍‌କୁ ନେଇ ଏନ୍‌ଡିଏ ସରକାର ଆଣିଥିବା ଅଧାଦେଶ ମହିଳା ବିରୋଧୀ । ସମ୍ବିଧାନ ପ୍ରଦାନ କରିଥିବା ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବାରୁ ଏହାକୁ ପ୍ରତ୍ୟାହାର କରିନିଆଯିବା ଉଚିତ ।

**- ଅସାଦୁଦ୍ଦିନ୍ ଓୱାଇସି, ଏଆଇଏମ୍‌ଆଇଏମ୍ ମୁଖ୍ୟ**



## ସଂକ୍ଷେପରେ

### ଆଜ୍ହାରଙ୍କୁ ଆତଙ୍କବାଦୀ ଘୋଷଣା ଆଭିମୁଖ୍ୟ ଦୋହରାଇଲା ଚାଇନା



**ୱାଶିଂଟନ୍,୨୯।୯(ପି.ଟି.):** ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦର ମୁଖ୍ୟ ମାସୁଦ୍ ଆଜ୍ହାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ଲାଗି ଭାରତ ଏକାଧିକବାର ମିଳିତ ଜାତିସଂଘରେ ଆବେଦନ କରିଛି। କିନ୍ତୁ ପାକିସ୍ତାନର 'ସୁଖଦୁଃଖର ସାଥୀ' ଚାଇନା ବାରମ୍ବାର ଏହାକୁ ବିରୋଧ କରିଆସୁଛି। ଫଳରେ ଭାରତର ଉଦ୍ୟମ କାଟ୍ ଖାଉଛି। ତେବେ ଆଜ୍ହାର୍ ପ୍ରସଙ୍ଗରେ ନିଜ ଆଭିମୁଖ୍ୟକୁ ପୁଣିଥରେ ସମର୍ଥନ କରିଛି ଚାଇନା। ମିଳିତ ଜାତିସଂଘ ଜେନେରାଲ୍ ଆସେମ୍ବ୍ଲିରେ ଯୋଗଦେଇ ଶନିବାର ଚାଇନା ବୈଦେଶିକମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି, ଏହି ପ୍ରସଙ୍ଗରେ ଭାରତର ଦାବିକୁ ନେଇ ଜାତିସଂଘ ସୁରକ୍ଷା ପରିଷଦର ସମସ୍ତ ସଦସ୍ୟ ଏବଂ ଦୁଇପକ୍ଷ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସହମତିର ଅଭାବ ରହିଛି। ଯଦି ସବୁ ପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଏ, ତା'ହେଲେ ଚାଇନା ମଧ୍ୟ ଏହାକୁ ସମର୍ଥନ କରିବ। ସବୁ ପ୍ରକାରର ଆତଙ୍କବାଦୀଙ୍କୁ ବେଜିଂ ସବୁବେଳେ ବିରୋଧ କରି ଆସୁଛି। ଆତଙ୍କବାଦ ନିରୋଧୀ ଲଢ଼େଇରେ ପାକିସ୍ତାନକୁ ଚାଇନା ସହଯୋଗ କରୁଛି ବୋଲି ୟି କହିଛନ୍ତି।

### ଭାଜପା ରାଲିରେ ଓଲଟା ତ୍ରିରଙ୍ଗା

**ଜମ୍ମୁ,୨୯।୯(ପି.ଟି.):** ଭାଜପା ରାଲିରେ ଜାତୀୟ ପତାକାକୁ ଅସମ୍ମାନ। ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଗୁରୁବାର ଭାଜପାର ଏକ ରାଲି ସମୟରେ ଜାତୀୟ ପତାକାକୁ ଓଲଟା ଲଗାଯାଇଥିବା ଅଭିଯୋଗ ହୋଇଛି। ଶନିବାର ଅଭିଯୋଗ ହେବା ପରେ ପୋଲିସ ଅଜଣା ବ୍ୟକ୍ତିଙ୍କ ବିରୋଧରେ ମାମଲା ଦାଏର କରି ତଦନ୍ତ ଆରମ୍ଭ କରିଛି। ପୌର ନିର୍ବାଚନ ପରିପ୍ରେକ୍ଷୀରେ ଦଳର ବରିଷ୍ଠ ନେତା ତଥା କଠୁଆ ବିଧାୟକ ରାଜୀବ ଜଶ୍‌ରୋଟିଆଙ୍କ ନେତୃତ୍ୱରେ ଜିଲାର ଶିବନଗର ଅଞ୍ଚଳରେ ଗୁରୁବାର ଏକ ରାଲିର ଆୟୋଜନ କରାଯାଇଥିଲା। ଏହି ସମୟରେ ଦଳୀୟ ପତାକା ସହ ଲଗାଯାଇଥିବା ଜାତୀୟ ପତାକା ଓଲଟା ଥିବା ବିନୋଦ ନିଖାୱନ୍ ନାମକ ଜଣେ ସ୍ଥାନୀୟ ବାସିନ୍ଦା କଠୁଆ ଥାନାରେ ମାମଲା ଦାଏର କରିଛନ୍ତି।

# ଜାତିସଂଘର ସଂସ୍କାର ଜରୁରୀ

**ମିଳିତ ଜାତିସଂଘ,୨୯।୯(ପି.ଟି.)**



ବିଶ୍ୱ ମଞ୍ଚରେ ପୁଣିଥରେ 'ବସୁଧୈବ କୁଟୁମ୍ବକମ୍' ବାର୍ତ୍ତା ଉପସ୍ଥାପନ କରିଛି ଭାରତ। ମିଳିତ ଜାତିସଂଘର ୭୩ତମ ଜେନେରାଲ୍ ଆସେମ୍ବ୍ଲିରେ ଶନିବାର ଉଦ୍‌ବୋଧନ ଦେଇ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଦର୍ଶାଇବା ସହ ବିଶ୍ୱ ସଂସ୍ଥାର ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ମୌଳିକ ସଂସ୍କାର ବିନା ମିଳିତ ଜାତିସଂଘର ପ୍ରାସଙ୍ଗିକତା ବିପଦମୁହାଁ ହେବ। ବିଶ୍ୱ ସଂସ୍ଥା ଯଦି ପ୍ରଭାବହୀନ ହୋଇଯାଏ, ତା'ହେଲେ ଏହାର ବହୁପାକ୍ଷିକ ବ୍ୟବସ୍ଥା ଧ୍ୱଂସ ହୋଇଯିବ। ଅନେକଙ୍କ ସ୍ୱାର୍ଥକୁ ଅଣଦେଖା କରି ଜାତିସଂଘ ଅଳ୍ପ କେତେଜଣଙ୍କ ହାତ ବାରିସି ହୋଇ ନ ରହୁ। ଜାତିସଂଘ ଏକ ପରିବାର ଭଳି। ଏହାକୁ ସ୍ନେହ ଓ ସହଯୋଗପୂର୍ଣ୍ଣ ପାରିବାରିକ ସିଦ୍ଧାନ୍ତରେ ପରିଚାଳନା କରାଯାଉ। ଜାତିସଂଘ ସୁରକ୍ଷା ପରିଷଦ ଏବେ ୫ ବିଶ୍ୱଯୁଦ୍ଧ ବିଜେତାଙ୍କ ମଧ୍ୟରେ ସୀମିତ ହୋଇ ରହିଯାଇଛି। ଫଳରେ ବିଶ୍ୱସଂସ୍ଥାର ଗରିମା ହ୍ରାସ ପାଇବାରେ ଲାଗିଛି। ଏଣୁ ବେଳ ଥାଉ ଥାଉ ସଂସ୍କାର ଅଣାଯିବା ଉଚିତ ବୋଲି ସୁଷମା ସତର୍କ କରାଇଛନ୍ତି। ପ୍ରକାଶ ଯେ, ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ରେ ସଂସ୍କାର ଆଣିବା ଲାଗି ଭାରତ ଦୀର୍ଘଦିନ ହେଲା ଦାବି କରି ଆସୁଛି। ଭାରତ ସହ ମିଳିତ ଭାବେ ବ୍ରାଜିଲ, ଜର୍ମାନୀ, ଜାପାନ ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟତା ଲାଗି ଦାବି କରିଆସୁଛନ୍ତି।

ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଭାରତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଅନେକ ଯୋଜନା ସମ୍ପର୍କରେ ସୁଷମା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ୨୦୩୦ ସୁଦ୍ଧା ଲକ୍ଷ୍ୟ ପୂରଣ କରିବା ଲାଗି ଭାରତ ସମ୍ପୂର୍ଣ୍ଣ ରୂପେ ପ୍ରତିଶ୍ରୁତିବଦ୍ଧ। ଦେଶର ୧୩୦ କୋଟି ଜନତାଙ୍କ ବିକାଶ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଅନେକ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ଆଣିଛି। ୨୦୩୦ ସୁଦ୍ଧା ଦାରିଦ୍ର୍ୟ ଦୂରୀକରଣ, ପୃଥିବୀ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ, ଏବଂ ଶାନ୍ତି ଓ ସମୃଦ୍ଧି ସୁନିଶ୍ଚିତ କରିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି। ଜନଧନ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୌଶଳ ବିକାଶ ଯୋଜନା, ମୁଦ୍ରା ଯୋଜନା, ମାତୃତ୍ୱ ଅବକାଶ ଯୋଜନା କିଭଳି ଭାବେ ଦେଶରୁ ଦାରିଦ୍ର୍ୟ ଦୂର କରିବା ସହ ବିକାଶର ଗତିକୁ ତୀବ୍ର କରିବ ସେ ବିଷୟରେ ସୁଷମା କହିଛନ୍ତି। ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ଉଲ୍ଲେଖ କରି ସୁଷମା କହିଛନ୍ତି, ଭାରତବାସୀ 'ସର୍ବେ ସନ୍ତୁ ନିରାମୟା' ପ୍ରାର୍ଥନା କରିଥାନ୍ତି। ଏହାର ଅର୍ଥ ହେଲା ସମସ୍ତେ ନୀରୋଗ ରୁହନ୍ତୁ। ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ଯୋଜନାର ମୂଳ ଲକ୍ଷ୍ୟ ସମସ୍ତଙ୍କୁ ନୀରୋଗ ରଖିବା ଉଦ୍ଦେଶ୍ୟକୁ ପୂରଣ କରିବ ବୋଲି ସୁଷମା କହିଛନ୍ତି। ଭାରତ ସରକାରଙ୍କ ସମସ୍ତ ଯୋଜନା ବିଶେଷକରି ମହିଳାଙ୍କ ଉପରେ କେନ୍ଦ୍ରିତ କରାଯାଇଛି। କାରଣ ଦାରିଦ୍ର୍ୟ ଦୂରୀକରଣ ପାଇଁ ମହିଳାଙ୍କ ସଶକ୍ତୀକରଣ ଜରୁରୀ ବୋଲି ସୁଷମା କହିଛନ୍ତି।

ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦ ପ୍ରସଙ୍ଗରେ ମଧ୍ୟ ସେ କହିଛନ୍ତି। ପ୍ରକୃତିର ବିନାଶ କରି ନିଜର ବିକାଶ କରିଥିବା ବିକଶିତ ଦେଶଗୁଡ଼ିକ ବର୍ତ୍ତମାନ ନିଜର ଦାୟିତ୍ୱ ପ୍ରତି ମୁହଁମୋଡ଼ି ପାରିବେ ନାହିଁ। ବିକଶିତ ଦେଶଗୁଡ଼ିକ ଛୋଟ ଦେଶଗୁଡ଼ିକୁ ଉଦ୍ଧାର କରିବାକୁ ହେବ। କାରଣ ଜଳବାୟୁ ପରିବର୍ତ୍ତନର ବିନାଶକାରୀ ପରିଣାମର ମୁକାବିଲା କରିବା ଛୋଟ ଦେଶ ପକ୍ଷେ ସମ୍ଭବ ନୁହେଁ। ଏଣୁ ବିକଶିତ ଦେଶଗୁଡ଼ିକ ଅଣବିକଶିତ ରାଷ୍ଟ୍ରଗୁଡ଼ିକୁ ଆର୍ଥିକ ସହଯୋଗ ସାଙ୍ଗକୁ ଟେକ୍ନୋଲୋଜି ମଧ୍ୟ ପ୍ରଦାନ କରିବା ଉଚିତ ବୋଲି ସୁଷମା ଯୁକ୍ତି ବାଢ଼ିଛନ୍ତି। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ଜାତିସଂଘ ସମ୍ମାନ ଜଣାଇଛି। ଅନ୍ତର୍ଜାତୀୟ ସୌର ମେଣ୍ଟ (ଇଣ୍ଟରନ୍ୟାଶନାଲ୍ ସୋଲାର୍ ଆଲିଆନ୍ସ) ଗଠନ କରି ମୋଦି ଏ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଦ୍ୱାରା ମିଳିତ ଭାବେ ପ୍ରତିଷ୍ଠା ହୋଇଥିବା ଏହି ମେଣ୍ଟରେ ଏବେ ୬୮ ଦେଶର ସଦସ୍ୟ ହୋଇଥିବା ଖୁସିର ବିଷୟ ବୋଲି ସୁଷମା କହିଛନ୍ତି। ସୌରଶକ୍ତିକୁ ନେଇ ମୋଦିଙ୍କ ଦୃଷ୍ଟିକୋଣ ହେଲା 'ଗୋଟିଏ ସୂର୍ଯ୍ୟ ଗୋଟିଏ ଗ୍ରୀଡ୍' ବ୍ୟବସ୍ଥା। ଏହାଦ୍ୱାରା ନିରନ୍ତର ଶକ୍ତି ଉପଲବ୍ଧ ହୋଇପାରିବ। ଏହି ବିଷୟବସ୍ତୁ ଅନେକ ସମସ୍ୟାର ସମାଧାନ କରିବାରେ ସଫଳ ହେବ ବୋଲି ମୋଦି ଚିନ୍ତା କରୁଥିବା ସୁଷମା କହିଛନ୍ତି। ୨୦୨୨ରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ମୋଦି 'ନ୍ୟୁ ଇଣ୍ଡିଆ' ଗଠନ ସ୍ୱପ୍ନ ଦେଖିଛନ୍ତି। ନ୍ୟୁ ଇଣ୍ଡିଆର ମୂଳମନ୍ତ୍ର ହେବ 'ସ୍ୱଚ୍ଛ ଭାରତ, ସ୍ୱସ୍ଥ ଭାରତ', 'ସମର୍ଥ ଭାରତ, ସୁରକ୍ଷିତ ଭାରତ', 'ଶିକ୍ଷିତ ଭାରତ, ବିକଶିତ ଭାରତ', 'ଊର୍ଜାବାନ୍ ଭାରତ, ଶକ୍ତିମାନ ଭାରତ' ବୋଲି ସୁଷମା କହିଛନ୍ତି।

- 'ସର୍ବେ ସନ୍ତୁ ନିରାମୟା' ବାର୍ତ୍ତା ଦେଲେ ସୁଷମା
- ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ପାଇଁ ଭାରତର ପଦକ୍ଷେପ ବର୍ଣ୍ଣନା କଲେ ବହିର୍ବ୍ୟାପାରମନ୍ତ୍ରୀ



# ଆପଲ୍ କର୍ମଚାରୀଙ୍କୁ ହତ୍ୟା

**ଲକ୍ଷ୍ନୌ,୨୯।୯(ପି.ଟି.)**

### ୨ କନ୍‌ଷ୍ଟେବଲ ଗିରଫ



ବିବେକ ତିୱାରୀ

ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଆପଲ୍ କମ୍ପାନୀର ଜଣେ କର୍ମଚାରୀଙ୍କୁ ହତ୍ୟା କରାଯାଇଛି। ହତ୍ୟାରେ ସମ୍ପୃକ୍ତି ଅଭିଯୋଗରେ ଶନିବାର ୨ ପୋଲିସ କନ୍‌ଷ୍ଟେବଲ ଗିରଫ ହୋଇଛନ୍ତି। ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରି ଏହାର ତଦନ୍ତ ମାଜିଷ୍ଟ୍ରେଟ୍ ସ୍ତରୀୟ ନିର୍ଦ୍ଦେଶ ଦେଇଛନ୍ତି। ଲକ୍ଷ୍ନୌର ଗୋମତୀ ନଗର ଅଞ୍ଚଳରେ ୨ ଜଣ ପୋଲିସ କନ୍‌ଷ୍ଟେବଲ ଶୁକ୍ରବାର ବିଳମ୍ବିତ ରାତି (୧ଟା ୩୦)ରେ ପାଟ୍ରୋଲିଂ କରୁଥିଲେ। ଆପଲ୍ ସେଲ୍ସ ମ୍ୟାନେଜର ବିବେକ ତିୱାରୀ(୩୮) ଜଣେ ମହିଳା ସହକର୍ମୀଙ୍କ ସହ ସେହି ବାଟ ଦେଇ ଏସ୍‌ୟୁଭିରେ ଯାଉଥିବାବେଳେ ଦୁଇ କନ୍‌ଷ୍ଟେବଲ ତାଙ୍କୁ ଯାଞ୍ଚ ପାଇଁ ଅଟକାଇଥିଲେ। ବିବେକ କାର୍ ନ ଅଟକାଇବାରୁ କନ୍‌ଷ୍ଟେବଲ ପ୍ରଶାନ୍ତ ଚୌଧରୀ ତାଙ୍କୁ ଗୁଳି କରିଥିଲେ। ଫଳରେ ବିବେକ ଖୁବ୍ ଜୋର୍‌ରେ କାର୍ ଚଳାଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଏକ ପିଲର୍‌ରେ ଗାଡ଼ି ଧକ୍କା ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିବେକଙ୍କର ମୃତ୍ୟୁ ଘଟିଛି। କନ୍‌ଷ୍ଟେବଲ ପ୍ରଶାନ୍ତ ଆତ୍ମରକ୍ଷା ପାଇଁ ତାଙ୍କୁ ଗୁଳି କରିଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ବିବାଦ ସୃଷ୍ଟିହେବା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଏହା ଏକ ଏନ୍‌କାଉଣ୍ଟର ନୁହେଁ। ଆବଶ୍ୟକ ହେଲେ ସରକାର ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବେ। ଏହି ମନ୍ତବ୍ୟକୁ ନେଇ ଯୋଗୀଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ଦଳ। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ମଧ୍ୟ ୟୁପି ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି।

# ନାନାଙ୍କ ଉପରେ ବର୍ଷିଲେ ତନୁଶ୍ରୀ

**ମୁମ୍ବାଇ,୨୯।୯(ପି.ଟି.)**



ଅଭିନେତା ନାନା ପାଟେକରଙ୍କ ବିରୋଧରେ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ବଲିଉଡ୍‌ରେ '#ମି ଟୁ' ଆନ୍ଦୋଳନର ଆରମ୍ଭ ହୋଇଯାଇଥିବା କୁହାଯାଉଛି। ତନୁଶ୍ରୀଙ୍କ ବିରୋଧରେ ନାନା ଓକିଲ ନୋଟିସ ପଠାଇବାକୁ ଯାଉଥିବା ଶନିବାର କହିବା ପରେ ସେଭଳି କିଛି ପତ୍ର ପାଇ ନ ଥିବା ଅଭିନେତ୍ରୀ କହିଛନ୍ତି। ଏହାସହ ନାନାଙ୍କ ଉପରେ ତନୁଶ୍ରୀ ଖୁବ୍ ବର୍ଷିଛନ୍ତି। ଘଟଣାକୁ ନେଇ ନାନା ଫମ୍ପା ଧମକ ଦେଇ ଆସୁଛନ୍ତି ବୋଲି ମଧ୍ୟ କହିଛନ୍ତି। ସେ କହିଛନ୍ତି, ନିଜ ପକ୍ଷ ରଖିବା ଲାଗି ପ୍ରସ୍ତୁତ। ଏଥିପାଇଁ ଏକ ଓକିଲ ଟିମ୍ ମଧ୍ୟ ପ୍ରସ୍ତୁତ ହୋଇ ରହିଛନ୍ତି। ପ୍ରଥମେ ନାନା ନୋଟିସ ପଠାନ୍ତୁ। ପରେ ଏହାର ଉଚିତ ଜବାବ ଦିଆଯିବ। କାହିଁକି ବଲିଉଡ୍‌ର ଜଣେ ବରିଷ୍ଠ ଅଭିନେତାଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣୁଛନ୍ତି ତାହା ସେ ନ୍ୟାୟିକ ଢଙ୍ଗରେ ଜଣାଇବେ। ଘଟଣାର ଅନେକ ପ୍ରତ୍ୟକ୍ଷଦର୍ଶୀ ଅଛନ୍ତି। ଏହାସତ୍ତ୍ୱେ ତାଙ୍କୁ ମାନସିକ ନିର୍ଯାତନା ଏବଂ ଧମକ ଦେଉଥିଲେ ବୋଲି ତନୁଶ୍ରୀ କହିଛନ୍ତି। ନାନାଙ୍କୁ ସମର୍ଥନ କରୁଥିବା ଓକିଲଙ୍କର ମଧ୍ୟ ତନୁଶ୍ରୀ ନିନ୍ଦା କରିଛନ୍ତି। ଏଭଳି ଓକିଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଲାଗି ତନୁଶ୍ରୀ ଭାରତୀୟ ଓକିଲ ସଂଘକୁ ନିବେଦନ କରିଛନ୍ତି। ଏଭଳି ଓକିଲ ଏବଂ ଅଭିଯୁକ୍ତ ଆଇନ ଆଳରେ ପୀଡ଼ିତା ଏବଂ ସାକ୍ଷୀଙ୍କୁ ନିର୍ଯାତନା ଦେଇଥାନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି।

ପ୍ରକାଶ ଯେ, ୨୦୦୮ରେ ଏକ ଫିଲ୍ମର ଶୁଟିଂ ବେଳେ ନାନା ତାଙ୍କୁ ଅଶାଳୀନ ଢଙ୍ଗରେ ସ୍ପର୍ଶ କରିଥିବା ତନୁଶ୍ରୀ ଅଭିଯୋଗ ଆଣିଥିଲେ। ୧୦ ବର୍ଷ ପୁରୁଣା ଅଭିଯୋଗକୁ କିଛିଦିନ ପୂର୍ବେ ପୁଣିଥରେ ଦୋହରାଇ ତନୁଶ୍ରୀ ବଲିଉଡ୍ ଜଗତରେ ବିତର୍କ ସୃଷ୍ଟି କରିଛନ୍ତି। ଅଭିନେତା ଫରହାନ ଅଖ୍ତାର, ପ୍ରିୟଙ୍କା ଚୋପ୍ରା, ଟ୍ୱିଙ୍କଲ୍ ଖାନ୍ନା, ସ୍ୱରା ଭାସ୍କର, ଅନୁରାଗ କାଶ୍ୟପ, ରିଚା ଚଡ୍ଢା, ପରିଣିତି ଚୋପ୍ରା, ହଂସଲ ମେହତା ପ୍ରମୁଖ ତନୁଶ୍ରୀଙ୍କ ସପକ୍ଷରେ ବାହାରି ପଡ଼ିଛନ୍ତି।

# ନବବଧୂଙ୍କୁ ଗଣବଳାତ୍କାର କଲେ ସ୍ୱାମୀଙ୍କ ସମ୍ପର୍କୀୟ

**କୁରୁକ୍ଷେତ୍ର, ୨୯।୯(ପି.ଟି.)**

### ହରିୟାଣାରେ ପୁଣି ଲଜ୍ଜା




ହରିୟାଣାରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଯମୁନାନଗର ଅଞ୍ଚଳରେ ଜଣେ ନବବଧୂ ଗଣବଳାତ୍କାରର ଶିକାର ହୋଇଛନ୍ତି। ସ୍ୱାମୀଙ୍କ କେତେଜଣ ସମ୍ପର୍କୀୟ ଏବଂ ଜଣେ ତାନ୍ତ୍ରିକ ମିଶି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି।
କୁରୁକ୍ଷେତ୍ରର ଏକ ଥାନାରେ ଶନିବାର ପୀଡ଼ିତା ମହିଳାଙ୍କ ବାପା ଅଭିଯୋଗ ଦାଏର କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଅଭିଯୋଗ ଅନୁଯାୟୀ, ଗତ ସେପ୍ଟେମ୍ବର ୧୨ରେ ଯମୁନାନଗର ନିବାସୀ ଜଣେ ବ୍ୟକ୍ତିଙ୍କ ସହ ଉକ୍ତ ମହିଳାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ଶାଶୁଘର ଲୋକେ ତାଙ୍କ ବାପାଙ୍କୁ ଡାକିଲେ ଏବଂ ଝିଅ ମାନସିକ ରୋଗରେ ପୀଡ଼ିତ ଥିବା କହିଲେ। ବାପା ତାଙ୍କ ଘରେ ପହଞ୍ଚିବା ପରେ ଝିଅକୁ ଅଚେତ୍ ଅବସ୍ଥାରେ ଦେଖିବାକୁ ପାଇଲେ। ଚେତା ଫେରିବା ପରେ ମହିଳା ଜଣକ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ବାପାଙ୍କୁ କହିଲେ। ଏହାପରେ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୀଡ଼ିତାଙ୍କ କହିବା ଅନୁଯାୟୀ, ବିବାହର ପ୍ରଥମ ଦିନ ଶାଶୁଘର ଲୋକେ ଜଣେ ତାନ୍ତ୍ରିକଙ୍କୁ ଡାକିଥିଲେ। ନିଶା ଦେଇ ଦେଢ଼ଶୁର ଏବଂ ନଣନ୍ଦେଇ (ନଣନ୍ଦଙ୍କ ସ୍ୱାମୀ) ତାଙ୍କୁ ବଳାତ୍କାର କରିଥିଲେ। ଏହାପରେ ଆଉ ତିନିଦିନ ମଧ୍ୟ ତାନ୍ତ୍ରିକ ଓ ଅନ୍ୟମାନେ ତାଙ୍କୁ ବାରମ୍ବାର ଗଣବଳାତ୍କାର କରିଥିଲେ।

# ଇଣ୍ଡୋନେସିଆରେ ଧ୍ୱଂସର ଚିତ୍ର







# ଚାଇନା ସମାଗ୍ରୀକୁ ପଛରେ ପକାଇବ ଖଦି

**ନୂଆଦିଲ୍ଲୀ**

ଜମ୍ମୁ-କଶ୍ମୀର୍‌ର ଲେହ ହେଉଛି ଏକ ପର୍ଯ୍ୟଟନ ନଗରୀ। ଏଠାରେ ଚାଇନା ଦ୍ରବ୍ୟ ବହୁଳ ଭାବରେ ବିକ୍ରି କରାଯାଏ। ଚାଇନା ଉତ୍ପାଦିତ ଦ୍ରବ୍ୟକୁ ପଛରେ ପକାଇବା ପାଇଁ ଏଠାରେ ଖଦି ଇଣ୍ଡିଆ ସହାୟତାର ହାତ ବଢ଼ାଇ ଦେଇଛି।
ଖଦି ଆଣ୍ଡ ଭିଲେଜ୍ ଇଣ୍ଡଷ୍ଟ୍ରିଜ୍ କମିଶନ୍ (କେଭିଆଇସି)ର ଜଣେ ବରିଷ୍ଠ ଅଫିସରଙ୍କ କହିବାନୁଯାୟୀ, ଏ ସମ୍ପର୍କରେ ଲଦାଖ ଅଟୋନୋମସ ହିଲ୍ ଡେଭଲପ୍‌ମେଣ୍ଟ କାଉନସିଲ୍ (ଏଲ୍‌ଏଏଚ୍‌ଡିସି) ସହିତ ଆଲୋଚନା ହୋଇଛି। ଲେହ କୁଟୀରଶିଳ୍ପ ଏବଂ ହସ୍ତଶିଳ୍ପର ଉନ୍ନୟନ ଦ୍ୱାରା ଚାଇନା ଦ୍ରବ୍ୟର ଅନୁପ୍ରବେଶକୁ ବନ୍ଦ କରାଯାଇ ପାରିବ। ଖଦି ଇଣ୍ଡିଆ ସହଯୋଗରେ ଲେହ ଅଞ୍ଚଳର ପାରମ୍ପରିକ କଳା ଓ ହସ୍ତଶିଳ୍ପ ଏହାର ହୃତଗୌରବ ଫେରିପାଇବ। କେଭିଆଇସି ଅଧ୍ୟକ୍ଷ ସେପ୍ଟେମ୍ବର ୨୭ରେ ୪ ଦିନିଆ ଜମ୍ମୁ-କଶ୍ମୀର ଗସ୍ତ କରିଥିଲେ। ପ୍ରଥମଥର ପାଇଁ ସେଠାରେ ଜିଲ୍ଲା ସ୍ତରୀୟ ଖଦି ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଏଠାରେ ଆତ୍ମନିର୍ଭରଶୀଳ ଭିତ୍ତିକ କୁଟୀରଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉଛି। ହିତାଧିକାରୀଙ୍କୁ ଯଥାର୍ଥ ତାଲିମ ପ୍ରଦାନ ପରେ ଗୋଟିଏ ଗାଁକୁ ୨୫ଟି ଚରଖା ଓ ୫ଟି ତନ୍ତ, ଅନ୍ୟ ଏକ ଗାଁକୁ ୨୦ଟି ଇଲେକ୍‌ଟ୍ରିକ୍ କୁମ୍ଭାର ଚକ ଏବଂ ତୃତୀୟ ଗାଁକୁ ୫୦୦ ମହୁବାକ୍ସ ଯୋଗାଇ ଦିଆଯିବ। ହିତାଧିକାରୀମାନେ ରୋଜଗାରକ୍ଷମ ହେବା ସହିତ ବିଦେଶୀ ଦ୍ରବ୍ୟକୁ ବର୍ଜନ କରିବାର ବାଟ ଫିଟିବ ।

### ଇତିହାସର ଆଇନାରେ

**ସେପ୍ଟେମ୍ବର ୩୦ର ପ୍ରମୁଖ ଘଟଣା**

୧୯୯୩ ସେପ୍ଟେମ୍ବର ୩୦ରେ ମହାରାଷ୍ଟ୍ରର ଲାତୁରରେ ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୨ ଥିଲା। ଏହାର ପ୍ରଭାବରେ ୧୦ ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦,୦୦୦ ଆହତ ହୋଇଥିଲେ। ଭୋର ୩ଟା ୫୬ ମିନିଟ୍‌ରେ ଏହି ଭୂକମ୍ପ ହୋଇଥିଲା। ବିଶେଷକରି ଲାତୁର ଏବଂ ଓସମାନବାଦ ଜିଲା କ୍ଷତିଗ୍ରସ୍ତ ହୋଇଥିଲା।

୨୦୦୫ ସେପ୍ଟେମ୍ବର ୩୦ରେ ମହମ୍ମଦଙ୍କ ବିବାଦୀୟ ଚିତ୍ର ଡାନିସ ଖବର କାଗଜ 'ଜାଏଲାଣ୍ଡସ୍-ପୋଷ୍ଟେସନ୍'ରେ ଛପା ହୋଇଥିଲା। ମହମ୍ମଦଙ୍କ ଏହି ଫଟୋ ଚର୍ଚ୍ଚାରେ ରହିଥିଲା। ଖବର କାଗଜର ସମ୍ପାଦକୀୟରେ ମହମ୍ମଦଙ୍କ କାର୍ଟୁନ ପ୍ରକାଶ ହେବା ବିରୋଧରେ ବିଶ୍ୱବ୍ୟାପୀ ମୁସଲମାନମାନେ ବିରୋଧ ପ୍ରଦର୍ଶନ କରିଥିଲେ।

# 'ମଣିକର୍ଣ୍ଣିକା' ପାଇଁ ଗର୍ବିତ

**କଙ୍ଗନା ରଣାୱତ୍**



ମୁମ୍ବାଇ: 'ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସି' ପାଇଁ ଖୁବ୍ ଗର୍ବ ଅନୁଭବ କରିବା ସହିତ ଏହାର ରିଲିଜ୍ ପାଇଁ ଅପେକ୍ଷା କରାଯାଇଥିବା ବଲିଉଡ ଅଭିନେତ୍ରୀ କଙ୍ଗନା ରଣାୱତ୍ ପ୍ରକାଶ କରିଛନ୍ତି। ଏକ ବିବୃତିରେ ସେ କହନ୍ତି, ମୁଁ ଏହି ଫିଲ୍ମ ପାଇଁ ଖୁବ୍ ଗର୍ବିତ। ଏଥିରେ ଅଭିନୀତ ଚରିତ୍ର ଆମକୁ ଦେଶପ୍ରେମର ପ୍ରେରଣା ଦେବା ସହିତ ଶକ୍ତିସମ୍ପନ୍ନ କରାଏ। ଏହି ଫିଲ୍ମ ନିର୍ମାଣରେ ବହୁ କଷ୍ଟସ୍ୱୀକାର କରିବାକୁ ପଡିଛି। ଏଥିପାଇଁ ମନ ଓ ହୃଦୟକୁ ଏକାକାର କରିବାକୁ ପଡିଛି। ରାଣୀ ଲକ୍ଷ୍ମୀବାଈଙ୍କ ଜୀବନୀ ଉପରେ ଆଧାରିତ ଏହି ଫିଲ୍ମର ଟିଜର ଅକ୍ଟୋବର ୨ରେ ରିଲିଜ୍ ହେବାକୁ ଯାଉଛି। ଏଥିରେ ରାଣୀ ଲକ୍ଷ୍ମୀବାଈ ଭୂମିକାରେ ଅଭିନୟ କରିଥିବା କଙ୍ଗନା କହନ୍ତି, ଏହି ଫିଲ୍ମ ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବ ଅନୁଭବ କରିବେ। ଉକ୍ତ ଫିଲ୍ମରେ ରାଣୀ ଲକ୍ଷ୍ମୀବାଈଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି। ସେ କେବଳ ଜଣେ ବୀରାଙ୍ଗନା ନ ଥିଲେ ଜଣେ ବିରଳ ବ୍ୟକ୍ତିତ୍ୱ ଥିଲେ ଯାହାଙ୍କ ଅଦମ୍ୟ ସାହସ ଏବଂ ରଣହୁଙ୍କାର ଏବେ ବି ଭାରତୀୟଙ୍କ ମନରେ ପ୍ରତିଧ୍ୱନିତ ହୁଏ। ଜି ଷ୍ଟୁଡିଓ ଏବଂ କମଲ ଜୈନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରାଧାକ୍ରିଷ୍ଣ ଜାଗର୍ଲାମୁଡି। ଏହା ୨୦୧୯ ଜାନୁୟାରୀ ୨୫ରେ ରିଲିଜ୍ ହେବାର ଅଛି।



ମଧ୍ୟପ୍ରଦେଶର ଗ୍ୱାଲିଅର ଦର୍ପଣ କଲୋନୀରେ ଶନିବାର ସକାଳୁ ଏକ ରେଫ୍ରିଜିରେଟର କମ୍ପ୍ରେସର ଫାଟିଯିବା ଫଳରେ ୪ ଜଣଙ୍କ ମୃତ୍ୟୁ ହେବା ସହ ୨ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏଥିରେ ଘରର ଗୋଟିଏ ପଟ କାନ୍ଥ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।









## ଘୋଡ଼ାହାଡ଼ ନଦୀରେ ବୁଡ଼ି ମା' ପୁଅଙ୍କ ମୃତ୍ୟୁ

**ଦିଗପହଣ୍ଡି, ୨୯।୯ (ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ପନାଡ଼ ଗ୍ରାମ ଘୋଡ଼ାହାଡ଼ ନଦୀ ଗଣ୍ଡରେ ଗାଧୋଇବାବେଳେ ବୁଡ଼ିଯାଇ ଶନିବାର ମା' ଓ ପୁଅ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଦୁର୍ଯ୍ୟୋଧନ ମହାରଣାଙ୍କ ସ୍ତ୍ରୀ ସୁଷମା (୩୫) ଏବଂ ତାଙ୍କ ପୁଅ ବିଷ୍ଣୁପ୍ରସାଦ ଓରଫ ସୁଧାଂଶୁ (୮)। ଶନିବାର ସକାଳ ପ୍ରାୟ ୭ଟାରେ ପନାଡ଼ ଗ୍ରାମ ମଠପଛ ସାହିର ସୁଷମା ପୁଅ ସୁଧାଂଶୁଙ୍କୁ ସାଙ୍ଗରେ ନେଇ ଘୋଡାହାଡ ନଦୀକଡ଼ରେ ଥିବା ଗଣ୍ଡକୁ ଗାଧୋଇ ଯାଇଥିଲେ। ଗାଧୋଉଥିବାବେଳେ ଅସାବଧାନତା କାରଣରୁ ସୁଧାଂଶୁଙ୍କ ଗୋଡ଼ ଖସି ଯିବାରୁ ସେ ଗଭୀର ଜଳରେ ବୁଡ଼ି ଯାଇଥିଲେ। ପୁଅଙ୍କୁ ଉଦ୍ଧାର କରିବାକୁ ଯାଇ ମା' ସୁଷମା ମଧ୍ୟ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏହାଦେଖି ସେଠାରେ ଗାଧୋଉଥିବା ଲୋକେ ଗାଁକୁ ଆସି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ମା' ଓ ପୁଅଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇବା ସହ ଏନେଇ ନଂ.୮/୧୮ରେ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ଶ୍ରବଣ ବାଧିତ ଦୁର୍ଯ୍ୟୋଧନ ବଢ଼େଇ କାମ କରି ପରିବାର ଚଳାଉଥିବାବେଳେ ପୁଅ ସୁଧାଂଶୁ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ୩ୟ ଶ୍ରେଣୀରେ ପଢୁଥିଲେ। ସୁଧାଂଶୁଙ୍କ ମୃତ୍ୟୁ ଖବର ପାଇ ବିଦ୍ୟାଳୟରେ ଶୋକସଭା ଆୟୋଜନ କରାଯାଇ ଛୁଟି ଘୋଷଣା କରାଯାଇଛି। ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡ଼ାକ୍ତର ଓ ଉପସ୍ଥିତ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସରକାରୀ ସହାୟତା ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

### ସଂକ୍ଷେପରେ

### କୂଅରୁ ଦୁଇଭଉଣୀଙ୍କ ମୃତଦେହ ଉଦ୍ଧାର

**ଆର.ଉଦୟଗିରି, ୨୯।୯(ଡି.ଏନ.ଏ.):** ଗଜପତି ଜିଲା ଆର.ଉଦୟଗିରି ଥାନା ଛେଲିଗଡ଼ ଗ୍ରାମରେ ଘର ଅଗଣା ମଧ୍ୟରେ ଥିବା କୂଅରୁ ଶନିବାର ୨ ଭଉଣୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ ପ୍ରମୋଦ ଆଚାରୀଙ୍କ ଝିଅ ସ୍ୱପ୍ନାରାଣୀ ଓ କିରଣ। ପୋଲିସ ମୃତଦେହ ଜବତ କରି ପାରଳାଖେମୁଣ୍ଡି ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବଡ ଭାଇଁ ଓ ତାଙ୍କ ଭାଇ ମିଶି ମୋ ଝିଅର ବିବାହ ପ୍ରସ୍ତାବ ଭାଙ୍ଗି ଦେଇଥିବାରୁ ସେମାନେ ଆତ୍ମହତ୍ୟା କରିଛନ୍ତି ବୋଲି ବାପା ପ୍ରମୋଦ ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ ନଂ.୬୪/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶୁକ୍ରବାର ରାତିରେ ପ୍ରମୋଦଙ୍କ ପରିବାର ସଦସ୍ୟମାନେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ପ୍ରମୋଦ ଶୌଚ ପାଇଁ ଉଠିଥିବାବେଳେ ୨ ଝିଅଙ୍କୁ ବିଛଣାରେ ଦେଖିବାକୁ ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ସନ୍ଦେହ ହେବାରୁ ଅଗଣା ମଧ୍ୟରେ ଥିବା କୂଅ ନିକଟକୁ ଯାଇ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ପ୍ରମୋଦ ଶନିବାର ସକାଳୁ ଆର.ଉଦୟଗିରି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଦମକଳ ବାହିନୀ କର୍ମଚାରୀଙ୍କ ସହାୟତାରେ କୂଅରୁ ୨ ଭଉଣୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଚିକିତ୍ସାଳୟକୁ ପଠାଯାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବାବେଳେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି।

### 'ଗଠନ ହେଲା ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ'

**ଭୁବନେଶ୍ୱର୨୯।୯(ବ୍ୟୁରୋ):** ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର "ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ" ଗଠନ କରିଛନ୍ତି। ଏହାର ଉପଦେଷ୍ଟା ଭାବେ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ମହିଳା ସମବାୟ ନିଗମ ଅଧକ୍ଷା ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସାମ୍ମୁଖ୍ୟର ରାଜ୍ୟ ଆବାହକ ଭାବେ ଅବସରପ୍ରାପ୍ତ ପ୍ରଶାସକ ରବି ନାରାୟଣ ନନ୍ଦ, ସଂଯୋଜକ ଭାବେ ପ୍ରବୀର ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ଉକ୍ତ ସାମ୍ମୁଖ୍ୟର ସଦସ୍ୟ ଭାବେ ମୋହନ ପ୍ରସାଦ ମିଶ୍ର, ଜୀବନ ଦୀକ୍ଷିତ, ଅଜୟ ରାଉତରାୟ, ପ୍ରଶାନ୍ତ ଜେନା, ସରୋଜ କୁମାର ଚୌଧୁରୀ, ଗୌରୀଶଙ୍କର ବେହେରା, ପ୍ରଶାନ୍ତ କୁମାର ପଟ୍ଟନାୟକ, ଜ୍ୟୋତ୍ସ୍ନାମୟୀ ପରିଡ଼ା ମନୋନୀତ ହୋଇଛନ୍ତି।

### ଜିଏସ୍‌ଟିର ଗୁରୁତ୍ୱପୂର୍ଣ୍ଣ କମିଟିରେ ଶଶିଭୂଷଣ



**ଭୁବନେଶ୍ୱର, ୨୯।୯(ବ୍ୟୁରୋ):** ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷତିଗ୍ରସ୍ତ ରାଜ୍ୟ ପାଇଁ ଅତିରିକ୍ତ ଟିକସ ଆଦାୟ କରାଯିବ ନା ନାହିଁ, ସେ ସମ୍ପର୍କରେ ସୁପାରିସ କରିବା ପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଜିଏସ୍‌ଟି କାଉନ୍‌ସିଲ ପକ୍ଷରୁ କରାଯାଇଥିବା ଏହି କମିଟିରେ ଓଡ଼ିଶାର ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଶୁକ୍ରବାର ଜିଏସ୍‌ଟି କାଉନ୍‌ସିଲ ବୈଠକରେ ୭ ଜଣିଆ କମିଟି ନେଇ ନିଷ୍ପତ୍ତି ହୋଇଥିଲା। ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ଏହାର ଆବାହକ ଅଛନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ଛାଡିଦେଇ ଆସାମ, କେରଳ, ମହାରାଷ୍ଟ୍ର, ପଞ୍ଜାବ ଓ ଉତ୍ତରାଖଣ୍ଡର ଅର୍ଥମନ୍ତ୍ରୀମାନେ ଏଥିରେ ସଦସ୍ୟ ଅଛନ୍ତି। ଆସନ୍ତା ଅକ୍ଟୋବର ୩୧ ସୁଦ୍ଧା ଏହି କମିଟି ରିପୋର୍ଟ ପ୍ରଦାନ କରିବ ବୋଲି ଦିନ ଧାର୍ଯ୍ୟ କରାଯାଇଛି। ଅର୍ଥମନ୍ତ୍ରୀ ବେହେରା ପୂର୍ବରୁ ଜିଏସ୍‌ଟିର ସଫଳ ରୂପାୟନ କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମସ୍ୟା ଏବଂ ସମାଧାନ ପାଇଁ ଗଠିତ ୫ ଜଣିଆ ମନ୍ତ୍ରୀସ୍ତରୀୟ କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

### ■ ୬୬ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ

## ଖୋଲାଯିବ ସାଇବର କ୍ରାଇମ୍ ଲ୍ୟାବ୍, ପ୍ରଶିକ୍ଷଣ କେନ୍ଦ୍ର

**କଟକ ଅଫିସ, ୨୯।୯**

ଦିନକୁ ଦିନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ବିଶେଷ କରି ମହିଳା ଓ ଶିଶୁମାନଙ୍କ ଉପରେ ସାଇବର ଅପରାଧ ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ରାଜ୍ୟରେ ସ୍ୱତନ୍ତ୍ର ସାଇବର କ୍ରାଇମ ଲ୍ୟାବ ଏବଂ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ଯୋଜନା କରାଯାଇଥିବା ଶନିବାର ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ଏଥିପାଇଁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ହେବାକୁ ଥିବାବେଳେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କେନ୍ଦ୍ରରେ ତଦନ୍ତକାରୀ ପୋଲିସ ଅଧିକାରୀ ଏବଂ ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଡିଜିପି କହିଛନ୍ତି।

ଶନିବାର ୬୬ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଜିପି ଏହି କଥା କହିଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ଡିଜିପି ପୁରସ୍କୃତ କରି କହିଥିଲେ, ଏବେ ଅନେକ ଶିକ୍ଷିତ ଅପରାଧୀ ସତର୍କତାର ସହ ଅପରାଧ ଘଟାଉଥିବାରୁ ମାମଲାର ତଦନ୍ତ ଜଟିଳ ହେଉଛି। ଏଭଳି ମାମଲାର ତଦନ୍ତ ସମୟରେ ବୈଜ୍ଞାନିକ ଜ୍ଞାନକୌଶଳ ଓ ଉପକରଣ ମାଧ୍ୟମରେ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

> ■ ବୈଜ୍ଞାନିକ ପ୍ରଣାଳୀ ଅନୁସନ୍ଧାନରେ ଭୁବନେଶ୍ୱର ଶ୍ରେଷ୍ଠ
>
> ■ ପାଟଣାଗଡ଼ ପାର୍ସଲ ବୋମା ମାମଲାରେ କ୍ରାଇମବ୍ରାଞ୍ଚକୁ ପ୍ରଶଂସା

ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ସଫଳ ଅନୁସନ୍ଧାନ ପାଇଁ ଡିଜିପି କ୍ରାଇମବ୍ରାଞ୍ଚର ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ। ସେହିପରି ଗ୍ୟାଙ୍ଗଷ୍ଟରମାନଙ୍କୁ ଧରିବା ସହ ସେମାନଙ୍କ ଆପରାଧିକ କାର୍ଯ୍ୟକଳାପର ପର୍ଦ୍ଦାଫାଶ କରିଥିବାରୁ କ୍ରାଇମ୍ ବ୍ରାଞ୍ଚର ଏସ୍‌ଟିଏଫ୍, କମିଶନରେଟ ପୋଲିସ, ଜଗତ୍‌ସିଂହପୁର ପୋଲିସକୁ ସେ ପ୍ରଶଂସା କରିଥିଲେ।

ଏହି ପ୍ରତିଯୋଗିତାରେ ସହରାଞ୍ଚଳ ପୋଲିସ ଜିଲା ଭୁବନେଶ୍ୱରକୁ ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନ ପାଇଁ ଶ୍ରେଷ୍ଠ ଦଳ ଘୋଷଣା କରାଯାଇଥିଲା। ଏଥିପାଇଁ ଭୁବନେଶ୍ୱର ପୋଲିସକୁ କ୍ଷେତ୍ରମୋହନ ବିଶ୍ୱାଳ ଟ୍ରଫି ସହ ଏସ୍.କେ. ଘୋଷ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ବିଭାଗରେ ସହରାଞ୍ଚଳ ପୋଲିସ କଟକକୁ ରନର୍ସଅପ୍ ଟ୍ରଫି ଦିଆଯାଇଥିଲା। ସହରାଞ୍ଚଳ ପୋଲିସ ଜିଲା



ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଇନ୍ସପେକ୍ଟର ବନିତା ମହାରଣା।

ଭୁବନେଶ୍ୱରର ଇନ୍ସପେକ୍ଟର ତଥା ଇନ୍‌ଫୋସିଟି ଥାନା ଅଧିକାରୀ ବନିତା ମହାରଣାଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କ୍ଷେତ୍ରମୋହନ ବିଶ୍ୱାଳ ଟ୍ରଫି ସହ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି କମ୍ପ୍ୟୁଟର ଦକ୍ଷତା ଓ ସଚେତନତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କ୍ରାଇମବ୍ରାଞ୍ଚର ଇନ୍ସପେକ୍ଟର ଅବନ୍ତିମଣି ନାୟକଙ୍କୁ ରାଜ୍ୟ ଅପରାଧ ନଥି ସଂସ୍ଥାର ନିର୍ଦ୍ଦେଶକଙ୍କ ପ୍ରଦତ୍ତ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ପୋଲିସ ଶ୍ୱାନ ପ୍ରଶିକ୍ଷକ ଭାବେ କନଷ୍ଟେବଲ ଚିତ୍ତରଞ୍ଜନ ଲେଙ୍କାଙ୍କୁ ଗୋବର୍ଦ୍ଧନ ପଟ୍ଟନାୟକଙ୍କ ପ୍ରଦତ୍ତ ଅର୍ଥ ରାଶି ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ କ୍ରାଇମ୍‌ବ୍ରାଞ୍ଚର ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ଅରୁଣ ବୋଥ୍ରାଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୭ରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ପୋଲିସ ଅଫିସର ଏବଂ କର୍ମଚାରୀମାନେ ଏଥିରେ ଯୋଗଦେଇଥିଲେ।

## ଲିଙ୍ଗ୍‌ଡୋ କମିଶନ ଗାଇଡ୍‌ଲାଇନ୍ ପାଳନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୯ (ବ୍ୟୁରୋ)**

ରାଜ୍ୟରେ ଥିବା ସରକାରୀ, ବେସରକାରୀ କଲେଜ ସହିତ ବିଶ୍ୱବିଦ୍ୟାଳୟଗୁଡିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ତାରିଖ ଘୋଷଣା କରାଯାଇଛି। ନିର୍ବାଚନ ବେଳେ ଯେଉଁ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେବ ତେବେ ସେଠାରେ ପରିସ୍ଥିତି ଦେଖି କଲେଜ ଅଧକ୍ଷ ଏବଂ ବିଶ୍ୱବିଦ୍ୟାଳୟ କୁଳପତି ନିର୍ବାଚନ ହେବ କି ନ ହେବ ତାହା ଉପରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କ୍ଷମତା ଦିଆଯାଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ନିର୍ବାଚନ ତାରିଖ ଘୋଷଣା ହେବା ପରେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକରେ ନିର୍ବାଚନ ମାହୋଲ ଦେଖିବାକୁ ମିଳିଲାଣି ଛାତ୍ର ସଂସଦ ନିର୍ବାଚନର ବିଭିନ୍ନ ପଦବୀ ପାଇଁ ନାମାଙ୍କନ କରିବାକୁ ଥିବା ଆଶାୟୀ ପ୍ରାର୍ଥୀ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ନିଜ ସମର୍ଥକଙ୍କୁ ଧରି କ୍ୟାମ୍ପେନିଂ ଆରମ୍ଭ କରିଦେଲେଣି। ଏନେଇ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ପାର୍ଥସାରଥି ମିଶ୍ର କୁହନ୍ତି, ଛାତ୍ର ସଂସଦ ନିର୍ବାଚନ ବେଳେ ଯେପରି କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ବିଶୃଙ୍ଖଳା ସୃଷ୍ଟି ନ ହେବ ସେଥିପାଇଁ ବିଭାଗ ପକ୍ଷରୁ ଲିଙ୍ଗ୍‌ଡୋ କମିଶନରଙ୍କ ଗାଇଡ୍‌ଲାଇନକୁ ପାଳନ କରିବାକୁ କୁହାଯାଇଛି। ଗାଇଡ୍‌ଲାଇନ ଯେପରି ସୁଚାରୁପେ ପାଳନ କରାଯିବ ସେଥିପାଇଁ ବିଭାଗ ସମସ୍ତ ଜିଲାପାଳ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ସରକାରୀ ଏବଂ ବେସରକାରୀ କଲେଜ ଅଧକ୍ଷା ଅଧକ୍ଷ ଏବଂ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଚିଠି କରାଯାଇଛି। ଯଦି ଛାତ୍ର ସଂସଦ ନିର୍ବାଚନ ବେଳେ କୌଣସି ପରିସ୍ଥିତିରେ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ର ଅଶାନ୍ତି ଦେଖାଦିଏ ତେବେ ପରିସ୍ଥିତିକୁ ଅନୁଧ୍ୟାନ କରି ନିର୍ବାଚନ କରାଯିବା କି ନ କରାଯିବା ସେ ସଂକ୍ରାନ୍ତରେ କଲେଜ ଅଧକ୍ଷ ଏବଂ କୁଳପତି ନିଷ୍ପତ୍ତି ଗ୍ରହଣ କରିବେ। ନିର୍ବାଚନ ବେଳେ ପ୍ରାର୍ଥୀ ଏବଂ ସମର୍ଥକ କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ନ ଉପୁଜାଇବାକୁ ଅତିରିକ୍ତ ଶାସନ ସଚିବ ଛାତ୍ରୀଛାତ୍ରମାନଙ୍କୁ କହିଛନ୍ତି। ଶାନ୍ତିଶୃଙ୍ଖଳାର ସହିତ କ୍ୟାମ୍ପେନିଂ କରିବା ସହିତ ଲିଙ୍ଗ୍‌ଡୋ କମିଶନ ଗାଇଡ୍‌ଲାଇନକୁ ପାଳନ କରିବାକୁ ଅତିରିକ୍ତ ଶାସନ ସଚିବ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

## 'କେନ୍ଦ୍ର-ରାଜ୍ୟ ତୈଳ ଦର ବୃଦ୍ଧି ନେଇ ରାଜନୀତି ବନ୍ଦ କରନ୍ତୁ'

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ନେଇ ବିଜେଡି କାନ୍ଦୁଛି ସତ, ହେଲେ ତା' ଆଖିରେ ଲୁହ ନାହିଁ। ରାଜ୍ୟବାସୀ ଉତ୍କଟ ବେକାରି ସମସ୍ୟା, ଦରଦାମ୍ ବୃଦ୍ଧି, ମୌଳିକ ସୁବିଧା ସୁଯୋଗ ନ ମିଳିବା, ମାତ୍ରାଧିକ ଟିକସ ବୋଝ ଭଳି ସମସ୍ୟାରୁ ନଜର ହଟାଇବା ପାଇଁ ତୈଳଦର ବୃଦ୍ଧି ପ୍ରତିବାଦର ଆନ୍ଦୋଳନ କରୁଛି। ରାଜଭବନ ସମ୍ମୁଖରେ ବିକ୍ଷୋଭ କଲେ ତୈଳଦର କମିବ ନାହିଁ, ଏ କଥା ବିଜେଡି ଜାଣିଛି। ତଥାପି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାକୁ ବିଜେଡି ବିକ୍ଷୋଭ ନାଟକ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ପେଟ୍ରୋଲରେ ଲିଟର ପିଛା ରାଜ୍ୟ ସରକାର ୧୩.୨୬ ଏବଂ ଡିଜେଲରେ ଲିଟର ପିଛା ୧୨.୫୦ ଟଙ୍କା ଟ୍ୟାକ୍ସ ଆକାରରେ ପାଉଛନ୍ତି। ସେହିଭଳି କେନ୍ଦ୍ର ପେଟ୍ରୋଲରେ ୧୯.୪୮ ଏବଂ ଡିଜେଲରେ ଲିଟର ପିଛା ୧୫.୩୩ ଟଙ୍କା ଉତ୍ପାଦନ ଶୁଳ୍କ ଆକାରରେ ସଂଗ୍ରହ କରୁଛନ୍ତି। ତେଣୁ ସାଧାରଣ ଖାଉଟି ପକେଟରୁ ଉଭୟ କେନ୍ଦ୍ର-ରାଜ୍ୟ ଲୁଟୁଛନ୍ତି। କେହି ଜଣେ ବି କର ହ୍ରାସ କରୁନାହାନ୍ତି। ବରଂ ଆରୋପ-ପ୍ରତ୍ୟାରୋପର ରାଜନୀତି କରୁଥିବା ସତ୍ୟପ୍ରକାଶ ଅଭିଯୋଗ କରିଛନ୍ତି।

କେନ୍ଦ୍ର ଓ ରାଜ୍ୟ ଏଥିରୁ ପ୍ରବଳ ରାଜସ୍ୱ ସଂଗ୍ରହ କରୁଥିବା ତଥ୍ୟ ରଖିଛି କଂଗ୍ରେସ। ୨୦୧୪ରେ ଓଡ଼ିଶା ସରକାର ଭାଟ୍ ବାବଦରେ ୨୮୬୫ କୋଟି ଆଦାୟ କରିଥିବା ବେଳେ ୨୦୧୭-୧୮ରେ ଏହିପରିମାଣ ୧୪୦ ପ୍ରତିଶତ ବୃଦ୍ଧି ପାଇ ୬୯୦୦ କୋଟି ଟଙ୍କାରେ ପହଞ୍ଚିଛି।

## ଜରି ଗୋଟାଳି ମହିଳାଙ୍କୁ ପଥରରେ ଛେଚି ହତ୍ୟା

**କେନ୍ଦୁଝର, ୨୯।୯ (ସ୍ୱ.ପ୍ର.)**

ଜରି ଗୋଟାଇ ପେଟ ପୋଷୁଥିବା ଜଣେ ଅସହାୟ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରାଯିବା ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ସ୍ଥାନୀୟ ଧର୍ମଶାଳା ପରିସରରୁ ଶନିବାର ସକାଳେ କେନ୍ଦୁଝର ଟାଉନ ଥାନା ପୋଲିସ ଏହି ମହିଳାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତଦନ୍ତ ପରେ ମୃତା ମହିଳାଙ୍କ ନାମ ମୀନା ନାଏକ ଏବଂ ଘର ମଣ୍ଡୁଆରେ ବୋଲି ପୋଲିସ ଜାଣିବାକୁ ପାଇଛି। କେହି ତାଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ଧର୍ମଶାଳା ପାଚେରି ଭିତରକୁ ଫୋପାଡି ଦେଇଥିବା ସନ୍ଦେହ କରାଯାଉଛି।

ଶନିବାର ସକାଳେ ସ୍ଥାନୀୟ ଲୋକେ ଧର୍ମଶାଳା ପାଚେରି ବାହାରେ ଏକ ରକ୍ତଭିଜା ପଥର ପଡିଥିବା ପ୍ରଥମେ ଦେଖିବାକୁ ମିଳିଥିଲା। ଆଖପାଖରେ ରକ୍ତ ଛିଟା ପଡି ରହିଥିଲା। ସେମାନେ ସନ୍ଦେହ ପ୍ରକାଶ କରି ଦେଖିବାରୁ ପାଚେରି ସେପଟେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ସନ୍ଦେହ କରି ଲୋକେ ଟାଉନ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବିଶେଷଜ୍ଞ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ବହୁ ସ୍ଥାନୀୟ ଲୋକଙ୍କ ଭିଡ ଜମିଥିଲା। ଟାଉନ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାଶ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ମୃତା ମହିଳାଙ୍କୁ ଚିହ୍ନଟ କରାଯାଇଛି। ସେ କିଛି ଦିନ ହେବ ସହରକୁ ଆସି ଭି-ମାର୍ଟ ନିକଟରେ ଏକ ଘର ଭଡା ନେଇ ରହୁଥିଲେ। ବିଭିନ୍ନ ସ୍ଥାନରୁ ଜରି ଗୋଟାଇ ଏହାକୁ ବିକି ଚଳୁଥିଲେ। କେଉଁ କାରଣରୁ କିଏ ତାଙ୍କୁ ହତ୍ୟା କରିଛି ତାହାର ଖିଅ ଖୋଜା ଚାଲିଛି। ଖୁବ ଶୀଘ୍ର ଅଭିଯୁକ୍ତ ଧରାପଡିବେ ବୋଲି ଥାନା ଅଧିକାରୀ କହିଛନ୍ତି।



ଘଟଣାସ୍ଥଳରେ ପୋଲିସର ତଦନ୍ତ।


ଓଡ଼ିଶାର ଘରେ ଘରେ ପରିଚିତ।
ହାଇପାୱାର ଙ୍କେବିଡଲ୍® ମଲମ ଓ ଲୋସନ୍
ଯାଦୁ, ପାଣିକଦା ଓ ଗୋଡ଼ଫଟା ପାଇଁ ଫଳପ୍ରଦ

ଆଶାର କିରଣ! ୧୯୯୧ଠାରୁ !! ନିଃସନ୍ତାନ ଦମ୍ପତିଙ୍କ ପାଇଁ !!!
ଡ. ରାମାସ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଫର୍ଟିଲିଟି
ଆଇଏସ୍‌ଓ ୯୦୦୧:୨୦୦୮ ପ୍ରମାଣିତ ଆଇଭିଏଫ୍ କେନ୍ଦ୍ର



ଆଜି ନିଃସନ୍ତାନ ଦମ୍ପତିଙ୍କ ପାଇଁ ଆଇୟୁଆଇ- ଆଇଭିଏଫ୍- ଆଇସିଏସ୍‌ଆଇ, ସରୋଗେସି, ଲେଜର୍, ଟିଇସ୍‌ଏ/ ଏମ୍‌ଇସ୍‌ଏ ମାଧ୍ୟମରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପରାମର୍ଶ, ନିଦାନ ସେବା ଓ ଚିକିତ୍ସା ଏବଂ ଶୁକ୍ରାଣୁ/ ଡିମ୍ବାଣୁ/ ଭ୍ରୂଣ ଫ୍ରିଜିଂ/ଦାନ ସୁବିଧା ସହଜରେ ଉପଲବ୍ଧ।
ବର୍ତ୍ତମାନ ଆମ ସେବା ବେଙ୍ଗାଲୁରୁଠାରେ "ଡ. ରାମାସ୍ ଟେଷ୍ଟ ଟ୍ୟୁବ ବେବି ସେଣ୍ଟର" ନାମରେ ଡି ସି ଚାମ୍ବର୍ସ, ୪୨୧/ଏମ୍, କ୍ରିଷ୍ଣା ଦେବସ୍ଥାନମ୍ ରୋଡ୍, ଇନ୍ଦିରା ନଗର ଷ୍ଟେଜ୍ ୧ରୁ ପ୍ରଦାନ କରାଯାଉଛି
ଫୋନ୍ ନଂ.: ୦୨୨୬୧୮୧୬୧୯୧ (ନିଃଶୁଳ୍କ), ୦୭୦୨୨୯୮୬୩୦୦
E-mail: ramafertility@yahoo.com www.fertilityindia.com
FERTILITY INDIA RESEARCH INSTITUTE & HOSPITAL
ଚନ୍ଦନା ବ୍ରଦର୍ସ ସମ୍ମୁଖ, ଅମୀରପେଟ, ହାଇଦ୍ରାବାଦ।
ଫୋନ୍: (୦୪୦) ୬୩୪୦୧୨୫୫, ୯୯୮୯୨୨୩୩୧୬, ୯୯୮୯୨୨୩୩୨୦
ଭାଇଜାଗ: ୯୯୮୯୨୨୩୩୧୪/୯୯୮୯୨୨୩୩୨୫
ବିଜୟୱାଡ଼ା: ୯୯୮୯୨୨୩୩୨୪/୯୯୧୨୪୬୦୫୮୪
ରାଜମହେନ୍ଦ୍ରୀ: ୯୯୮୯୨୨୩୩୨୩/୮୩୩୧୯୧୨୨୯୭
ଗୁଣ୍ଟୁର: ୯୯୮୯୨୨୩୩୨୧/୯୯୮୯୨୨୩୩୨୨
TOLL FREE NO: 1800 425 3255
ଆମର ସମସ୍ତ କେନ୍ଦ୍ର ୩୬୫ ଦିନ ଖୋଲା।



POSTAGE FREE Tickets worth Rs. 1000/- will be sent by Regd. Post. Send BANK DRAFT / MONEY ORDER with full ADDRESS and PIN CODE to the following address
Patrons are requested to give their Mobile nos., So that delivery of tickets are done without hassle
AREA STOCKIST VIRA AGENCY 173 M.G. ROAD, KOLKATA-700007 Ph: 033-22680568 / 9874285573



ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଆସନ୍ତା ମାସରେ ଚାଇନା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ ମଧ୍ୟ ଚାଇନା ଗସ୍ତ କରିବାର ଯୋଜନା ରହିଛି। ଗତ ଅଗଷ୍ଟରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ଇମ୍ରାନଙ୍କର ଏହା ପ୍ରଥମ ଚାଇନା ଗସ୍ତ। କ୍ରିକେଟରରୁ ରାଜନେତା ବନିଥିବା ଇମ୍ରାନଙ୍କୁ ଚାଇନା ପ୍ରଧାନମନ୍ତ୍ରୀ ନିମନ୍ତ୍ରଣ ଦେଇଥିଲେ। ଏହି ଗସ୍ତ ସମୟରେ ଚାଇନା-ପାକିସ୍ତାନ ଇକନୋମିକ୍ କରିଡର(ସିପିଇସି) ପରିଯୋଜନା ଉପରେ ଆଲୋଚନା କରାଯିବ ବୋଲି ଅନୁମାନ କରାଯାଉଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ପିହୁ
ପରିବାରବର୍ଗ



ଇଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ

ଭୁବନେଶ୍ୱର, ୨୯।୯ (ବ୍ୟୁରୋ)



- ନିଷ୍ପତ୍ତିକୁ ଛାତ୍ର ସଙ୍ଗଠନ ପକ୍ଷରୁ ନିନ୍ଦା
- ନିର୍ବାଚନ ପାଇଁ କୁଳପତିଙ୍କୁ ଭେଟି ଦାବି କରିବେ

ଚଳିତ ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ। କ୍ୟାମ୍ପସ୍‌ରେ ଶାନ୍ତି ବାତାବରଣ ନ ଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ବାଚନ ନ କରିବାକୁ ପିଜି କାଉନସିଲ ବୈଠକରେ ଶନିବାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବୈଠକ ପରେ ଏସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ ହଷ୍ଟେଲ ଏବଂ କ୍ୟାମ୍ପସ୍‌ରେ ବିଶୃଙ୍ଖଳା ଲାଗି ରହୁଥିବାରୁ ଛାତ୍ର ସଂସଦ ନିର୍ବାଚନ ନ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ଉପଦେଷ୍ଟା ବସନ୍ତ କୁମାର ମଲ୍ଲିକ୍ କହିଛନ୍ତି।

କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଗୁଲ ବାଜି ସାରିଲାଣି। ସରଗରମ ହେଲାଣି କଲେଜ ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍। ତେବେ ଛାତ୍ର ସଂସଦ ନିର୍ବାଚନ ଆସିଲେ ସମସ୍ତ ରାଜନୈତିକ ଦଳଗୁଡ଼ିକଙ୍କ ଆଖି ଆସିଯାଏ ଉତ୍କଳ ବିଶ୍ୱବିଦ୍ୟାଳୟ ଉପରକୁ। ଚଳିତବର୍ଷ ଏହା ଆଉ ଦେଖିବାକୁ ମିଳିବନି। ସମସ୍ତ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଘୋଷଣା କରି କ୍ୟାମ୍ପସ୍ ଚଳଚଞ୍ଚଳ ହେଉଥିବାବେଳେ ଚଳିତ ବର୍ଷ ବାଣୀବିହାରରେ ଏହାର ମାହୋଲ ଭିନ୍ନ ରହିଛି। ଗତ କିଛିଦିନ ହେଲା ବାଣୀବିହାରରେ ଛାତ୍ର ସଂସଦ ନିର୍ବାଚନ ହେବ ନ ହେବ ତାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ଶନିବାର ତା'ର ଅନ୍ତ ଘଟିଛି। ଅପରପକ୍ଷରେ ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବଲି ପାଳନ କରୁଥିବାରୁ ନିର୍ବାଚନ କରି କ୍ୟାମ୍ପସରେ ଅଯଥା ଅଶାନ୍ତି ବାତାବରଣ ସୃଷ୍ଟି କରିବାକୁ ଚାହୁଁନି ବିଶ୍ୱବିଦ୍ୟାଳୟ।

ସେପଟେ ଗତବର୍ଷ ବିଶ୍ୱବିଦ୍ୟାଳୟରେ ନିର୍ବାଚନକୁ ବାତିଲ କରାଯାଇଥିଲା। ନାମାଙ୍କନ ଦାଖଲ ପରଦିନ କ୍ୟାମ୍ପସ ଭିତରେ ବୋମା ମାଡ ହେବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ବାଚନକୁ ବାତିଲ କରି ବିଶ୍ୱବିଦ୍ୟାଳୟରେ ସାଇନ୍-ଏ- ଡାଏ ଘୋଷଣା କରିଥିଲେ। ଚଳିତ ବର୍ଷ ଗତକିଛି ଦିନ ହେଲା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉତ୍ତେଜନା ପ୍ରକାଶ ପାଇଛି। ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହେବା ସହିତ ପରିସରରେ ସେହିଦିନଠାରୁ କେତେବେଳେ କେମିତି ଉତ୍ତେଜନା ଦେଖାଦେଉଛି। ତେବେ ନିର୍ବାଚନ ବାତିଲ ନିଷ୍ପତ୍ତିକୁ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତିମାନେ ବିରୋଧ କରିଛନ୍ତି। ଏନେଇ ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ କୁହନ୍ତି, ଏହାକୁ ଛାତ୍ର ବିଜେଡି ଦୃଢ ଭାବରେ ନିନ୍ଦା କରୁଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକପାଖିଆ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୁରକ୍ଷା ଏବଂ ଶାନ୍ତି ବାତାବରଣ ନ ଥିବା କାରଣ ଦର୍ଶାଇ ଛାତ୍ର ସଂସଦ ନିର୍ବାଚନ ବାତିଲ ଯୋଗୁ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଛାତ୍ରୀଛାତ୍ରମାନେ ନିର୍ବାଚନରୁ ବଞ୍ଚିତ ହେବା ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଛି। ଯେଉଁ କାରଣ ଦର୍ଶାଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ବାଚନ ବାତିଲ କରିଛନ୍ତି ସେଗୁଡ଼ିକ ସଜାଡ଼ିବା ଦାୟିତ୍ୱ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର। ତେବେ ନିର୍ବାଚନ କରିବାକୁ ଦାବି କରି ଛାତ୍ର ବିଜେଡି ପକ୍ଷରୁ କୁଳପତିଙ୍କୁ ଭେଟି ଦାବି ଜଣାଇବ ବୋଲି ସାହୁ କହିଛନ୍ତି।

ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ଅଭିଲାଷ ପଣ୍ଡା କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ପ୍ରତ୍ୟକ୍ଷ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ପ୍ରତି ଶିକ୍ଷିତଯୁବ ସମାଜକୁ ଆକୃଷ୍ଟ କରିବାର ଏକ ମାଧ୍ୟମ। ଯଦି ଉତ୍କଳ ବିଶ୍ୱବିଦ୍ୟାଳୟରେ ଗଣତନ୍ତ୍ରର ମହାପର୍ବରୁ ଛାତ୍ରମାନଙ୍କୁ ଦୂରେଇ ରଖାଯିବ ତାହା ହେଲେ କୁହାଯିବ ଯେ ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଏହା ଏକ ଷଡ଼ଯନ୍ତ୍ର। ସରକାରୀ ଦଳ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଛି। ନିଜ ସାଙ୍ଗଠନିକ କନ୍ଦଳକୁ ଘୋଡିବା ପାଇଁ ବିନା ଗଣ୍ଡଗୋଳ ଏବଂ ଉତ୍ତେଜନାମୂଳକ ପରିସ୍ଥିତି ନ ଥାଇ ନିର୍ବାଚନ ବନ୍ଦ କରିଦେଲେ ବୋଲି ପଣ୍ଡା କହିଛନ୍ତି। ଏବିଭିପି ଏହି ନିଷ୍ପତ୍ତିକୁ ବିରୋଧ କରୁଛି। ଆଗକୁ କୁଳପତିଙ୍କୁ ଭେଟି ନିର୍ବାଚନ ପାଇଁ ଦାବି କରିବ ବୋଲି ପଣ୍ଡା କହିଛନ୍ତି।

## ୧ରୁ ପ୍ରାଥମିକ ଶିକ୍ଷକଙ୍କ ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ଯୁକ୍ତ୨ ସିଟିଶିକ୍ଷକଙ୍କୁ ୨୨୦୦ ପରିବର୍ତ୍ତେ ୨୮୦୦ ଗ୍ରେଡ୍‌ପେ' ପ୍ରଦାନ, କନିଷ୍ଠ ଶିକ୍ଷକଙ୍କ ଦରମା ୨୫% ବୃଦ୍ଧି ସହିତ ୨୦୧୬ ଜାନୁୟାରୀରୁ ଏରିୟର ପ୍ରଦାନ, ବାର୍ଷିକ ୧୦% ଇନକ୍ରିମେଣ୍ଟ ସମେତ ୬ଦଫା ଦାବି ନେଇ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଧାରଣା ଶନିବାର ୨୫ଦିନରେ ପହଞ୍ଚିଛି। ଦାବିଗୁଡ଼ିକ ପୂରଣ ଲାଗି ଦୀର୍ଘ ୧୦ ମାସ ମଧ୍ୟରେ ସରକାରଙ୍କ ତରଫରୁ ମହାସଂଘ ସହିତ ବିଭିନ୍ନ ସମୟରେ ଆଲୋଚନା ହୋଇଛି। ଦାବି ପୂରଣ ପରେ ପୂର୍ଣ୍ଣ ପ୍ରତିଶ୍ରୁତି ସହିତ ଆର୍ଥିକ ଅନୁମୋଦନ ମିଳିସାରିଥିବା ବେଳେ ଘୋଷଣାନାମା ଓ ବିଜ୍ଞପ୍ତି ପ୍ରକାଶନରେ କାଳକ୍ଷେପଣ ନୀତିକୁ ବିରୋଧ କରିଛି ମହାସଂଘ। ଏଥିଲାଗି ମହାସଂଘ ପକ୍ଷରୁ ଶନିବାରଠାରୁ ପୁନଃ ୩ ଦିନିଆ ମହାସମାବେଶ ଆରମ୍ଭ ହୋଇଛି। ଆସନ୍ତା ଅକ୍ଟୋବର ୧ ମଧ୍ୟରେ ସରକାର ଘୋଷଣାନାମା ଓ ବିଜ୍ଞପ୍ତି ପ୍ରକାଶ ନ କଲେ ତୃଣମୂଳ ସ୍ତରରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ମହାସଂଘର ମୁଖ୍ୟ ଆବାହକ ବଙ୍କିମ ଚନ୍ଦ୍ର ସାଗର, ସୁଶାନ୍ତ ବେହେରା, ମଳୟ କୁମାର ଜେନା ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଢେଙ୍କାନାଳ ଜିଲା...



ସେହିପରି ଖୋଳତାଡ଼ ବେଳେ ବହୁ ଗଫଲତି ପଦାକୁ ଆସିଛି। ରୋଗୀସେବା ପାଇଁ ସମସ୍ତ ବ୍ୟବସ୍ଥା ନ ଥିବା ସତ୍ତ୍ୱେ ମେ ମାସରେ ତରବରିଆ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ଲୋକାର୍ପଣ କରାଯାଇଥିଲା। ଚିକିତ୍ସାଳୟର ଅଗ୍ନି ସୁରକ୍ଷା ସାର୍ଟିଫିକେଟ ନାହିଁ। ବାରମ୍ବାର ତାଗିଦ୍ ଏବଂ ଚିଠି ମାଧ୍ୟମରେ ଅବଗତ କରାଯିବା ସତ୍ତ୍ୱେ ଏଥିପ୍ରତି ମେଡିକାଲ ଅଧିକାରୀ ଆଖି ବୁଜି ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁଷଙ୍ଗିକ ସୁବିଧା ନ ଥିବା ସୁଯୋଗରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହାତବାରିସି କରି କେତେକ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ଡାକ୍ତରଖାନାରେ ଦଲାଲି କରୁଛନ୍ତି। ଫଳସ୍ୱରୂପ ରୋଗୀ ସୁରକ୍ଷାକୁ ଅଣଦେଖା କରି ୫ମହଲାରେ ସର୍ଜରି ୱାର୍ଡ ନିକଟରେ ଥିବା ଉକ୍ତ ପ୍ରକୋଷ୍ଠରେ ରନ୍ଧନ ଗ୍ୟାସ୍ ଏବଂ କୋଇଲା ଚୁଲା ରଖି କ୍ୟାଣ୍ଟିନ ଆରମ୍ଭ କରାଯାଇଥିଲା। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାକୁ ଅଣଦେଖା କରିଚାଲିଥିଲେ। ଅଗ୍ନିକାଣ୍ଡ ପରେ ପ୍ରଶାସନର ଚେତା ପଶିଛି। ଏହାର ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ଏ ସଂକ୍ରାନ୍ତରେ ଅଗ୍ନିଶମ ଅଧିକାରୀ ଉମାକାନ୍ତ ନାୟକ କୁହନ୍ତି, ପୂର୍ବାହ୍ନ ୧୧ଟା ୫ରେ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇ ତୁରନ୍ତ ପହଞ୍ଚିଥିଲୁ। ଏକ ଅଙ୍ଗାରଜାତୀୟ ଚୁଲାରୁ ନିଆଁ ଲାଗିଥିଲା। ପ୍ରବଳ ଧୂଆଁ ବାହାରି ନିକଟ ପ୍ରକୋଷ୍ଠକୁ ବ୍ୟାପିଯାଇଥିଲା। ଅଗ୍ନି ପ୍ରଶମନ ବ୍ୟବସ୍ଥା ଥିଲେ ସୁଦ୍ଧା ପ୍ରଶିକ୍ଷଣ ନେଇ ନ ଥିବାରୁ କର୍ମଚାରୀମାନେ ଏହାକୁ ବ୍ୟବହାର କରିପାରିଲେ ନାହିଁ। ବାରମ୍ବାର ତାଗିଦ୍ ସତ୍ତ୍ୱେ ଚିକିତ୍ସାଳୟ ପକ୍ଷରୁ ଫାୟାର ସୁରକ୍ଷା ସାର୍ଟିଫିକେଟ ଲାଗି ଆବେଦନ କରାଯାଉ ନ ଥିବା ସେ କହିଛନ୍ତି। ଏ ନେଇ ସିଡିଏମ୍‌ଓ ଡା. ବାସୁଦେବ ବେହେରା କୁହନ୍ତି, ଚୁଲାରେ ବସିଥିବା କ୍ଷୀର ଉତୁରି ପଡିବାରୁ ଧୂଆଁମୟ ହୋଇ ହୋଇଯାଇଥିଲା। ସେଭଳି ବଡ଼ ଧରଣର ଘଟଣା ଘଟିନାହିଁ। ରୋଗୀଙ୍କ କୌଣସି କ୍ଷତି ହୋଇନାହିଁ। କର୍ମଚାରୀମାନେ ଅଡ଼ି ବସିବାରୁ ନନ୍‌ଅଫିସିଆଲ ଭାବେ କ୍ୟାଣ୍ଟିନ ଚାଲିଥିଲା। ଏହାକୁ ମଝିରେ ମାସେ ବନ୍ଦ କରାଯାଇଥିଲା। କ୍ୟାଣ୍ଟିନ ଚାଲିବା ଭୁଲ୍। ଉକ୍ତ ପ୍ରକୋଷ୍ଠରେ ତାଲା ପକାଇ ଦିଆଯାଇଛି। ଅନୁଗୋଳରେ ଫାୟାର ସୁରକ୍ଷା ସାର୍ଟିଫିକେଟ ପାଇଁ ଆବେଦନ କରାଯାଇଛି। ଏହା ଅଳ୍ପ ଦିନରେ ମିଳିଯିବ। ବାହାରେ କ୍ୟାଣ୍ଟିନ ପାଇଁ ଶନିବାର ଟେଣ୍ଡର ବାହାରିଥିବା ସିଡିଏମ୍‌ଓ ସ୍ପଷ୍ଟୀକରଣ ରଖିଛନ୍ତି। ତେବେ ଏପରି ସମ୍ବେଦନଶୀଳ ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ମୁଖିଆ ଅତ୍ୟନ୍ତ ହାଲ୍‌କା ଭାବେ ନେବାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ।

**କାର୍ଯ୍ୟାନୁଷ୍ଠାନ ଦାବି କଲେ ରାଜନୈତିକ ଦଳ**

ଜିଲା ଚିକିତ୍ସାଳୟରେ ଅଗ୍ନିକାଣ୍ଡ ଭଳି ସମ୍ବେଦନଶୀଳ ଘଟଣାକୁ ତୀବ୍ର ନିନ୍ଦା କରିଛି ଭାଜପା ଏବଂ ଏଏପି। ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥାଇ କ୍ୟାଣ୍ଟିନ ଚାଲିଥିଲା। ଲାଞ୍ଚ ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଏପରି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଅଧିକାରୀ ଏବଂ କ୍ୟାଣ୍ଟିନ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର ଏବଂ ଏଏପିର ଜିଲା ଆବାହକ ପଙ୍କଜ କୁମାର ନାୟକ ପ୍ରମୁଖ ଦାବି କରିଛନ୍ତି।

## ଭୂକମ୍ପ-ସୁନାମିରେ...

ପରେ ପ୍ରାଣବିକଳରେ ଲୋକେ ସୁରକ୍ଷିତ ସ୍ଥାନକୁ ଦୌଡ଼ିଯାଉଥିବା ବେଳର ଦୃଶ୍ୟ ସୋସିଆଲ ମିଡିଆରେ ପ୍ରସାର ହୋଇଛି। ଜଣେ ବ୍ୟକ୍ତି କାଦୁଅ ସରସର ପିଲାର ମୃତଦେହ ଧରିଚାଲୁଥିବାର ଦୃଶ୍ୟ ମଧ୍ୟ ଭାଇରାଲ ହୋଇଛି।

ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ମୁଖପାତ୍ର ସୁତପୋ ପୁନ୍‌ୱାନୁଗ୍ରହୋଙ୍କ କହିବା ଅନୁଯାୟୀ, ସମୁଦ୍ର ଜୁଆରରେ ଆହୁରି ଅନେକେ ଭାସିଯାଇଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଶୁକ୍ରବାର ସନ୍ଧ୍ୟାରେ ବେଳାଭୂମି ଉତ୍ସବ ମନାଉଥିବା ଶହ ଶହ ଲୋକଙ୍କ ପତ୍ତା ମିଳୁନାହିଁ। ଆହତ ଏବଂ ବାସହୀନ ହୋଇପଡ଼ିଥିବା ଲୋକେ ଫାଷ୍ଟଫୁଡ, ବେବି ଫୁଡ୍, ମେଡିସିନ, ଟେଣ୍ଟ ଓ କମ୍ବଳ ନିହାତି ଆବଶ୍ୟକ କରୁଛନ୍ତି। ସେହିପରି ସର୍ଚ୍ଚ ଅପରେଶନ ପାଇଁ ଅଧିକ ସଂଖ୍ୟକ ଉଦ୍ଧାରକାରୀ ଏବଂ ଭାରି ଯନ୍ତ୍ର ଦରକାର ହେଉଛି ବୋଲି ସୁତପୋ କହିଛନ୍ତି। ରିଲିଫ ଅପରେଶନ ପାଇଁ ଇଣ୍ଡୋନେସିଆର ସାମରିକ ବାହିନୀ ୭୦୦ ସେନା ଯବାନ ଏବଂ ସ୍ୱତନ୍ତ୍ର ହେଲିକପ୍ଟର ଓ ହର୍କୁଲେସ୍ ବିମାନ ପଠାଇଛି। ରିକ୍ଟର ସ୍କେଲରେ ସଦ୍ୟ ଭୂକମ୍ପର ତୀବ୍ରତା ୭.୫ ବୋଲି ଆମେରିକାର ଜିଓଲୋଜିକାଲ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

ଭୂକମ୍ପ ଓ ସୁନାମି ଘରଦ୍ୱାର ଭାଙ୍ଗିଦେବା ସହ ପରିବାର ଉଜାଡ଼ିଦେବା ପରେ ଏବେ ହଜାର ହଜାର ଲୋକ ଖୋଲା ସ୍ଥାନରେ ଆଶ୍ରୟ ନେଉଛନ୍ତି। ରିଲିଫ୍ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ଅନେକେ ଭୋକଉପାସରେ ଆଉଟୁପାଉଟୁ ହେଉଛନ୍ତି। ହସ୍ପିଟାଲରେ ଜାଗା ମିଳୁ ନ ଥିବାରୁ ମେଡିକାଲ ଟେଣ୍ଟ ନିର୍ମାଣ କରି ସେଠାରେ ଚିକିତ୍ସା ଚାଲିଥିବା ଟେଲିଭିଜନ ଫୁଟେଜରେ ଦେଖିବାକୁ ମିଳୁଛି। ରିଲିଫ୍ ଅପରେଶନ ଜୋରଦାର ଚାଲିଥିବା ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଦୋଦୋ କହିଛନ୍ତି। ଭୂକମ୍ପର ଓ ସୁନାମି ପ୍ରଭାବରେ ଅଧିକ ସଂଖ୍ୟକ ପିଲା ମୃତାହତ ହୋଇଥିବାରୁ ଏନ୍‌ଜିଓ 'ସେଭ୍ ଦ ଚିଲ୍‌ଡ୍ରେନ୍'ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଟମ୍ ହୱେଲ୍ସ ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ୨୯ରୁ ଏବଂ ଅଗଷ୍ଟ ୧୯ ମଧ୍ୟରେ ଇଣ୍ଡୋନେସିଆର ଲୋମ୍ବୋକ୍ ଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ ଘଟି ୫୫୭ ଲୋକ ପ୍ରାଣ ହରାଇଥିଲେ। ୨୦୧୪ରେ ସୁମାତ୍ରାରେ ଦେଶର ସବୁଠୁ ଭୟଙ୍କର ଭୂକମ୍ପ ହୋଇଥିଲା, ରିକ୍ଟର ସ୍କେଲରେ ଯାହାର ତୀବ୍ରତା ୯.୧ ଥିଲା। ଭୂକମ୍ପ ପରେ ସୁନାମି ମଧ୍ୟ ହୋଇଥିଲା। ଏହିବିପର୍ଯ୍ୟୟରେ ୨,୮୦,୦୦୦ ଲୋକ ପ୍ରାଣ ହରାଇଥିଲେ।

## ୩ ସ୍ଥାନରେ ମିଳିଲା...

ତେବେ ସଂଖ୍ୟା ବଢ଼ିବାର ସମ୍ଭାବନା ଅଛି। କିନ୍ତୁ ସେଭଳି ହେବାର ନାହିଁ। କାରଣ ଓଡ଼ିଶା ସୀମାବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ବାଘ ନାହାନ୍ତି। ତେଣୁ ଓଡ଼ିଶାରେ ୫୦ପ୍ରତିଶତ ବାଘ ସଂଖ୍ୟା ବୃଦ୍ଧି ଅସମ୍ଭବ। ଦୁଃଖର କଥା ଯେ ମନ୍ତ୍ରୀ ବିଭାଗର ଉତ୍ତରଦାୟିତ୍ୱ ବହନ କରୁନାହାନ୍ତି। ଶିମିଳିପାଳ ଓ ସାତକୋଶିଆ ଭିତରେ ଯେତିକି ବାଘ ସଂଖ୍ୟା ହ୍ରାସ ପାଇଛି ତାହାର କାରଣ ଖୋଜିନାହାନ୍ତି। ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ସୁଫଳ ମିଳୁନାହିଁ। ଏଥିପାଇଁ କିଏ ଦାୟୀ ସେନେଇ କୌଣସି ତଦନ୍ତ ନ କରି ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି ବୋଲି କହିବା ହାସ୍ୟାସ୍ପଦ ବୋଲି ମହାନ୍ତି କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆତଙ୍କବାଦ ପାକିସ୍ତାନର...

କରିବାରେ ସିଦ୍ଧହସ୍ତ ନୁହେଁ, ବରଂ ଏହାକୁ ଲୁଚାଇବାକୁ ଯାଇ ମିଛ କହିବାରେ ମଧ୍ୟ ବିଶେଷ ଭାବେ ଅଭିଜ୍ଞ। ବିଶ୍ୱର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଲାଡେନ୍‌ଙ୍କୁ ପାକିସ୍ତାନ ଆଶ୍ରୟ ଦେଇଥିଲା। ଆମେରିକାର ସ୍ୱତନ୍ତ୍ର ବଳ ତାଙ୍କୁ ନିପାତ କରିବା ପରେ ମଧ୍ୟ ଇସ୍‌ଲାମାବାଦ ଏଭଳି ବ୍ୟବହାର କରିବାରେ ଲାଗିଛି ସତେଯେମିତି କିଛି ଘଟିନାହିଁ ବୋଲି ସୁଷମା ଭର୍ତ୍ସନା କରିଛନ୍ତି।

ସୁଷମା ଆହୁରି କହିଛନ୍ତି, ପାକିସ୍ତାନ ସହ ଭାରତ ପକ୍ଷରୁ ଆଲୋଚନା ପାଇଁ ଅନେକ ଥର ଉଦ୍ୟମ ହୋଇଛି। ହେଲେ ସବୁଥର ଇସ୍‌ଲାମାବାଦ ନୂଆଦିଲ୍ଲୀ ସହ ବିଶ୍ୱାସଘାତ କରିଛି। ନିକଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଆଲୋଚନାର ପ୍ରସ୍ତାବ ଦେଇଥିଲେ। ୟୁଏନ୍‌ଜିଏ ଅଧିବେଶନ ପରିପ୍ରେକ୍ଷୀରେ ଦୁଇଦେଶର ବହିର୍ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ଶାନ୍ତିବାର୍ତ୍ତା ଲାଗି ଉଦ୍ୟମ କରାଯାଉ ବୋଲି ଇମ୍ରାନ କହିଥିଲେ। ହେଲେ ଦୁଇଦିନ ନ ବିତୁଣୁ ଜମ୍ମୁ-କଶ୍ମୀରରେ ୩ ପୋଲିସ କର୍ମୀଙ୍କୁ ପାକିସ୍ତାନୀ ଆତଙ୍କବାଦୀମାନେ ଅପହରଣ ପରେ ହତ୍ୟା କଲେ। ଏଭଳି ବାତାବରଣ ଆଲୋଚନା ପାଇଁ ଆଦୌ ଅନୁକୂଳ ନୁହେଁ। ପାକିସ୍ତାନ ସବୁବେଳେ କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ ଆଣୁଛି। ଏଥିପାଇଁ ଅନ୍ତର୍ଜାତୀୟ ମଞ୍ଚରେ ମିଛ ତଥ୍ୟ ଓ ଭୁଲ ଫଟୋ ଉପସ୍ଥାପନ କରିବାକୁ ପଛାଉନାହିଁ। ମାତ୍ର ପଡ଼ୋଶୀ ବୁଝିବା ଦରକାର ଯେ, ଆତଙ୍କବାଦ ହେଉଛି ସବୁଠୁ ବଡ଼ ମାନବାଧିକାର ହନନ। ପାକିସ୍ତାନରେ ଆତଙ୍କବାଦୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଆଖ୍ୟା ଦିଆଯାଉଛି। ଇସ୍‌ଲାମାବାଦ ବୁର୍‌ହାନ୍ ୱାନିଙ୍କ ଭଳି ଆତଙ୍କବାଦୀଙ୍କୁ ମହିମାମଣ୍ଡିତ କରିବାକୁ ଯାଇ ସେମାନଙ୍କ ନାମରେ ଡାକଟିକଟ ଜାରି କରୁଛି। ଆତଙ୍କବାଦୀଙ୍କୁ ଅନ୍ତର୍ଜାତୀୟ ଆଇନ ଅନୁସାରେ ଦଣ୍ଡିତ କରିବା ଲାଗି ୫ ବର୍ଷ ହେଲା ଏହି ମଞ୍ଚରେ ଭାରତ ଦାବି କରିଆସୁଛି। ହେଲେ ଏସଂକ୍ରାନ୍ତ ଚିଠା କେବଳ ଚିଠା ହୋଇ ରହିଯାଇଛି। ଆମେ ଆତଙ୍କବାଦ ବିରୋଧରେ ଲଢ଼େଇ କରିବାକୁ ଚାହୁଁଛେ। କିନ୍ତୁ ଏହାକୁ ନେଇ ଏକ ସାଧାରଣ ସହମତି ପ୍ରକାଶ ପାଇପାରୁନାହିଁ। ଆତଙ୍କବାଦର ମୂଳୋତ୍ପାଟନ କରା ନ ଗଲେ ଏହା ସମଗ୍ର ବିଶ୍ୱକୁ ଧ୍ୱଂସ କରିଦେବ ବୋଲି ୧୯୩ ସଦସ୍ୟତା ବିଶିଷ୍ଟ ଜାତିସଂଘରେ ବିଶ୍ୱ ନେତାମାନଙ୍କୁ ସୁଷମା ସତର୍କ କରାଇଦେଇଛନ୍ତି।

## ସ୍ଥାନ ସଂରକ୍ଷଣ...

ନିର୍ବାଚନ ହୋଇଥିଲା, ଯାହାର କାର୍ଯ୍ୟକାଳ ସେପ୍ଟେମ୍ବର ୨୯ ତାରିଖରେ ଶେଷ ହୋଇଛି। ନିର୍ବାଚନ ନିର୍ଦ୍ଧାରିତ ସମୟରେ ହୋଇପାରି ନ ଥିବାରୁ ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ ୧୯୫୦ର ସେକ୍ସନ-୪୦୧ର ସବ୍‌ସେକ୍ସନ ୫(ଏ) ଅନୁଯାୟୀ ରାଜ୍ୟ ସରକାର ଜିଲାପାଳ, ଏଡିଏମ୍, ଉପଜିଲାପାଳ, ପିଡିଡିଆର୍‌ଡିଏ, ଏପିଡିଡିଆର୍‌ଡିଏଙ୍କୁ ମ୍ୟୁନିସିପାଲିଟି/ଏନ୍‌ଏସିରେ ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି। ଅନୁଗୋଳ ଜିଲାର ୩ଟି ପୌରସଂସ୍ଥାରେ ଜିଲାପାଳ ଏବଂ ଉପଜିଲାପାଳଙ୍କୁ, ବାଲେଶ୍ୱର ଜିଲାର ୪ଟିରେ ଜିଲାପାଳ, ଉପଜିଲାପାଳ ଏବଂ ଏଡିଏମ୍‌ଙ୍କୁ ପ୍ରଶାସକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଭଦ୍ରକ ଜିଲାର ୨, ବୌଦ୍ଧର ୧, କଟକ ୩, ଢେଙ୍କାନାଳ ୩, ଗଜପତି ୨, ଗଞ୍ଜାମ ୧୭, ଜଗତ୍‌ସିଂହପୁର ୨, ଯାଜପୁର ୨, କେନ୍ଦ୍ରାପଡ଼ା ୧, କେନ୍ଦୁଝର ୪, ଖୋର୍ଦ୍ଧା ୪, କୋରାପୁଟ ୩, ମାଲକାନଗିରି ୧, ମୟୂରଭଞ୍ଜ ୩, ନୟାଗଡ଼ ୨, ନବରଙ୍ଗପୁର ୨, ପୁରୀ ୪, ରାୟଗଡ଼ା ଜିଲାର ୩ଟି ପୌରସଂସ୍ଥାରେ ଜିଲାପାଳ, ଉପଜିଲାପାଳ, ଏଡିଏମ୍, ଏପିଡି ଡିଆର୍‌ଡିଏ, ଆସ୍କା ଚିନିକଳର ପରିଚାଳନା ନିର୍ଦ୍ଦେଶକଙ୍କୁ ପୌରସଂସ୍ଥାଗୁଡିକର ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି। ଲୋକପ୍ରତିନିଧିଙ୍କ ପରେ ସମସ୍ତ କ୍ଷମତା ଏବେ ପ୍ରଶାସକଙ୍କ ହାତରେ ରହିବ। ସେହିପରି ବ୍ରହ୍ମପୁର ମହାନଗର ନିଗମର ପ୍ରଶାସକ ଭାବେ ଗଞ୍ଜାମ ଜିଲାପାଳଙ୍କୁ ରାଜ୍ୟ ସରକାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ପାରଳାଖେମୁଣ୍ଡି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ରାୟଗଡା, ନୟାଗଡ, ମାଲକାନଗିରିରେ ଜିଲାପାଳଙ୍କୁ ପ୍ରଶାସକ ଭାବେ ନିଯୁକ୍ତ କରାଯାଇଛି। କୌଣସି ପରିସ୍ଥିତିରେ ପୌର ପରିଷଦ ଓ ମହାନଗର ନିଗମଗୁଡିକରେ ଏସ୍‌ସି,ଏସ୍‌ଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଡେଇଁବ ନାହିଁ ବୋଲି ହାଇକୋର୍ଟ ରାୟ ଶୁଣାଇଥିବା ବେଳେ ସୁପ୍ରିମକୋର୍ଟ ଏହି ରାୟକୁ ଶୁକ୍ରବାର କାଏମ ରଖିଥିଲେ। ଏହି ରାୟ ପରେ ରାଜ୍ୟରେ ହେବାକୁଥିବା ପୌର ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ନିର୍ବାଚନ ନେଇ ରାଜ୍ୟ ସରକାର ଚଳାଇଥିବା ସମସ୍ତ ପ୍ରସ୍ତୁତି ବେକାର ହୋଇଯାଇଛି। ରାଜ୍ୟ ସରକାର ୩ଟି ମହାନଗର ନିଗମକୁ ମିଶାଇ ୯୩ଟି ଏନ୍‌ଏସି, ମ୍ୟୁନିସିପାଲିଟିର ନିର୍ବାଚନ କରିବାକୁ ପ୍ରସ୍ତୁତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୬୬ଟି ପୌରସଂସ୍ଥାରେ ନିର୍ବାଚନ ହୋଇଥାଆନ୍ତା। ଏ ନେଇ ସ୍ଥାନ ସଂରକ୍ଷଣ, ୱାର୍ଡ ପୁନର୍ଗଠନ ଓ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ସ୍ଥାନ ସଂରକ୍ଷଣକୁ ନେଇ ବିବାଦ ହୋଇଥିଲା। ନୂଆପଡ଼ା ଏନ୍‌ଏସିରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତକୁ ନ ଟପିବାକୁ ହାଇକୋର୍ଟ ରାୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟ କାଏମ ରଖିବା ପରେ ରାଜ୍ୟ ସରକାର ଏବେ ହରଡ଼ଘଣାରେ ପଡ଼ିଯାଇଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୫ | ୨୫.୫ |
| ଚାନ୍ଦବାଲି | ୩୫.୩ | ୨୫.୮ |
| କଟକ | ୩୪.୪ | ୨୪.୮ |
| ପାରାଦ୍ୱୀପ | ୩୨.୯ | ୨୭.୬ |
| ଭୁବନେଶ୍ୱର | ୩୪.୮ | ୨୫.୦ |
| ଗୋପାଳପୁର | ୩୩.୦ | ୨୭.୧ |
| ପୁରୀ | ୩୪.୫ | ୨୭.୬ |
| ଅନୁଗୋଳ | ୩୪.୪ | ୨୬.୦ |
| ବାରିପଦା | ୩୪.୪ | ୨୬.୦ |
| ଝାରସୁଗୁଡ଼ା | ୩୫.୪ | ୨୫.୪ |
| କେନ୍ଦୁଝର | ୩୨.୪ | ୨୨.୯ |
| ସମ୍ବଲପୁର | ୩୫.୯ | ୨୫.୧ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୫.୮ | ୨୫.୭ |
| ତାଳଚେର | ୩୬.୧ | ୨୫.୨ |
| ଭବାନୀପାଟଣା | ୩୩.୦ | ୨୪.୦ |
| ବଲାଙ୍ଗୀର | --- | ୨୫.୨ |
| କୋରାପୁଟ | ୨୯.୬ | ୧୮.୬ |
| ଫୁଲବାଣୀ | --- | ୨୦.୫ |
| ଟିଟିଲାଗଡ଼ | ୩୪.୫ | ୨୩.୦ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୫.୨ | ୨୩.୬ |
| ଦାରିଙ୍ଗିବାଡ଼ି | ୨୭.୦ | ୧୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଉଚ୍ଚସ୍ଥ ଚନ୍ଦ୍ର ପ୍ରଭାବରୁ ଗତକାଲିର ସ୍ଥିତି ବହୁଳାଂଶରେ ବଦଳି ଯାଇଥିବାରୁ ଆଜି ମାନସିକ ସୁସ୍ଥତା ଫେରି ପାଇବେ। ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନ କରି ଆତ୍ମତୃପ୍ତି ଲାଭ କରିବେ। ନୂତନ ଯୋଜନା, ଯାତ୍ରା, କଳା, କ୍ରୀଡା ପାଇଁ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ କମିପାରେ। ସମ୍ପର୍କୀୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକଙ୍କୁ ଦାୟୀ କରିବେ।

**ବୃଷ**
ନିଜ ରାଶିରେ ଚନ୍ଦ୍ର ହେତୁ ଆତ୍ମୀୟମାନଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବେ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିମାନେ ବିରୁଦ୍ଧାଚରଣ କଲେ ମଧ୍ୟ ଶେଷ ପର୍ଯ୍ୟାୟରେ ଆପଣଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବେ। ଅର୍ଥ କିମ୍ବା ଆବଶ୍ୟକତା ଅଭାବ ପୂରଣ ଦିଗରେ ସରକାରୀ ଅନୁଦାନ ପାଇବାର ସମ୍ଭାବନା ରହିଛି।

**ମିଥୁନ**
ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ବନ୍ଧୁମିଳନ ଜନିତ ମନ ଖୁସି ରହିବ। ମଙ୍ଗଳଙ୍କ ଅବସ୍ଥିତିରୁ ଜମିଜମା ବିବାଦର ସମାଧାନ, ବାଣିଜ୍ୟ ବ୍ୟବସାୟ, ପରିବହନରେ ସମସ୍ୟା ଦେଖାଦେବ। ସଭାସମିତି ଓ ପାରିବାରିକ ଦିଗରୁ ଶୁଭ ଫଳ ପାଇବେ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ**
ଏକାଦଶରେ ଚନ୍ଦ୍ର ଉନ୍ନତ ଚିନ୍ତା ଓ ଶୁଦ୍ଧଭାବନା ପାରିବାରିକ, ସାମାଜିକ ଓ କର୍ମକ୍ଷେତ୍ରକୁ ସରଳୀକୃତ କରିବ। ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ, ସତ୍‌ସଙ୍ଗ, ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାର ସୌଭାଗ୍ୟ ପ୍ରାପ୍ତ ହେବ। ଅର୍ଥାଭାବ, ସାମୟିକ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବାକୁ ପଡିପାରେ।

**ସିଂହ**
ରବିଙ୍କ ଦୁର୍ବଳତାରୁ ସାମୟିକ ଭାବେ ଅସୁସ୍ଥତାଜନିତ କେତେକ କାମ ଅଟକି ରହିଯାଇପାରେ। ଆର୍ଥିକସ୍ଥିତି ପୂର୍ବାପେକ୍ଷା କେତେକାଂଶରେ ଭଲ ହେଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ଅବଶ୍ୟ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି କେତେକାଂଶରେ ମନକୁ ହାଲୁକା କରିବେ।

**କନ୍ୟା**
ମଙ୍ଗଳ ଗୃହରେ ଅଷ୍ଟମ ଚନ୍ଦ୍ର ସାମାନ୍ୟ ଅସ୍ଥିରତା ମଧ୍ୟରେ କାମ ହାସଲ କରାଇବ। ଶନି କର୍ମସ୍ଥାନକୁ ଦେଖୁଥିବା ହେତୁ କାମଗୁଡିକ ବିଳମ୍ବରେ ସମ୍ପନ୍ନ ହେବାର ସୂଚନା ରହିଛି। ଆତ୍ମୀୟସ୍ୱଜନଙ୍କ ସମସ୍ୟା ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତ, ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନ ଆଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ବନ୍ଧୁଙ୍କ ପାଖରେ ରହିଥିବା ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିବ। ବ୍ୟବସାୟ କିମ୍ବା ପରିବହନରେ ଝଗଡା ଲାଗିପାରେ। କୌଣସି ଶୁଭଖବର ମନକୁ ଆହ୍ଲାଦିତ କରିପାରେ।

**ବିଛା**
ବିଶେଷ ଅସୁବିଧା ନ ହେଲେ ମଧ୍ୟ ଶାରୀରିକ ଦୁର୍ବଳତା ହେତୁ କୌଣସି କାମ ସକାଶେ ମନ ଲାଗି ନ ପାରେ। ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ସହ ମତାନ୍ତରର ଆଶଙ୍କା ରହିଛି। ଅବଶ୍ୟ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ପାଇବେ। ପ୍ରିୟଜନଙ୍କ ସାହାଯ୍ୟରୁ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ଧନୁ**
ଶୁଭ ଚନ୍ଦ୍ର ପ୍ରଭାବ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ। ଆଜି ଦିନ ମଧ୍ୟରେ ଅର୍ଥଲାଭ, ସମ୍ମାନ ପ୍ରାପ୍ତି, କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲ ରହିବ। ଯେକୌଣସି କାମ ଆରମ୍ଭ ପୂର୍ବରୁ ସରଳ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ହଇରାଣ ହେବାକୁ ପଡିପାରେ।

**ମକର**
କୌଣସି ପ୍ରିୟଜନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଚିନ୍ତା କରିବାକୁ ପଡିପାରେ। ଆଜିର ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରୁ ସନ୍ତୋଷ ଲାଭ କରିବେ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହୋଇପାରନ୍ତି। ଭୁଲ୍ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ମନାନ୍ତରର ସୂଚନା ରହିଛି।

**କୁମ୍ଭ**
ଶୁକ୍ରଙ୍କ ଶୁଭ ପ୍ରଭାବରୁ ବିଭିନ୍ନ ପ୍ରକାରର ସୁଖ ସମ୍ଭୋଗ ଓ ବିଳାସବ୍ୟସନ ଦିଗକୁ ମନ ବଳିବ। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଦ୍ରବ୍ୟ ପାଇଁ ମନ ବଳାଇବେ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ମାମଲା, ଜମିଜମା, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ**
ଆପଣଙ୍କ ଦୂରଦର୍ଶିତା ଓ ବାସ୍ତବବାଦୀ ଚିନ୍ତାଧାରା ପ୍ରତ୍ୟେକ କାମରେ ସହାୟକ ହେବ। ଆଜି ଯେଉଁ କାମରେ ହାତଦେବେ, ସେଥିରେ ନିଶ୍ଚିତ ସଫଳତା ହାସଲ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ କଥା କଟାକଟି ହୋଇ ଅଶାନ୍ତ ପରିସ୍ଥିତି ଉପୁଜିପାରେ। ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ଗଜଷଷ୍ଠୀ ରବିବାର, ସେପ୍ଟେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର -ରୋହିଣୀ/ବୃଷ, ଷଷ୍ଠୀର ଶ୍ରାଦ୍ଧ, ମେଷ ରାଶିର ଘାତବାର, ବିଛା ରାଶିର ଘାତଚନ୍ଦ୍ର, ଦିବା ଘ୬।୧୦ମି. ଗତେ ଘ୮।୪୪ମି. ମଧ୍ୟେ, ଘ୯।୦୭ମି. ଗତେ ଘ୧୧।୪୫ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୪୫ମି. ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୪।୦୩ମି. ଗତେ ଘ୫।୩୩ମି. ମଧ୍ୟେ ରାହୁକାଳ।



ପଞ୍ଜାବ ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରାଲ(କ୍ରାଇମ) ରଣଧୀର ସିଂ ଉପ୍ପଲଙ୍କ ନାଁରେ ଆସିଛି ଏକ ସଙ୍ଗୀନ ଅଭିଯୋଗ। ଜଣେ ଆଇନ ଛାତ୍ରୀଙ୍କୁ ସେ ବାରମ୍ବାର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉପ୍ପଲଙ୍କ ନାଁରେ ଏକ ମାମଲା ରୁଜୁ ହୋଇଛି। ତେବେ ଘଟଣାର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଆଡିଶନାଲ ଡେପୁଟି କମିଶନର ଅଫ୍ ପୋଲିସ ଲଖବୀର ସିଂ ।



## ସଂକ୍ଷେପରେ

### ସ୍ୱତନ୍ତ୍ର ସଚିବ ପାହ୍ୟାକୁ ଉନ୍ନୀତ ହେଲେ ୭ ଓଏଏସ୍ ଅଧିକାରୀ

ଭୁବନେଶ୍ୱର,୨୯।୯(ବ୍ୟୁରୋ): ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ର ୭ ବରିଷ୍ଠ ଅଧିକାରୀ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଉଛନ୍ତି- ରାଜେନ୍ଦ୍ର ପ୍ରସାଦ ମୁଣ୍ଡ, ବିଭାସ କାନୁନ୍‌ଗୋ, ସୁଶାନ୍ତ କୁମାର ବାରିକ, ବିଷ୍ଣୁପ୍ରସାଦ ମିଶ୍ର, ରାମକୃଷ୍ଣ ସାହୁ, ରବୀନ୍ଦ୍ରନାଥ ସାହୁ ଓ ପ୍ରଦୀପ କୁମାର ଦାଶ। ରାଜେନ୍ଦ୍ର ପ୍ରସାଦ ବର୍ତ୍ତମାନ କଟକସ୍ଥିତ ଏମ୍‌ସିଆଇଆଇଟି ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ବିଭାସ କାନୁନ୍‌ଗୋ ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ, ସୁଶାନ୍ତ ବାରିକ ବୟନ ବିଭାଗ ନିର୍ଦ୍ଦେଶକ, ବିଷ୍ଣୁପ୍ରସାଦ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ରାମକୃଷ୍ଣ ସାହୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ, ରବୀନ୍ଦ୍ରନାଥ ସାହୁ ସାଧାରଣ ପ୍ରଶାସନ ଓ ପେନ୍‌ସନ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ପ୍ରଦୀପ କୁମାର ଦାଶ ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି।

୪୩୧ କୋଟିର ଚିଟ୍‌ଫଣ୍ଡ ଠକେଇ ମାମଲା

### ଭୋପାଳରୁ ନିର୍ମଳ ଇନଫ୍ରା ନିର୍ବାହୀ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର, ୨୯।୯(ବ୍ୟୁରୋ): ରାଜ୍ୟରୁ ୪୩୧ କୋଟି ଟଙ୍କା ଠକେଇ କରିଥିବା ନିର୍ମଳ ଇନଫ୍ରା ଚିଟଫଣ୍ଡ ସଂସ୍ଥାର ନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସକ୍‌ସେନାଙ୍କୁ ସିବିଆଇ ମଧ୍ୟପ୍ରଦେଶର ଭୋପାଳରୁ ଗିରଫ କରିଛି। ସ୍ଥାନୀୟ କୋର୍ଟରେ ତାଙ୍କୁ ହାଜର କରିବା ପରେ ଅଧିକ ପଚରାଉଚରା ପାଇଁ ସିବିଆଇ ଅଧିକାରୀମାନେ ଓଡିଶା ଆଣିଛନ୍ତି। ଶନିବାର ମଧ୍ୟାହ୍ନରେ ସିବିଆଇ ଅଧିକାରୀମାନେ ନିରଞ୍ଜନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲେ। ପରେ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ନିର୍ମଳ ଇନଫ୍ରାର ମୁଖ୍ୟ ଅଫିସ ମଧ୍ୟପ୍ରଦେଶରେ ରହିଥିବା ବେଳେ ଓଡିଶାର ପଶ୍ଚିମ ଓଡିଶା ଏବଂ ଉତ୍ତର ଓଡିଶାରେ ଏହାର ଶାଖା ଅଫିସ ଖୋଲାଯାଇଥିଲା। ଏହି ସଂସ୍ଥା ନାଁରେ ୪୩୧ କୋଟି ଟଙ୍କା ଠକେଇ ଅଭିଯୋଗ ରହିଛି। ସଂସ୍ଥା ଜମାକାରୀଙ୍କୁ ଲୋଭନୀୟ ସ୍କିମ୍‌ରେ ପ୍ରଲୋଭିତ କରି କୋଟି କୋଟି ଟଙ୍କା ଆଦାୟ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନ କରି ସଂସ୍ଥା ଉଭାନ ହୋଇଯାଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୂର୍ବରୁ ସଂସ୍ଥାର ସିଏମ୍‌ଡି ଆଶିଷ ଚୌହ୍ୱାନ ଓ ଜେନେରାଲ ମ୍ୟାନେଜର ଅଭିଷେକ ଚୌହ୍ୱାନଙ୍କୁ ଗିରଫ କରାଯାଇଥିଲା। ହେଲେ ନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସକ୍‌ସେନା ଫେରାର ଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସିବିଆଇ ଅଧିକାରୀମାନେ ମଧ୍ୟପ୍ରଦେଶର ଭୋପାଳକୁ ଯାଇ ତାଙ୍କୁ ଗିରଫ କରିଥିଲେ। ଏହି ଠକେଇରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ ସେମାନେ ଓଡିଶାରୁ କେତେ ଟଙ୍କା ଠକେଇ କରିଛନ୍ତି ସେନେଇ ସିବିଆଇ ନିରଞ୍ଜନଙ୍କୁ ପଚରାଉଚରା କରିବ। ଅନ୍ୟପଟେ ଦୀର୍ଘଦିନ ପରେ ନିରଞ୍ଜନଙ୍କୁ ଗିରଫ କରାଯାଇଥିବାରୁ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ସିବିଆଇର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଟୁଇଟ୍ କରି କହିଛନ୍ତି, ରାଜ୍ୟ ସରକାରଙ୍କ ତଦନ୍ତକାରୀ ସଂସ୍ଥା ଭଳି ସିବିଆଇ ଗତ କିଛିବର୍ଷ ଧରି କଚ୍ଛପ ଗତିରେ ଚାଲିଛି।

ରୋଗପୋକ ଦମନ

### ଚାଷୀଙ୍କୁ ସହାୟତା କରିବେ ପେଷ୍ଟ୍ ସ୍କାଉଟ

ଭୁବନେଶ୍ୱର,୨୯।୯(ବ୍ୟୁରୋ): ରାଜ୍ୟରେ ରୋଗପୋକ ଦମନ ଅଭିଯାନରେ ଯିବେ ପେଷ୍ଟ ସ୍କାଉଟ । ଅକ୍ଟୋବର ପହିଲାରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ୧୨୦ ଜଣ ଶେଷବର୍ଷ ଛାତ୍ରୀଛାତ୍ର(ପେଷ୍ଟ ସ୍କାଉଟ) ରୋଗପୋକ ଦମନ ପାଇଁ କୃଷକମାନଙ୍କୁ ସହାୟତା କରିବେ। ଯେଉଁ ବ୍ଲକରେ ଶସ୍ୟରେ ପୋକ ଲାଗିବା ଅଧିକ ସମ୍ଭାବନା ରହିଛି, ସେଠାରେ ଏହି ପେଷ୍ଟ ସ୍କାଉଟଙ୍କୁ ନିୟୋଜିତ କରାଯିବ। ଫସଲ ସୁରକ୍ଷା ବୀମା ଅଭିଯାନ କାର୍ଯ୍ୟକ୍ରମରେ ଏହି ଛାତ୍ରୀଛାତ୍ରମାନେ ବିଭିନ୍ନ ବ୍ଲକରେ ଦେଢ଼ମାସ କାର୍ଯ୍ୟ କରିବେ। ଏ ନେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ଜିଲାପାଳମାନଙ୍କୁ ଶନିବାର ଚିଠି ଲେଖି ଜଣାଇଛନ୍ତି। ଏହି ଛାତ୍ରୀଛାତ୍ରମାନଙ୍କୁ ବ୍ଲକ ମୁଖ୍ୟାଳୟରେ ରହିବା ଲାଗି ଘର ଯୋଗାଇଦେବାକୁ କୁହାଯାଇଛି। ଯେଉଁ ଚାଷୀମାନେ ପଞ୍ଜୀକୃତ ହୋଇଛନ୍ତି ସେମାନଙ୍କ ମୋବାଇଲକୁ ପୋକ ଦାଉରୁ ଫସଲ ରକ୍ଷା କରିବାକୁ ଏସ୍‌ଏମ୍‌ଏସ୍ ଜରିଆରେ ସଚେତନ କରାଯିବ। ଏହି ପେଷ୍ଟ୍ ସ୍କାଉଟଙ୍କୁ ଉକ୍ତ କାର୍ଯ୍ୟ ଲାଗି କିଛି ଷ୍ଟାଇପେଣ୍ଡ ମଧ ପ୍ରଦାନ କରାଯିବ। ଛାତ୍ରୀଛାତ୍ରମାନେ ଜିଲା ସହକାରୀ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବେ। ଏହାର ଫାଇଦା ସମ୍ପର୍କରେ ଚାଷୀଙ୍କୁ ଛାତ୍ରୀଛାତ୍ରମାନେ ଅବଗତ କରାଇବେ।

■ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ଗାଁ ଗାଁ ବୁଲି ସଚେତନ କରାଇବ ରଥ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଲୋକଙ୍କୁ ସଚେତନ କରିବ। ଏଥିପାଇଁ ମାର୍ଗଦର୍ଶିକା ପ୍ରଚାର ରଥ ବାହାରିଛି। ଏହି ରଥ ଆଗାମୀ ୩ ମାସ ଧରି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ପ୍ରତି ଗାଁ ପରିକ୍ରମା କରିବ। ଏହି ସମୟରେ କଳାକାରମାନେ ବିଭିନ୍ନ ଲୋକକଳା ମାଧ୍ୟମରେ ଲୋକଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

ଏହି ସଚେତନତା ରଥ ଯେପରି ସମଗ୍ର ରାଜ୍ୟ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ସଚେତନତା ରଥରେ ଜିଲା କଳା ସଂସ୍କୃତି ସଂଘ, ବ୍ଲକ କଳା ସଂସ୍କୃତି ସଂଘ ଏବଂ ନଗର କଳା ସଂସ୍କୃତି ସଂଘର କଳାକାରମାନେ ରହିବେ। ୩ ମାସ ମଧ୍ୟରେ ରଥ କଳାକାରମାନଙ୍କ ସହିତ ଯେଭଳି ସମସ୍ତ ପଞ୍ଚାୟତ ଓ ସହରାଞ୍ଚଳ ପରିକ୍ରମା କରିବ ତାହାର ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ଜିଲାପାଳମାନଙ୍କୁ ସଚିବ କହିଛନ୍ତି।

#### ରୋଡ୍‌ମ୍ୟାପ ପ୍ରସ୍ତୁତ କରିବେ ଜିଲାପାଳ

ଜିଲା କଳା ସଂସ୍କୃତି କେନ୍ଦ୍ର ଉପସଭାପତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ରଥ ପରିକ୍ରମା କରିବ। ଗଞ୍ଜାମ, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ ଏବଂ ଖୋର୍ଦ୍ଧା ଜିଲାର ଲୋକକଳା କଳାକାରମାନେ ୩୦ ମିନିଟ୍ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିବେ। ଅନ୍ୟ ଜିଲାର କଳାକାର ଏକ ଘଣ୍ଟା ପର୍ଯ୍ୟନ୍ତ ଏହା ପ୍ରଦର୍ଶନ କରିପାରିବେ। ପ୍ରତି ଦଳରେ ଅତି କମ୍‌ରେ ୧୦ କଳାକାର ରହିବେ। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ନିୟମ ଅନୁଯାୟୀ କଳାକାରମାନେ ପଞ୍ଚାୟତସ୍ତରରେ ନିଜେ ଯା'ଆସ କରିବେ। ଖାଦ୍ୟ ଓ ଗମନାଗମନ ଲାଗି ସେମାନଙ୍କୁ ଭତ୍ତା ମିଳିବ। କଳା ପ୍ରଦର୍ଶନ ପାଇଁ ଦୈନିକ ୨୦୦ ଟଙ୍କା ଦିଆଯିବ। ଜିଲା ପକ୍ଷରୁ ଏଥିପାଇଁ ବ୍ୟୟବରାଦ କରିବାକୁ କୁହାଯାଇଛି। ଗାଁ ଗହଳିରେ ସଚେତନତା ରଥ ପହଞ୍ଚିବାର ଦୁଇ ତିନିଦିନ ପୂର୍ବରୁ ଲୋକଙ୍କୁ ଅବଗତ କରାଯିବ। ସଚେତନତା କାର୍ଯ୍ୟକ୍ରମରେ କିପରି ଅଧିକ ଲୋକ ସମାଗମ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ଆବଶ୍ୟକ ସ୍ଥଳେ ଗାଁ କଲ୍ୟାଣ ସମିତି ନିକଟରେ ଥିବା ଅର୍ଥକୁ ଏଥିରେ ବ୍ୟବହାର କରାଯିବ ବୋଲି ସ୍ୱତନ୍ତ୍ର ସଚିବ କହିଛନ୍ତି।

ଜିଲା କଳା ସଂସ୍କୃତି ସଂଘର ଅଧ୍ୟକ୍ଷ ଥିବା ଜିଲାପାଳ କଳାକରମାନଙ୍କୁ ସେମାନଙ୍କ ପାଉଣା ପ୍ରଦାନ କରିବେ। ବ୍ଲକସ୍ତରରେ ବ୍ଲକ କଳା ସଂସ୍କୃତି ସଂଘ ଅଧ୍ୟକ୍ଷ ଥିବା ବିଡିଓ ଏବଂ ପୌରାଞ୍ଚଳରୁ ନଗର କଳା ସଂସ୍କୃତି ସଂଘର ଅଧ୍ୟକ୍ଷ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ରିପୋର୍ଟ ମିଳିବା ପରେ କଳାକାରଙ୍କୁ ଅର୍ଥ ଦିଆଯିବ। ଉକ୍ତ ରିପୋର୍ଟରେ କଳାକାରମାନଙ୍କ ସହିତ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ସ୍ୱାକ୍ଷର ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ଦିଆଯାଇଥିବା ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି।

■ ପ୍ରଦୀପ ମହାରଥୀଙ୍କ ବିବାଦୀୟ ମନ୍ତବ୍ୟକୁ ବିରୋଧ ଜାରି

## ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା ମହିଳା ମୋର୍ଚ୍ଚା



ଭୁବନେଶ୍ୱରସ୍ଥିତ ଶ୍ରୀୟା ଟକିଜ୍ ଛକଠାରେ ଭାଜପା ନେତ୍ରୀମାନେ ପ୍ରଦୀପ ମହାରଥୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

କୃଷିମନ୍ତ୍ରୀ ତଥା ପିପିଲିରୁ ନିର୍ବାଚିତ ହୋଇଥିବା ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ ଅଭଦ୍ରୋଚିତ ମନ୍ତବ୍ୟକୁ ନେଇ ଭାଜପାର ପ୍ରତିବାଦ ଜାରି ରହିଛି। ଦଳର ଭୁବନେଶ୍ୱର ମହିଳା ମୋର୍ଚ୍ଚା ତରଫରୁ ସଭାନେତ୍ରୀ ମୀନାକ୍ଷୀ ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ସ୍ଥାନୀୟ ଶ୍ରୀୟା ଛକଠାରେ ମନ୍ତ୍ରୀ ମହାରଥୀ ସମଗ୍ର ଓଡ଼ିଆ ନାରୀ ଜାତି ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ 'ଜଣେ ମହିଳାଙ୍କର ଦୁଇଟା ସ୍ୱାମୀ' ବିରୋଧରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମନ୍ତ୍ରୀଙ୍କର କୁଶପୁତ୍ତଳିକା ଦାହ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ମନ୍ତ୍ରୀ ଏପରି ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ଇସ୍ତଫା ନିଶ୍ଚୟ ଦେବା ଉଚିତ। ସେହିପରି ଯଦି ମନ୍ତ୍ରୀ ମାନୁଛନ୍ତି ଭୁଲବଶତଃ ତାଙ୍କ ପାଟିରୁ ଏପରି ବାକ୍ୟ ବାହାରିଛି, ତେବେ ଏହା ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାର ପ୍ରମାଣ। ତେଣୁ ସେ ଇସ୍ତଫା ଦେଇ ଦେବା ଉଚିତ ବୋଲି ପ୍ରଭାତୀ କହିଛନ୍ତି। ଭାଜପା ପକ୍ଷରୁ ଏପରି ଲଗାତର ରାଜନୈତିକ ଆକ୍ରମଣ କରାଯାଇଥିଲେ ବି ମହାରଥୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ମଲ୍ଲିକ ମହାରଥୀଙ୍କ ବକ୍ତବ୍ୟକୁ କଦର୍ଥ କରି ପରିବେଷଣ କରାଯାଇଥିବା ମତବ୍ୟକ୍ତ କରିଛନ୍ତି।

### ୧୭୨ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ରାଜଧାନୀ ନିକଟସ୍ଥ ନହରକଣ୍ଟା ବିପୁଲ ଫୋରମ୍‌ର ଏମ୍‌ଏସ୍‌ସି ପରିସରରେ ଥିବା ୧୭୨ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ସେମାନେ ଆଇନର ଆଶ୍ରୟ ନେଇଥିଲେ। ଲୋକପାଳ ଅଦାଲତ ୬୦ ଦିନ ମଧ୍ୟରେ ଫୋରମ୍‌ରେ ବିଦ୍ୟୁତ ସଂଯୋଗ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେସୁ କର୍ତ୍ତୃପକ୍ଷ ଏହାକୁ ବେଖାତିର କରିଛନ୍ତି। ଦଶହରା ସୁଦ୍ଧା ବିଦ୍ୟୁତ ସଂଯୋଗ ନହେଲେ ଭୁବନେଶ୍ୱର ଜିଲା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି।

# ଦେଶର ପ୍ରଥମ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତିଆରି ରୋବଟ୍ ଲୋକାର୍ପିତ

■ 'ସାମାଜିକ କ୍ଷେତ୍ରରେ ଦିବ୍ୟାଙ୍ଗଙ୍କୁ ସାମିଲ ପାଇଁ ଉଦ୍ୟମ ଜାରି ରହୁ'



ଲୋକାର୍ପିତ ହୋଇଥିବା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତିଆରି ରୋବଟ୍ ।

କଣ୍ଟାପଡା,୨୯।୯(ଡି.ଏନ୍.ଏ.)

କେବଳ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ରୋପଣ କରିଦେଇ କାମ ସରିଗଲା ବୋଲି ଭାବିବା ଉଚିତ ନୁହେଁ ବରଂ ଦିବ୍ୟାଙ୍ଗମାନଙ୍କୁ ସମାଜର ବିଭିନ୍ନ କ୍ଷେତ୍ରରେ ସାମିଲ କରିବା ପାଇଁ ଉଦ୍ୟମ ଜାରି ରଖିବାକୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟର ସଚିବ ଶକୁନ୍ତଳା ଡୋଲି ଗାମଲିନ କହିଛନ୍ତି। କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାରରେ ଶନିବାର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତିଆରି ରୋବଟ୍‌କୁ ଲୋକାର୍ପିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗାମଲିନ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସଚିବ ଡଲି ଚକ୍ରବର୍ତ୍ତୀ, ନାଲକୋର ସିଏମ୍‌ଡି ଡ. ତପନ କୁମାର ଚାନ୍ଦ, ଇଂ. ରମେଶ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନାଲକୋ ସହାୟତାରେ ଫ୍ରାନ୍ସରୁ ପ୍ରାୟ ୨କୋଟି ୭୩ଲକ୍ଷ ଟଙ୍କା ବିନିମୟରେ ଅଣାଯାଇ ଏସ୍‌ଭି ନିର୍‌ତାରରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଏହି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତିଆରି ରୋବଟ୍ ସମଗ୍ର ଦେଶରେ ସର୍ବପ୍ରଥମ ବୋଲି ଗାମଲିନ କହିଥିଲେ। ନୋଡାଲ ଅଧିକାରୀ ଆଦିତ୍ୟ ନନ୍ଦନ ନନ୍ଦ ରୋବର୍ଟର ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ବିସ୍ତୃତଭାବେ ବର୍ଣ୍ଣନା କରିଥିଲେ। ସେହିପରି ଦିବ୍ୟାଙ୍ଗମାନଙ୍କ ଧନ୍ଦାମୂଳକ ଶିକ୍ଷା ପାଇଁ ଅତିଥିମାନେ ୧୬କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଆବାସିକ ଟ୍ରେନିଂ ଗୃହ ଶିଳାନ୍ୟାସ କରିଥିଲେ। ଏହି ଅବସରରେ କେତେଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ବିଭାଗୀୟ କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ।

# ନକଲି ସିମେଣ୍ଟ କାରଖାନାରେ ଚଢ଼ାଉ

ବିଞ୍ଝାରପୁର,୨୯।୯(ଡି.ଏନ.ଏ)



■ ୩ ଗିରଫ, କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ସିମେଣ୍ଟ ଜବତ

■ ସରକାରୀ କଳର ସମ୍ପୃକ୍ତି ସନ୍ଦେହ

ଯାଜପୁର–ସିଂହପୁର ମୁଖ୍ୟରାସ୍ତା କଡ଼ରେ ଦୀର୍ଘ ୫ବର୍ଷ ଧରି ଚାଲିଥିଲା ନକଲି ସିମେଣ୍ଟ କାରଖାନା। ବିଶେଷ ସୂତ୍ରରୁ ଖବର ପାଇ ବିଞ୍ଝାରପୁର ପୋଲିସ ଶନିବାର ସନ୍ଧ୍ୟାରେ ଏହି କାରଖାନା ଉପରେ ଚଢାଉ କରି ଏହାକୁ ସିଲ୍ କରିବା ସହିତ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ସିମେଣ୍ଟ ଜବତ କରିଥିବା ଜଣାପଡିଛି। ଏହି ଘଟଣାର କିଙ୍ଗପିନ କୁହାଯାଉଥିବା ରାଜୀବଲୋଚନ ସାହୁଙ୍କ ସମେତ ଅନ୍ୟ ଦୁଇଜଣଙ୍କୁ ଗିରଫ କରାଯାଇଛି। ସମସ୍ତଙ୍କ ଘର ବିଞ୍ଝାରପୁର ବ୍ଲକର ଫତେପୁର ପଞ୍ଚାୟତରେ ବୋଲି ଜଣାପଡ଼ିଛି। ତେବେ ତଦନ୍ତରେ ବ୍ୟାଘାତ ହେବା ଆଶଙ୍କାରେ ବିଞ୍ଝାରପୁର ପୋଲିସ ଏ ସମ୍ପର୍କିତ ଅଧିକ ତଥ୍ୟ ଦେବାକୁ ମନା କରିଦେଇଛି। ପ୍ରକାଶ ଯେ, ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତର ପୋଖରୀ ଛକଠାରେ ରାଜୀବ ୫ବର୍ଷ ହେବ ଏହି ନକଲି ସିମେଣ୍ଟ କାରଖାନା ଚଳାଇ ଆସୁଥିଲେ। ଏହି ସିମେଣ୍ଟ ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଅଞ୍ଚଳରେ ବିକ୍ରି କରାଯାଉଥିଲା। ନନଟ୍ରେଡ ସିମେଣ୍ଟକୁ ଆଣି ରାଜୀବ ରାମକୋ, ଏଲ୍‌ଆଣ୍ଡଟି, କୋଣାର୍କ ଆଦି ନାମୀ କମ୍ପାନୀ ବସ୍ତାରେ ପ୍ୟାକ୍ କରି ବିକ୍ରି ଚଳାଇଥିଲେ। ବିଶେଷକରି ଠିକାଦାରୀ କାର୍ଯ୍ୟରେ ଏହି ନକଲି ସିମେଣ୍ଟ ବ୍ୟବହାର ହେଉଥିବାରୁ ସାଧାରଣରେ କେହି ଜାଣି ପାରୁ ନ ଥିଲେ। ନିୟମ ରହିଛି ଯେ, ବିଭାଗୀୟ ଯନ୍ତ୍ରୀଙ୍କ ବିନା ଆଦେଶରେ କାହାରିକୁ ନନଟ୍ରେଡ ସିମେଣ୍ଟ ମିଳେ ନାହିଁ। ତେଣୁ କେତେଜଣ ଦୁର୍ନୀତିଖୋର ଯନ୍ତ୍ରୀଙ୍କ ସହାୟତାରେ ଏହି ନକଲି ସିମେଣ୍ଟ କାରଖାନା ବେଧଡକ ଚାଲିଥିଲା ବୋଲି ସନ୍ଦେହ କରାଯାଉଛି। ଏହି ନନ୍‌ଟ୍ରେଡ ସିମେଣ୍ଟ ଭାଇଜାଗ ଓ ରାଉରକେଲାରୁ ନିୟମିତ ଆସିଥାଏ ବୋଲି ପୋଲିସ ସୂଚନା ଦେଇଛି। ଏ ସମ୍ପର୍କରେ କେହି ଟେର ପାଇ ନ ଥିବା ବେଳେ ଜଣେ ସିମେଣ୍ଟ କମ୍ପାନୀ ଅଧିକାରୀଙ୍କ ସୂଚନା କ୍ରମେ ବିଞ୍ଝାରପୁର ପୋଲିସ ଶନିବାର ସନ୍ଧ୍ୟାରେ ଏହି ନକଲି ସିମେଣ୍ଟ କାରଖାନା ଉପରେ ଚଢାଉ କରିଥିଲା। ଚଢାଉ ସମୟରେ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ୩ଟି ନକଲି ସିମେଣ୍ଟ ଗୋଦାମକୁ ସିଲ୍ କରିଥିଲେ। ଗୋଦାମରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ନକଲି ସିମେଣ୍ଟ ରହିଥିବା ଜଣେ ପୋଲିସ କର୍ମଚାରୀ କହିଛନ୍ତି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାଜୀବ ଲୋଚନ ସାହୁଙ୍କ ଦୁଇ ସହଯୋଗୀ ପରିକ୍ଷିତ ମଲ୍ଲିକ(୬୦) ଓ ରତନ ଗୁରୁ(୫୦)ଙ୍କୁ ପୋଲିସ ଗିରଫ କରିଛି। ଏସଡିପିଓ ପ୍ରଶାନ୍ତ କୁମାର ମଲ୍ଲ ବିଞ୍ଝାରପୁର ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ଜେରା କରୁଥିବା ଜଣାପଡିଛି। ଅପରପକ୍ଷରେ ଏହି ନକଲି ସିମେଣ୍ଟ କାରଖାନା ପଛରେ କେତେଜଣ ସରକାରୀ ଯନ୍ତ୍ରୀ, ଠିକାଦାର ଓ ରାଜନେତାଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି।

■ ବଦଳିଲେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ

# ସସ୍ମିତାଙ୍କ ସ୍ଥାନ ନେଲେ ସୁମିତ୍ରା

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିରେ ଶନିବାର ବ୍ୟାପକ ପରିବର୍ତ୍ତନ ଘଟିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସୁପାରିସକ୍ରମେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସସ୍ମିତା ବେହେରାଙ୍କ ସ୍ଥାନରେ ସୁମିତ୍ରା ଜେନାଙ୍କୁ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ନିଯୁକ୍ତ କରିଛନ୍ତି। ସେହିପରି କୃଷ୍ଣଚନ୍ଦ୍ର ଶଗରିଆଙ୍କୁ କଂଗ୍ରେସ ଏସ୍‌ସି ସେଲ୍ ଅଧ୍ୟକ୍ଷ ପଦରୁ ଅବ୍ୟାହତି ଦିଆଯାଇଛି। ତାଙ୍କ ସ୍ଥାନରେ ପୂର୍ବତନ ଏମ୍‌ପି ବିଭୁ ତରାଇଙ୍କୁ ନୂଆ ଏସ୍‌ସି ସେଲ୍ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକଙ୍କୁ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। କୃଷ୍ଣଚନ୍ଦ୍ର ଶଗରିଆଙ୍କୁ ପିସିସିର ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ସାଧାରଣ ନିର୍ବାଚନକୁ ୭ ମାସ ସମୟ ରହିଛି। ବିଜେଡି–ଭାଜପା ସାଙ୍ଗଠନିକ କାର୍ଯ୍ୟ ସହ ଶୀର୍ଷ ନେତୃତ୍ୱଙ୍କ ଜରିଆରେ ବଡ଼ ବଡ଼ ସଭା ଆୟୋଜନ କରିବାରେ ଲାଗିଛି। ହେଲେ କଂଗ୍ରେସ ସେହି ତୁଳନାରେ ସକ୍ରିୟ ହୋଇପାରିନାହିଁ। ଏମିତି କି ଅଗଷ୍ଟ ସୁଦ୍ଧା ପ୍ରାର୍ଥୀ ଘୋଷଣା ହେବ ବୋଲି ଘୋଷଣା କରି ପ୍ରଦେଶ କଂଗ୍ରେସର ଶୀର୍ଷ ନେତୃତ୍ୱ ଲୋକହସା ହୋଇସାରିଛି। ଦଳ ଭିତରେ ପ୍ରାର୍ଥୀ ହେବାର କସରତ ଜୋର୍ ଧରିବାରୁ ସୋମବାର ସ୍କ୍ରିନି କମିଟି ବୈଠକ ବସିବାକୁ ଯାଉଛି। ପୂର୍ବ ସଭାପତିଙ୍କ କାର୍ଯ୍ୟକାଳରେ ଦେଖାଯାଉଥିବା କନ୍ଦଳ ବର୍ତ୍ତମାନ ଚାଲୁ ରହିଛି, ଯାହାକୁ ନେଇ କଂଗ୍ରେସର ବିଭିନ୍ନ ଗୋଷ୍ଠୀ ଅସନ୍ତୁଷ୍ଟ ରହିଛନ୍ତି। ଦଳିତଙ୍କ ବିରୋଧରେ ହେଉଥିବା ଆକ୍ରମଣ ନେଇ ଏଆଇସିସି ସ୍ୱର ଉତ୍ତୋଳନ କରୁଥିବା ବେଳେ ପ୍ରଦେଶ କଂଗ୍ରେସରେ ପ୍ରଭାବୀ ଦଳିତ ବର୍ଗର ନେତାଙ୍କୁ ସେତେଟା ଗୁରୁତ୍ୱ ଦିଆଯାଉନାହିଁ, ଯାହାର ସଦ୍ୟତମ ଉଦାହରଣ ହେଉଛନ୍ତି ସସ୍ମିତା। କିଛିମାସ ପୂର୍ବେ କଂଗ୍ରେସ ଭବନରେ ସ୍ଥାନ ଅଭାବ ହେବାରୁ କୃଷ୍ଣ ଶଗରିଆ ନିଜ ସରକାରୀ ବାସଭବନର ଗ୍ୟାରେଜରେ ଏସ୍‌ସି ସେଲ୍ ବୈଠକ କରିଥିଲେ। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ପ୍ରାଥମିକ ଭାବେ ପ୍ରଦେଶ ନିର୍ବାଚନ କମିଟି(ପିଇସି)ରେ ନିଆଯାଇ ନ ଥିଲା। ଦୁଇଦିନ ପୂର୍ବରୁ ତାଙ୍କୁ ଉକ୍ତ କମିଟିରେ ନିଆଯାଇଛି। ଏ ସମ୍ପର୍କରେ ପିସିସି ସଭାପତି ନିରଞ୍ଜନଙ୍କୁ ପଚାରିବାରୁ ସେ ଆବଶ୍ୟକ ପଡିଲେ ଡାକିବେ ବୋଲି ମତବ୍ୟକ୍ତ କରିଥିଲେ। ଏଣୁ ପ୍ରଦେଶ କଂଗ୍ରେସର ଗୋଷ୍ଠୀ କନ୍ଦଳ ପୁନର୍ବାର ତୀବ୍ରତର ହେଉଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ବ୍ୟକ୍ତ କରିଛନ୍ତି।



ସୁମିତ୍ରା ଜେନା

■ ବିଭୁ ଏସ୍‌ସି ସେଲ୍ ଅଧ୍ୟକ୍ଷ

■ କାର୍ଯ୍ୟକାରିଣୀରେ ଜଗନ୍ନାଥ

■ ପିସିସି ସାଧାରଣ ସମ୍ପାଦକ ହେଲେ କୃଷ୍ଣଚନ୍ଦ୍ର

ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ନିଯୁକ୍ତ ହେବା ପରେ ସୁମିତ୍ରା କହିଛନ୍ତି ଯେ, ମହିଳା କଂଗ୍ରେସ ଆଗକୁ ବହୁତ ସକ୍ରିୟ ହେବ। ବିଜେଡି–ଭାଜପା ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ। ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ବେହେରା ତାଙ୍କ ସହ ଅଛନ୍ତି ବୋଲି ସୁମିତ୍ରା କହିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଏସ୍‌ସି, ଏସ୍‌ଟି ଏବଂ ପଛୁଆ ବର୍ଗର ଜଣେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ନିକଟରେ ଇସ୍ତାହାର କମିଟି ପ୍ରମୁଖ ଶ୍ରୀକାନ୍ତ ଜେନା ଏକ ପ୍ରସ୍ତାବ ଦେଇଥିଲେ। ଏ ସମ୍ପର୍କରେ ସୁମିତ୍ରାଙ୍କୁ ପ୍ରଶ୍ନ କରିବାରେ ସେ କହିଛନ୍ତି ଯେ, ନୂଆକରି ଦାୟିତ୍ୱ ନେଇଛି। ଜଣେ ବରିଷ୍ଠ ନେତାଙ୍କ ପ୍ରସ୍ତାବ ଉପରେ ବକ୍ତବ୍ୟ ଦେବା ଠିକ୍ ହେବ ନାହିଁ।

■ ଟିଟୋଙ୍କ ସହ ସମ୍ପର୍କ

## ୨ ପୋଲିସ କର୍ମଚାରୀଙ୍କୁ ଏସ୍‌ଟିଏଫ୍‌ର ସମନ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ଟିଟୋଙ୍କ ସହ ସମ୍ପର୍କ ରଖିଥିବା ଏବଂ ତାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଯାଇଥିବା ଦୁଇଜଣ ପୋଲିସ କର୍ମଚାରୀଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ସମନ କରିଛି। ଟିଟୋଙ୍କ ସହିତ ସେମାନଙ୍କର କି ସମ୍ପର୍କ ରହିଥିଲା ସେନେଇ ପଚରାଉଚରା କରାଯିବା ଲାଗି ସମନ କରାଯାଇଥିବା ଏସ୍‌ଟିଏଫ୍‌ର ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ସମ୍ପୃକ୍ତ ୨ ପୋଲିସ କର୍ମଚାରୀ ହେଲେ ଜଗତ୍‌ସିଂହପୁର ଏସ୍‌ପି ହେଡ୍ କ୍ୱାର୍ଟର୍ସର କନଷ୍ଟେବଳ ନୃସିଂହ ବେହେରା ଏବଂ ଖୋର୍ଦ୍ଧାର କୁଦୁଡି ଫାଣ୍ଡିର ମହିଳା ଏଏସ୍‌ଆଇ ମଞ୍ଜୁଲତା ଖାଡାଙ୍ଗା। ସପ୍ତାହକ ମଧ୍ୟରେ ଏସଟିଏଫ୍ କାର୍ଯ୍ୟାଳୟରେ ହାଜର ହେବାକୁ ଉଭୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ମୁତାବକ, ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଟଣୀର ପୂର୍ବତନ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କର ଟିଟୋଙ୍କ ସହ ସମ୍ପର୍କ ଥିବା ଅଭିଯୋଗ ହୋଇଥିଲା। ତେଣୁ ଭିଜିଲାନ୍ସ ସଞ୍ଜୀବଙ୍କ ଆକାଉଣ୍ଟ ଯାଞ୍ଚ କରିବା ପରେ ଟିଟୋ ଏବଂ ତାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟରୁ ତାଙ୍କ ନିକଟକୁ ଟଙ୍କା ଆସିଥିବା ଜଣାପଡ଼ିଥିଲା। କେବଳ ସଞ୍ଜୀବ ନୁହନ୍ତି, କନଷ୍ଟେବଳ ନୃସିଂହ ଏବଂ ଏଏସ୍‌ଆଇ ମଞ୍ଜୁଲତାଙ୍କ ଆକାଉଣ୍ଟକୁ ମଧ୍ୟ ଟିଟୋ ଓ ତାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଆସିଥିବା ଭିଜିଲାନ୍ସ ହାତରେ ପ୍ରମାଣ ଲାଗିଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଉଭୟଙ୍କ ଘରେ ଚଢ଼ାଉ କରାଯାଇଥିଲା। ଅନ୍ୟପଟେ ଟିଟୋଙ୍କ ସହ ବହୁ ପୋଲିସ ଅଫିସରଙ୍କ ସମ୍ପର୍କ ଥିବା ପୂର୍ବରୁ ଟିଟୋଙ୍କ ଭାଇ ସପୋ ଅଭିଯୋଗ କରିଥିଲେ। କିନ୍ତୁ ଏସ୍‌ଟିଏଫ୍ ଏ ଦିଗରେ ତଦନ୍ତ କରି ନ ଥିଲା। ଟିଟୋଙ୍କ ସହିତ ସମ୍ପର୍କରେ ଥିବା ୨ ପୋଲିସ କର୍ମଚାରୀଙ୍କ ବିଷୟରେ ଭିଜିଲାନ୍ସ ପରଦା ଉଠାଇବା ପରେ ଏସ୍‌ଟିଏଫ ଚାପରେ ପଡ଼ି ସେମାନଙ୍କୁ ସମନ କରିଥିବା କୁହାଯାଉଛି।

ଅନ୍ୟପଟେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଟଣୀର ପୂର୍ବତନ ଥାନା ଅଧିକାରୀ ସଞ୍ଜୀବଙ୍କୁ ଶନିବାର ଭିଜିଲାନ୍ସ କୋର୍ଟରେ ହାଜର କରିବାକୁ ନିଆଯାଇଥିବାବେଳେ ତାଙ୍କର ଟିଟୋଙ୍କ ସହିତ କୌଣସି ସମ୍ପର୍କ ନ ଥିବା ସେ ଗଣମାଧ୍ୟମ ଆଗରେ ସଫେଇ ଦେଇଛନ୍ତି। ସେ କହିଛନ୍ତି ଟିଟୋଙ୍କୁ ମୁଁ ଜାଣିନାହିଁ। ମୋତେ ଟିଟୋ ଲିଙ୍କ୍‌ରେ ଫସାଇବା ପାଇଁ ଷଡଯନ୍ତ୍ର କରାଯାଇଥିବା ସେ କହିଛନ୍ତି।

ହେ ଭଗବାନ ! ସକଳ ଆଖିରୁ ଲୁହ ଶୁଖିଯାଉ। ସକଳ ବେଦନା ଦୂର ହୋଇଯାଉ। ସକଳ ଯନ୍ତ୍ରଣା ମିଳାଇ ଯାଉ। ସକଳ ହୃଦୟରେ ବିରାଜିତ ହେଉ ସ୍ଥିର ପ୍ରଶାନ୍ତି। ଏବଂ ସକଳ ମସ୍ତିଷ୍କ ସୁଦୃଢ ହୋଇଉଠୁ ଏକ ଶକ୍ତିଶାଳୀ ସଂଶୟ-ହୀନତାରେ। -ଶ୍ରୀମା

# ହିନ୍ଦୁରାଷ୍ଟ୍ର ଅସମ୍ଭବ



ଆକାର ପଟେଲ

ଯେଉଁମାନେ ୨୦୧୯ରେ ହେବାକୁ ଥିବା ନିର୍ବାଚନ ବିଷୟରେ ଚିନ୍ତା କରୁଛନ୍ତି, ସେମାନଙ୍କ ମନରେ 'ହିନ୍ଦୁରାଷ୍ଟ୍ର'ର ଆଶଙ୍କା ଘାରୁଛି। ଏହା ଏପରି ଏକ ଚିନ୍ତାଧାରା, ଯେଉଁଥିରେ ଭାରତରେ ବର୍ତ୍ତମାନ ପ୍ରଚଳିତ ଥିବା ସମ୍ବିଧାନ ଆଉ ଚଳିବ ନାହିଁ, କାରଣ ଏ ସମ୍ବିଧାନ ଧାର୍ମିକ ନୁହେଁ, ଧର୍ମନିରପେକ୍ଷ। ଉକ୍ତ ଚିନ୍ତାଧାରା ଅନୁସାରେ ଭାରତ ଅଧିକ ବା ସମ୍ପୂର୍ଣ୍ଣ ହିନ୍ଦୁରାଷ୍ଟ୍ରରେ ପରିଣତ ହୋଇଯିବ। ତଦ୍ଧ ଅନୁସାରେ ଭାରତୀୟ ଜନତା ପାର୍ଟି (ଭାଜପା) ଯଦି ଦ୍ୱିତୀୟ ବାର ସମ୍ଭାବ୍ୟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନେଇ କ୍ଷମତାକୁ ଆସେ, ତେବେ ସେମାନେ ସମ୍ବିଧାନରେ ଏପରି ନୂଆ ନୂଆ କଥା ସବୁ ଭର୍ତ୍ତି କରିବେ, ଯାହା ଭାରତକୁ ହିନ୍ଦୁରାଷ୍ଟ୍ର ଆଡ଼କୁ ଅଗ୍ରସର କରାଇବ। ତେବେ ଏହା ସମ୍ଭବ ହେବ ବୋଲି ମୁଁ ଭାବୁନାହିଁ। କାରଣ ଯେଉଁ ଦଳ ସରକାର ଗଢ଼ୁ ନା କାହିଁକି ବ୍ୟକ୍ତି ଅଧିକାର ଦୃଷ୍ଟିରୁ କିଛି ବି ପ୍ରଭେଦ ପଡ଼ିବ ନାହିଁ।

ମୁଁ ଯେଉଁ ସଂସ୍ଥାରେ କାମ କରୁଛି, ତାହା ଅନେକ ଦଶନ୍ଧି ଧରି ଜମ୍ମୁ-କଶ୍ମୀର ଉପରେ କାମ କରିଛି। ସେଠାରେ ମାତ୍ରାଧିକ ସେନା ମୁତୟନ ଓ ସେନାକୁ ମାତ୍ରାଧିକ ସ୍ୱାଧୀନତା ଦିଆଯିବା ନେଇ ଯେଉଁ ଅଭିଯୋଗ ରହିଛି, ତାହା ନୂଆ ନୁହେଁ ଏବଂ କେବଳ ଏ ସରକାରରେ ତାହା ଘଟୁନାହିଁ। ସେହିପରି ଆଫ୍‌ସ୍ପା ଆଇନ ମଧ୍ୟ ଏ ସରକାର ଅମଳରେ ସୃଷ୍ଟି ହୋଇନାହିଁ। ନାଗରିକ ଅଧିକାର ବା ସଂଖ୍ୟାଲଘୁ ଓ ସାମାଜିକ ଦୁର୍ବଳ ଶ୍ରେଣୀର ଅଧିକାର ନେଇ ଯେଉଁ ସମସ୍ୟା ସବୁ ରହିଛି, ତାହା ବହୁ ପୁରୁଣା। କେବଳ ଏବେ ଗୋଟିଏ ନୂଆ କଥା ଦେଖିବାକୁ ମିଳୁଛି- ଗୋସୁରକ୍ଷା ନାମରେ ହିଂସା। ଏତିକି ଛଡ଼ା ଏ ସରକାର ଓ ପୂର୍ବ ସରକାର ଭିତରେ ବେଶି କିଛି ଫରକ ନାହିଁ। ଦ୍ୱିତୀୟତଃ ଏକ ଧାର୍ମିକ ଦେଶ (ପାକିସ୍ତାନ) ଓ ଏକ ଧର୍ମନିରପେକ୍ଷ ଦେଶ (ଭାରତ)ର ନାଗରିକମାନଙ୍କ ଜୀବନଚଳନାରେ ବେଶି କିଛି ଭିନ୍ନତା ନାହିଁ। ତେବେ ଏହା ସତ ଯେ, ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ପାତରଅନ୍ତର କରିବା ପାଇଁ ଜାଣିଶୁଣି କେତେକ ଆଇନ କରାଯାଇଛି। ଉଦାହରଣସ୍ୱରୂପ, ଦେଶର ସମ୍ବିଧାନ ଅନୁସାରେ କୌଣସି ଅଣମୁସଲମାନ ଦେଶର ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ହୋଇପାରିବ ନାହିଁ। ପୁଣି ସେ ଦେଶରେ ଏକ ମୁସଲମାନ ସମ୍ପ୍ରଦାୟ ଅହମ୍ମଦିଆମାନେ ବି ମୁକ୍ତଭାବରେ ନିଜର ଧର୍ମ ପାଳନ କରିପାରନ୍ତି ନାହିଁ। ଏତିକି ଛଡ଼ା ପାକିସ୍ତାନ ଓ ଭାରତ ମଧ୍ୟରେ ଅଳ୍ପବହୁତେ ଆଉ ସବୁକିଛି ସମାନ। ପାକିସ୍ତାନରେ ସଂଖ୍ୟାଲଘୁମାନେ ଯେମିତି ନିଜକୁ ଅସୁରକ୍ଷିତ ମନେ କରନ୍ତି, ଭାରତରେ ବି ସେମତି ସେମାନଙ୍କ ଭିତରେ ଅସୁରକ୍ଷାର ଭାବ ରହିଛି।

ଏବେ ଆଲୋଚନା କରିବା ହିନ୍ଦୁରାଷ୍ଟ୍ର କ'ଣ ହୋଇପାରେ। ଏଥିରେ ଦୁଇଟି ଜିନିଷ ଦେଖିବାକୁ ମିଳେ। ଗୋଟିଏ ହେଉଛି ଧାର୍ମିକ ମୂଲ୍ୟବୋଧ ଓ ସଂସ୍କୃତିକୁ ଆଇନର ଅନ୍ତର୍ଭୁକ୍ତ କରିବା। ଉଦାହରଣସ୍ୱରୂପ କେତେକ ମୁସଲମାନ ଦେଶରେ ମଦ ପିଇବା ମନା ଏବଂ ରମଜାନ ମାସରେ ଦିନବେଳା ହୋଟେଲଗୁଡ଼ିକୁ ବନ୍ଦ ରଖିବାକୁ ବାଧ କରାଯାଏ। ଭାରତରେ ବି ଏମିତି କେତେକ ଜିନିଷ ଅଛି। ମଦ ଓ ଗୋହତ୍ୟା ନିଷେଧ ଆଇନ ବିଭିନ୍ନ ରୂପରେ ଓ ଅନେକ ରାଜ୍ୟରେ ରହିଛି। ଦ୍ୱିତୀୟଟି ହେଉଛି ଧର୍ମ ଓ ଲିଙ୍ଗ ଅନୁସାରେ ମଣିଷମାନଙ୍କୁ ବିଭାଜିତ କରିବା। ଧାର୍ମିକ ଦେଶରେ ଏଇ କଥାଟାକୁ ଲୋକେ ଡରନ୍ତି। ତେବେ ହିନ୍ଦୁରାଷ୍ଟ୍ରର ସମସ୍ୟା ହେଉଛି, ଏହାର ଏପରି କୌଣସି ଲିଖିତ ରୂପ ନାହିଁ, ଯାହାକୁ ଆଧୁନିକ ସମାଜରେ ସମସ୍ତେ ଆପଣେଇପାରିବେ। ହିନ୍ଦୁଧର୍ମରେ ସମାଜକୁ ସଂଗଠିତ କରିବାର ପ୍ରମୁଖ ଅବଲମ୍ବନ ହେଉଛି ଜାତି ଓ ବର୍ଣ୍ଣ। ବର୍ତ୍ତମାନ ଅଧିକାଂଶ ହିନ୍ଦୁ ଏହାକୁ ଗ୍ରହଣ କରୁନାହାନ୍ତି। ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଦେଶର ପ୍ରମୁଖ ରାଜନୈତିକ ଗୋଷ୍ଠୀ ହେଉଛନ୍ତି ଶୂଦ୍ର କୃଷିଜୀବୀ, ଯେଉଁମାନଙ୍କ ଭିତରେ ଅଛନ୍ତି ପଟିଦାର, ଭୋକାଲିଗା, ଜାଠ, ଯାଦବ, ରେଡ୍ଡୀ ଇତ୍ୟାଦି। ଅଧିକାଂଶ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଏହି ଜାତିଗୁଡ଼ିକରୁ ଆସିଛନ୍ତି। ଏହି ଗୋଷ୍ଠୀମାନେ ନିଜର ରାଜନୈତିକ କ୍ଷମତା କେବେହେଲେ ବ୍ରାହ୍ମଣମାନଙ୍କ ପାଇଁ ଛାଡ଼ିଦେବେ ନାହିଁ। ହିନ୍ଦୁରାଷ୍ଟ୍ର ସେମାନଙ୍କୁ ନୂଆ କିଛି ଦେଇପାରିବ ନାହିଁ, ଯାହା ସେମାନେ ପାଇନାହାନ୍ତି। ସେହିପରି ଆମ ଜନସଂଖ୍ୟାର ପ୍ରାୟ ଏକଚତୁର୍ଥାଂଶ ହେଉଛନ୍ତି ଦଳିତ ଓ ଆଦିବାସୀ। ହିନ୍ଦୁରାଷ୍ଟ୍ର ହେଲେ ସେମାନଙ୍କୁ କିଛି ବି ଲାଭ ମିଳିବ ନାହିଁ ଏବଂ ସେମାନେ କେବେ ହିନ୍ଦୁରାଷ୍ଟ୍ର ଚାହାନ୍ତି ନାହିଁ।

୨୦୦୮ ପର୍ଯ୍ୟନ୍ତ ନେପାଳ ଥିଲା ପୃଥିବୀର ଏକମାତ୍ର ହିନ୍ଦୁରାଷ୍ଟ୍ର। ୨୦୦୮ରେ ଏହାର ଛେତ୍ରୀ (କ୍ଷତ୍ରିୟ) ରାଜବଂଶର ପତନ ଘଟିଲା। ଏହା କାହିଁକି ହିନ୍ଦୁରାଷ୍ଟ୍ର ଥିଲା ? କାରଣ ଦେଶର ଶାସନ କ୍ଷମତା ଜଣେ କ୍ଷତ୍ରିୟ ରାଜାଙ୍କ ହାତରେ ଥିଲା। ଏହାର ହିନ୍ଦୁରାଷ୍ଟ୍ରତ୍ୱ କେବଳ ସେତିକିରେ ସୀମିତ ଥିଲା। ହିନ୍ଦୁରାଷ୍ଟ୍ର କରିବା ପାଇଁ ଆମ ସମ୍ବିଧାନରେ କି କି ପରିବର୍ତ୍ତନ କରାଯାଇପାରିବ ? ଆମେ ଅଣହିନ୍ଦୁଙ୍କ ପ୍ରତି ପାତରଅନ୍ତର କରିପାରିବା ଏବଂ ସେମାନଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିପାରିବା। ଏଥିରୁ କେତୋଟି ତ ଆମେ ଏବେ ବି କରୁଛୁ। ଗୁଜରାଟ ଓ ବିହାରରେ ଖ୍ରୀଷ୍ଟିଆନମାନେ ତାଙ୍କର ଧାର୍ମିକ ପର୍ବ ପାଳନ ବେଳେ ମଦ ପିଇପାରିବେ ନାହିଁ ଏବଂ ଅନେକ ରାଜ୍ୟରେ ମୁସଲମାନମାନେ ଗୋବଧ କରିପାରିବେ ନାହିଁ। ମୁସଲମାନମାନେ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ନିୟମ ନାହିଁ, ମାତ୍ର ବାସ୍ତବରେ ତାହା ସମ୍ଭବ ନୁହେଁ। ଭାରତରେ ମୁସଲମାନଙ୍କ ପ୍ରତିନିଧିତ୍ୱ ଅତି ନଗଣ୍ୟ ଏବଂ ଏହା ବି ଏକ ପ୍ରସଙ୍ଗ ନୁହେଁ। ଆମେ ହିନ୍ଦୁରାଷ୍ଟ୍ରରେ ଆଉ ପାଦେ ଆଗକୁ ଯାଇ ଅଣହିନ୍ଦୁଙ୍କୁ ସେମାନଙ୍କ ରାଜନୈତିକ ଅଧିକାରରୁ ବଞ୍ଚିତ କରିପାରିବା। ତେବେ ଯେହେତୁ ହିନ୍ଦୁରାଷ୍ଟ୍ର ହେଲେ ସଂଖ୍ୟାଧିକ ହିନ୍ଦୁଙ୍କର ମଧ୍ୟ କ୍ଷମତା ଓ ଅଧିକାର କ୍ଷୁଣ୍ଣ ହେବାର ସମ୍ଭାବନା ଅଛି, ତେଣୁ ଭାଜପା ହେଉ ବା ଅନ୍ୟ କୌଣସି ଶକ୍ତି ଭାରତରେ କେବେହେଲେ ହିନ୍ଦୁରାଷ୍ଟ୍ର ପତିଷ୍ଠା କରିପାରିବ ନାହିଁ। ତେଣୁ ହିନ୍ଦୁରାଷ୍ଟ୍ରର ଚିନ୍ତାଧାରା ଏବଂ ପ୍ରକୃତରେ ଏହା କାହାକୁ ବୁଝାଏ, ତାହା ସବୁବେଳେ ଅସ୍ପଷ୍ଟ ରହିଛି ଓ ରହିଥିବ ମଧ୍ୟ।

Email: aakar.patel@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | 4 | | 0 | C | 3 | | 5 |
| 5 | E | | | | | | | B | 3 | 8 | | | | |
| | | | 4 | | | 7 | | 6 | | | | 8 | | D |
| | 7 | | | | 6 | | 8 | | | | E | | | |
| 0 | | B | | | D | 1 | 2 | | | | | | | 4 |
| | | | | | B | 8 | | | | 3 | | | 2 | 1 |
| B | | | | E | | | 9 | | | | 4 | | 5 | C |
| | | | | 1 | | | 4 | D | | | 6 | | | |
| D | | | | 6 | 2 | | | | 7 | E | 9 | 4 | | A |
| A | | | 0 | | | | | | | 1 | | | D | |
| 4 | | 5 | | | 1 | B | | E | | 2 | | 9 | | |
| 1 | | | 6 | | | | A | 5 | B | D | | | C | 0 |
| | | D | 2 | | 3 | | | | A | | | | 1 | 6 |
| | | 2 | | | | 4 | | | | | 7 | | | |
| | | | | 7 | A | 2 | | 0 | | 5 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 5 | 0 | C | A | B | 3 | 7 | D | 1 | 8 | E | 9 | 2 | 4 |
| D | 9 | 8 | 5 | E | 1 | 2 | 6 | B | 4 | 3 | 7 | 0 | A | C |
| A | B | 3 | 4 | 2 | 8 | 1 | 9 | 5 | C | 6 | 0 | 7 | E | D |
| 1 | 4 | 7 | 9 | D | 3 | 0 | C | E | A | 2 | B | 8 | 5 | 6 |
| E | 2 | C | 6 | 0 | 7 | 4 | A | 8 | D | 9 | 5 | 3 | B | 1 |
| 4 | 1 | 2 | B | 6 | C | D | 5 | 0 | 7 | E | 8 | A | 9 | 3 |
| 7 | 0 | E | 3 | 9 | 5 | C | 8 | 4 | 6 | 1 | A | B | D | 2 |
| 3 | 6 | A | 2 | 8 | 4 | 7 | E | 1 | B | D | 9 | C | 0 | 5 |
| 8 | C | B | D | 7 | 0 | 9 | 3 | A | 5 | 4 | 2 | 1 | 6 | E |
| 9 | D | 5 | A | 1 | E | 6 | B | 2 | 0 | C | 3 | 4 | 7 | 8 |
| 2 | E | 4 | 0 | 3 | D | A | 1 | 7 | 8 | B | 6 | 5 | C | 9 |
| C | 8 | 6 | 7 | 5 | 9 | B | 2 | 3 | E | 0 | 4 | D | 1 | A |
| 0 | A | 1 | 8 | 4 | 6 | 5 | D | 9 | 2 | 7 | C | E | 3 | B |
| 5 | 7 | 9 | 1 | B | 2 | E | 4 | C | 3 | A | D | 6 | 8 | 0 |
| B | 3 | D | E | C | A | 8 | 0 | 6 | 9 | 5 | 1 | 2 | 4 | 7 |

ଗତକାଲିର ଉତ୍ତର

# ଧାନ ସାଉଁଟା ଝିଅର ଦୁଃଖ

ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ

ଗତ ଧାନ ଅମଳ ବେଳର କଥା। ଧାନ ବିଲ ମଝିରେ ସାଇକେଲ ଗଡାଇ ଚାଲିଥିଲି ଅଦୂରରେ ବିଲ ଭିତରେ ଅମଳ କରାଯାଉଥିବା ଧାନ ସଂଗ୍ରହ ପାଇଁ। ମେଶିନରେ ଧାନ ଅମଳ ଚାଲିଛି। ବିଲଗୁଡିକ ଭିତରେ ଖାଲି ଛୋଟ ଛୋଟ କଟାନଡାର ଗଦା। କାଁ ଭାଁ ଜଣେଅଧେ ହାତରେ କାଟିଥିବା ଧାନ କଳେଇକୁ ଭାରରେ ନେବାକୁ ସଜାଡୁଥାନ୍ତି। ହଠାତ୍ ମୋ ଦୃଷ୍ଟିରେ ପଡିଲା ଦଶ କି ବାରବର୍ଷର ଝିଅଟିଏ। କାଖରେ ଧରିଛି ବାଉଁଶରେ ତିଆରି ପାଛିଆଟିଏ। ପୁରୁଣା, ମଇଳା ଫ୍ରକ୍ ଖଣ୍ଡେ ପିନ୍ଧିଛି। ମୁଣ୍ଡର ଚାଖଣ୍ଡକିଆ କେଶକୁ ବାନ୍ଧିଦେଇଛି ଘୋଡାଲାଞ୍ଜର ଅଗଭାଗ ଭଳି। ସେଥିରେ ଖୋସିଦେଇଛି ଅନାବନା ଫୁଲ ପେନ୍ଥାଏ। ଏ ବିଲରୁ ସେ ବିଲକୁ ବୁଲି ସଂଗ୍ରହ କରୁଛି ଛୋଟ ଛୋଟ ଧାନ ଛିଞ୍ଚାମାନ। ବେଳେ ବେଳେ ଗୀତ ବି ଗାଇଦେଉଛି। ତା'ର ଏ ଅବସ୍ଥା ଦେଖି ମନେପଡିଯାଉଥାଏ ଇଂରେଜ କବି ୱାର୍ଡସୱର୍ଥଙ୍କ କବିତା 'ଦ ସଲିଟାରୀ ରିପର' କଥା। କବିଙ୍କ ଧାନକଟାଳି ଝିଅ କୁଆଡେ ଦୁଃଖର ସଙ୍ଗୀତ ଗାଉଥିଲା, ମାତ୍ର ଏ ଝିଅ ଓଡ଼ିଆ ସିନେମା ଗୀତ ଗାଉଥିବା ମୁଁ ଶୁଣିଲି।

ତା' ଚେହେରାକୁ ଦେଖି ମୋର ମନେପଡିଗଲା କବି ହୃଷୀକେଶ ମଲ୍ଲିକଙ୍କର 'ଧାନ ସାଉଁଟା ଝିଅ' କବିତାର ଅଳ୍ପ କେତୋଟି ପଦ। ଯେଉଁଦିନ କବି ଏମିତି ଝିଅକୁ ଦେଖିଥିଲେ, ସେ ତା' ନୂଆ କୈଶୋରକୁ ଉପଲକ୍ଷ୍ୟ କରି ଲେଖିଥିଲେ, "ଗୁମାନ ଚାଲିବା ଝିଅ ଶିଖିଲୁ କୋଉଠୁ!/ ଖରାବେଳ ଶିଖେଇଦେଲା କି ?/ ମୁରୁକି ହସିବା ଝିଅ ଶିଖିଲୁ କୋଉଠୁ! / ଧାନ ଖେତ ଶିଖେଇ ଦେଲା କି ?/ମୁହଁ ଥମ ଥମ ଝିଅ ଶିଖିଲୁ କୋଉଠୁ! / ନୂଆ ମେଘ ଶିଖେଇ ଦେଲା କି ?" ଏ କଥା ଭାବିଲା ବେଳେ ଦେଖିଲି ଝିଅ ମୋତେ ଦେଖି ନା ମୁରୁକି ହସିଲା ନା ଗୁମାନରେ ଚାଲିଲା। ବରଂ ମୁହଁ ଥମ ଥମ କରି ତଳକୁ ମୁହଁପୋତି ଠିଆହେଲା। ମନେହେଲା ସେ ଦୁଃଖରେ ଅଛି। ପଚାରି ବୁଝିବା ପାଇଁ ଆଗ୍ରହ ବଢ଼ିଲା। ପଚାରିଲି, "ବିଲରେ ଝିଅ କ'ଣ କରୁଛୁ ?" ସେ କହିଲା- "ମୋ ପାଛିଆକୁ ଦେଖ ବାବୁ! ମୁଁ ଧାନ ଖୁଣ୍ଟୁଛି।" ଦେଖିଲି ଝିଅଟି ମୋତେ କିଛି କହିବାକୁ ସଂକୋଚ ରଖୁଛି। ତା' ମନରେ ଆଶ୍ୱସ୍ତି ଜଗାଇ ତା' ପରିଚୟ ପଚାରି ବୁଝିଲି ଯେ, ସେ ଆମ ଗାଁ ଭାବ ମଳିକ ଝିଅ। ଭାବ ମଳିକ ନାଁ ଶୁଣି ମୋ ମନରେ ଦୁଃଖ ଆସିଲା। ଅଭାବୀ ପରିବାର ଚଳାଇବା ଲାଗି ସେ ଦଶବର୍ଷ ହେଲା ଦାଦନ ଖଟିବାକୁ ଯାଇଛି ଯେ ଆଉ ଫେରିନାହିଁ।

ଏଯାବତ୍ ଆମେ ଯୋଜନା ଉପରେ ଯୋଜନା କରିଚାଲିଛୁ। ଗରିବୀ ହଟାଇଛୁ ବୋଲି ବାହୁସ୍ଫୋଟ ମାରୁଛୁ। ଟଙ୍କିକିଆ ଚାଉଳ ଓ ପାଞ୍ଚ ଟଙ୍କିଆ ଖାଦ୍ୟ ଦେଉଛୁ। ହେଲେ ଭାବ ମଳିକ ଝିଅ ଧାନ ସାଉଁଟୁଛି କାହିଁକି ଜାଣିନାହୁଁ। ମୁଁ ତାକୁ ପଚାରିଲି, "ଝିଅ! ସ୍କୁଲ ଯାଉଛୁ ?" ସେ ତା' ଗମ୍ଭୀର ଭାବ ଦୂରେଇଦେଇ କେମିତିକା ତାଚ୍ଛଲ୍ୟ ହସଟିଏ ହସି କହିଲା, "ସ୍କୁଲ କାହିଁକି ଯିବି ? ନା ପାଠପଢ଼ା ହେଉଛି, ନା କିଛି ଘରକରଣା କି ବଗିଚା କାମ କିଏ ଶିଖଉଛି ? ଖାଲି ଯାହା ମଧ୍ୟାହ୍ନଭୋଜନ, ଡ୍ରେସ ମିଳୁଛି। ପଢ଼ାବହି ତ ପୂରା ମିଳୁନି। ଜାଣିଛ ବାବୁ! ଆମ ଗାଁ ସ୍କୁଲରେ ସାତଟା ଶ୍ରେଣୀ। ଜଣେ ଦିଦି ଓ ଜଣେ ସାର୍ ଅଛନ୍ତି। ଜେଜେମା କହିଲା, ମଧ୍ୟାହ୍ନଭୋଜନ ଖାଇ ପଳେଇ ଆସିବୁ। ଦି କେରା ଧାନ ସାଉଁଟିଲେ ଲାଭ ଅଛି।" ତା'ର ଏ ଅନର୍ଗଳ କଥା ଶୁଣି ମୋ ଅଜାଣତରେ ପାଟିରୁ ବାହାରିଆସିଲା, "ଆରେ ଆମ ଗାଁ ଅବସ୍ଥା ତେବେ ଏତେ ଖରାପ ହେଲାଣି ?"

ତା' କଥା ଶୁଣୁଥିବା ବେଳେ ମୋ ଆଖିଆଗରେ ଭାସି ଉଠୁଥିଲା ମୋ ପିଲାବେଳ ଗାଁର ଚିତ୍ର। ଗାଁ ମୁଣ୍ଡରେ ମଙ୍ଗଳା ଠାକୁରାଣୀ ମନ୍ଦିର। ମନ୍ଦିରକୁ ଲାଗି ହରିହାଟ ଘର। ପ୍ରତିଦିନ ସନ୍ଧ୍ୟାରେ ଭାଗବତ ଅଧ୍ୟାୟେ ପଢାହୁଏ। ଗାଁର ସବୁ ନ ହେଲେ ବି ଜାଣିବା ଶୁଣିବା ଲୋକେ ଏକାଠି ହୁଅନ୍ତି। ଗାଁର ଛୋଟ, ବଡ କନ୍ଦଳ ସେଠି ମୀମାଂସା ହୁଏ। ଗାଁର ପୁରବିମାନେ ବର୍ଷରେ ଥରେ ହରିହାଟ ପଡିଆରେ ପାଲା ଦଳ ଡାକି ବାଦୀପାଲା କରାନ୍ତି। ହଜାର ହଜାର ଦର୍ଶକ ରହନ୍ତି। ଏବେ ସେଠି ଏକ ରିକ୍ରିଏଶନ ସେଣ୍ଟର ଠିଆ ହୋଇଛି। ଅଧାପଢ଼ା, ମଦ୍ୟପ୍ରେମୀ ଟୋକାଙ୍କ ଭିଡ଼। ଝିଅଟିକୁ ପଚାରିଲି, "ଆଚ୍ଛା ଝିଅ ! ଗାଁରେ ଏବେ ପାଲା ହେଉଛି ?" ସେ ମୋତେ ଢିମା ଢିମା ଆଖିରେ ଚାହିଁ କହିଲା, "ନାଇଁ ବାବୁ! କିଛି ହେଉନି। ଗତବର୍ଷ ଗାଁ ପିଲା ସହରରୁ ଗୋଟେ ଅର୍କେଷ୍ଟ୍ରା ଦଳ ଆଣିଥିଲେ। ଗୀତ, ନାଚ ଚାଲିଥିବା ବେଳେ ମଦ ପିଇ ପିଲାଏ ସେ ଗୀତ ଗାଇବା ଝିଅକୁ ଟାଣିଲେ। ଗଣ୍ଡଗୋଳ ହେଲା। ସବୁ ବନ୍ଦ। ଜାଣିଛ ବାବୁ। ସବୁ କେବଳ ସେଇ ବିହାରୀ ମଦ ଭାଟିଆର କାଣ୍ଡ। ଗାଁର ସବୁ ମହିଳା ଘେରିଯାଇ ତା' ଭାଟି ବନ୍ଦ କରିବାକୁ ଆସିଲେ। ଦୋକାନ ବନ୍ଦ କରି ପଳେଇଲା। ଏବେ ପୁଣି ଖୋଲିଲାଣି। କହୁଛି, ପୋଲିସ ବାବୁମାନେ ତାକୁ ଅନୁମତି ଦେଇଛନ୍ତି। ଏଥର ପରା ମଦରେ କି ଟାବଲେଟ୍ ପକାଇ ମଦନା ପାଳ ପିଇ ମରିଗଲା। ବିଚରା ସୁଲି ଭାଉଜ ଦି'ଟା କୁନି ଛୁଆଙ୍କୁ କାଖରେ ଜାକି ପର ଘରେ ଖଟୁଛି। ମନ୍ତ୍ରୀ ଆସିଥିଲେ ଯେ, ତାଙ୍କ ଗସ୍ତ ପାଇଁ ଭାଟିବାଲା ଖର୍ଚ୍ଚ କରିଛି ବୋଲି, ସେ କହିଲେ ଗାଁଠାରୁ ଦୂରେଇ ଭାଟି ରହିବ। ହେଲେ ମଦ ତ ବିକ୍ରି ହେବ ନା ?

ଧାନ ସାଉଁଟା ଝିଅଟି ମୋ ସହିତ ଭାରି ମିଶିଗଲା। ଅନର୍ଗଳ କହି ଚାଲିଲା ଗାଁ କଥା। ସତେଯେପରି ତା' କଥାର ଉତ୍ତମ ଶ୍ରୋତାଟିଏ ପାଇଗଲା। ମୁଁ ବି ତା' କଥା ଶୁଣିବାକୁ ଆଗ୍ରହୀ ହୋଇଉଠିଲି। ମୋ ମନରେ ପଡିଯାଉଥାଏ କବି ମଲ୍ଲିକଙ୍କର ସେ କବିତା କଥା, ଯେଉଁଥିରେ ଥିଲା ବଢ଼ି ଛାଡିବା ପରେ ନେତାମାନେ ଇସ୍ତିରିଆ ସେରୱାନି, କାମିଜ ପିନ୍ଧି, ଚକଚକିଆ ବୁଟ୍ ମାଡି, ରିଲିଫ ଦେଇ, ଫଟୋ ଉଠାଇ, ଖବରକାଗଜରେ ସହାୟତା ଦେଲେ ବୋଲି ପ୍ରଚାର କରନ୍ତି। ବାଃ! କ'ଣ ଥିଲା ଏ ଗାଁ, କ'ଣ ହେଇଗଲା ? ଆଉ ନାହିଁ ବିନୋଦ ନାୟକଙ୍କ 'କଇଁର ଗାଧୁଆ ତୁଠ', ଯେଉଁଠି ଚତୁରୀ ନଣନ୍ଦ ଗାଲରେ ହଳଦୀ ମାଖି ହଲିଲା ପାଣିରେ ମୁହଁ ଦେଖିବ। ଧନ୍ୟ ଏ ପରିବର୍ତ୍ତନ! ମୋ ଭାବନାକୁ ଭାଙ୍ଗି ଦେଇ ଝିଅଟି ପଚାରିଲା, "ଗାଁ କଥା ଆଉ ଶୁଣିବ ?" ମୁଁ ବାଧ ସାଙ୍ଗଟିଏ ପରି ହଁ ମାରିଲି। ସେ କହିଲା, "ଗାଁରେ ଆଉ ରଜଦୋଳି ଲାଗୁନାହିଁ। ଲଗେଇବ କିଏ ? ଭାଇମାନେ ତ ସବୁ ବାହାରେ ଚାକିରି କଲେ। ଗାଁରେ ପାଞ୍ଚଟା ଦଳ। ଗଲା ଇଲେକଶନଠାରୁ ଉପର ସାହି ଲୋକ ରଜ ପାଇଁ ଚାନ୍ଦା ଦେଲେ ନାହିଁ। ସେମାନେ ମାଇଚିଆ ନଚାଇ ଡିଜେ ବାଜା ବଜେଇଲେ। ଆମ ସାହି ଲୋକେ ତାସ ଖେଳି ରଜ କାଟିଦେଲେ। ଆମେ ଝିଅମାନେ ଟିଭିରେ ରଜ ମଉଜ ଦେଖିଲୁ।"

ଏତିକି ବେଳେ ତା' ଧାନପାଛିଆ ଭିତରୁ ମୋବାଇଲ ବାଜିଉଠିଲା। ସେ ମୋତେ ପଛ କରି ଠିଆହେଲା ଓ ମୋବାଇଲ ଅନ୍ କରି କହିଲା, "ହଁ! ମୁଁ ବିଲରେ ଧାନ ଖୁଣ୍ଟୁଛି। ଆମ ଗାଁ ପଣ୍ଡିତେ, ଯିଏ ଗତବର୍ଷ ମହିଳା ବିକାଶ କଥା କହି ଭାଷଣ ଦେଉଥିଲେ ଏଇଠି ଅଛନ୍ତି। ମୁଁ ପରେ କଥା ହେବି।" ମୋବାଇଲ ବନ୍ଦ କରି ସେ ମୋତେ ଚାହିଁବା ବେଳକୁ ମୁଁ ପଚାରିଲି, "ତୁ ଧାନ ଖୁଣ୍ଟିବା ବେଳେ ବି ମୋବାଇଲ ଧରିଛୁ ? ଆଚ୍ଛା, କିଏ ଫୋନ୍ କରିଥିଲା।" ସେ ତଳକୁ ମୁହଁ ପୋତିଦେଲା। ଗମ୍ଭୀର ହୋଇ କହିଲା, "ବାଘ ଭାଇ ଫୋନ୍ କରିଥିଲା।" ମୁଁ ଜାଣେ ତା'ର ଭାଇ ନାହିଁ। ପଚାରିଲି, "ଏ ବାଘ ଭାଇ କିଏ ?" ଝିଅଟା ଗମ୍ଭୀର ହୋଇ କହିଲା, "ବାଘ ଭାଇ ଆମ ସରପଞ୍ଚ ଦିଦିଙ୍କର ଧରମ ଭାଇ। ସେ ଗୋଟେ ଦଲାଲ। ସେ ଗାଁରୁ ଝିଅମାନଙ୍କୁ ଚାକିରି ଦବା ନାଁରେ କୋଉ ବାହାର ଜାଗାରେ ନେଇ ବିକି ଦେଉଛି। କଥା କଥାକେ ହାଣି ପକେଇବ। ସବୁ ବଡଲୋକ ତା' ହାତରେ। ମୋତେ ବି ଟିଭିରେ ରଜକୁଇନ କରାଇଦେବ ବୋଲି କହି ଭୁବନେଶ୍ୱର ନେଇଥିଲା। ଏବେ ମୋତେ ମଝିରେ ମଝିରେ ଫୋନ୍ କରୁଛି। କହିଲ ବାବୁ! ଆମେ ଗରିବ ଲୋକ ହେଲେ ବି ଆମର ତ ମାନମହତ ଅଛି। ମୋ ରାଣ ବାବୁ ! ଏ କଥା କାହାକୁ କହିବ ନାହିଁ। ନ ହେଲେ ସେ ଆମକୁ ମାରିଦେବ।"

ଉଅଁର, କେନ୍ଦୁଝର, ମୋ-୯୯୩୮୧୧୨୭୧୭

# ପିଟିଆଇ ମାର୍ଗଦର୍ଶକ

ଭାରତର ସର୍ବବୃହତ୍ ଖବର ସରବରାହ ସଂସ୍ଥା ହେଉଛି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)। ଏହାର ମୁଖ୍ୟାଳୟ ନୂଆଦିଲ୍ଲୀ। ୫୦୦ ଭାରତୀୟ ଖବରକାଗଜକୁ ସହଯୋଗ କରିଆସୁଥିବା ଏହି ଅଣଲାଭଦାୟକ ସଂସ୍ଥାରେ ୧୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅଛନ୍ତି। ଦେଶର ଅଧିକାଂଶ ଜିଲା ମୁଖ୍ୟାଳୟରେ ୪୦୦ ସମ୍ବାଦଦାତା ଓ ୫୦୦ ସାମୟିକ ଖବରଦାତା କାର୍ଯ୍ୟ କରୁଛନ୍ତି। ଏପରିକି ବିଶ୍ୱର ବୃହତ୍ ରାଷ୍ଟ୍ରଗୁଡ଼ିକର ରାଜଧାନୀରେ ମଧ୍ୟ ଏହାର କାର୍ଯ୍ୟାଳୟ ରହିଛି। ଇତିହାସ ଦେଖିଲେ, ଆସୋସିଏଟେଡ୍ ପ୍ରେସ୍ ଅଫ୍ ଇଣ୍ଡିଆ (ଏପିଆଇ) ୧୯୦୫ରେ ଗଠିତ ହୋଇଥିଲା। ୧୯୧୯ରେ ରଏଟର ଏହାର ପରିଚାଳନା ଭାର ଗ୍ରହଣ କରିଥିଲା। କିନ୍ତୁ ସ୍ୱାଧୀନତା ପରେ ୧୯୪୭ ଅଗଷ୍ଟ ୨୭ରେ ପିଟିଆଇ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ)ଠାରେ କାର୍ଯ୍ୟ ଆରମ୍ଭ କରିଥିଲା। ୧୯୪୯ ଫେବୃୟାରୀ ୧ରେ ଏପିଆଇର ପରିଚାଳନା ଦାୟିତ୍ୱ ପିଟିଆଇ ନେବା ସହ ରଏଟର ସହ ଯୋଗାଯୋଗ ରକ୍ଷା କରି କାର୍ଯ୍ୟ କରିଚାଲିଛି। ଦେଶ ବାହାରେ ଥିବା ଆସୋସିଏଟେଡ୍ ପ୍ରେସ୍, ଦି ନ୍ୟୁୟର୍କ ଟାଇମ୍ସ, ବ୍ଲୁମ୍‌ବର୍ଗ ସମେତ ୧୦୦ ବିଶ୍ୱସ୍ତରୀୟ ଖବର ସରବରାହ ସଂସ୍ଥା ସହ ପିଟିଆଇ ଖବର ଓ ସୂଚନା ଆଦାନପ୍ରଦାନ କରୁଛି। ଭାରତରେ ଦି ହିନ୍ଦୁ, ଟାଇମ୍ସ ଅଫ୍ ଇଣ୍ଡିଆ, ଦି ଇଣ୍ଡିଆନ୍ ଏକ୍ସପ୍ରେସ୍, ଦି ହିନ୍ଦୁସ୍ତାନ ଟାଇମ୍ସ, ଦି ଷ୍ଟେଟ୍ସମ୍ୟାନ୍, ଦି ଟ୍ରିବ୍ୟୁନ୍, ଆକାଶବାଣୀ ଓ ଦୂରଦର୍ଶନ ଭଳି ଜଣାଶୁଣା ଗଣମାଧ୍ୟମ ସହ ଅସଂଖ୍ୟ ଆଞ୍ଚଳିକ ଖବରକାଗଜ ସଂସ୍ଥା ପିଟିଆଇର ଗ୍ରାହକ ଅଛନ୍ତି। ଖବର ଓ ସୂଚନା ଦେବା ଦିଗରେ ଦକ୍ଷିଣ ଏସିଆର ଏକମାତ୍ର ଖବର ସରବରାହ ସଂସ୍ଥା ଭାବେ ଏହାର ନିଜସ୍ୱ ଯୋଗାଯୋଗ ଉପଗ୍ରହ ରହିବା ଉଲ୍ଲେଖଯୋଗ୍ୟ। ତେଣୁ ଏହାର ବିଶ୍ୱସନୀୟତାକୁ ବଜାୟ ରଖିବା ଦିଗରେ ଅନୁଷ୍ଠାନର ମୁଖ୍ୟଙ୍କ ରହିଛି ଗୁରୁଦାୟିତ୍ୱ। ୨୦୧୮ ସେପ୍ଟେମ୍ବର ୨୯ରେ ଏଭଳି ଏକ ମର୍ଯ୍ୟାଦାଜନକ ତଥା ନିର୍ଭରଯୋଗ୍ୟ ସଂସ୍ଥାର ଅଧ୍ୟକ୍ଷ ଭାବେ ବିଶିଷ୍ଟ ସାମ୍ବାଦିକ ଏନ୍. ରବି ନିର୍ବାଚିତ ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିବା ସ୍ୱାଭାବିକ।

**ବ୍ୟକ୍ତିତ୍ୱ**



ଏନ୍. ରବି

ରବି ୧୯୪୮ ଜାନୁୟାରୀ ୧ରେ ମାଡ୍ରାସଠାରେ ଜନ୍ମଗ୍ରହଣ କରିଥିଲେ। ସେ ନାମକରା ସାମ୍ବାଦିକ ଜି. ନରସିଂହଙ୍କ କନିଷ୍ଠ ପୁତ୍ର। ଅନ୍ୟ ଦୁଇ ଭାଇ ହେଲେ ଏନ୍. ରାମ (ଦି ହିନ୍ଦୁ ଖବରକାଗଜ ପ୍ରକାଶ କରୁଥିବା କସ୍ତୁରି ଆଣ୍ଡ୍ ସନ୍ସ ଲିମିଟେଡ୍‌ର ଅଧ୍ୟକ୍ଷ) ଓ ଏନ୍. ମୁରଲୀ (ସଂସ୍ଥାର ସହ-ଅଧ୍ୟକ୍ଷ)। ରବି ଅର୍ଥନୀତିରେ ସ୍ନାତକୋତ୍ତର କରିବା ସହ ଆଇନ ବିଦ୍ୟାରେ ଡିଗ୍ରୀ ଅର୍ଜନ କରିଛନ୍ତି। ସାମ୍ବିଧାନିକ ଓ ଅନ୍ତର୍ଜାତୀୟ ଆଇନରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ୨୦୦୦ ମସିହାରେ ହାର୍ଭାର୍ଡ ଲ' ସ୍କୁଲ ଫେଲୋ, ୨୦୦୪ରେ ହାର୍ଭାର୍ଡ ୟୁନିଭର୍ସିଟି ଫେଲୋ ରହିଥିବା ରବି ୨୦୧୩ରେ ରଏଟର୍ସ ଇନ୍‌ଷ୍ଟିଚ୍ୟୁଟ ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଅଧୀନ ସେଣ୍ଟ ଆଣ୍ଟୋନୀ କଲେଜରେ ଭିଜିଟିଂ ଫେଲୋ ହେବାରେ ଗୌରବ ଅର୍ଜନ କରିଥିଲେ। ତାଙ୍କ ସାମ୍ବାଦିକତା କ୍ୟାରିୟର ୧୯୭୨ରେ 'ଦି ହିନ୍ଦୁ'ରୁ ଆରମ୍ଭ ହୋଇଥିଲା। ସେଥିରେ ସେ ଖବରଦାତା, ସମ୍ପାଦକୀୟ ଲେଖକ, ୱାଶିଂଟନ ସମ୍ବାଦଦାତା, ଡେପୁଟୀ ଏଡିଟର, ଆସୋସିଏଟ୍ ଏଡିଟର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଏହାର ସମ୍ପାଦକ ଏବଂ ମୁଖ୍ୟ ସମ୍ପାଦକ ପଦକୁ ଉନ୍ନୀତ ହୋଇଥିଲେ।

ରବି ସାମ୍ବାଦିକତାର ପ୍ରତ୍ୟେକ କ୍ଷେତ୍ରରେ କିଭଳି ଉତ୍କର୍ଷ ପ୍ରତିପାଦନ କରିହେବ ସେହି ଦିଗରେ କାର୍ଯ୍ୟ କରିଚାଲିଛନ୍ତି। ବିଭିନ୍ନ ଅନ୍ତର୍ଜାତୀୟ ସମ୍ମିଳନୀ ବିଶେଷକରି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ସହ ଗସ୍ତ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସାମ୍ବିଧାନିକ, ରାଜନୈତିକ, ଅର୍ଥନୈତିକ, ବାକ୍‌ସ୍ୱାଧୀନତା, ମାନବ ଅଧିକାର ପ୍ରସଙ୍ଗ ସହ ଭାରତ-ଆମେରିକା ସମ୍ପର୍କ ଉପରେ ଲେଖିବାରେ ସେ ଅଧିକ ପସନ୍ଦ କରିଥାନ୍ତି। ତାଙ୍କ ଲେଖାଗୁଡ଼ିକ ପାଠକାଦୃତ ହୋଇ ବହୁ ପ୍ରଶଂସା ସାଉଁଟିଛି। ସେଥିପାଇଁ ସେ ସାମ୍ବାଦିକତା ବୃତ୍ତିରେ ଜି. କେ. ରେଡ୍ଡୀ ମେମୋରିଆଲ ଆୱାର୍ଡଠାରୁ ଆରମ୍ଭ କରି ତିରୁପତିସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ପାଇଛନ୍ତି। ଆଜିର ସୋସିଆଲ ମିଡିଆର ପ୍ରାବଲ୍ୟ ଯୋଗୁ ମିଛ ଖବର ଓ ବିଭିନ୍ନ ଗଣମାଧ୍ୟମରେ ପେଡ୍ ନ୍ୟୁଜ୍ ସ୍ଥାନ ଜମାଇ ସାରିଲାଣି ବୋଲି ବାରମ୍ବାର ଅଭିଯୋଗ ହେଉଛି। ଏଭଳି ସ୍ଥଳେ ଅଭିଜ୍ଞ ତଥା ଅନୁଭବୀ ସମ୍ପାଦକ ରବିଙ୍କ ମାର୍ଗଦର୍ଶନରେ ପିଟିଆଇ ତା'ର ବିଶ୍ୱସନୀୟତା ବଜାୟ ରଖି ଅଗ୍ରସର ହେବ ବୋଲି ଆଶା କରାଯାଏ।

-ଜିତେନ୍ଦ୍ର

## ଏଇ ଭାରତରେ

ହାଇଦ୍ରାବାଦରେ ଅନେକ ଐତିହାସିକ ସ୍ମାରକୀ ସ୍ଥଳ ଏବଂ ମସ୍‌ଜିଦ୍ ରହିଛି। ଐତିହ୍ୟସ୍ଥଳ ବିଶେଷଜ୍ଞଙ୍କ କହିବାନୁଯାୟୀ, ଏଠାରେ ବିଶ୍ୱର ସବୁଠୁ ଛୋଟ ମସ୍‌ଜିଦ୍‌ଟିଏ ରହିଛି। ଏହା ଜିନ୍ ମସ୍‌ଜିଦ୍ ନାମରେ ପରିଚିତ। ପ୍ରାୟତଃ ୪୦୦ବର୍ଷ ତଳେ ଏହା ନିର୍ମାଣ କରାଯାଇଥିଲା ବୋଲି ଅନୁମାନ କରାଯାଏ। କିଶାନ୍ ବାଗ୍‌ସ୍ଥିତ ଏହି ମସ୍‌ଜିଦ୍‌ଟି ଅବହେଳିତ ଅବସ୍ଥାରେ ପଡିରହିଛି। ଏଥିପ୍ରତି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଶୁଭଦୃଷ୍ଟି ପଡିନାହିଁ। ଏହି ମସ୍‌ଜିଦ୍‌ର କ୍ଷେତ୍ରଫଳ ୧୦ ବର୍ଗମିଟରଠୁ ବି କମ୍ ବୋଲି ଡେକାନ୍ ହେରିଟେଜ୍‌ର ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ମହମ୍ମଦ ସଫିଉଲ୍ଲା ପ୍ରକାଶ କରିଛନ୍ତି। ଏକ ପର୍ବତ ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଖୁବ୍ କମ୍ ସଂଖ୍ୟକ ଭକ୍ତ ଏଠାକୁ ପରିଦର୍ଶନ ଉଦ୍ଦେଶ୍ୟରେ ଯାଇଥାନ୍ତି। ଏହି ଐତିହାସିକ ସ୍ମାରକୀ ସ୍ଥଳର ସୁରକ୍ଷା ପାଇଁ ଏଥିସହ ଜଡିତ ଗୋଟିଏ ଗୋଷ୍ଠୀ ପଦକ୍ଷେପ ନେଇଛି। ସଫିଉଲ୍ଲାଙ୍କ କହିବାନୁଯାୟୀ, ଭୋପାଳ ମସ୍‌ଜିଦ୍ ଅପେକ୍ଷା ଜିନ୍ ମସ୍‌ଜିଦ୍‌ର ଆକୃତି ଛୋଟ। କାରଣ ଭୋପାଳ ମସ୍‌ଜିଦ୍ ୧୬ ବର୍ଗମିଟର ବିଶିଷ୍ଟ ହୋଇଥିବା ବେଳେ ଏହାର କ୍ଷେତ୍ରଫଳ ୧୦ ବର୍ଗମିଟରରୁ ବି କମ୍। ଏହାକୁ ବିଶ୍ୱର ସବୁଠୁ ଛୋଟ ମସ୍‌ଜିଦ୍‌ର ମାନ୍ୟତା ଦେବାକୁ ଅପେକ୍ଷା କରାଯାଇଥିବା ସଫିଉଲ୍ଲା ପ୍ରକାଶ କରିଛନ୍ତି। ଏଠାରେ ମାତ୍ର ୮ରୁ ୧୦ଜଣ ବ୍ୟକ୍ତି ପ୍ରାର୍ଥନା କରିପାରିବେ। ବାସ୍ତବରେ ଏହି ମସ୍‌ଜିଦ୍ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଲେ ଏଠାକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇପାରନ୍ତା।

## ଚିରନ୍ତନୀ

ଅନ୍ତରେ ଲହୁ ବାହାରେ ରକ୍ତରାଶି,
ରକତର ଶିଶୁ କାହିଁ ଯିବି ମୁଁ ଗୋ ଭାସି !
କି ବାରତା ଆସେ କାହିଁ ସେ ଉଛରେ,
କ୍ଷୀଣତର ହୋଇ ମରମେ ସଞ୍ଚରେ,
କି ପୁଲକ ବ୍ୟଥା ପରାଣେ ଲାଗେ ପରାସି
ରଙ୍ଗାଏ ମୋର ସଞ୍ଚିତ ବ୍ୟଥାରାଶି।
ସେ କିବା ମୋହର ପ୍ରଥମ ଆଲୋକ-କଥା
ଅନନ୍ତ ଯୁଗର ଆଦିମ ଏକ ବାରତା
ପ୍ରାଚୀନତମ ସେ ପ୍ରାଣର ପରାସ
ଅସୀମ କାଳର ଏକ ଇତିହାସ,
ଅତଳୁଁ ଅତଳେ ଲୁଚିଛି କାହିଁ ସେ ବ୍ୟଥା
ସଞ୍ଜ ଆକାଶେ ଶୁଣିଲି ଆଜି ଯେ କଥା !
(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ସେପ୍ଟେମ୍ବର ୧୯୯୩

- ଜାତୀୟ ଓ ରାଜ୍ୟସ୍ତରରେ ମାନବିକ ଅଧିକାର ସୁରକ୍ଷା ପାଇଁ ଏକ ଜାତୀୟ ମାନବିକ ଅଧିକାର କମିଶନ ଗଠନ ଲାଗି ରାଷ୍ଟ୍ରପତିଙ୍କ ଅଧ୍ୟାଦେଶ।
- ଯୁକ୍ତରାଷ୍ଟ୍ର ଆମେରିକା ସୋମାଲିଆରୁ ତା'ର ୨୫ଶହ ସେନା ଫେରାଇଆଣିବା ନେଇ ଘୋଷଣା।
- ଜନତା ଦଳ, ଜନତା ଦଳ ଅଜିତ ଗୋଷ୍ଠୀ ଓ ସମାଜବାଦୀ ଜନତା ପାର୍ଟିର ଆଜି ଆନୁଷ୍ଠାନିକ ଭାବେ ମିଶ୍ରଣ ଘଟିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ପିତୃଦେବୋ ଭବ, ମାତୃଦେବୋ ଭବ

ମହାଶୟ,

ଆଗ କାଳରେ ଯୌଥ ପରିବାର ଯୋଗୁ ବାପା, ମା, ଭାଇ, ଭଉଣୀ, ପୁଅ, ବୋହୂ ସମସ୍ତେ ଏକାଠି ରହି ପରିବାରର ସୁଖଦୁଃଖରେ ନିଜକୁ ସାମିଲ କରୁଥିଲେ। ଏବେ କିନ୍ତୁ ପୁଅବୋହୂମାନେ ବୃଦ୍ଧ ମାତାର ପ୍ରେମ, ପିତାର ବାତ୍ସଲ୍ୟ, ଗୁରୁଜନଙ୍କ ଶିକ୍ଷାକୁ ପଛରେ ପକାଇଦେଇ ରୋଜଗାର ଲକ୍ଷ୍ୟରେ ସେମାନଙ୍କୁ ଏକୁଟିଆ ଘରେ ଛାଡି ବାହାରକୁ ଚାଲିଯାଉଛନ୍ତି। ଫଳରେ ସେମାନଙ୍କ ଆଖିରୁ ସବୁଦିନ ଲୁହ ଝରୁଛି। ଏ ପରିପ୍ରେକ୍ଷୀରେ ଅଧ୍ୟାପକ ଡ. ଭାରତଭୂଷଣ ରଥଙ୍କ ଲେଖା 'ପିତୃଦେବୋ ଭବ, ମାତୃଦେବୋ ଭବ' (ଧରିତ୍ରୀ, ୨୯।୮) ଅତି ଶିକ୍ଷଣୀୟ। ସମସ୍ତ ପଥହରା ପୁଅବୋହୂଙ୍କୁ ଅନୁରୋଧ ଏହା ପାଠ କରନ୍ତୁ ଏବଂ ବେଳ ଥାଉ ଥାଉ ସୁଧୁରିଯାଆନ୍ତୁ, ମଙ୍ଗଳ ହେବ।

କାହ୍ନୁଚରଣ ସାହୁ, ରାମଚନ୍ଦ୍ରପୁର ବଜାର, ଜଟଣୀ, ଖୋର୍ଦ୍ଧା

### ଫାଷ୍ଟଫୁଡ୍ ବନାମ ପଖାଳ

ମୋ ଝିଅ ପ୍ରଚୁର ପରିମାଣରେ ଫାଷ୍ଟଫୁଡ୍ ଖାଏ- ଚାଓମିନ, ଗୁପ୍‌ଚୁପ୍, ଚିକେନ ପକୋଡା, ଏଗ୍‌ରୋଲ, କୁର୍‌କୁରି, ଲେଜ୍, ମାଗି ନୁଡୁଲ୍ସ ଇତ୍ୟାଦି। ଫଳରେ ମୋଟା ହୋଇଗଲା। ଦେହ ବିନ୍ଧିଲା। ଡାକ୍ତରଙ୍କ ପାଖକୁ ନେଲୁ। ଡାକ୍ତର କହିଲେ, ଏହିସବୁ ଖାଦ୍ୟ ଖାଇବା ପୂରାପୂରି ବନ୍ଦ କରିଦିଅ। ସେଥିପାଇଁ ବୋଧହୁଏ ମୋ ମା' ବର୍ତ୍ତମାନ ଅଶୀବର୍ଷ ବୟସରେ ସକାଳେ ଠାକୁର ପୂଜା ସାରି ପଖାଳ ଖାଏ ଓ ରାତିରେ ମଧ୍ୟ ପଖାଳ ଖାଏ। ଭୋର ପାଞ୍ଚଟାରେ ଉଠି ବାଡିବଗିଚାରେ ଥିବା ଗଛରୁ ଫୁଲ ତୋଳେ ଠାକୁରଙ୍କ ପୂଜା ପାଇଁ। ଅଗଣାରେ ଗୋବର ପାଣି ଛିଞ୍ଚି ଝାଡୁ (ପହଁରା)ରେ ଓଳାଇଥାଏ। ସେତେପର୍ଯ୍ୟନ୍ତ ଆମ ଘରର ଅନ୍ୟ ମହିଳା ସଦସ୍ୟା ଶଯ୍ୟା ତ୍ୟାଗ କରି ନ ଥାନ୍ତି। ମୋ ମା' ଏ ବୁଢ଼ୀ ବୟସରେ ବି ଯେମିତି ସୁସ୍ଥ ଓ କର୍ମଠ ଅଛି, ଆଜିକାଲିକା ମାଆମାନଙ୍କଠାରେ ତାହା ଦେଖିବାକୁ ମିଳୁଛି କି ?

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ପିଏମ୍‌ଏଓ୍ୱାଇ-ଜି'ରେ ମିଳିବନି ଘର

ଭୁବନେଶ୍ୱର,୨୯।୯(ବ୍ୟୁରୋ)

## ଇନ୍ଦିରା ଆବାସ ହିତାଧିକାରୀଙ୍କୁ ଝଟକା

- କେନ୍ଦ୍ର ସାଜିଛି ବାଧକ
- ଟାର୍ଗେଟ ପୂରଣ ନେଇ ଅଡୁଆରେ ରାଜ୍ୟ ସରକାର
- ମିଳୁନି କିସ୍ତି



ଇନ୍ଦିରା ଆବାସ ଯୋଜନା (ଆଇଏଓ୍ୱାଇ)ରେ ଘର ପାଇଥିବା ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ। ୧୬ ବର୍ଷ ପୂର୍ବରୁ ଯେଉଁ ହିତାଧିକାରୀ ଗୃହ ନିର୍ମାଣ କରିଥିଲେ ତାହା ଏବେ ନଷ୍ଟ ହେବାକୁ ବସିଲାଣି। ପଞ୍ଚାୟତିରାଜ ବିଭାଗ ହିସାବ ଅନୁଯାୟୀ, ପ୍ରାୟ ୫ଲକ୍ଷ ଘର ଏଭଳି ପରିସ୍ଥିତିରେ ରହିଛି। ତେବେ ପକ୍କାଘର ଯୋଜନାରେ ସେମାନଙ୍କୁ ଆଉ ନୂଆଘର ମିଳିବ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ଗ୍ରାମୀଣ(ପିଏମ୍‌ଏଓ୍ୱାଇ-ଜି) ସହ ବିଜୁ ପକ୍କାଘର, ଖଣି ଅଞ୍ଚଳ ପକ୍କାଘର, ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ ଯୋଜନାରୁ ସେହି ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ଏଥିସହିତ ଯେଉଁ ହିତାଧିକାରୀମାନେ ଦୁଇ ତିନୋଟି କିସ୍ତି ନେଇ ଅଧା ନିର୍ମାଣ କରି ଘର ପକାଇଛନ୍ତି, ସେମାନେ ମଧ୍ୟ ଏଥିରୁ ବଞ୍ଚିତ ହୋଇଛନ୍ତି। ଘର ଭାଙ୍ଗିଯାଇଥିବା ଗରିବ ଲୋକମାନଙ୍କୁ ପୁଣି ଘର ଯୋଗାଇଦେବା କିମ୍ବା ସହାୟତା କରିବା ପାଇଁ ଉକ୍ତ ଯୋଜନାରେ କୌଣସି ବ୍ୟବସ୍ଥା ନାହିଁ। ଏହାକୁ ନେଇ ଗରିବ ପୁରୁଣା ହିତାଧିକାରୀମାନେ ଚିନ୍ତାରେ ପଡିଛନ୍ତି। ଏ ନେଇ ପିଏମ୍‌ଏଓ୍ୱାଇ-ଜିରେ କୌଣସି ବ୍ୟବସ୍ଥା ନ ଥିବାରୁ ଆଉ ସେମାନଙ୍କୁ ନୂଆଘର ମିଳିବ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଘର ନିର୍ମାଣ ପାଇଁ ଅର୍ଥ ଦେଉ ନ ଥିବାରୁ ରାଜ୍ୟରେ ପିଏମ୍‌ଏଓ୍ୱାଇ-ଜି ଟାର୍ଗେଟ ପୂରଣ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି।

ରାଜ୍ୟରେ କୌଣସି ଗରିବ ଲୋକ କଚ୍ଚାଘରେ ରହିବେ ନାହିଁ। ସମସ୍ତଙ୍କୁ ମିଳିବ ପକ୍କାଘର। ୨୦୨୨ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ପକ୍କାଘର ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ର ସରକାରଙ୍କ ପିଏମ୍‌ଏଓ୍ୱାଇ-ଜି ସହ ବିଜୁ ପକ୍କାଘର, ଖଣି ଅଞ୍ଚଳ ପକ୍କାଘର, ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ ଯୋଜନାରେ ଏହି ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ପକ୍କାଘର ନିର୍ମାଣ ଗରିବଙ୍କୁ ଆଶ୍ୱସ୍ତ କରିବା ବଦଳରେ ବୋଝ ପାଲଟିଲାଣି। କେନ୍ଦ୍ର ଅଂଶଧନ ମିଳୁ ନ ଥିବାରୁ ରାଜ୍ୟ ସରକାର ହିତାଧିକାରୀଙ୍କୁ କିସ୍ତି ଦେଇପାରୁ ନାହାନ୍ତି। କେନ୍ଦ୍ର ସରକାର ଓଡ଼ିଶାକୁ ନିଜର ଅଂଶଧନ ଦେଉ ନ ଥିବାରୁ ଏଭଳି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ନିଜ ଅଂଶଧନ ଭରଣା କରିବା ପରେ ହିତାଧିକାରୀଙ୍କୁ ବାକି କିସ୍ତି ଦେଇପାରୁ ନ ଥିବାରୁ ଗୃହ ନିର୍ମାଣ ଏକପ୍ରକାର ବନ୍ଦ ହେବାକୁ ବସିଲାଣି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମ୍‌ଏଓ୍ୱାଇ-ଜି) ବାବଦରେ ଟଙ୍କାଟିଏ ଦେଇନାହାନ୍ତି। ୬ ମାସ ବିତିବାକୁ ବସିଥିଲେ ସୁଦ୍ଧା ପ୍ରଥମ କିସ୍ତି ମିଳିନାହିଁ। ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ପିଏମ୍‌ଏଓ୍ୱାଇ-ଜିରେ ୨ ଲକ୍ଷ ୫୫ ହଜାର ୯୯୮ ଘର ନିର୍ମାଣ କରିବାକୁ ଓଡ଼ିଶା ସରକାରଙ୍କୁ ଟାର୍ଗେଟ ଦେଇଛନ୍ତି। ଏହାକୁ ମିଶାଇ ରାଜ୍ୟ ସରକାର ଅନ୍ୟାନ୍ୟ ଯୋଜନାରେ ଚଳିତ ବର୍ଷ ୭ ଲକ୍ଷ ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଏପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ୫ ଲକ୍ଷ ୬୫ ହଜାର ଘର କିସ୍ତି ଅଭାବରୁ ଅଧାପନ୍ତରିଆ ହୋଇ ରହିଛି। କେନ୍ଦ୍ର ସରକାର ୨୦୧୮-୧୯ ଲାଗି ପିଏମ୍‌ଏଓ୍ୱାଇ-ଜି ପାଇଁ ନିଜ ଅଂଶଧନ ୬୦ ପ୍ରତିଶତ ହିସାବରେ ଗତ ଏପ୍ରିଲ ସୁଦ୍ଧା ପ୍ରଥମ କିସ୍ତି ୯୭୨ କୋଟି ଓ ଦ୍ୱିତୀୟ କିସ୍ତି ସେପ୍ଟେମ୍ବର ସୁଦ୍ଧା ଆଉ ୯୭୨ କୋଟି ଟଙ୍କା ମିଳିବା କଥା। ରାଜ୍ୟ ସରକାର ଏ ନେଇ ବାରମ୍ବାର କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ଚିଠି ଲେଖିଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। କେନ୍ଦ୍ର ସରକାର ତୁରନ୍ତ କିସ୍ତି ନ ଦେଲେ ଘର ନିର୍ମାଣ ଏକପ୍ରକାର ବନ୍ଦ ହେବା ଆଶଙ୍କା ସୃଷ୍ଟି ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ନିଜ ଅଂଶଧନ ୪୦ ପ୍ରତିଶତ ହିସାବରେ ୪୮୦ କୋଟି ଖର୍ଚ୍ଚ କରି ଚଳିତ ବର୍ଷ ଧାର୍ଯ୍ୟ ଲକ୍ଷ୍ୟର ୭୨ ହଜାର ୫୦୫ ଗୃହ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରି ଟାର୍ଗେଟ ପୂରଣ କରିବାକୁ ଆଣ୍ଟୁଗଣ୍ଠି ଛିଣ୍ଡାଉ ଥିବା ବେଳେ କେନ୍ଦ୍ରର ଅସହଯୋଗ ପକ୍କାଘର ନିର୍ମାଣରେ ଏକ ବିରାଟ ବାଧକ ହୋଇଛି।

ଅନ୍ୟପକ୍ଷରେ ଇନ୍ଦିରା ଆବାସ ଯୋଜନାରେ ପକ୍କାଘର ପାଇଥିବା ହିତାଧିକାରୀଙ୍କୁ ନେଇ ସରକାର ଅଡୁଆରେ ପଡିଛନ୍ତି। ୨୦୧୩-୧୪ ଏବଂ ୧୪-୧୫ରେ ଯେଉଁ ଦାରିଦ୍ର୍ୟ ସୀମାରେଖା (ବିପିଏଲ)ତଳେ ଥିବା ହିତାଧିକାରୀଙ୍କୁ ଗୃହ ବଣ୍ଟନ କରାଯାଇଥିଲା ସେମାନଙ୍କ ମଧ୍ୟରୁ ୪୦ ହଜାର ଗୃହ ନ କରି ଅଧାରେ ଛାଡ଼ି ଦେଇଛନ୍ତି। ଫଳରେ ସେହି ଗରିବ ହିତାଧିକାରୀମାନେ ଏବେ ତ୍ରିଶଙ୍କୁ ଅବସ୍ଥାରେ ରହିଛନ୍ତି। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ସାମିଲ କରାଯାଇ ପାରୁନାହିଁ କିମ୍ବା ସେମାନେ ନିଜ ଅର୍ଥରେ ପକ୍କାଘର ନିର୍ମାଣ କରିପାରୁ ନାହାନ୍ତି। ସେହି ହିତାଧିକାରୀ ନେଇଥିବା କିସ୍ତି ଅର୍ଥ ଫେରାଇବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନୋଟିସ ଦିଆଯାଉଥିଲେ ମଧ୍ୟ ଅର୍ଥ ଫେରାଉନାହାନ୍ତି କିମ୍ବା ଗୃହ ନିର୍ମାଣ କରୁନାହାନ୍ତି। ସେମାନଙ୍କ ମଧ୍ୟରୁ କେତେକ କେବଳ ପ୍ଲିନ୍ଥ କରି ଛାଡିଦେଇଥିବା ବେଳେ ଆଉ କେତେକ ଘର ଆରମ୍ଭ ନ କରି କିସ୍ତି ଅର୍ଥକୁ ଅନ୍ୟଆଡେ ଖର୍ଚ୍ଚକରି ଦେଇଛନ୍ତି। ଇନ୍ଦିରା ଆବାସ ଯୋଜନା ପରିବର୍ତ୍ତନ କରାଯାଇ ଭାଜପା ପରିଚାଳିତ ଏନ୍‌ଡିଏ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରିଛନ୍ତି। ସେହି ଯୋଜନାରେ ପକ୍କାଘର ୟୁନିଟ୍ ମୂଲ୍ୟ ମଧ୍ୟ ବୃଦ୍ଧି ହୋଇଛି। ୨୦୧୦-୧୧ରେ ଆଇଏଓ୍ୱାଇରେ ୟୁନିଟ୍ ମୂଲ୍ୟ ୪୫ ହଜାରରୁ ୭୫ ହଜାରକୁ ବୃଦ୍ଧି କରାଯାଇଥିଲା। ପିଏମ୍‌ଏଓ୍ୱାଇ କାର୍ଯ୍ୟକାରୀ ହେବା ପରେ ୟୁନିଟ୍ ମୂଲ୍ୟ ଆଇଏପି ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଦିଆଯାଉଥିବା ବେଳେ ଅଣ ଆଇଏପିରେ ୟୁନିଟ ପିଛା ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯାଉଛି। ଏହାଛଡ଼ା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଯଥାକ୍ରମେ ୯୫ ଓ ୯୦ ଦିନର ମଜୁରି ବାବଦରେ ୧୫ରୁ ୧୬ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏତଦ୍‌ବ୍ୟତୀତ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ତିଆରି କରିବାକୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ଯେଉଁ ହିତାଧିକାରୀ ୪ ମାସରେ ଘର ଶେଷ କରିବେ, ତାଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ୨୦ ହଜାର ଓ ୬ ମାସରେ ଶେଷ କଲେ ୧୦ ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୪-୧୫ଠାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୧୯ ଲକ୍ଷ ୪୩ ହଜାର ୩୨୪ ପକ୍କାଘର ନିର୍ମାଣ ଶେଷ ହୋଇଛି। ୨୦୧୭-୧୮ରେ ରାଜ୍ୟରେ ୬ ଲକ୍ଷ ୨୧ ହଜାର ୧୨୧ଟି ଘର ନିର୍ମାଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ୧ ଲକ୍ଷ ୪୫ ହଜାର ୭୬୯ଟି ଗୃହ ନିର୍ମାଣ ହୋଇସାରିଛି। ଅବଶିଷ୍ଟ ଗୃହ ଆସନ୍ତା ମାର୍ଚ୍ଚ ପୂର୍ବରୁ ଶେଷ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ବିଜୁ ପକ୍କାଘର ଯୋଜନାରେ ଚଳିତ ବର୍ଷ ୨୯ ହଜାର ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୧ ହଜାର ୬୪୪ଟି ଗୃହ ନିର୍ମାଣ ହୋଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଷଣ୍ଢ ଖଦା କଲେ ତନ୍ତୀ ଘର ବନ୍ଧା ।**

ନିରୀହ, ଦୁର୍ବଳ ତଥା ସାଧାରଣ ମଣିଷ ବିନା ଦୋଷରେ ଦଣ୍ଡିତ ହେଉଥିବା ବେଳେ ଚାଲାକ ବା ଧୂର୍ତ୍ତ ପ୍ରକୃତିର ବ୍ୟକ୍ତି ନାନା ଅପରାଧ ଘଟାଇ ଅନାୟାସରେ ଖସି ଚାଲି ଯାଉଥିବାର ଦେଖିବାକୁ ମିଳିଥାଏ। ଆଜିର ଯୁଗରେ ଏହା ହିଁ ରୀତି କହିଲେ ଅତ୍ୟୁକ୍ତି ହେବନାହିଁ। ଅନେକ ସମୟରେ ଟାଣୁଆ, ବଳଶାଳୀ ବ୍ୟକ୍ତିର ଦୋଷ ଦୁର୍ବଳତାକୁ ଜୋରକରି ସରଳ ପ୍ରକୃତିର ବ୍ୟକ୍ତିଙ୍କ ଉପରେ ଲଦି ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଷାଠିଏ ଟଙ୍କାର ଅଳକା**
**ତାକୁ ଦେଖି ଦେଖି ହେଲି ଜଳକା ।**

ସ୍ତ୍ରୀଲୋକମାନଙ୍କର ମୁଣ୍ଡର ଅଳଙ୍କାରକୁ ଅଳକା କୁହାଯାଇଥାଏ। ସାଧାରଣତଃ ମହିଳାମାନେ ଅଳଙ୍କାର ପ୍ରିୟ ହୋଇଥାନ୍ତି। ଅଳଙ୍କାରରେ ନିଜକୁ ଆଭୂଷିତ କରାଇ ଅନ୍ୟଆଗରେ ନିଜ ରୂପ ଗୁଣକୁ ନେଇ ପ୍ରଶଂସା କରିବାରେ ହେଳା କରି ନ ଥାନ୍ତି। ମୁଣ୍ଡରେ ସାମାନ୍ୟ ଅଳଙ୍କାର ପିନ୍ଧି ଅନ୍ୟଆଗରେ ନିଜକୁ ଦେଖେଇ ହେଉଥିବା ବେଳେ ମହିଳାଙ୍କ ଏପରି ଛଇଛଟକି ଦେଖି ଆଖି ତଟସ୍ଥ ହୋଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମିଶ୍ରଣକୁ ବ୍ୟାଙ୍କ ଅଫ୍ ବରୋଦା, ବିଜୟା ବ୍ୟାଙ୍କ ବୋର୍ଡର ମଞ୍ଜୁରୀ

ନୂଆଦିଲ୍ଲୀ,୨୯।୯

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ ବରୋଦା ଏବଂ ବିଜୟା ବ୍ୟାଙ୍କ ବୋର୍ଡ ଶନିବାର ସ୍ୱତନ୍ତ୍ର ବୈଠକରେ ବସି ଦେନା ବ୍ୟାଙ୍କ ସହ ମିଶ୍ରଣକୁ ଅନୁମୋଦନ କରିଛନ୍ତି। ଏହି ମିଶ୍ରଣ ପରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କ୍ଷେତ୍ରରେ ଦେଶରେ ଦ୍ୱିତୀୟ ଏବଂ ବ୍ୟାଙ୍କିଙ୍ଗ ସେକ୍ଟରରେ ତୃତୀୟ ବ୍ୟାଙ୍କ ହୋଇଯିବେ। ଏଥିପୂର୍ବରୁ କେନ୍ଦ୍ର ସରକାର ବିଜୟା ବ୍ୟାଙ୍କ, ଦେନା ବ୍ୟାଙ୍କକୁ ବ୍ୟାଙ୍କ ଅଫ ବରୋଦା ସହ ମିଶାଇ ଦେବାକୁ ଘୋଷଣା କରିଥିଲେ। ଉକ୍ତ ଦୁଇଟି ବ୍ୟାଙ୍କ ବୋର୍ଡ ତାହାକୁ ଅନୁସରଣ କରି ନିଜର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସେମାନେ ଷ୍ଟକ ଏକ୍ସଚେଞ୍ଜକୁ ଜଣାଇ ଦେଇଛନ୍ତି।

# ୫.୮ କୋଟି ବରିଷ୍ଠ ନାଗରିକ ପେନ୍‌ସନରୁ ବଞ୍ଚିତ

ନୂଆଦିଲ୍ଲୀ,୨୯।୯

ଦେଶରେ ୫.୮କୋଟି ବରିଷ୍ଠ ନାଗରିକ ପେନ୍‌ସନ ଅଥବା ଅନ୍ୟ କୌଣସି ସହାୟତା ପାଉନାହାନ୍ତି। ସିଭିଲ ସୋସାଇଟି ସଂଗଠନ ପେନସନ ପରିଷଦ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି।

ଭାରତରେ ପେନ୍‌ସନର ସ୍ଥିତି ରିପୋର୍ଟ-୨୦୧୮ ସମ୍ପର୍କରେ ଉଲ୍ଲେଖ କରି ଅର୍ଥନୈତିକ ବିଶେଷଜ୍ଞ ପ୍ରଭାତ ପଟ୍ଟନାୟକ କହିଛନ୍ତି ଯେ, ବରିଷ୍ଠ ନାଗରିକଙ୍କ ଆୟ ସୁରକ୍ଷା ସୁନିଶ୍ଚିତ କରିବା ଭଳି ପ୍ରମୁଖ ଯୋଜନା ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ସାମାଜିକ ସହାୟତା(ଆଇଜିଏନଓଏପିଏସ୍) କାର୍ଯ୍ୟକ୍ରମ ଅନ୍ତର୍ଗତରେ କେନ୍ଦ୍ର ସରକାର ଜିଡିପିର ମାତ୍ର ୦.୦୪ ପ୍ରତିଶତ ଖର୍ଚ୍ଚ କରୁଛନ୍ତି। ପଟ୍ଟନାୟକ କହିଛନ୍ତି ଯେ, ବର୍ତ୍ତମାନ ଜିଡିପିର ମାତ୍ର ୧.୬ ପ୍ରତିଶତ ଖର୍ଚ୍ଚ କରିବା ଦ୍ୱାରା ଦେଶର ୯୦ ପ୍ରତିଶତ ବରିଷ୍ଠ ନାଗରିକଙ୍କୁ ପ୍ରତି ମାସରେ ମାତ୍ର ୨୫୦୦ ଟଙ୍କା ପେନ୍‌ସନ ମିଳିବ। ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କଲ୍ୟାଣକାରୀ ଯୋଜନା ରାଷ୍ଟ୍ରୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନ୍‌ଏସ୍‌ଏପି) ଅନୁସାରେ ୮ କୋଟି ବରିଷ୍ଠ ନାଗରିକ ୨୦୦ ଟଙ୍କା ମାସିକ ପେନ୍‌ସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ପେନ୍‌ସନ ପରିଷଦର ସଂଯୋଜକ ନିଖିଲ ଦେ କହିଛନ୍ତି ଯେ, ଏଭଳି ନାମମାତ୍ର ସହାୟତା ୨.୨୩ କୋଟି ଲୋକଙ୍କ ନିକଟରେ ପହଞ୍ଚୁଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ନେପାଳ, ବଲିଭିୟା, ଲେସୋଥୋ, ବୋସ୍ୱାନା, ଇକ୍ୟୁଡୋର ଭଳି ଛୋଟ ଦେଶ ମଧ୍ୟ ଭାରତ ତୁଳନାରେ ନିଜର ବରିଷ୍ଠ ନାଗରିକଙ୍କୁ ଉନ୍ନତ ସାମାଜିକ ସୁରକ୍ଷା ପେନ୍‌ସନ ପ୍ରଦାନ କରୁଛନ୍ତି।

- ଦେଶରେ ମୋବାଇଲ ନିର୍ମାଣକୁ ପ୍ରୋତ୍ସାହନ

# ୩୫ ପ୍ରକାର ଯନ୍ତ୍ରାଂଶରୁ ସୀମା ଶୁଳ୍କ ଛାଡ଼

ନୂଆଦିଲ୍ଲୀ,୨୯।୯

କେନ୍ଦ୍ର ସରକାର ଦେଶରେ ମୋବାଇଲ ନିର୍ମାଣକୁ ପ୍ରୋତ୍ସାହିତ କରିବାକୁ ଯାଇ ୩୫ ପ୍ରକାର ଯନ୍ତ୍ରାଂଶ ଆମଦାନୀ ଉପରୁ ସୀମା ଶୁଳ୍କ ଛାଡ଼ କରିଛନ୍ତି। ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ପ୍ରିଣ୍ଟେଡ୍ ସର୍କିଟ ବୋର୍ଡ(ମଦର ବୋର୍ଡ), କୋଟିଙ୍ଗ ମେଶିନ, ପିସିବି ଆସେମ୍ବ୍ଲି ଲୋଡର, ଅନଲୋଡରରୁ ସୀମା ଶୁଳ୍କ ଛାଡ କରାଯାଇଛି। ଏହାଛଡା ଲିଥିୟମ-ଆୟନ ବ୍ୟାଟେରି, ସ୍ପିକର, ରିସିଭର, ଡାଟା କେବୁଲ୍ସ, ଅପଟିକାଲ ଫାଇବର ଇତ୍ୟାଦି ମୋବାଇଲ ବ୍ୟବହୃତ ୩୫ ପ୍ରକାର ଯନ୍ତ୍ରାଂଶରୁ ସୀମା ଶୁଳ୍କ ଛାଡ କରିଦିଆଯାଇଛି। ସରକାରଙ୍କ ନିଷ୍ପତ୍ତିକୁ ଇଣ୍ଡିଆନ ସେଲ୍ୟୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏଶନ ସ୍ୱାଗତ କରିଛି। ଅଦ୍ୟାବଧି ଉକ୍ତ ୩୫ ପ୍ରକାର ମୋବାଇଲ ଯନ୍ତ୍ରାଂଶରୁ ୭.୫ରୁ ୧୦ ପ୍ରତିଶତ ସୀମା ଶୁଳ୍କ ଆଦାୟ କରାଯାଉଥିଲା, ଯାହା ଏବେ ଦେବାକୁ ପଡିବନି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises
Rourkela Bisra
CONTACT
7749095348, 8249919890

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ ।
(1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ)
1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45%
(ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

STYLESPA furniture
An Opportunity To Start Your Own Business

Minimum space requirement -1500 sqft.
India's largest furniture retail chain with 67 showrooms in 56 cities is looking for franchise. Powered by Forte, Poland's largest manufacturer & part of Adventz group, manufactured in one of Asia's largest factory situated in Chennai.
FOR FURTHER DETAILS CONTACT: 93370 38666 / 93318 58342

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିଷ୍କରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

M. GROUP FINANCE
freedom Economic Services
- Personal Loan
- Business Loan
- Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE
9776040555, 9668427353
GANJAM
8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨0,00,000, ଭଡ଼ା ୨0,000 + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨0,000,00, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4
Tehsil- Koil, Dist- Aligarh

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ)
ଗୋଲ୍‌ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ ୨0,000,00 ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office
181/182 Janta Complex Rajiv Chok, Delhi
Contact:- 08826963806, 09319359816



# ସୁସ୍ଥ ମନ ସୁଖୀ ଜୀବନ



ମଣିଷ ମାତ୍ରକେ ରୋଗବ୍ୟାଧି ହେବା ତ ସାଧାରଣ କଥା। ତେଣୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ମାତ୍ରେ ଚିକିତ୍ସା ପାଇଁ ଆମେ ତୁରନ୍ତ ଡାକ୍ତରଙ୍କ ପାଖକୁ ଧାଉଁଛେ। ଯଦିଓ ଏହାଦ୍ୱାରା ଶାରୀରିକ ସ୍ତରରେ ଆମେ ସୁସ୍ଥ ଅନୁଭବ କରୁଛେ, ତଥାପି ଅନେକ ସମୟରେ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରୁଛେ। ତେଣୁ ଜୀବନକୁ ସୁଖମୟ କରିବାକୁ ହେଲେ ଶରୀର ଭଳି ମନର ସୁସ୍ଥତା ପ୍ରତି ମଧ୍ୟ ଆମକୁ ସମପରିମାଣରେ ଯତ୍ନଶୀଳ ହେବାକୁ ପଡିବ। କାରଣ ମନ ବି ଶରୀର ଉପରେ ଅନେକ ପ୍ରଭାବ ପକାଇଥାଏ। ଏହାର ଛୋଟ ଛୋଟ ସମସ୍ୟାକୁ ଅଣଦେଖା କରିବା ଦ୍ୱାରା ଏହା ପରବର୍ତ୍ତୀ ସମୟରେ କୌଣସି ବଡ ମାନସକ ରୋଗର କାରଣ ସାଜିପାରେ। ଯଦି ବାରମ୍ବାର ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରନ୍ତି ତେବେ ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଆବଶ୍ୟକ। ତେବେ ମଣିଷ ନିଜର ମାନସିକ ସମସ୍ୟା ସହଜରେ ଚିହ୍ନି ପାରି ନ ଥାଏ। ତେଣୁ ପରିବାର ସଦସ୍ୟ କିମ୍ବା ସାଙ୍ଗସାଥୀ ଯଦି କୌଣସି ଲକ୍ଷଣ ଦେଖି ଏହାକୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦିଅନ୍ତି, ଏଥିରେ ବିରକ୍ତି ପ୍ରକାଶ କରିବା କିମ୍ବା ଅଣଦେଖା କରିବା ବଦଳରେ ଧ୍ୟାନ ଦେବା ସହ ଏହାକୁ ଦୂର କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଆସନ୍ତୁ ଜାଣିବା ମାନସିକ ସମସ୍ୟା ସୃଷ୍ଟି କରିବାର କେତୋଟି ସାଧାରଣ ଲକ୍ଷଣ ସମ୍ପର୍କରେ...

**ଅବିଶ୍ୱାସ କରିବା:** ଏମିତି ଅନେକେ ଅଛନ୍ତି ଯେଉଁମାନଙ୍କ ମନରେ କାହା ପ୍ରତି ବିଶ୍ୱାସ ନ ଥାଏ। ସେମାନେ ସବୁ କଥା ଏବଂ ବ୍ୟକ୍ତିଙ୍କୁ ସନ୍ଦେହ ଏବଂ ଅବିଶ୍ୱାସ ଦୃଷ୍ଟିରେ ଦେଖନ୍ତି। ସେମାନଙ୍କୁ ଲାଗେ ଅନ୍ୟମାନେ ତାଙ୍କ ବିରୋଧରେ କଥା ହେଉଛନ୍ତି ଅବା ଷଡଯନ୍ତ୍ର କରୁଛନ୍ତି। ଏହା ଏକ ପ୍ରକାର ମାନସିକ ସମସ୍ୟା, ଯାହାକୁ ଯଥା ସମୟରେ ଦୂର କରିବା ଲାଗି ଚେଷ୍ଟା କରିବା ଦରକାର। ଏପରି ଭାବନା ଆସୁଥିଲେ ସକାରାତ୍ମକ ଚିନ୍ତା କରିବା ସହ କୌଣସି ବିଶ୍ୱସ୍ତଙ୍କୁ ଏ ସମ୍ପର୍କରେ ଜଣାଇ ସମାଧାନର ବାଟ ଖୋଜିବା ଆବଶ୍ୟକ। ଦରକାର ହେଲେ ମାନସିକରୋଗ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ। ନଚେତ୍ ଏହା ଧୀରେ ଧୀରେ ସ୍କିଜୋଫେନିଆ ଭଳି ଗମ୍ଭୀର ମାନସିକ ରୋଗର ରୂପ ନେଇପାରେ।

**ଚିନ୍ତା ବି ହାନିକାରକ:** କୌଣସି କଥା ଚିନ୍ତା କରିବା ବା ଏହାକୁ ଗୁରୁତ୍ୱ ଦେବା ନିଶ୍ଚିତ ଭାବେ ଏକ ଭଲ ଅଭ୍ୟାସ। ଏହାଦ୍ୱାରା ଦାୟିତ୍ୱ ବଢିଥାଏ। ହେଲେ ଏହି ଚିନ୍ତା ଆବଶ୍ୟକରୁ ଅଧିକ ହେଲେ ସ୍ୱାସ୍ଥ୍ୟ ପ୍ରତି କ୍ଷତକାରକ ହୋଇଥାଏ। କଥାରେ ଅଛି ଲୁଣ ଖାଏ ହାଣ୍ଡି ଏବଂ ଚିନ୍ତା ଖାଏ ଗଣ୍ଡି। ଅର୍ଥାତ୍ ଲୁଣ ଦୀର୍ଘଦିନ ରହିବା ଦ୍ୱାରା ଯେପରି ହାଣ୍ଡିଟିଏ ନଷ୍ଟ ହୋଇଯାଏ, ସେହିପରି ମନରେ ଅଧିକ ଦିନ ଚିନ୍ତା ରହିଲେ ତାହା ଶରୀରକୁ ମଧ୍ୟ ହାନି ପହଞ୍ଚାଇଥାଏ। କାରଣ ଚିନ୍ତା ମନରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯାହାକି ରହି ରହି ଏଙ୍ଗଜାଇଟି ଡିସ୍‌ଅର୍ଡର ରୋଗର କାରଣ ସାଜିଥାଏ। ଏହା ଫଳରେ କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ। ଏମିତିକି ଧୀରେ ଧୀରେ ଏହା ଯୋଗୁ ବିଭିନ୍ନ ପ୍ରକାର ଫୋବିଆ ବି ଜାତ ହୋଇଥାଏ।

**ବେଳେ ବେଳେ ଅନେକ କଥା ପ୍ରଭାବିତ କରେ ମନକୁ। ଯାହାଦ୍ୱାରା ସେ ଭାରାକ୍ରାନ୍ତ ହୋଇପଡେ। ଆଉ ଧୀରେ ଧୀରେ ମନ ଭିତରେ ଏହି ଭାର ବଢି ବଢି ଜଟିଳ ମାନସିକ ରୋଗର ରୂପ ନିଏ। ତେଣୁ ଜୀବନକୁ ସୁଖମୟ କରିବାକୁ ହେଲେ ଶରୀର ସହ ମନର ସୁସ୍ଥତା ପ୍ରତି ବି ଯତ୍ନଶୀଳ ହେବା ଆବଶ୍ୟକ...**



## କ'ଣ କରନ୍ତି ଏମାନେ...



**ରଜତ କୁମାର ମହାପାତ୍ର(ଛାତ୍ର, ଯାଜପୁର)–** ଚିନ୍ତା, ରାଗ, ଦୁଃଖ ହେଉ କିମ୍ବା କୌଣସି ବି ଭାବନା ମନରେ ଅଧିକ ସମୟ ରଖିବା ଠିକ୍ ନୁହେଁ। କାରଣ ଏହା ଧୀରେ ଧୀରେ ଭିତରେ ରହି ରହି ଜଟିଳ ମାନସିକ ସମସ୍ୟାର ରୂପ ନେଇଥାଏ। ତେଣୁ ଯେବେ ବି କୌଣସି କଥା ମୋ ମନକୁ ପ୍ରଭାବିତ କରେ ତାହାକୁ ଭିତରେ ଚାପି ନ ରଖି ସଙ୍ଗେ ସଙ୍ଗେ ମାମା, ବାପା କିମ୍ବା ସାଙ୍ଗମାନଙ୍କ ସହ ଶେୟାର କରିଦିଏ। ତା'ଛଡା ମନକୁ ସବୁବେଳେ ଫ୍ରି ରଖିବା ଲାଗି ଭଲ ଗୀତ ଶୁଣେ, କମେଡି ଫିଲ୍ମ କିମ୍ବା ଭିଡିଓ ଦେଖେ। ଏସବୁ ବ୍ୟତୀତ କୌଣସି ଭଲ ବହି ପଢିବା ବି ମୁଡ୍ ଫ୍ରେଶ୍ ରଖିବାର ବେଷ୍ଟ ଉପାୟ।



**ଅନିକେତ ପାଇକରାୟ**(ଯୁକ୍ତ ୨ ପ୍ରଥମ ବର୍ଷ, ଆମ୍ବାୟର୍ ସାଇନ୍ସ କଲେଜ୍, ଭୁବନେଶ୍ୱର)– ଶରୀର ଯେତେ ସୁସ୍ଥ ଥାଉ ନା କାହିଁକି ମନ ଭଲ ନ ଥିଲେ କୌଣସି କାର୍ଯ୍ୟ ପ୍ରତି ଆଗ୍ରହ ରହେନି। ତେଣୁ କୌଣସି ବି ପରିସ୍ଥିତରେ ମନକୁ ଭାରାକ୍ରାନ୍ତ ହୋଇ ଦୀର୍ଘ ସମୟ ରହିବାକୁ ଦେବା କଥାନୁହେଁ। ଯଦିଓ କେବେ ନା କେବେ ମାନସିକ ଚାପ ଆସିଥାଏ, ହେଲେ ଜୀବନକୁ ସୁଖମୟ କରିବା ପାଇଁ ଯଥା ସମ୍ଭବ ଏହାଠାରୁ ଦୂରେଇ ରହିବା ଲାଗି ନିଜକୁ ହିଁ ପ୍ରସ୍ତୁତ କରିବା ଆବଶ୍ୟକ।

**ଉଦାସୀନତାରୁ ଡିପ୍ରେଶନ୍:** ପାଠ ପଢାର ବୋଝ, ଜବ୍ ଟେନ୍‌ସନ୍, ପାରିବାରିକ ପରିସ୍ଥିତି ହେଉ କିମ୍ବା ସାଙ୍ଗସାଥୀଙ୍କ ସହ ଝଗଡା ଭଳି ଅନେକ କାରଣ ରହିଛି, ଯେଉଥିପାଇଁ ମଣିଷ ଉଦାସ ରହିବା ଏକ ସାଧାରଣ କଥା। ହେଲେ ଏହା ଦିନେ ଦୁଇଦିନ ମଧ୍ୟରେ ସୀମିତ ନ ରହି ଯଦି ମାସ ମାସ ଲାଗି ରହେ ତେବେ ତାହା ଡିପ୍ରେଶନ୍‌ର ରୂପ ନେଇଥାଏ। ତେଣୁ ଉଦାସ ଲାଗିଲେ ପ୍ରଥମେ ଏହାର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ଏହାକୁ ଭିତରେ ଦୀର୍ଘଦିନ ଚାପି ନ ରଖି କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ। ଏହା ବ୍ୟତୀତ ମୁଡ୍ ଫ୍ରି କରିବା ଲାଗି ବୁଲାବୁଲି, ଫିଲ୍ମ ଦେଖିବା, ସଙ୍ଗୀତ ଶୁଣିବା ଆଦିରେ ମନ ନିବେଶ କରନ୍ତୁ। ତଥାପି ମାନସିକ ସ୍ଥିତି ନ ସୁଧୁରିଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଆବଶ୍ୟକ। କାରଣ ମଣିଷ ଥରେ ଡିପ୍ରେଶନ୍‌ର ଶିକାର ହେଲେ ତା'ର ନିଜ ମନ ଉପରେ ଆୟତ୍ତ ରହେନାହିଁ ଏବଂ ସେ ନିଜର ହିତାହିତ ଜ୍ଞାନ ହରାଇ ଆତ୍ମହତ୍ୟା ଭଳି ଭୁଲ ନିଷ୍ପତ୍ତି ନେବାକୁ ବି ପଛାଇ ନ ଥାଏ।

**ବାରମ୍ବାର ଭୁଲିବା ହୋଇପାରେ କ୍ଷତିକାରକ:** ଏମିତି କୌଣସି ପାଠ କିମ୍ବା କଥା ଭୁଲିଯିବା ଏକ ସାଧାରଣ କଥା। ହେଲେ ବାରମ୍ବାର ଭୁଲିବା ଯେମିତିକି ଚିହ୍ନା ମୁହଁ ହଠାତ୍ ନ ଜାଣି ପାରିବା, ଘର ଠିକଣା କିମ୍ବା ଅନ୍ୟାନ୍ୟ ଜିନିଷ ଭୁଲିବା, କେଉଁ ସ୍ଥାନରେ କେଉଁ ଜିନିଷ ରଖିଦେଇ ଭୁଲିଯିବା ଆଦି କ୍ଷତିକାରକ ହୋଇପାରେ। ବାର୍ଦ୍ଧକ୍ୟରେ ସାଧାରଣତଃ ଅନେକଙ୍କ ଠାରେ ଏପରି ଲକ୍ଷଣ ଦେଖାଦେଇଥାଏ, ହେଲେ ଯୁବାବସ୍ଥାରେ ଏଭଳି ଲକ୍ଷଣ ଦେଖାଦେବା ଏକ ପ୍ରକାର ମାନସିକ ରୋଗ। ଯାହାକୁ ଡିମେନ୍ସିଆ କୁହାଯାଏ। ତେଣୁ ଏଭଳି ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସା କରାଇନେବା ଆବଶ୍ୟକ।

### ୟୁଥ୍ ଆଲର୍ଟ

# ବର୍ଷାରେ ଭିଜିଗଲେ...



**ବର୍ତ୍ତମାନ କିଛିଦିନ ହେବ ସମୟେ ସମୟେ ହଠାତ୍ ପ୍ରବଳ ବର୍ଷା ହେଉଥିବା ଦେଖିବାକୁ ମିଳୁଛି। ଏମିତିରେ କେହି କେହି ସାଙ୍ଗରେ ଛତା କିମ୍ବା ରେନିକୋଟ୍ ନ ନେଇଥିବା ଯୋଗୁ ହେଉ କିମ୍ବା କାହାକୁ ମଜା ଲାଗୁଥିବାରୁ ବର୍ଷାରେ ଭିଜୁଛନ୍ତି। ତେବେ ଭିଜିବାର କାରଣ ଯାହା ହେଉ ନା କାହିଁକି ଏହା ଯୋଗୁ ପରବର୍ତ୍ତୀ ସମୟରେ ଫ୍ଲୁ ସମସ୍ୟା ଦେଖାଦେଉଛି ଏବଂ ଏଥିପାଇଁ ଔଷଧ ଖାଇବାକୁ ପଡୁଛି। ହେଲେ ଆପଣ ଚାହିଁଲେ ଔଷଧ ପରିବର୍ତ୍ତେ କେତୋଟି ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟା ଦୂରେଇ ପାରିବେ...**



**ରସୁଣ:** ଏହା କେବଳ ଏକ ମସଲା ଭାବେ ଖାଦ୍ୟର ସ୍ୱାଦ ବଢାଇ ନ ଥାଏ ବରଂ ଏଥିରେ ଭରି ରହିଛି ବିଭିନ୍ନ ଔଷଧୀୟ ଗୁଣ। ଏଥିରେ ଥିବା ଆଣ୍ଟିଭାଇରାଲ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ତତ୍ତ୍ୱ ଫ୍ଲୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ତେଣୁ ପ୍ରତିଦିନ ୨ କୋଲା ରସୁଣ କଞ୍ଚା ଖାଆନ୍ତୁ ଉପକୃତ ହେବେ।

**ଅଦା:** ଏଥିରେ ବି ପ୍ରଚୁର ଔଷଧୀୟ ଗୁଣ ରହିଛି ଯାହା ଥଣ୍ଡା, କାଶ, କଫ ଭଳି ସମସ୍ୟା ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ। ହଠାତ୍ ଓଦା ହୋଇଗଲେ ଥଣ୍ଡା ନ ଧରିବା ଲାଗି ଆପଣ ଏକ କପ୍ ଅଦା ପକା ଚା ପିଅନ୍ତୁ। ଅଦା ରସରେ ମହୁ ମିଶାଇ ଖାଇବା ଦ୍ୱାରା ବି ଫ୍ଲୁ ସମସ୍ୟାରୁ ଆପଣଙ୍କୁ ଉପଶମ ମିଳିବ।

**ଭିଟାମିନ୍ ସି'ଯୁକ୍ତ ଖାଦ୍ୟ:** ଲେମ୍ବୁ, କମଳା, ଆତାପି, ଟମାଟୋ ଆଦିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଭରିରହିଛି। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ଯାହାକି ହଠାତ୍ ଫ୍ଲୁ ସମସ୍ୟା ହେବାକୁ ଦେଇ ନ ଥାଏ।

**ସବୁଜ ପନିପରିବା:** ତଟକା ପନିପରିବା ଏବଂ ଶାଗରେ ପ୍ରଚୁର ପରିମାଣରେ ଭିଟାମିନ୍ ଇ, ସି, ଆଇରନ୍, କ୍ୟାଲ୍ସିୟମ୍, ଫାଇବର୍ ଏବଂ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରିରହିଛି ଯାହାକି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ତେଣୁ ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ଫ୍ଲୁ ସମସ୍ୟା ଦୂରେଇ ରହିଥାଏ।

**ପାଣି:** ପାଣି ପିଇବା କମିଲେ ବି ସହଜରେ ଫ୍ଲୁ ହୋଇଥାଏ। ତେଣୁ ପ୍ରଚୁର ପାଣି ପିଅନ୍ତୁ।

## ପାଠକଙ୍କ ମତ

❖ଗତ ସପ୍ତାହରେ ଜାଣନ୍ତୁ ଦୁନିଆ ସ୍ତମ୍ଭରେ ପ୍ରକାଶିତ ପାଠଟି ସମ୍ପୂର୍ଣ୍ଣ ନୂତନ ଧରଣର ଥିଲା। ସାଧାରଣ ଜୀବନରେ ଆମେ ବ୍ୟବହାର କରୁଥିବା ହାତର ବିଭିନ୍ନ ସିମ୍ବଲ୍‌ରୁ ପ୍ରଚଳନ ଯେ ଏତେ ପୁରୁଣା ଜାଣି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା।

*– ଯୋଗୀନାଥ ଆଚାର୍ଯ୍ୟ, ପୁରୀ*

❖ଯୁବାବସ୍ଥାରେ ହୃଦ୍‌ରୋଗର ବିଭିନ୍ନ କାରଣ ଏବଂ ଏହାର ପ୍ରତିକାରକୁ ନେଇ ପ୍ରକାଶିତ ପ୍ରସଙ୍ଗଟି ଶିକ୍ଷଣୀୟ ହୋଇପାରିଛି।

*– ଶର୍ମିଷ୍ଠା ସେନାପତି, ଜଗତ୍‌ସିଂହପୁର*

❖ସ୍ମାର୍ଟଫୋନ୍‌କୁ କିପରି ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖାଯାଇ ପାରିବ ଏବଂ କିପରି ପର୍ସନାଲ୍ ଡାଟା ସୁରକ୍ଷିତ ରଖିହେବ ଏ ସମ୍ବନ୍ଧିତ ଟିପ୍ସଗୁଡିକ ବେଶ୍ ଉପାଦେୟ।

*– ବିବେକ ମହାନ୍ତି, କେନ୍ଦୁଝର*

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଏ ସପ୍ତାହର ପ୍ରଶ୍ନ

୧– ୨୦୧୮ ଓମେନ୍ ବକ୍ସିଂ ୱାର୍ଲ୍ଡ ଚାମ୍ପିୟନ୍‌ଶିପ୍ ...... ଦେଶରେ ଆୟୋଜନ କରାଯିବ ?

୨– ଦକ୍ଷିଣ ଭାରତ ହିନ୍ଦୀ ପ୍ରଚାର ସେବାର ପ୍ରତିଷ୍ଠାତା....... ?

୩– ୱାର୍ଲ୍ଡ ମ୍ୟୁଜିକ୍ ଡେ'........ ତାରିଖରେ ପାଳନ କରାଯାଇଥାଏ ?

୪– ପାରାଗୁଏର ପ୍ରଥମ ଅନ୍ତରିମ ମହିଳା ରାଷ୍ଟ୍ରପତି.......... ?

୫– ବ୍ରିଟିଶ୍ କମ୍ପାନୀ ଭାରତର...... ଠାରେ ସର୍ବପ୍ରଥମେ ନିଜର କାରଖାନା ପ୍ରତିଷ୍ଠା କରିଥିଲା ?

## ଗତ ସପ୍ତାହର ଉତ୍ତର

୧ ହାଇଦ୍ରାବାଦ

୪ ପ୍ରୀତି ସିନ୍‌ଏ

୩ ମ୍ୟାରୀ କମ୍

୨ ୱାର୍କିଂ ଟୁଗେଦର୍ ଟୁ ପ୍ରିଭେଣ୍ଟ ସୁସାଇଡ୍

୫ ଉତ୍ତରାଖଣ୍ଡର ଚଉବାଟିଆ

## ଉତ୍ତର ଦାତା



ରାଜେଶ କୁମାର ଦାସ
ବାଲେଶ୍ୱର



ପୁଣ୍ୟଶ୍ଳୋକ ମିଶ୍ର
କେନ୍ଦୁଝର



ଗାୟତ୍ରୀ ଦେହୁରୀ
ସୁବର୍ଣ୍ଣପୁର

### କଲେଜ ଅନୁଭୂତି

# ସେ କଥା ମନେ ପଡିଲେ ଟାଙ୍କୁରି ଉଠେ ଲୋମ



**ପ୍ରଫୁଲ୍ଲ ଚନ୍ଦ୍ର ନାୟକ**
**(ବିଶିଷ୍ଟ ଲେଖକ)**

କଲେଜ କଥା ପଡିଲେ ହଠାତ୍ ଫେରିଯାଏ ସେଇ ପୁରୁଣା ଦିନକୁ। ୧୯୬୪ ମସିହାର କଥା। ଯୁବ ବୟସ। କଲେଜରେ ପାଠ ପଢିବାକୁ ମନରେ ପ୍ରବଳ ଆଗ୍ରହ। ଆମ ଯାଜପୁର କଲେଜରେ ସେତେବେଳେ ବିଜ୍ଞାନ ନ ଥିବାରୁ ବାପା ମୋର ଆଡ୍‌ମିଶନ୍ କରାଇଲେ ଭଦ୍ରକ କଲେଜରେ। ତେଣୁ ମୋତେ ହଷ୍ଟେଲ୍‌ରେ ରହିବାକୁ ପଡିଲା। କଲେଜ୍‌ରେ ପାଠ ପଢା ଆଉ ହଷ୍ଟେଲ୍‌ରେ ସାଙ୍ଗମାନଙ୍କ ସହ ବେଶ୍ ମଜାମସ୍ତିରେ ସମୟ ବିତୁଥିଲା। ଦିନକର ଘଟଣା। ରାତିରେ ହଷ୍ଟେଲ୍‌ରେ ଖାଇ ପିଇ ଶୋଇବାକୁ ଯାଉଥିଲି। ଆଉ କେତେଜଣ ପରୀକ୍ଷା ନିମନ୍ତେ ପଢୁଥିଲେ। ଏ ସମୟରେ ହଠାତ୍ ଏକ ପ୍ରଚଣ୍ଡ ଶବ୍ଦ ହେଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇ ପରସ୍ପରକୁ ଚାହିଁଲୁ। କ'ଣ ହୋଇଥାଇପାରେ ବୋଲି ମୁଣ୍ଡରେ କିଛି ପଶୁ ନ ଥିଲା। ସମସ୍ତେ ଏକାଠି ଦୌଡ଼ାଦୌଡ଼ି ହୋଇ ଘଟଣା ସ୍ଥଳକୁ ଯାଇ ଦେଖୁ ତ ବାଉଦପୁର ରେଳଷ୍ଟେଶନ ନିକଟରେ କଲିକତାରୁ ପୁରୀ ଆସୁଥିବା ଏକ୍ସପ୍ରେସ୍ ସହ ଏକ ମାଲବାହୀ ଟ୍ରେନ୍‌ର ଧକ୍କା ହୋଇଯାଇଥିଲା। ଚାରିଆଡେ କେବଳ ଶୁଭୁଥିଲା ବିକଳ ଚିତ୍କାର। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ଖଣ୍ଡିଆ ଖାବରା ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ବର୍ତ୍ତମାନ ଭଳି ସେ ସମୟରେ ଗମନାଗମନ ଏବଂ ଯୋଗାଯୋଗର ଏତେ ଭଲ ସୁବିଧା ବି ନ ଥିଲା। ତେଣୁ ଉଦ୍ଧାର କାର୍ଯ୍ୟ ଧୀରେ ଧୀରେ ଚାଲିଥିଲା। ଏଭଳି ଦୁଃଖ ସମୟରେ ଆମେ କେତେଜଣଙ୍କ ଠାରେ ଅମଣିଷ ପଣିଆ ଦେଖି ଆଶ୍ଚର୍ଯ୍ୟ ହୋଇଗଲୁ। ସେମାନେ ଆହତ ଯାତ୍ରୀଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ଅସମୟର ସୁଯୋଗ ନେଇ ସେମାନଙ୍କଠାରୁ ସୁନାଗହଣା ଏବଂ ଟଙ୍କା ଲୁଟ୍ କରୁଥିଲେ। ଆମେ ହଷ୍ଟେଲ୍‌ର ପ୍ରାୟ ୬୦ ଜଣ ଛାତ୍ର ଏକାଠି ଥିବାରୁ ସେମାନଙ୍କୁ ମାରିବାକୁ ଗୋଡାଇ ସେଠାରୁ ତଡିଦେଲୁ। ଧୀରେ ଧୀରେ ଗାଡ଼ି ଠିକ୍ କରି ଆହତମାନଙ୍କୁ ଭଦ୍ରକ ଡାକ୍ତରଖାନା ପଠାଇବାରେ ସାହାଯ୍ୟ କଲୁ। ପରଦିନ ସକାଳୁ ହଷ୍ଟେଲ୍‌ର ସବୁ ପିଲା ମିଶି କିଛି କିଛି ଟଙ୍କା ଆଦାୟ କରି ସେମାନଙ୍କ ନିମନ୍ତେ କିଛି ଖାଦ୍ୟ ପଦାର୍ଥ ପଠାଇଥିଲୁ। ସେଦିନର ସେ ଅନୁଭୂତି ମନେ ପଡିଲେ ଏବେବି ମୋ ଲୋମ ଟାଙ୍କୁରି ଉଠେ।

### ଟପ୍ 10

## ଫେସ୍‌ବୁକ୍‌ର ସର୍ବାଧିକ ଲାଇକ୍ ପେଜ୍

୧. ଟେକ୍ସାସ୍ ହୋଲ୍ଡ ଏମ୍ ପୋକର୍.............. ୨୫ ,୮୮୬, ୭୦୩ ଫ୍ୟାନ୍
୨. ଫେସ୍‌ବୁକ୍ ................................ ୨୪,୨୨୬,୧୫୧ ଫ୍ୟାନ୍
୩. ମାଇକେଲ୍ ଜ୍ୟାକ୍‌ସନ୍...................... ୨୨, ୬୯୦, ୪୯୬ ଫ୍ୟାନ୍
୪. ଲେଡି ଗାଗା.................................. ୨୧, ୬୪୬, ୪୩୯ ଫ୍ୟାନ୍
୫. ଫ୍ୟାମିଲି ଗାଏ............................ ୨୦,୧୭୪, ୨୭୧ ଫ୍ୟାନ୍
୬. ୟୁ ଟ୍ୟୁବ୍...................................... ୧୮, ୬୧୮, ୫୦୯ ଫ୍ୟାନ୍
୭. ଏମିନେମ୍...................................... ୧୮, ୪୭୩,୪୧୪ ଫ୍ୟାନ୍
୮. ଭିନ୍ ଡିଜେଲ୍................................ ୧୭,୬୪୯,୯୬୪ ଫ୍ୟାନ୍
୯. ଦି ଟ୍ୱିଲାଇଟ୍ ସାଗା........................ ୧୬, ୫୬୨, ୮୧୯ ଫ୍ୟାନ୍
୧୦. ଷ୍ଟାର୍‌ବକ୍‌ସ୍.................................. ୧୬, ୩୬୬, ୪୩୮ ଫ୍ୟାନ୍



## ସଂକ୍ଷେପରେ

### 'ସାମ୍ପ୍ରତିକ ପରିସ୍ଥିତିରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ତିହିଡ଼ି,୨୯।୯(ଡି.ଏନ.ଏ.):ଭଦ୍ରକ ଜିଲା ତିହିଡି ପ୍ରେସ୍ କ୍ଲବ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏକ ଆଲୋଚନାଚକ୍ର ସ୍ଥାନୀୟ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଥିଲା। ସଭାପତି ସଞ୍ଜିତ୍ କୁମାର ବଳ ଏଥିରେ ପୌରୋହିତ୍ୟ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଖବରଦାତାଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏବେ ଶିକ୍ଷକ, ଦମକଳ କର୍ମଚାରୀ ଏବଂ ଓକିଲଙ୍କ ଆନ୍ଦୋଳନ ଚାଲୁ ରହିଛି। ତିହିଡ଼ି ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ପରି ସମସ୍ୟା ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ଖବରଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଥିଲା। କ୍ଲବର ଉପଦେଷ୍ଟା ରାମନାରାୟଣ ନାୟକ, ବିଭୁତି ଭୂଷଣ ଗ୍ରହାଚାର୍ଯ୍ୟ ଓ ପ୍ରଭାତ ରାଉଳ, ସମ୍ପାଦକ ମାନସ ନାୟକ, ଉପସଭାପତି ସଞ୍ଜୟ ଦାସ, ସହ ସମ୍ପାଦକ ରାଜେଶ କୁମାର ସେଠୀ, କୋଷାଧକ୍ଷ ଆଲୋକ ବିକାଶ ପ୍ରିୟଦର୍ଶୀ, ସଦସ୍ୟ ମନୋଜ ଦାସ, ଅଶୋକ ପାଢ଼ୀ, ରଞ୍ଜନ ମିଶ୍ର, ନିଶିକାନ୍ତ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆଧାତ୍ମିକତା ଆଲୋଚନାଚକ୍ର

ଭଣ୍ଡାରିପୋଖରୀ,୨୯।୯(ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ନାଆଁମୀ ମହାବିଦ୍ୟାଳୟଠାରେ ସତ୍ୟସାଇ ସେବା ସଙ୍ଗଠନ ଓ ମହାବିଦ୍ୟାଳୟ ଆନୁକୂଲ୍ୟରେ ଦିନିକିଆ ଗ୍ରୀଷ୍ମ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବାଳବିକାଶ ଓଡ଼ିଶାର ରାଜ୍ୟ ସହ ସଂଯୋଜକ ଅଶୋକ କୁମାର ହୋତା ଯୋଗଦେଇ ଈଶ୍ୱର ତତ୍ତ୍ୱ ଓ ଆଧାତ୍ମିକତା ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ବିଷ୍ଣୁପ୍ରସାଦ ଜେନା ସଭାପତିତ୍ୱ କରିଥିଲେ। ଗଞ୍ଜାମ ଜିଲା ସତ୍ୟସାଇ ସଙ୍ଗଠନ ସଭାପତି ପ୍ରତାପ କୁମାର ସ୍ୱାଇଁ, ବିଶ୍ୱତାରିଣୀ ବାଳିକା କଲେଜ ଅଧାପିକା ବେଦମତୀ ନାୟକ, ଅଶୋକ କୁମାର ବିଶ୍ୱାଳ ଯୋଗଦେଇ ଇନ୍ଦ୍ରିୟ ସଞ୍ଜମରେ ମାନବ ଜୀବନର ନିରାମୟ ସମ୍ଭବ ବୋଲି କହିଥିଲେ। ରବୀନ୍ଦ୍ର ବାରିକ ସଭା ପରିଚାଳନା କରିଥିଲେ। ସଙ୍ଗଠନର ଜିଲା ଯୁବ ସଂଯୋଜିକା ସସ୍ମିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଇଭକ୍ତ ଓ ନାଆଁମୀ ମହାବିଦ୍ୟାଳୟ ଅଧାପକ ଡା. ରଘୁନାଥ ସାହୁ, ବନମାଳୀ ପଣ୍ଡା, ଚିନ୍ତାମଣି ମହାକୁଡ, ସନ୍ତୋଷ ସାହୁ, ବିନାୟକ ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମୃତକଙ୍କ ପରିବାରକୁ ଭେଟିଲେ ମନମୋହନ

ଆରଡି,୨୯।୯ (ଡି.ଏନ.ଏ.)
ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକସ୍ଥିତ ଦୋହରାପାଟଣାର ନୀଳମାଧବ ନାୟକ(୨୫) ଗତ ୨୧ତାରିଖରେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଶନିବାର ଅପରାହ୍ନରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ପରେ ସେହି ଗ୍ରାମର ପକ୍ଷାଘାତରେ ପୀଡ଼ିତ ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ନାୟକଙ୍କୁ ସେ ଭେଟିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ପଚାରି ବୁଝିଥିଲେ।

### ପୃଥକ ଦୁର୍ଘଟଣା: ୨ ଗୁରୁତର

ଯଶିପୁର ୨୯।୯(ଡି.ଏନ.ଏ.)
ଶନିବାର ସନ୍ଧ୍ୟାରେ ଯଶିପୁର ଅଞ୍ଚଳର ୨ ପୃଥକ ସ୍ଥାନରେ ସଡକ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ଗୁରୁତର ହୋଇ ଯଶିପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଯଶିପୁର ଥାନା ଭଞ୍ଜକିଆ ଗ୍ରାମର କାର୍ତ୍ତିକେଶ୍ୱର ମହାନ୍ତ ବହଳଦାରୁ ଯଶିପୁର ଯାଉଥିବାବେଳେ କେନ୍ଦୁମୁଣ୍ଡି ହମ୍ପସ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡି ଯାଇଥିଲେ । ତାଙ୍କୁ ଯଶିପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଯଶିପୁର ରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ଦୀପକ କୁମାର ଡଗରା ଜାମୁକେଶ୍ୱର ନିକଟସ୍ଥ ବଣମୁଣ୍ଡାଠାରେ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ତାଙ୍କ ଘର ରାଇରଙ୍ଗପୁର ଟାଉନ ଥାନା ଇଞ୍ଚିଡା ଗ୍ରାମରେ।

■ଅନୁଗୋଳ ପୌରପାଳିକାର ଶେଷ କାଉନସିଲ ବୈଠକ

# କୁସାସିଙ୍ଗା ଯିବ ଅମଳାପଡ଼ା ଅଳିଆ



ଅନୁଗୋଳ ପୌରପାଳିକା ପକ୍ଷରୁ ଅନୁଷ୍ଠିତ ବୈଠକ।

ଅନୁଗୋଳ ଅଫିସ, ୨୯।୯

ଅନୁଗୋଳ ପୌରପରିଷଦର ଶେଷ କାଉନସିଲ ବୈଠକ ପରିଷଦର ନୂତନ ଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ୨୩ କାଉନସିଲର ଉପସ୍ଥିତ ଥିଲେ। ପୌରପରିଷଦର କାଉନସିଲରମାନଙ୍କ କାର୍ଯ୍ୟକାଳ ରବିବାର ସରୁଥିବାବେଳେ ବୈଠକରେ ସହରର କେତେକ ପ୍ରମୁଖ ସମସ୍ୟାର ସମାଧାନ ଓ ବାକି ଥିବା କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ କରାଯିବାକୁ ନଗରପାଳ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି।

ବୈଠକରେ ନଗରପାଳ ସାମନ୍ତ ବିଗତ ୫ ବର୍ଷରେ ସହରରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ସହରର ପ୍ରମୁଖ ସମସ୍ୟା ଅଳିଆ ଆବର୍ଜନା ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ୧ ତାରିଖ ଠାରୁ ଅମଳପଡ଼ାରେ ପଡୁଥିବା ଆବର୍ଜନା କୁସାସିଙ୍ଗାରେ ପଡ଼ିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ସହରରେ କୁଢ଼ କୁଢ଼ ଅଳିଆ ଗଦା ହେଉଥିବାରୁ ଏହାର ପରିଚାଳନା ଦିଗରେ ଆଲୋଚନା ହୋଇଛି। ଏଥିପାଇଁ ୩ଟି ନୂତନ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ଅକ୍ଟୋବର ୧ ତାରିଖରୁ ଏହି କାର୍ଯ୍ୟ ଆରମ୍ଭ ହେବ। ଏହା ଫଳରେ ସହରରେ ବିଭିନ୍ନ ସମୟରେ ଉପୁଜୁଥିବା ଅଳିଆ ବିବାଦର ସମାଧାନ ହେବ ବୋଲି ନଗରପାଳ କହିଛନ୍ତି। ତାଙ୍କ ଅଧୀନରେ ଚଳିତ ପୌରପାଳିକା ଗଠନ ସମୟରେ ବିଭିନ୍ନ ୱାର୍ଡରେ ରାସ୍ତା ଘାଟ ହେବା ସହ ଶୌଚାଳୟ ଓ ପାନୀୟ ଜଳ ଲୋକଙ୍କୁ ଯୋଗାଇ ଦିଆଯାଇଥିବା ନଗରପାଳ ପ୍ରକାଶ କରିଥିଲେ। ସେହିପରି ସହରବାସୀଙ୍କ ମନୋରଞ୍ଜନ ପାଇଁ ଇକୋ ପାର୍କ ମଧ କରାଯାଇଛି। ତେବେ ବିରୋଧ ଯୋଗୁ ଇକୋ ପାର୍କରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲାଗିବା ପ୍ରସ୍ତାବରେ ମୋହର ଲାଗିପାରି ନ ଥିବା ସେ କହିଥିଲେ। ସହରରେ ଆଲୋକୀକରଣ ବ୍ୟବସ୍ଥା, କମ୍ୟୁନିଟି ହଲ ସାଙ୍ଗକୁ ଟାଉନ ହଲର ପୁନରୁଦ୍ଧାର ଆଦି ପାଇଁ ନଗରପାଳ ସମସ୍ତ କାଉନସିଲରଙ୍କୁ ଶ୍ରେୟ ଦେଇଥିଲେ। ସେହିପରି ପୌରପରିଷଦ କାଉନସିଲରମାନଙ୍କ ପାଇଁ ଲାଇଫ୍ ଟାଇମ୍ ଇକୋ ପାର୍କରେ ବିନା ଦେୟରେ ପ୍ରବେଶ ପାଇଁ ଏକ କାର୍ଡ଼ ପ୍ରଦାନ କରାଯାଇଥିବା ବୈଠକରୁ ଜଣାପଡିଛି। ଅନ୍ୟପକ୍ଷରେ ପୌରପାଳିକା ପକ୍ଷରୁ ନିଷ୍ପତ୍ତି ହୋଇଥିବା ପ୍ରକଳ୍ପ, ରିଜୋଲେସନ୍ ଓ ଆରମ୍ଭ ହୋଇଥିବା କାର୍ଯ୍ୟର ପ୍ରକ୍ରିୟା ଶେଷ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ନଗରପାଳ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏଥିପାଇଁ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନା ସମସ୍ତ କାଉନସିଲଙ୍କ ସହଯୋଗ ଲୋଡ଼ିଥିଲେ। ଯେ ପର୍ଯ୍ୟନ୍ତ ପୌରପରିଷଦ ନିର୍ବାଚନ ହୋଇନାହିଁ ସେ ପର୍ଯ୍ୟନ୍ତ କାଉନସିଲରମାନେ ବିଭିନ୍ନ କାମରେ ସହଯୋଗ କରିବାକୁ ନିର୍ବାହୀ ଅଧିକାରୀ କହିଥିଲେ। ତେବେ ଆଜିର କାଉନସିଲ ବୈଠକରେ ଉପ-ନଗରପାଳିକା ରାମପତି ମାଣ୍ଡୋଠିଆଙ୍କ ସହ ଅବଶିଷ୍ଟ ୨୧ ଜଣ କାଉନସିଲର ବୈଠକରେ ଉପସ୍ଥିତ ଥିଲେ। ସେହିପରି ନିର୍ବାହୀ ଯନ୍ତ୍ରୀ ସିମାଞ୍ଚଳ ମିଶ୍ର ଓ ଅନ୍ୟାନ୍ୟ ପୌରପରିଷଦ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

> ■ଆବର୍ଜନା ପରିଚାଳନା କରିବ ୩ ଠିକା ସଂସ୍ଥା
>
> ■ବଳକା କାମ ସମ୍ପାଦନ ପାଇଁ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ



ସମାବେଶରେ ଯୋଗ ଦେଇଥିବା ମହିଳାମାନେ।

# ବ୍ଲକସ୍ତରୀୟ ବିଜୁ ମହିଳା ସମାବେଶ

ପବିତ୍ରନଗର,୨୯।୯(ଡି.ଏନ.ଏ.)

କଣିହାଁ ବ୍ଲକ ସମଲଠାରେ ଶନିବାର ବ୍ଲକସ୍ତରୀୟ ବିଜୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜୁ ମହିଳା ମୋର୍ଚ୍ଚାର ସଭାପତି ଜୟନ୍ତୀ ସାହୁ ଏଥିରେ ଅଧକ୍ଷତା କରିଥିଲେ। ପାଲଲହଡ଼ା ବିଧାୟକ ମହେଶ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ଚେୟାରମ୍ୟାନ ବାସନ୍ତୀ କିଶାନ ଯୋଗ ଦେଇଥିଲେ। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଜିଲା ବିଜୁ ମହିଳା ମୋର୍ଚ୍ଚା ସଭାପତି ଗିରିଜା ନନ୍ଦିନୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ପ୍ରତ୍ୟେକ ପଞ୍ଚାୟତରେ ଗଠିତ ହୋଇଥିବା ମହିଳା ମୋର୍ଚ୍ଚାର ସଭାପତି, ସମ୍ପାଦକ, କୋଷାଧକ୍ଷଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଅବସରରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଆଗାମୀ ଦିନରେ ପଞ୍ଚାୟତସ୍ତରୀୟ ମହିଳା ମୋର୍ଚ୍ଚା କମିଟି ନିଜ ପଞ୍ଚାୟତରେ ବୈଠକ କରି ସରକାରୀ ଯୋଜନାରେ ଉପଯୁକ୍ତ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ବିଧାୟକ ସାହୁ ଆହ୍ୱାନ ଦେଇଥିଲେ। ଏହାସହ ଗ୍ରାମରେ ସମସ୍ତ ମହିଳାଙ୍କୁ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡ଼ିକ ସମ୍ପର୍କରେ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବ୍ଲକର ୨୭ଟି ପଞ୍ଚାୟତର ବିଜୁ ଜନତା ଦଳର ମହିଳା ମୋର୍ଚ୍ଚାର କର୍ମୀମାନେ ଯୋଗ ଦେଇଥିଲେ। ବ୍ଲକସ୍ତରୀୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ସମଲ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନଶୃଙ୍ଖଳା ବଜାୟ ରଖୁ ପୋଲିସ

ବଇଣ୍ଡା,୨୯।୯(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଅପରାଧ ବୃଦ୍ଧି ଯୋଗୁ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏଥିପ୍ରତି ପୋଲିସ ଅଧିକ ଗୁରୁତ୍ୱ ଦେଉ ଆଇନ ଶୃଙ୍ଖଳା କିପରି ବଜାୟ ରହିବ ସେ ଦିଗରେ ଗୁରୁତ୍ୱ ଦେବା ଜରୁରୀ ବୋଲି କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୁଳିଆ ପଞ୍ଚାୟତ ସଭାଗୃହ ପରିସରରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ଯୋଗଦେଇଥିବା ଅଞ୍ଚଳବାସୀ ଏହା କହିଛନ୍ତି। ଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହଣ୍ଡପା ଥାନା ସେକେଣ୍ଡ ଅଫିସର ପ୍ରାଣକୃଷ୍ଣ ମଲ୍ଲିକ, ଏଏସ୍‌ଆଇ କୁନି ବାରିକ, ସରପଞ୍ଚ କୁମୁଦୁନୀ ପ୍ରଧାନ, ଜଗଦାନନ୍ଦ ସାହୁ, ବିରଞ୍ଚି ସାହୁ, ପ୍ରଦୋଷ ପରିଡ଼ା, ସୁଶାନ୍ତ ସାହୁ, ଭଗବାନ ସାହୁ, ଧନୁ ଦେହୁରୀ, ଜଗନ୍ନାଥ ମାଝି, ଜେନାମଣି ସାହୁ, ମନୋଜ କୁମାର ପ୍ରଧାନ, ଦୁଃଶାସନ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ କୁରୁମଟାବ ପଞ୍ଚାୟତ ସଭାଗୃହ ପରିସରରେ ଠାକୁରଗଡ଼ ଥାନା ପକ୍ଷରୁ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ଅନନ୍ତ ଚରଣ ସାହୁ, ଠାକୁରଗଡ଼ ଥାନା ଆଇଆଇସି ବବାକ୍ଷ ନାୟକ, ଏଏସ୍‌ଆଇ କରୁଣାକର ନନ୍ଦ, ଅର୍ଜୁନ ସାମଲ, ଗଗନ ବିହାରୀ ସାହୁ, ଲଚ୍ଛମନ ସାହୁ, ଗଣେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ପୋଲିସ୍ କର୍ମଚାରୀଙ୍କ ସହ ଗ୍ରାମବାସୀ।

### ଦୁର୍ଘଟଣାରେ ୨ ଆହତ

ଅନୁଗୋଳ ଅଫିସ, ୨୯।୯
ଅନୁଗୋଳ କଲେଜ ଛକରେ ଶନିବାର ରାତିରେ ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣ ଆହତ ହୋଇଥିବାବେଳେ ଜଣକ ଅବସ୍ଥା ଗୁରୁତର ରହିଛି। ଉଭୟଙ୍କ ଘର ଶୁଣ୍ଠୁଡା ଅଞ୍ଚଳର ବୋଲି ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପବିତ୍ରନଗର, ୨୯।୯(ଡି.ଏନ.ଏ.)
କଣିହାଁ ବ୍ଲକ ପବିତ୍ରନଗର ଯୁକ୍ତ ୨ ମହାବିଦ୍ୟାଳୟରେ ଶୁକ୍ରବାର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ କଲେଜର ବରିଷ୍ଠ ପ୍ରାଧାପକ ଶୁଭେନ୍ଦୁ ପ୍ରସନ୍ନ ବର୍ମା ମୁଖ୍ୟଅତିଥି, ପ୍ରାଧାପକ ନାରାୟଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧାପକ ରମାକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନଞ୍ଜୟ ସିଂ, ରବୀନ୍ଦ୍ର ଗଡନାୟକ ସହଯୋଗ କରିଥିଲେ।

# ୬୪ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ




ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

ଛେଣ୍ଡିପଦା,୨୯।୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ଶନିବାର ବ୍ଲକସ୍ତରୀୟ ମଧୁବାବୁ ପେନସନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ଯୋଗ ଦେଇ ଚାଙ୍ଗୁଡିଆ ପଞ୍ଚାୟତର ୬୪ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବୈଜ୍ଞାନିକ ନରେନ୍ଦ୍ରଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧନା



ନରେନ୍ଦ୍ରଙ୍କ ପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଅନୁଗୋଳ ଅଫିସ, ୨୯।୯

ଇସ୍ରୋରେ ନିଜ ସ୍ଥାନ ସୁରକ୍ଷିତ କରିଥିବା ବୈଜ୍ଞାନିକ ଅନୁଗୋଳର ନରେନ୍ଦ୍ର ଦେହୁରୀଙ୍କ ମାତାପିତାଙ୍କୁ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ(ଆର୍‌ଏସ୍‌ଏସ୍) ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ପୂର୍ବ କ୍ଷେତ୍ର ପ୍ରଚାରକ ପ୍ରଦୀପ ଜୋସି, ପୂର୍ବପ୍ରାନ୍ତ କାର୍ଯ୍ୟବାହ ଅନିଲ ମିଶ୍ର, ସହ ପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ, ସମାଜିକକର୍ମୀ ରବି ନାରାୟଣ ନନ୍ଦ ଓ ହରିମୋଦି ପ୍ରମୁଖ ତାଙ୍କ କ୍ୱାର୍ଟର୍ସକୁ ଯାଇ ମାତାପିତାଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ନରେନ୍ଦ୍ର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢୁଥିଲେ। ଏବେ ଇସ୍ରୋର ପରୀକ୍ଷାରେ ଏକ ଲକ୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସେ ୭ମ ସ୍ଥାନ ଅଧିକାର କରିଛନ୍ତି। ୨୦୦୪ ରେ ସେ ବର୍ତ୍ତମାନର ବିଦେଶ ମନ୍ତ୍ରୀ ତଥା ତତ୍କାଳୀନ ସୂଚନା ପ୍ରସାରଣ ମନ୍ତ୍ରୀ ସୁଷମା ସ୍ୱରାଜଙ୍କଠାରୁ ସମ୍ମାନିତ ହୋଇଥିଲେ।

■ବିଜ୍ଞାନାଗାର ପ୍ରଦର୍ଶକ ସଂଘର ସାଧାରଣ ପରିଷଦ ବୈଠକ

# ତିଳକରାମ ସଭାପତି, ସନ୍ତୋଷ ସମ୍ପାଦକ

ଅନୁଗୋଳ ଅଫିସ, ୨୯।୯

ଓଡ଼ିଶା ସରକାରୀ ମହାବିଦ୍ୟାଳୟ ବିଜ୍ଞାନଗାର ପ୍ରଦର୍ଶକ ସଂଘର ଏକ ସାଧାରଣ ପରିଷଦ ବୈଠକ ପୁରୀ ସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ପୂର୍ବତନ ସଭାପତି ସୁରେଶ ଚନ୍ଦ୍ର ମିଶ୍ର(ଅବସର ପ୍ରାପ୍ତ) ଓ ସୂର୍ଯ୍ୟମଣି ଖୁଣ୍ଟିଆ(ଅବସର ପ୍ରାପ୍ତ)ଙ୍କ ତତ୍ତ୍ୱାବଧାନରେ ଆଗାମୀ ଦିନ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ପଞ୍ଚାୟତ କଲେଜ ବରଗଡ଼ର ତିଳକରାମ ପ୍ରଧାନ ମନୋନୀତ ହୋଇଥିବାବେଳେ ଯାଜପୁର ଏନ୍‌ସି କଲେଜର ଡ. ସଞ୍ଜିବନୀ ପଣ୍ଡା ଉପ ସଭାପତି, ଅନୁଗୋଳ ସରକାରୀ ମହାବିଦ୍ୟାଳୟର ସନ୍ତୋଷ କୁମାର ମହାନ୍ତି ସାଧାରଣ ସମ୍ପାଦକ, ବାଲେଶ୍ୱର କୁନ୍ତଳା କୁମାରି ସାବତ ମହାବିଦ୍ୟାଳୟର ଅକ୍ଷୟ କୁମାର ଦାସ ଯୁଗ୍ମ ସମ୍ପାଦକ, ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ସଞ୍ଜୟ କୁମାର ସୁନ୍ଦରରାୟ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଜିତେନ୍ଦ୍ର ନାରାୟଣ ସାମନ୍ତ, ମମତା ମହାପାତ୍ର, ଡ. ମାନସୀ ବିଶୋଇ, ଶ୍ରୀକୃଷ୍ଣ ଚନ୍ଦ୍ର ପଣ୍ଡା, ଭକ୍ତି ପ୍ରସାଦ ମହାପାତ୍ର, ସୁଶାନ୍ତ କୁମାର ଶତପଥୀ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଦିଲୀପ କୁମାର ଶତପଥୀ, ମଞ୍ଜୁଲତା ପ୍ରଧାନ, ଡ. ରମେଶ ପ୍ରସାଦ ଚୌଧୁରୀ ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ୟୁଜିସି ଦରମା ପ୍ରଦାନ, ଆର୍‌ଏଏସ୍‌ପି ପ୍ରଦାନ ପ୍ରମୁଖ ବିଷୟରେ ଆଲୋଚନା କରାଯାଇଥିଲା। ବିଦାୟୀ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାହୁ, ସମସ୍ତ ବିଦାୟୀ କର୍ମକର୍ତ୍ତା ଓ ନୂତନ ଉପଦେଷ୍ଟା ମଣ୍ଡଳୀ, ସୁରେନ୍ଦ୍ର ନାଥ ମିଶ୍ର, ଶଙ୍କର ପ୍ରସାଦ ପଣ୍ଡା, ପ୍ରୀତମ ମୁଦୁଲି, ସୂର୍ଯ୍ୟମଣି ଖୁଣ୍ଟିଆ, ଅମରେନ୍ଦ୍ର ପ୍ରସାଦ ମହାନ୍ତି ଓ ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାମାନେ।

### ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଆଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ଗୁରୁତର

ଛେଣ୍ଡିପଦା,୨୯।୯(ଡି.ଏନ.ଏ.)- ଛେଣ୍ଡିପଦା-ଅନୁଗୋଳ ରାଜ୍ୟ ରାଜପଥର କୋଶଳା ବଜାରଠାରେ ଶନିବାର ଏକ କୁକୁଡ଼ା ଡିଆଁ ବୋଝେଇ ଗାଡ଼ି ଧକ୍କାରେ କୋଶଳା ଗ୍ରାମର ବାଦଲ ବାରିକ (୧୮) ଗୁରୁତର ହୋଇଛନ୍ତି। ବାଦଲ ରାସ୍ତା ଅତିକ୍ରମ କରୁଥିବାବେଳେ ଛେଣ୍ଡିପଦାରୁ ଅନୁଗୋଳ ଅଭିମୁଖେ ଯାଉଥିବା କୁକୁଡ଼ା ବୋଝେଇ ଗାଡ଼ି (ନଂ.ଓଡ଼ି୦୫ଡବ୍ଲ୍ୟୁ୧୮୮୪) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

### ଟଙ୍କା, ସୁନା ଲୁଟ୍ ଅଭିଯୋଗ

ବଅଁରପାଳ, ୨୯।୯(ଡି.ଏନ.ଏ.)- ନାଲକୋ ଥାନା ବଳରାମ ପ୍ରସାଦ ଗ୍ରାମର ପୂର୍ଣ୍ଣେନ୍ଦୁ ସାହୁଙ୍କଠାରୁ ଲୁଟ୍ ହୋଇଛି। ଏ ନେଇ ସେ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମରେ ଥିବା ଏକ ପେଟ୍ରୋଲ ଟାଙ୍କିକୁ ଶୁକ୍ରବାର ରାତିରେ ପୂର୍ଣ୍ଣେନ୍ଦୁ ଗାଡ଼ିରେ ତେଲ ପକାଇବାକୁ ଯାଇଥିଲେ। ସେହି ସମୟରେ କେତେକ ଦୁର୍ବୃତ୍ତ ଆସି ତାଙ୍କୁ ଚାନ୍ଦା ମାଗିଥିଲେ। ମାତ୍ର ସେ ଚାନ୍ଦା ନ ଦେବାକୁ ମନା କରିବାରୁ ତାଙ୍କଠାରୁ ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ଲୁଟି ନେଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଁଣ୍ଡା,୨୯।୯(ଡି.ଏନ.ଏ.)- ଠାକୁରଗଡ଼ ଥାନା ଲୁହୁରାପଦା ଗ୍ରାମର ରଞ୍ଜନ ନାୟକଙ୍କୁ ସେହି ଗ୍ରାମର କରୁଣା ପାତ୍ର ଶୁକ୍ରବାର ରାତିରେ ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ. ९२/୧୮ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି,୨ ବର୍ଷ ହେବ ଉଭୟଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଶୁକ୍ରବାର ରାତିରେ ରଞ୍ଜନ ଏକୁଟିଆ ଥିବା ଦେଖି କରୁଣା ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଲୋକଙ୍କ ଅଭିଯୋଗ ଉପରେ ଗୁରୁତ୍ୱ

ତାଳଚେର, ୨୯।୯(ନି.ପ୍ର.)- ତାଳଚେର ସଦର ଥାନା ପକ୍ଷରୁ ବ୍ରଜନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୋଲିସ ସମିତିର ମାସିକ ଆଲୋଚନା ଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଥାନା ଏସ୍ଆଇ ବନାନୀ ବେହେରା, ପ୍ରକାଶ ବେହେରା, ଅବିନାଶ ତ୍ରିପାଠୀ, ଶ୍ରୀକାନ୍ତ ଦାସ, ଯୁଗଳ ଗଡନାୟକ, ବାବୁଲି ପଟ୍ଟନାୟକ, ପ୍ରିୟମାଧବ ସାହୁ, ସରପଞ୍ଚ ଭାଗୀରଥି ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀନବନ୍ଧୁ ସାହୁ, ଆମ ପୋଲିସ୍ ମେମ୍ବର ସୀତାକାନ୍ତ ପାଣି, ଜିତେନ କୁମାର ପ୍ରଧାନ, ଗ୍ରାମବାସୀ ଓ ଲୋକପ୍ରତିନିଧି ଯୋଗ ଦେଇଥିଲେ। ବ୍ରଜନାଥପୁରରେ ବିଭିନ୍ନ ସମସ୍ୟା, ଆଇନ୍ ଶୃଙ୍ଖଳା ସମ୍ପର୍କରେ ବୈଠକରେ ଆଲୋକପାତ କରିଥିଲେ। ଲୋକଙ୍କ ଅଭିଯୋଗ ଓ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ବେଆଇନ୍ ମଦ ବିକ୍ରି ବନ୍ଦ କରାଯିବା, ରାସ୍ତା କଡରେ ଗାଡି ପାର୍କିଂ ନ କରିବା, ହେଲମେଟ୍ର ବ୍ୟବହାର, ବୃକ୍ଷରୋପଣ, ଶିଶୁ ନିର୍ଯାତନା ରୋକିବା ସହ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଆଇଆଇସି କିମ୍ବା ନିକଟରେ ଥିବା ଗୋଡିବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ବେହେରାଙ୍କୁ ଜଣାଇବା ପାଇଁ ବୈଠକରେ କୁହାଯାଇଥିଲା।

### ରକ୍ତଦାନ ଦିବସ ପାଳନ ପ୍ରସ୍ତୁତି

ଅନୁଗୋଳ ଅଫିସ, ୨୯।୯- ଅନୁଗୋଳ ରକ୍ତ ଭଣ୍ଡାର ଅନୁଗୋଳ ଶାଖା ପକ୍ଷରୁ ଆସନ୍ତା ଅକ୍ଟୋବର ୨ ରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବିଶ୍ୱଜିତ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଆଧାତ୍ମିକ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ରକ୍ତଭଣ୍ଡାରର କର୍ମଚାରୀମାନେ ଉପସ୍ଥିତ ଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ସକାଳ ୮ଟାରେ ଏକ ବାଇକ୍ ଶୋଭାଯାତ୍ରା ରକ୍ତ ଭଣ୍ଡାର ସମ୍ମୁଖରୁ ବାହାରି ସଚେତନତା ନିମନ୍ତେ ସହର ପରିକ୍ରମା କରିବ। ଶୋଭାଯାତ୍ରା ଫେରିବା ପରେ ରକ୍ତଦାନ ଭବନଠାରେ ରକ୍ତଦାନ ଶିବିରର ଆୟୋଜନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଓ ବିଭିନ୍ନ ସଙ୍ଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଶେଷରେ ଏହି ରକ୍ତଦାନ ଭବନ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗଦେବାକୁ ରକ୍ତଭଣ୍ଡାର ତରଫରୁ ଅନୁରୋଧ କରାଯାଇଛି।

■ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

# ଜିଲାର ଅପରାଧ ସ୍ଥିତି ସମୀକ୍ଷା

ଅନୁଗୋଳ ଅଫିସ, ୨୯।୯



ଅନୁଷ୍ଠିତ ସମନ୍ୱୟ ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଜିଲାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ବିଭିନ୍ନ ମକଦ୍ଦମାର ଯୁଗ୍ମ ତଦନ୍ତ ଓ ଯୁଗ୍ମ ପରିଦର୍ଶନ କାର୍ଯ୍ୟକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ଶନିବାର ପୂର୍ବାହ୍ନରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ବସିଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ବିଭାଗ ଅଧୀନରେ ଅପରାଧର ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। ଜିଲାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦିଗରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାର ଏହି ବୈଠକକୁ ନିୟମିତ ଡାକିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ପୋଲିସ ଓ ମାଜିଷ୍ଟ୍ରେଟ ପରସ୍ପରର ପରିପୂରକ। ଅନେକ ଗୁରୁତ୍ୱପୂର୍ଣ୍ଣ ଯୁଗ୍ମ ତଦନ୍ତ, ଯୁଗ୍ମ ପରିଦର୍ଶନ, ସାମ୍ପ୍ରଦାୟିକ ସଦ୍ଭାବ ପ୍ରତିଷ୍ଠା ନିମନ୍ତେ ସେମାନେ ସମନ୍ୱୟ ରଖି ନିଜ ନିଜର ଦାୟିତ୍ୱ ନିଷ୍ଠାର ସହ ପାଳନ କରିବାକୁ ଜିଲାପାଳ କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଏଥିରେ ଅବକାରୀ ବିଭାଗର ବିଭିନ୍ନ ଅପରାଧ ରିପୋର୍ଟ ସମ୍ପର୍କରେ ସମୀକ୍ଷା ହୋଇଥିଲା। ଜିଲାରେ ଏକ ବର୍ଷ ମଧ୍ୟରେ ହୋଇଥିବା ରାସ୍ତା ଅବରୋଧ ମାମଲା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସମସ୍ତ ମାମଲାକୁ ସମ୍ପୃକ୍ତ ଅଞ୍ଚଳର ଥାନାରେ ପଞ୍ଜୀକରଣ ହେବା ବାଧ୍ୟତାମୂଳକ ବୋଲି ବୈଠକରେ କୁହାଯାଇଥିଲା। ଏମ୍‌ସିଏଲ୍, ନାଲ୍‌କୋ, ଏନ୍‌ଟିପିସି ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାଗୁଡ଼ିକରେ ବିଭିନ୍ନ ସମୟରେ ଜମିହରା ପ୍ରଜା ଓ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଉପୁଜୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି ସହ ବିଭିନ୍ନ ମାମଲାଗୁଡ଼ିକର ସ୍ଥିତି ଓ ଏହାର ଫଏସଲା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସେହିପରି ବନ ଓ ଅବକାରୀ ବିଭାଗର ପଡ଼ିରହିଥିବା ବିଭିନ୍ନ ମକଦ୍ଦମା ଓ ଏହାର ଯୁଗ୍ମ ତଦନ୍ତ ରିପୋର୍ଟ ସମ୍ପର୍କରେ ଆଲୋଚନା ହେବା ସହ ଆଇନର ଠିକ

> ■ଆଇନର ଠିକ୍ କାର୍ଯ୍ୟକାରିତାକୁ ଗୁରୁତ୍ୱ
>
> ■ବିଭିନ୍ନ ମକଦ୍ଦମାର ତ୍ୱରିତ ଫଇସଲା ପାଇଁ ଆଲୋଚନା
>
> ■ନିୟମିତ ବୈଠକ ପାଇଁ ଜିଲାପାଳଙ୍କ ପରାମର୍ଶ

କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁର୍ଘଟଣା ପରେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ୭ ଦିନ ଭିତରେ ପ୍ରଦାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସମ୍ୟକ ସାମନ୍ତରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବ ପ୍ରସାଦ ପାଢ଼ି, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଡେପୁଟି କଲେକ୍ଟର ବଇତୁର ଦୀପ୍, ସରକାରୀ ଓକିଲ ପରମାନନ୍ଦ ମିଶ୍ର ଓ ସ୍ୱତନ୍ତ୍ର ସରକାରୀ ଓକିଲ ମହେନ୍ଦ୍ର କୁମାର ବସ୍ତିଆଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ପୋଲିସ ଷ୍ଟେଶନର ଭାରପ୍ରାପ୍ତ ଥାନା ଅଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସୋଆ ବିଶ୍ୱବିଦ୍ୟାଳୟରେ କମ୍ପାନୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ସିଙ୍ଗରାଣୀ କଲିଏରିଜ୍ ପୁରସ୍କୃତ

ଅନୁଗୋଳ ଅଫିସ, ୨୯।୯

୨୦୧୭-୧୮ ଆର୍ଥିକ ବର୍ଷରେ ସର୍ବଭାରତୀୟ ସ୍ତରରେ କୋଇଲା ଉତ୍ତୋଳନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ସିଙ୍ଗରାଣୀ କଲିଏରିଜ୍ କମ୍ପାନୀ ଲିମିଟେଡକୁ ପୁରସ୍କୃତ କରାଯାଇଛି। ସୋଆ ବିଶ୍ୱ ବିଦ୍ୟାଳୟ ପରିସରରେ ଇଣ୍ଡିଆନ ଇନଷ୍ଟିଟ୍ୟୁଟ ଅଫ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟରିଂର ହିରକ ଜୟନ୍ତୀ ପାଳନ ଉପଲକ୍ଷେ ଗତ ୨୭ ତାରିଖରେ ଆୟୋଜିତ ଜାତୀୟ ସମ୍ମିଳନୀରେ କମ୍ପାନୀର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏନ୍ ଶ୍ରୀଧର, ଆଇଏଏସ୍‌ଙ୍କୁ କୋଲା ଇଣ୍ଡିଆ ପ୍ରଡକ୍ଟିଭିଟି ଆୱାର୍ଡ ପ୍ରଦାନ କରାଯାଇଛି। କମ୍ପାନୀ ଅଧୀନସ୍ଥ ଅନୁଗୋଳ ଛେଣ୍ଡିପଦା ବ୍ଲକର ନୈନୀ କୋଲ ବ୍ଲକର ଜେନେରାଲ ମ୍ୟାନେଜର ସି ବିଜୟ ରାଓ ଏହି ପୁରସ୍କାର ମୁଖ୍ୟଅତିଥି ମରିସସ୍‌ର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ରାଜକିଶ୍ୱର ପୁର୍ୟାଗଙ୍କଠାରୁ ଗ୍ରହଣ କରିଛନ୍ତି। ଏହି ଅବସରରେ କମ୍ପାନୀର ଓଡ଼ିଶା ଶାଖାର ଡକ୍ଟର ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସୋଆ ବିଶ୍ୱ ବିଦ୍ୟାଳୟର କୁଳାଧିପତି ଡ. ଖଗେଶ୍ୱର ପ୍ରଧାନ, ମହା ନିର୍ଦ୍ଦେଶକ ଡ. ଭାସ୍କର ଭଣ୍ଡାରକର, ଡ. ଅମିୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନୈନୀ କୋଲ ବ୍ଲକର ପରାମର୍ଶଦାତା ଡ. ଧରଣୀଧର ନାଥ, ପୂର୍ଣ୍ଣଚନ୍ଦ୍ର ରାଜ, ଇଂ ଉଜ୍ଜ୍ୱଳ କୁମାର ବେହେରା, ପି.ରାଜନ୍ନା, ବି. ରବି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। କମ୍ପାନୀ ଅଧୀନରେ ଏବେ ୪୮ଟି କୋଇଲା ଖଣି କାର୍ଯ୍ୟକ୍ଷମ। ଭାରତ ଓ ତେଲେଙ୍ଗାନା ସରକାରଙ୍କର ମିଳିତ ସହଭାଗିତାରେ ଏହି କମ୍ପାନୀ ଚାଲୁଥିଲାବେଳେ ଛେଣ୍ଡିପଦା ବ୍ଲକର ନୈନୀ କୋଇଲା ଖଣି ଏହି କମ୍ପାନୀକୁ ଆବଣ୍ଟନ କରାଯାଇଛି। କୋଇଲା ଉତ୍ତୋଳନ କ୍ଷେତ୍ରରେ ସର୍ବୋତ୍ତମ କାର୍ଯ୍ୟ ଦକ୍ଷତା ଯୋଗୁ ଏହି କମ୍ପାନୀକୁ ପୁରସ୍କୃତ କରାଯାଇଥିବା ସୂଚନା ଦିଆଯାଇଛି।

## ମନ୍ତ୍ରୀ ମହାରଥୀଙ୍କୁ ବହିଷ୍କାର ଦାବି

ଅନୁଗୋଳ ଅଫିସ, ୨୯।୯



ଭାଜପା ମହିଳା ମୋର୍ଚ୍ଚାର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଜ୍ୟ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ମହିଳାମାନଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେଇଥିବାରୁ ତାଙ୍କୁ ତୁରନ୍ତ ମନ୍ତ୍ରୀ ପଦରୁ ବହିଷ୍କାର କରିବାକୁ ଦାବି କରିଛି ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚା। ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡ଼ାଙ୍କ ଆହ୍ୱାନ କ୍ରମେ ଶନିବାର ଜିଲା ସଭାନେତ୍ରୀ ବସନ୍ତ ମଞ୍ଜରି ପ୍ରଧାନଙ୍କ ନେତୃତ୍ୱରେ ମହାରଥୀଙ୍କ କୁଶ ପୁତ୍ତଳିକା ସହା କରାଯିବା ସହ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସରକାର ମହିଳାମାନଙ୍କୁ ସମ୍ମାନ ଦେବା ବଦଳରେ ତାଙ୍କପ୍ରତି ଅପମାନସୂଚକ ମନ୍ତବ୍ୟ ଦେଉଥିବା ଅଭିଯୋଗ କରି ଏହାକୁ ଭାଜପା ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ବିକ୍ଷୋଭ ପ୍ରତିବାଦରେ ମୋର୍ଚ୍ଚାର ଢେଙ୍କାନାଳ ଲୋକସଭା ପ୍ରଭାରୀ ସଂଘମିତ୍ରା ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ମୋର୍ଚ୍ଚା ପ୍ରଭାରୀ ପ୍ରକାଶ ସିଂ, ମୋର୍ଚ୍ଚା ପଦାଧିକାରୀ ଲକ୍ଷ୍ମୀପ୍ରିୟା ମହାନ୍ତି, ଶୁଚୀସ୍ମିତା ତ୍ରିପାଠୀ, ଉର୍ମିଳା ସାହୁ, ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ସୁଷମା ବେହେରା, ନଗର ମଣ୍ଡଳ ସଭାନେତ୍ରୀ ନମିତା ଦଳ ବେହେରା, ରୋଜାଲିନ ଦାସ, ମାଧବୀ ମହାପାତ୍ର, ସରିତା ମିଶ୍ର, ତିଳୋତ୍ତମା ସାମନ୍ତ, ଶୁଭସ୍ମିତା ନାଥ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ, ଜିଲା ଓବିସି ମୋର୍ଚ୍ଚା ସଭାପତି ଦିଲୀପ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଜଗନ୍ନାଥ ଗଡ଼ନାୟକ ସିଂ ପ୍ରମୁଖ ସାମିଲ ହୋଇଥିଲେ।

### କ୍ଲବ ଗଣପତ୍‌ର ଆଞ୍ଚାଲଡ୍ଡୁ ନିଲାମ

ଅନୁଗୋଳ ଅଫିସ, ୨୯।୯

ଅମଲାପଡ଼ା କ୍ଲବ ଗଣପତ୍ ତରଫରୁ ଗୁରୁବାର ସନ୍ଧ୍ୟାରେ ଆଞ୍ଚାଲଡ୍ଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ସମ୍ମାନିତ ଅତିଥି କାଉନସିଲର୍ ତାପସ ରଞ୍ଜନ ନାୟକ ଏବଂ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ ଯୋଗ ଦେଇଥିଲେ। ୧୬ ହଜାର ୬ ଶହ ଟଙ୍କାରେ ବ୍ୟବସାୟୀ ବୁଲି ମହାନ୍ତି ଲଡ୍ଡୁକୁ ନିଲାମରେ ନେଇଥିଲେ। ଭୁବନେଶ୍ୱର ସଙ୍ଗୀତ ଭାଇବ୍ରେସନ୍ ଏବଂ ବ୍ରହ୍ମପୁରର ସଙ୍ଗୀତା ପାଢ଼ି ଯୋଗଦେଇ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ। କ୍ଲବ ଗଣପତ୍‌ର ସଭାପତି ଆହ୍ୱାନ ରାଉତରାୟ ଅଧ୍ୟକ୍ଷତା କରିଥିବା ବେଳେ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭସାଣି ଅନୁଷ୍ଠିତ ହୋଇଥିଲା।

## ତାଳଚେର କଲେଜରେ ମୁଁ ହିରୋ କାର୍ଯ୍ୟକ୍ରମ



ତାଳଚେର ମହାବିଦ୍ୟାଳୟରେ ମୁଁ ହିରୋ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ତାଳଚେର,୨୯।୯(ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୁଁ ହିରୋ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବସନ୍ତ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ । ଅତିଥିଭାବେ ଅଧ୍ୟାପକ ଦିବ୍ୟଲୋଚନ କରନ,ଏଲ.ଡି ନାୟକ, ବିରଞ୍ଚି ନାରାୟଣ ସାମଲ, ସୁବ୍ରତ ଦାସ, ପ୍ରକଳ୍ପ ଅଧିକାରୀ ଦିବ୍ୟଲୋଚନ କର୍ଣ୍ଣ, ଜିପିଓ ସଲିଳ ଦାସ, କୋଅର୍ଡିନେଟର ରାଜେଶ କୁମାର ଧଳ, ସନ୍ତୋଷସାହୁ, ରାଜେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରମାନେ ଏହି ଯୋଜାନର ଭରପୂର ଲାଭ ଉଠାଇବା ସହ ନିଜର ପ୍ରତିଭାକୁ ପ୍ରଦର୍ଶନ କରି ଆଗକୁ ବଢ଼ିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

■ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଗଣ୍ଡଗୋଳ

## ୨ ଗୋଷ୍ଠୀ ବିବାଦ, କଲେଜ ଗେଟରେ ତାଲା




କଲେଜ ଗେଟ୍‌ରେ ତାଲା ପକାଯାଇଛି।

ବନ୍ତଳା, ୨୯।୯ (ଡ଼ି.ଏନ.ଏ)

ଆସନ୍ତା ୧୧ ତାରିଖରେ ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ର କରି ଶନିବାର ବନ୍ତଳା ଉଚ୍ଚ ଶିକ୍ଷା ଡିଗ୍ରୀ ମହାବିଦ୍ୟାଳୟରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। କଲେଜର ଜଣେ ଛାତ୍ରଙ୍କ ପାଖକୁ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ମୋବାଇଲରେ ଧମକ ଆସିବା ନେଇ କଲେଜ ପରିସର ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ଘଣ୍ଟାଏ ଧରି କଲେଜ ସମ୍ମୁଖ ଗେଟରେ ତାଲା ପକାଯିବା ସହ ଦୁଇ ଗୋଷ୍ଠୀ ମଧ୍ୟରେ ମାଡ଼ଗୋଳ ମଧ୍ୟ ହୋଇଥିଲା। ବନ୍ତଳା ଥାନା ଆଇଆଇସି ସବ୍ୟସାଚୀ ରାଉତ ଓ କର୍ମଚାରୀ ସେଠାରେ ପହଞ୍ଚି ପରିସ୍ଥିତି ଶାନ୍ତ କରିଥିଲେ। ଘଟଣାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷଙ୍କୁ ଦାୟୀ କରାଯାଇଥିଲା। ଅଧ୍ୟକ୍ଷ ଗୋଟିଏ ଗୋଷ୍ଠୀକୁ ସମର୍ଥନ କରୁଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ସୋମବାର ଛାତ୍ର କଂଗ୍ରେସ ତରଫରୁ ଆନ୍ଦୋଳନ କରାଯିବ ବୋଲି ପାଇଁ ଚେତାବନୀ ଦିଆଯାଇଛି। ଏ ବିଷୟରେ ଅଧ୍ୟକ୍ଷ ମନମୋହନ ସାହୁ କୁହନ୍ତି, ଲିଙ୍ଗଡ଼ୋ କମିଶନଙ୍କ ନିୟମ ଅନୁଯାୟୀ ନିର୍ବାଚନ ହେବ। କାହାକୁ ପାତର ଅନ୍ତର କରାଯାଉନାହିଁ। ମୁଁ କାହାକୁ ସମର୍ଥନ କରୁଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ଆସନ୍ତା ୧ ତାରିଖରେ ନିର୍ବାଚନ ପାଇଁ ନୋଟିଫିକେଶନ ବାହାରିବ। ୩ ତାରିଖରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ। ୪ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର, ୧୦ ତାରିଖରେ ମୁଁ କାହିଁକି ଛିଡ଼ା ହୋଇଛି ଓ ୧୧ ତାରିଖରେ ନିର୍ବାଚନ ହେବ ବୋଲି ସ୍ଥିର ହୋଇଛି।

■ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା

# ମୃତଦେହ ରଖି ରାସ୍ତାରୋକୋ

ବଇଣ୍ଡା,୨୯।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଟାପଢୋଲ ଗ୍ରାମର ମନୁ ବେହେରା(୪୫)ଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଗ୍ରାମବାସୀ ମୃତଦେହ ଗ୍ରାମକୁ ଆଣିଥିବା ଏକ ଆମ୍ବୁଲାନ୍ସ(ନଂ. ଓଆ।ର୦୫ଏଏସ୭୪୧୩)କୁ ଅଟକାଇବା ସହ କ୍ଷତିପୂରଣ ଯୋଗାଇଦେବା ଦାବିରେ ପାଇକସାହି-ମୁଣ୍ଡାସାହି ରାସ୍ତାରେ ମୃତଦେହ ରଖି ଅବରୋଧ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ମନୁ ବାତ ରୋଗରେ ପିଡ଼ୀତ ହୋଇଥିଲେ। ଗୁରୁବାର ସେ ଚାଲି ନ ପାରିବାରୁ ତାଙ୍କୁ ଅନ୍ତଳିଆ ଗ୍ରାମର ଜଣେ ମହିଳା ଚିକିତ୍ସା କରାଇଦେବାକୁ କହି ତାଙ୍କ ଘରୁ ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି ଅଞ୍ଚଳରେ ଥିବା ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ମନୁଙ୍କର ମୃତ୍ୟୁ ହୋଇଥିଲା। ପରେ ସମ୍ପୃକ୍ତା ମହିଳା ଜଣଙ୍କ ଅପରାହ୍ନରେ ତାଙ୍କ ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ ଟାପଢୋଲ ଗ୍ରାମକୁ ଆଣିଥିଲେ। ଅପରପକ୍ଷେ ତାଙ୍କ ପରିବାର ଲୋକ ମନୁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ମୃତ୍ୟୁର କାରଣ ଜାଣିବା ପାଇଁ ଗ୍ରାମବାସୀ ଘରୋଇ ମେଡ଼ିକାଲର ରିପୋର୍ଟଗୁଡ଼ିକୁ ସମ୍ପୃକ୍ତା ମହିଳା ଜଣଙ୍କୁ ମାଗିଥିଲେ। ହେଲେ ମହିଳା ଜଣକ କୌଣସି ରିପୋର୍ଟ ନ ଦେବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଗ୍ରାମବାସୀ ମୃତଦେହ ରାସ୍ତାରେ ରଖି ରାସ୍ତାରୋକୋ କରିବା ସହ ସମ୍ପୃକ୍ତା ମହିଳା, ଆମ୍ବୁଲାନ୍ସ ଡ୍ରାଇଭର ଆଠଗଡ଼ ଥାନା ରାଧାଦେଇପୁର ଗ୍ରାମର ପ୍ରଭାତ କୁମାର ସେଠୀ, ସହଯୋଗୀ ହରେକୃଷ୍ଣ ନାୟକଙ୍କୁ ଅଟକ ରଖିଥିଲେ। ଖବରପାଇ ଘଟଣାସ୍ଥଳରେ ଠାକୁରଗଡ଼ ଆଇଆଇସି ବବାକ୍ଷ ନାୟକ, ସ୍ଥାନୀୟ ସରପଞ୍ଚ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାତି ପ୍ରାୟ ୮ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଗ୍ରାମବାସୀ ଆମ୍ବୁଲାନ୍ସ ଅଟକ ରଖିବା ସହ ରାସ୍ତାରେ ବସି ଆନ୍ଦୋଳନ କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ରାସୋଲ, ୨୯।୯(ଡି.ଏନ୍.ଏ.)
ଢେଙ୍କାନାଳ ଜିଲା ରାସୋଲ ଥାନା ଅନ୍ତର୍ଗତ ପୁରୁଣା କଟକ-ସମ୍ବଲପୁର ରାସ୍ତାର ପେଟ୍ରୋଲ ପମ୍ପ ଆଗରେ ଶନିବାର ରାତିରେ ଦୁର୍ଘଟଣା ଘଟିଛି। ଏଥିରେ ରାସୋଲ ଗ୍ରାମର ସୁବ୍ରତ ନାୟକଙ୍କ ମୃତ୍ୟୁ ହୋଇଯାଇଛି। ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସୁବ୍ରତ ବାଇକ୍‌ରେ ଘରକୁ ଫେରୁଥିବାବେଳେ ତାଙ୍କୁ କୌଣସି ଅଜଣା ଗାଡ଼ି ଧକ୍କା ଦେଇ ପଳାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଖୁଣ୍ଟରେ ପିଟିହେଲା ବାଇକ୍, ଜଣେ ଗୁରୁତର

ରାସୋଲ, ୨୯।୯(ଡି.ଏନ.ଏ.)
ରାସୋଲ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର ମା' ସୁକିଆ ବାଉତୀ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ କଟକ ଅଞ୍ଚଳର ମହମ୍ମଦ ମୁଖ୍‌ତାର ଗୁରୁତର ହୋଇଛନ୍ତି। ସେ ବାଇକ୍ (ଓଆର ୦୫ ଏବି ୧୦୭୭)ରେ ଅନୁଗୋଳରୁ କଟକ ଫେରୁଥିବାବେଳେ ଭାରସାମ୍ୟ ହରାଇ ଏକ ଖୁଣ୍ଟରେ ପିଟି ହୋଇଯାଇଥିଲେ। ତାଙ୍କ ଡାହାଣ ହାତ ଓ ଛାତିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ହେଲ୍‌ମେଟ ପିନ୍ଧିଥିବାରୁ ତାଙ୍କ ଜୀବନ ବଞ୍ଚିଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### କାର୍ଯ୍ୟାଳୟରେ ତାଲା ପକାଇଲେ ଆଇନଜୀବୀ

ହିନ୍ଦୋଳ, ୨୯।୯(ଡି.ଏନ.ଏ.)
ହାଇକୋର୍ଟରେ କାର୍ଯ୍ୟରତ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ଆନ୍ଦୋଳନକୁ ତୀବ୍ର କରିଛି ହିନ୍ଦୋଳ ଓକିଲ ସଂଘ। ଶନିବାର ଓକିଲମାନେ କୋର୍ଟ, ଉପଜିଲାପାଳ, ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ସବ୍‌ଜଜ୍, ଉପଜିଲାପାଳ ଓ ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଛାଡ଼ି ନ ଥିଲେ। ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ଲୋକ ନିରାଶ ହୋଇ ଫେରିଯାଇଥିଲେ। ଆନ୍ଦୋଳନରେ ସଂଘ ଉପସଭାପତି ସନ୍ତୋଷ ବେହେରା, ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ଦିବାକର ଦାସ, କ୍ଷିତୀଶ ସର, କାମାକ୍ଷା ଦାସ, ଅରୁଣ ଦାସ, ସୁଶାନ୍ତ ସାହୁ, ଗଦାଧର ନାଠି, ପ୍ରଶାନ୍ତ ସାହୁ, ମନୋଜ ସାମଲ, ପ୍ରକାଶ ନାୟକ, ସୁରେଶ ବାରିକ, ବିବେକ ପଣ୍ଡା, ମନୋଜ ମହାଲିକ ପ୍ରମୁଖ ବହୁ ଆଇନଜୀବୀ ସାମିଲ ହୋଇଥିଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୨୯।୯(ଡି.ଏନ.ଏ.)
ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ଜଣେ ମହିଳାଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ସୁନ୍ଦର ମୋହନ ହେମ୍ବ୍ରମଙ୍କ ପତ୍ନୀ ମାନକ ହେମ୍ବ୍ରମ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ସକାଶେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଶନିବାର ମାଜିଷ୍ଟ୍ରେଟ ତଥା ସହକାରୀ ଜିଲାପାଳ ଧର୍ମେନ୍ଦ୍ର ଶତପଥୀଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ରେଳ ଧାରଣାରୁ ୨ ମୃତଦେହ ଉଦ୍ଧାର

ରୂପ୍‌ସା/ଜଳେଶ୍ୱର, ୨୯।୯(ଡି.ଏନ.ଏ.)
ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ରେଳ ଷ୍ଟେଶନ ନିକଟରୁ ଶନିବାର ଜିଆର୍‌ପି ଥାନା ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କ ବୟସ ୫୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୮୩/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସେହିପରି ଜଳେଶ୍ୱର ଓ ଲକ୍ଷ୍ମଣନାଥ ରେଳଷ୍ଟେଶନ ମଧ୍ୟରେ ଥିବା ରେଳଲାଇନ କଡ଼ରେ ଏକ ଅଚିହ୍ନା ମହିଳାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଳବାଇ ପୋଲିସକୁ ଖବର ଦେଇଥିଲେ। ଉକ୍ତ ମୃତଦେହକୁ ରେଳବାଇ ପୋଲିସ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ■ଜିଲା ମିଳିତ ମଞ୍ଚର ବୈଠକ

# ନିର୍ବାଚନରେ ଅସହଯୋଗ ଚେତାବନୀ

ଢେଙ୍କାନାଳ ଅଫିସ, ୨୯।୯

ଢେଙ୍କାନାଳ ଓଷ୍ଟା ସଂଘ କାର୍ଯ୍ୟାଳୟରେ ଜିଲା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ୬୬୨ ବର୍ଗ କଲେଜ ସଂଘର ଜିଲା ସଭାପତି ବିଜୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମିଳିତ ମଞ୍ଚର ଆବାହକ ଗୋଲୋକ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସରକାର ମାଗିଥିବା ଲିଖିତନାମା ଅଗଣତାନ୍ତ୍ରିକ। ଏଥିରୁ ନିବୃତ୍ତ ରହିବାକୁ ମୁଖ୍ୟଅତିଥି ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏ ନେଇ ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ ଶିକ୍ଷକଙ୍କୁ ଶପଥ ପାଠ କରାଇଥିଲେ। ଲିଖିତନାମା ସୂଚନାପତ୍ର ପ୍ରତ୍ୟାହାର, ୪୬ଦିନର ଦରମା ପ୍ରଦାନ, ୭ମ ବେତନ କମିଶନ ହାରରେ ଦରମା, ଅବସରକାଳୀନ ସୁବିଧା ଆଦି ଦାବି ପର୍ଯ୍ୟାୟକ୍ରମେ ମାସେ ମଧ୍ୟରେ ପୂରଣ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହା ନ ହେଲେ ଆଗାମୀ ନିର୍ବାଚନରେ ସମ୍ପୂର୍ଣ୍ଣ ଅସହଯୋଗ କରିବାକୁ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଅକ୍ଟୋବର ୨ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚ ପକ୍ଷରୁ ଅନଶନ କରାଯିବ। ଶିକ୍ଷାନୁଷ୍ଠାନରୁ ୨ଜଣଙ୍କୁ ବାଦ୍‌ଦେଇ ସମସ୍ତ ଶିକ୍ଷକ ଓ କର୍ମଚାରୀ ଏଥିରେ ଯୋଗଦେବାକୁ ସ୍ଥିର କରାଯାଇଛି। ସେହିପରି ଉକ୍ତଦିନ ରାଜ୍ୟସ୍ତରୀୟ ଆନ୍ଦୋଳନରେ ଦୁଇଜଣ ଲେଖାଏ କର୍ମକର୍ତ୍ତା ଯୋଗଦେବେ। ସେହିପରି ୩ ତାରିଖରେ ସ୍କୁଲ କଲେଜର ଶିକ୍ଷକ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହେବେ। ବୈଠକରେ ଜିଲା ଓଷ୍ଟା ସମ୍ପାଦକ ଅକ୍ଷୟ ସାହୁ, ଯୁଗ୍ମ ସମ୍ପାଦକ ବିଭୂତି ସାମଲ, ରାଜ୍ୟ ଉପସଭାପତି ସମୀର ସାହୁ, ଶିକ୍ଷକନେତା ପ୍ରମୋଦ ସ୍ୱାଇଁ, ପ୍ରଦୀପ ମିଶ୍ର, ପ୍ରଭାତ ସାମଲ, ଶ୍ରୀକାନ୍ତ ଚିନ୍ନାରା, ଧ୍ରୁବଚରଣ ସାହୁ, ସନ୍ତୋଷ ସାହୁ ପ୍ରମୁଖ ନିଜସ୍ୱ ମତାମତ ପ୍ରଦାନ କରିଥିଲେ । ଶେଷଦେବ ବାରିକ ଧନ୍ୟବାଦ ଦେଇଥିଲେ।


ବୈଠକରେ ମିଳିତ ମଞ୍ଚର କର୍ମକର୍ତ୍ତାମାନେ।

■୨ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ
■୩ରେ ରାଜଧାନୀରେ ରଣହୁଙ୍କାର ଦେବେ କର୍ମକର୍ତ୍ତା

## ସାପ୍ତାହିକ କାର୍ଯ୍ୟକ୍ରମ

୩୦।୧।୧୮
▶▶ଢେଙ୍କାନାଳ
କବିତା ସଙ୍କଳନ ଲୋକାର୍ପଣ ଉତ୍ସବ
ସ୍ଥାନ: ଶ୍ରୀରାମ ମଣ୍ଡପ, ଦକ୍ଷିଣକାଳୀ ରୋଡ୍
ସମୟ: ଅପରାହ୍ନ ସାଢ଼େ ୪ଟା।
▶▶ରାଜ୍ୟସ୍ତରୀୟ ମହିଳା ହକି ଉଦ୍‌ଯାପନୀ ସମାରୋହ
ସ୍ଥାନ: ମୁଖ୍ୟ ଷ୍ଟାଡିୟମ ପରିସର
ସମୟ: ଅପରାହ୍ନ ୩ଟା।
▶▶ବଅଁରପାଳ
ଦୁର୍ଗାପୂଜା ପ୍ରସ୍ତୁତି ବୈଠକ
ସ୍ଥାନ: କୁଲାଡ଼
ସମୟ: ପୂର୍ବାହ୍ନ ୧୧ଟା
▶▶ଅନ୍ତର୍ଜାତୀୟ ବଧିର ଦିବସ
ସ୍ଥାନ: ମିନିଷ୍ଟାଡିୟମ
ସମୟ: ପୂର୍ବାହ୍ନ ୧୦ଟା।

୧।୧୦।୧୮
▶▶ଢେଙ୍କାନାଳ
ଜନଶୁଣାଣି ଶିବିର
ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।
▶▶ଅନୁଗୋଳ
ଭାଗବତ ଜନ୍ମ ଉତ୍ସବ ଉଦ୍‌ଯାପନୀ ଦିବସ
ସ୍ଥାନ: ଜଗନ୍ନାଥ ମନ୍ଦିର
ସମୟ: ସନ୍ଧ୍ୟା ୭ଟା।
▶▶ମିଳିତ ଜନଶୁଣାଣି ବୈଠକ
ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା
▶▶ବଅଁରପାଳ
ନେପୁର ବୈଠକ
ସ୍ଥାନ:ସଙ୍ଗଠନ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୭ଟା।

ଢେଙ୍କାନାଳ
୨।୧୦।୧୮
ଗାନ୍ଧୀ ଜୟନ୍ତୀ ସମାରୋହ
ସ୍ଥାନ: ଗାନ୍ଧୀ ପାର୍କ ବସ୍‌ଷ୍ଟାଣ୍ଡ
ସମୟ: ପୂର୍ବାହ୍ନ ସାଢ଼େ ୭ଟା।
▶▶ବଅଁରପାଳ
ନେସର୍ ସଭା
ସ୍ଥାନ: ନେସ୍ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୭ଟା।

୪।୧୦।୧୮
▶▶ଅନୁଗୋଳ
ଦୁର୍ଗା ପୂଜା ଓ ଲକ୍ଷ୍ମୀପୂଜା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ
ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ
ସମୟ: ଅପରାହ୍ନ ୪ଟା।

୫।୧୦।୧୮
ଆର୍‌ଡିସିଙ୍କ ସହ ଗାଡ଼ରଖାଇ ଗ୍ରାମବାସୀଙ୍କ ବୈଠକ
ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ
ସମୟ: ଅପରାହ୍ନ ୪ଟା।

## ■ଆଇନ ସଚେତନତା ଶିବିରରେ ପରାମର୍ଶ

# ଏସିଡ୍ ପୀଡ଼ିତାଙ୍କ ପ୍ରତି ସମ୍ବେଦନଶୀଳ ହୁଅ

ଢେଙ୍କାନାଳ ଅଫିସ, ୨୯।୯

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ତାରାପ୍ରସାଦ ରଥ ଅଧ୍ୟକ୍ଷତା କରି ଏସିଡ୍ ଆକ୍ରମଣରେ ଶିକାର ହୋଇଥିବା ପୀଡ଼ିତ, ପୀଡ଼ିତାଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସେମାନଙ୍କ ପାଇଁ ଥିବା ଆଇନ ସହାୟତା, କ୍ଷତିପୂରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଏହି ଅବସରରେ କ୍ଷୁଦ୍ର ନାଟକ ମାଧ୍ୟମରେ ଛାତ୍ରୀଛାତ୍ର ଏବଂ ଉପସ୍ଥିତ ଦର୍ଶକଙ୍କୁ ସଚେତନ କରାଯାଇଥିଲା। ନାଟକକୁ ପ୍ରାଧିକରଣର ପ୍ୟାନେଲ ଲୟର କାମାକ୍ଷା ପ୍ରସାଦ ରଣା, ପାରାଲିଗାଲ ସ୍ୱେଚ୍ଛାସେବୀ କବିତା ବେହେରା, ସର୍ବେଶ୍ୱର ମଲ୍ଲିକ, ବଶିଷ୍ଠ ବରାଳ, ଅଖିଳ ନାୟକ, ଅଶୋକ ନାୟକ, ଅଞ୍ଜନ କୁମାର ପତି, ସସ୍ମିତା ସେନାପତି, ରଶ୍ମିତା ବେହେରା, ବ୍ରହ୍ମାନନ୍ଦ ସାହୁ, ସୁଚିତ୍ର ବେହେରା, ପାଣ୍ଡବ ନାୟକ, ବ୍ରହ୍ମାନନ୍ଦ ପାତ୍ର ନାଟକ ପରିବେଷଣ କରିଥିଲେ।

ଅତିରିକ୍ତ ଜିଲା ଦୌରାଜଜ୍ ଲଲାଟେନ୍ଦୁ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୋନାଲି ପଟ୍ଟନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସଞ୍ଜିତ କୁମାର ବେହେରା, ବରିଷ୍ଠ ଦେୱାନି ବିଚାରପତି ଅଞ୍ଜନା ସ୍ୱାଇଁ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ବରିଷ୍ଠ ଦେୱାନି ବିଚାରପତି (ମହିଳା ଅଦାଲତ) ଗୀତାଞ୍ଜଳି ନନ୍ଦ, ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, କଲେଜ ଅଧ୍ୟକ୍ଷା ରଶ୍ମି ମିଶ୍ର, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ଦେବରାଜ ପରିଡ଼ା, ପ୍ୟାନେଲ ଲୟର, ଅନନ୍ତ ସାହୁ, ପୁଷ୍ପକ ତ୍ରିପାଠୀ, ସସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ।



କଳାକାରମାନଙ୍କ ଦ୍ୱାରା ପରିବେଷିତ ସଚେତନତା ନାଟକ।

# ଅନୁପ୍ରବେଶକାରୀଙ୍କ ଦଖଲରେ ଖଣି ଉପତ୍ୟକା

ଯୋଡ଼ା, ୨୯।୯(ଡି.ଏନ.ଏ.):

କେନ୍ଦୁଝର ଜିଲାର ଖଣି ସମୃଦ୍ଧ ଯୋଡ଼ା ଅଞ୍ଚଳ ଅନୁପ୍ରବେଶକାରୀଙ୍କ କବଜାରେ ରହିଥିବା ଅଭିଯୋଗ ହେଉଛି। ବାହାର ରାଜ୍ୟ ତଥା ବଙ୍ଗୀୟର କେତେକ ସମ୍ପ୍ରଦାୟର ଲୋକେ ଏଠାକୁ କାମଧନ୍ଦା ପାଇଁ ଆସୁଛନ୍ତି। ବଡ଼ ଅଞ୍ଚଳ, ସରକାରୀ ଜମି, ଜଙ୍ଗଲ ଜମିରେ ଘର କରି ବର୍ଷକ ମଧ୍ୟରେ ସେମାନେ ରାଶନ କାର୍ଡ ଓ ଆଧାର କାର୍ଡ ସହି ଭୋଟର ପରିଚୟପତ୍ର ହାତେଇ ନେଉଛନ୍ତି। ନଥିପତ୍ର ସାହାଯ୍ୟରେ ବାହାର ଅଞ୍ଚଳର ଲୋକ ନିଜକୁ ସ୍ଥାନୀୟ ଦର୍ଶାଇ ବିଭିନ୍ନ ଖଣି କମ୍ପାନୀରେ ନିଯୁକ୍ତି ସୁବିଧା ପାଉଛନ୍ତି। ଏଥିପାଇଁ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳବାସୀ କାର୍ଯ୍ୟ ହରାଉଛନ୍ତି। ଦୈନିକ ଅନେକ ଅନୁପ୍ରବେଶକାରୀ ଉକ୍ତ ଅଞ୍ଚଳକୁ ଆସୁଥିବା ନଜିର ରହିଥିବା ଯୋଡ଼ାର ପିଣ୍ଟୁ ସିଂ, ଜନ୍ମେଜୟ ଦାସ, ସଞ୍ଜୟ ବାରିକ, ମାନସ ଆପଟ, ପ୍ରଭାତ ପଲେଇ, ବଜରଙ୍ଗୀ ସାହା, ମୋହିତ ପହୀ ଅଭିଯୋଗ ଆଣିଛନ୍ତି।

# ପରିବର୍ତ୍ତନ ବିନା ଉନ୍ନତି ଅସମ୍ଭବ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ ଅଫିସ,୨୯।୯

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈଷୟିକ ବିଭାଗ ପକ୍ଷରୁ ଶନିବାର 'ଚେଞ୍ଜ୍ ଏ ଡ୍ରାଇଭିଂ ଫୋର୍ସ ଫର୍ ଫ୍ୟୁଚର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ସଂଯୋଜକ ଅଧିକାରୀ ପ୍ରଫେସର ଧରଣୀଧର ରଣା ଯୋଗଦେଇ ପରିବର୍ତ୍ତନ ବିନା ଉନ୍ନତି ଅସମ୍ଭବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗୀୟ ମୁଖ୍ୟ ଡ. ଭଗବାନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅର୍ଥନୈତିକ ପରିବର୍ତ୍ତନ ଓ ଏହାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏନ୍‌ଆଇଟିଟିଆର୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସୁବ୍ରତ ଚଟ୍ଟୋପାଧ୍ୟାୟ ଆଲୋଚନାରେ ଭାଗ ନେଇ ଶିକ୍ଷା ଓ ପରିବର୍ତ୍ତନଶୀଳ କାର୍ଯ୍ୟଧାରା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆଧୁନିକ ଶିକ୍ଷା ପଦ୍ଧତିର ଆବଶ୍ୟକତା ସମ୍ପର୍କରେ ଶିକ୍ଷାର୍ଥୀଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ବୈଷୟିକ ବିଭାଗ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ପରିବର୍ତ୍ତନର କାରଣ ଓ ଏହାର ଉପାଦେୟତା ଉପରେ ମତ ରଖିଥିଲେ। ଅଧ୍ୟାପିକା ମାନସୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସନ୍ତୋଷ ନନ୍ଦ, ସ୍ୱରୂପ ପ୍ରଧାନ, ନିତ୍ୟସୁନ୍ଦର ସିଅ, ମନୋଜ କୁମାର ତ୍ରିପାଠୀ, ସୁଶାନ୍ତ ପାଲ, ପ୍ରଦ୍ୟୁମ୍ନ ଦାସ, ଏଲିନା ମହାପାତ୍ର ପରିଚାଳନାରେ ସହାୟତା କରିଥିଲେ। ଗାୟିତ୍ରୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷିମନ୍ତ୍ରୀଙ୍କ ବହିଷ୍କାର ଦାବିକଲା ଭାଜପା


ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୃଷି ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ଢେଙ୍କାନାଳ ଅଫିସ, ୨୯।୯

ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ପ୍ରତିବାଦରେ ଶନିବାର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଜେଡି ସରକାର ପକ୍ଷରୁ ମା'ଙ୍କୁ ସମ୍ମାନ ସ୍ଲୋଗାନ ଦିଆଯାଉଥିବାବେଳେ ମହିଳାଙ୍କୁ ଅପମାନ, ନିର୍ଯାତନା ବଢ଼ିଚାଲିଛି। ମନ୍ତ୍ରିମଣ୍ଡଳର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ମହିଳାଙ୍କ ପ୍ରତି ଏପରି ମନୋଭାବ ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ନେତୃବୃନ୍ଦ କହିଥିଲେ। ଜିଲା ସଭାପତି ନୀରୋଜ ନଳିନୀ ମହାଳିକଙ୍କ ନେତୃତ୍ୱରେ ମୋର୍ଚ୍ଚାର କର୍ମକର୍ତ୍ତାମାନେ ଧାରଣାରେ ବସିଥିଲେ। କୃଷିମନ୍ତ୍ରୀଙ୍କୁ ବହିଷ୍କାର କରା ନ ଗଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଜିଲା ଉପସଭାପତି ରତ୍ନପ୍ରଭା ପଣ୍ଡା, ସମ୍ପାଦିକା ଭାରତୀ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ସାହୁ, ସାଧାରଣ ସମ୍ପାଦିକା ଅନିତା ଦାସ, ଉପସଭାପତି ଲିଲି ଲେଙ୍କା, ପୁଷ୍ପାବିନୀ ଦାସ, ମାମିନା ପ୍ରଧାନ, ସ୍ୱର୍ଣ୍ଣଜିତା ସିଂଙ୍କ ସମେତ ଜିଲା ସଙ୍ଗଠନର ଚନ୍ଦନ ରାଉଳ, ଧ୍ରୁବଚରଣ ସ୍ୱାଇଁ, କାହ୍ନୁ ସିଂ, ସତ୍ୟରଞ୍ଜନ ଭୂୟାଁ, ନିରଞ୍ଜନ ଦାସ, ଗୌତମ ଘୋଷ, ମମତା ନାୟକ, ସୁଷମା ନାୟକ, କୁନିଲତା ନାୟକ, ଅମ୍ବିକା ନାୟକ, ଦେବଯାନୀ ଭୋଇ, କମଳିନୀ ନାୟକ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ବିଚାରପତିଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ

କଟକ ଅଫିସ,୨୯।୯

ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ଦକ୍ଷତା ବୃଦ୍ଧି ନିମନ୍ତେ ଜାତୀୟ ଆଲୋଚନାଚକ୍ରର ଆବଶ୍ୟକ ରହିଛି। ବିଚାରପତି, ବିଚାରବିଭାଗୀୟ ଅଧିକାରୀ ଓ ସରକାରୀ ଓକିଲମାନଙ୍କୁ ଏଭଳି ଆଲୋଚନାରେ ସାମିଲ କରିବା ଦରକାର। ବିଶେଷକରି ସାଇବର ଅପରାଧ ଏଥିରୁ ଅନ୍ୟତମ। ଏହିସବୁ ମାମଲାଗୁଡ଼ିକର ତ୍ୱରିତ ବିଚାର ଓ ପରିଚାଳନା ଉପରେ ଗୁରୁତ୍ୱ ଦେଇଛନ୍ତି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ନବୀନ ସିହ୍ନା। ଶନିବାର ଜୁଡିସିଆଲ ଏକାଡେମୀ ପରିସରରେ ଆଇନ ବିଷୟବସ୍ତୁ ଉପରେ ଆଧାରିତ ଦୁଇଦିନିଆ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଜଷ୍ଟିସ ସିହ୍ନା ଏହି କଥା କହିବା ସହିତ ଦକ୍ଷତା ବୃଦ୍ଧି ପାଇଁ ଆଇନ ଉପରେ ଅଧିକ ଅଧ୍ୟୟନ ଉପରେ ଗୁରୁତ୍ୱ ଦେଇଥିଲେ। ସୁପ୍ରିମକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ ବିନୀତ ସରନ ଓ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ନ୍ୟାୟ ବ୍ୟବସ୍ଥା ଓ ନ୍ୟାୟାଳୟ ଉପରେ କ୍ରମଶଃ ଲୋକଙ୍କ ଆସ୍ଥା ବଢୁଥିବା କହିଥିଲେ। ଜୁଡିସିଆଲ ଏକାଡେମୀର ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସ୍ୱଚ୍ଛତା ହିଁ ସ୍ୱାସ୍ଥ୍ୟର ମୂଳ ଆଧାର



ନଗର ପରିକ୍ରମାରେ ବାହାରିଥିବା ଶୋଭାଯାତ୍ରା

ଢେଙ୍କାନାଳ ଅଫିସ, ୨୯।୯

ଢେଙ୍କାନାଳ ପୌରାଞ୍ଚଳ କାଠଗଡ଼ାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଆରୋଗ୍ୟ ସମିତି ସଦସ୍ୟମାନେ ସ୍ୱଚ୍ଛଭାରତ ବାର୍ତ୍ତା ନେଇ ନଗର ପରିକ୍ରମା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଛାୟାକାନ୍ତ ପରିଡ଼ା, କାଉନ୍‌ସିଲର ସୁବ୍ରତ କୁମାର ନନ୍ଦ, ସାମାଜିକ କର୍ମୀ ପ୍ରଶାନ୍ତ ମିଶ୍ର ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଔଷଧୀୟ ଚାରାରୋପଣ କରାଯାଇଥିଲା। ମହିଳା ଆରୋଗ୍ୟ ସମିତି ସଦସ୍ୟା, ଆଶା, ଅଙ୍ଗନୱାଡ଼ି କର୍ମୀ, ଏଏନ୍‌ଏମ୍, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ସ୍ୱଚ୍ଛତାର ଶପଥପାଠ କରାଇବା ସହିତ ସ୍ୱଚ୍ଛତା ହିଁ ସ୍ୱାସ୍ଥ୍ୟର ମୂଳ ଆଧାର ବୋଲି ଆହ୍ୱାନ ଦିଆଯାଇଥିଲା।

## ସଂକ୍ଷେପରେ

### ଅନନ୍ତଶୟନ ଲୋକମହୋତ୍ସବ ପ୍ରସ୍ତୁତି

**ପରଜଙ୍ଗ, ୨୯।୯(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଅନନ୍ତ ଶୟନ ପୀଠରେ କାର୍ତ୍ତିକ ପୂର୍ଣ୍ଣିମାରୁ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ ଅନନ୍ତ ଶୟନ ଲୋକମହୋତ୍ସବ। ଏହାକୁ ସରସ ସୁନ୍ଦର କରିବାକୁ ବାଲିଯାତ୍ରା ପଡ଼ିଆରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ଚଳିତବର୍ଷ ଓଡ଼ିଆ ଚଳଚ୍ଚିତ୍ର ତାରକାଙ୍କ ସମେତ ସ୍ୱନାମଧନ୍ୟ କଳାକାରଙ୍କୁ ନିମନ୍ତ୍ରଣ କରାଯିବ। ୫ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ନିଷ୍ପତ୍ତି ହୋଇଛି। ମହୋତ୍ସବର ସଭାପତି ସୁଶାନ୍ତ କୁମାର ସିଂ, କୋଷାଧ୍ୟକ୍ଷ ଆର୍ତ୍ତତ୍ରାଣ ନାଥ, ଗ୍ରାମ ସଭାପତି ରାମାନନ୍ଦ ସିଂ, ପିଣ୍ଟୁ ପୃଷ୍ଟି, ଧୀରେନ୍ଦ୍ର ସିଂ, ଛବୀନ୍ଦ୍ର ରଣା, ଗୁରୁଚରଣ ରଣା, ନିରେନ୍ଦ୍ର ସିଂ, ବାବୁଲି ରଣା, ପ୍ରବୀଣ ବାରିକ, ରବି ବିଶ୍ୱାଳ, ସିପୁନ ପ୍ରଧାନ, ବାପୁନ ପ୍ରଧାନ, ଶିବୁ ପ୍ରଧାନ, ବିକାଶ ପୃଷ୍ଟି, ରିଣ୍ଟୁ ପୃଷ୍ଟି, ପ୍ରାଣବନ୍ଧୁ ବରାଳଙ୍କ ସମେତ ମହୋତ୍ସବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଇତିହାସ ବିଭାଗର ସ୍ୱାଗତ ସଭା

**ସାତମାଇଲ, ୨୯।୯ (ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଅଡିଟୋରିୟମରେ ଶୁକ୍ରବାର ଯୁକ୍ତ ୩ ଇତିହାସ(ସମ୍ମାନ) ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ବିମଳ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ଡ. ଅସିତ୍ କୁମାର ଜେନାମଣି, ସମ୍ମାନିତ ଅତିଥି ଅଧାପକ ଅକ୍ଷୟ ପାତ୍ର, ଅଧାପିକା ମମତା ପାଳ, ଅଧାପକ ମୁରଲୀକିଶୋର ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଧକ୍ଷ ଇତିହାସ ପଠନର ଉପାଦେୟତା ସମ୍ପର୍କରେ ଛାତ୍ରୀଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ବିଭାଗୀୟ ଅଧାପକ ଡ. ମହେନ୍ଦ୍ର କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ ସହଯୋଗ କରିଥିବାବେଳେ ଅଧାପିକା ଲକ୍ଷ୍ମୀପ୍ରିୟା ବେଉରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଚକ୍ଷୁ ପରୀକ୍ଷା ଉପକେନ୍ଦ୍ର ଲୋକାର୍ପିତ

**ଢେଙ୍କାନାଳ ଅଫିସ, ୨୯।୯**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବରପଦାରେ ଚକ୍ଷୁ ପରୀକ୍ଷା ଉପକେନ୍ଦ୍ର 'କ୍ଲିୟର ଭିଜନ' ଗୁରୁବାର ଲୋକାର୍ପିତ ହୋଇଯାଇଛି। ଏଠାରେ ଅଞ୍ଚଳର ଚକ୍ଷୁ ରୋଗୀମାନେ ଉପକୃତ ହୋଇପାରିବେ। ସାଇଶ୍ରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏହି ଉପକେନ୍ଦ୍ର ଖୋଲାଯାଇଛି। ଜିଲାରେ ଅନୁରୂପ ଭାବେ ୪ ଉପକେନ୍ଦ୍ର ଖୋଲାଯିବା ଯୋଜନା ରହିଥିବା ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ କୁମାର ବେହେରା ସୂଚନା ଦେଇଛନ୍ତି।

### ଉପଜିଲାପାଳଙ୍କୁ ସମସ୍ୟା ଜଣାଇଲା ଭାଜପା ଯୁବମୋର୍ଚ୍ଚା

**ଭୁବନ, ୨୯।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଞ୍ଚଳର ୮ଟି ପ୍ରମୁଖ ସମସ୍ୟା ନେଇ ଶନିବାର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଅନନ୍ତପୁରଠାରୁ ବାଟତାରିଣୀ ପୀଠ ଯାଏ କଂକ୍ରିଟ୍ ରାସ୍ତା ନିର୍ମାଣ, ବସ୍‌ଷ୍ଟାଣ୍ଡ ସମ୍ପ୍ରସାରଣ, ଏନ୍‌ଏସି ଅଧୀନ ସମସ୍ତ ରାସ୍ତା ମରାମତି, ଭୁବନକୁ ସବ୍‌ଡିଭିଜନ ମାନ୍ୟତା, ସୌର ବିଦ୍ୟୁତ୍ ଶକ୍ତି ସୁବିଧା ଉପଲବ୍ଧ କରାଇବା, ସ୍ଥାୟୀ ଷ୍ଟାଡିୟମ ପ୍ରତିଷ୍ଠା ଆଦି ରହିଛି। ଦାବିଗୁଡ଼ିକୁ କାର୍ଯ୍ୟକାରୀ କରା ନ ଗଲେ ୫ ତାରିଖରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ସନ୍ତୋଷ ବିହାରୀ, ସାଧାରଣ ସମ୍ପାଦକ ମିଟୁ ଦାସ, ସୌଭାଗ୍ୟ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ଆଇନ ସଚେତନତା ଶିବିର

**ଭୁବନ ୨୯।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଜେଏମ୍‌ଏଫ୍‌ସି ପକ୍ଷରୁ ଶୁକ୍ରବାର ନୀଳକଣ୍ଠପୁର ନୋଡ଼ାଲ ସ୍କୁଲ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେଏମ୍‌ଏଫ୍‌ସି ଅଭିଲିପ୍ସା ଗୋଚ୍ଛାୟତ ଅଧକ୍ଷତା କରିଥିଲେ। ଆଇନଜୀବୀ ବାବୁଲି ସେଠୀ, ସନାତନ ଗୁରୁ, ଦିବାକର ଦାସ, ନିରଞ୍ଜନ ଜେଠୀ ପ୍ରମୁଖ ଉପସ୍ଥିତ ରହି ଅସହାୟ, ଦୁର୍ବଳ ବର୍ଗ ନିମିତ୍ତ ଥିବା ବିଭିନ୍ନ ଦେୱାନୀ ଏବଂ ଫୌଜଦାରି ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। କୋର୍ଟ କର୍ମଚାରୀ, ଏସ୍‌ଏଚ୍‌ଜି ସଦସ୍ୟା, ବୁଦ୍ଧିଜୀବୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଇନ ବିଷୟରେ ଜ୍ଞାନ ଆହରଣ କରିଥିଲେ।

■ପରଜଙ୍ଗରେ ମହିଳା ବିଜେଡିର ମହାସମାବେଶ

# 'କନ୍ୟା ସନ୍ତାନଙ୍କୁ ପ୍ରାଥମିକତା ଦିଅ'

**ପରଜଙ୍ଗ, ୨୯।୯(ଡି.ଏନ୍.ଏ.)**




ଢେଙ୍କାନାଳ ଜିଲାରେ ପୁରୁଷ ଏବଂ ମହିଳା ଅନୁପାତ ଅତି ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଏବେ ଜିଲାରେ ୧୦୦୦ ପୁଅରେ ଝିଅ ସଂଖ୍ୟା ୮୬୦। ଏହା ସମାନସ୍ତରକୁ ନ ଆସିଲେ ସାମାଜିକ ସନ୍ତୁଳନ ବିଗିଡ଼ିଯିବ। କନ୍ୟା ସନ୍ତାନଙ୍କୁ ପ୍ରାଥମିକତା ଦେଲେ ଖୁବ୍ କମ୍ ସମୟରେ ଜିଲାରେ ଏହି ସମସ୍ୟା ଦୂର ହୋଇପାରିବ ବୋଲି କହିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ। ଢେଙ୍କାନାଳ ଜିଲା ପରଜଙ୍ଗ ସଦର ପାଣି ପଞ୍ଚାୟତ ସଭାଗୃହରେ ଶନିବାର ନିର୍ବାଚନମଣ୍ଡଳୀସ୍ତରୀ ମହିଳା ବିଜେଡି ମହାସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ।

ଏହି ଅବସରରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳରେ ଚାଳଘରେ ରହୁଥିବା ପରିବାରକୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାରୀସ୍ତରରେ ପ୍ରୟାସ ଆରମ୍ଭ ହୋଇଛି। ମହିଳାଙ୍କ ନାମରେ ବିଜୁ ପକ୍କାଘର କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ଏହାଦ୍ୱାରା ସମସ୍ତଙ୍କୁ କୋଠାଘରେ ରହିବାକୁ ସୁଯୋଗ ମିଳିବ। ସେହିପରି ମହିଳାଙ୍କ ନାମରେ ରାଶନ କାର୍ଡ, ୫୦% ସ୍ଥାନ ସଂରକ୍ଷଣ, ମହିଳା ସଶକ୍ତୀକରଣ ଯୋଜନାରେ ୧% ସୁଧରେ ଋଣ ସୁବିଧା, ମିଶନ ଶକ୍ତି ଯୋଜନା, ବିଜୁ କୃଷକ ଯୋଜନା, ଆମ ଗାଁ ଆମ ବିକାଶ ଯୋଜନାରେ ବୈଠକ ଗୃହ, ସାର୍ଟିଫିକେଟରେ ମା'ଙ୍କ ନାମକୁ ଅଗ୍ରାଧିକାର, ବାପଘର ସମ୍ପତ୍ତିରେ ଆଇନଗତ ଭାବେ ଝିଅଙ୍କ ସମାନ ଅଧିକାର ଆଦି ସୁନିଶ୍ଚିତ କରାଯାଇଛି। ମହିଳାଙ୍କ ପାଇଁ ଏକାଧିକ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ତାଲିକାରୁ ବାଦ୍ ପଡ଼ିଥିବା ୨୬ ଲକ୍ଷ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମହିଳାମାନେ ଆଗକୁ ଆସି ସରକାରୀ କାର୍ଯ୍ୟକ୍ରମରେ ଭାଗ ନେଲେ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ନେଇ ମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ରାଜ୍ୟରେ ଚାଲିଥିବା ୮ ଯୋଜନା ଏବଂ ୯୦% ଅନୁଦାନକୁ କେନ୍ଦ୍ର ସରକାର କାଟି ଦେଇଛନ୍ତି। ମହାନଦୀର ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ହେଉ କି ପୋଲାଭରମ ପ୍ରକଳ୍ପକୁ ଅନୁକମ୍ପା ସବୁଥିରେ ରାଜ୍ୟର ସ୍ୱାର୍ଥକୁ ବାଦ୍ ଦିଆଯାଇଛି। ଧାନର ସର୍ବାଧିକ ମୂଲ୍ୟ କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ ରାଜ୍ୟ ସରକାର ଅନୁରୋଧ କରିଥିବାବେଳେ କେନ୍ଦ୍ର ମାତ୍ର ୧୭୫୦ ଟଙ୍କା ଦେଉଛି। ରନ୍ଧନ ଗ୍ୟାସ, ତୈଳ ଦର ବୃଦ୍ଧି ରୋକିବାରେ ଭାଜପା ସରକାର ବିଫଳ ହୋଇଛନ୍ତି। ଏହା ବିରୋଧରେ ସମସ୍ତେ ଏକାଠି ହେବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପରଜଙ୍ଗ ଅଧକ୍ଷ ଅକ୍ଷୟ ବେହେରା, କଙ୍କଡାହାଡ଼ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ଉପାଧକ୍ଷା ବିଳାସିନୀ ସେଠୀ, ଲକ୍ଷ୍ମୀ ମହନ୍ତ, ନାରୀନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ନମିତା ନାଏକ, ଅଳକା ମହାପାତ୍ର, ସୁକାନ୍ତି ପ୍ରଧାନ, ସିଷ୍ଟର ନିବେଦିତା, ମମତା ଜେନା, ନିଳିମା ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଜିଲା ସମ୍ପାଦକ ଭୂପେଶ ପ୍ରଧାନ, ଗୌତମ ପାଣି, ସରପଞ୍ଚ ପ୍ରିୟଜିତ୍ ସାମଲ, ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ସମାବେଶରେ ସରପଞ୍ଚଙ୍କ ସମେତ ୨ ଅସୁସ୍ଥ

ପରଜଙ୍ଗ ମହିଳା ବିଜେଡି ମହାସମାବେଶରେ ଅଂଶୁଘାତର ଶିକାର ହୋଇଛନ୍ତି ସରପଞ୍ଚ ପ୍ରିୟଜିତ୍ ସାମଲ ଏବଂ କଲଦା ଗ୍ରାମର ଗୁଲୁରୀ ବିଶ୍ୱାଳ। ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରବଳ ଗୁଳୁଗୁଳି କାରଣରୁ ଉଭୟେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଦଳୀୟ କର୍ମକର୍ତ୍ତା ସଲିଲ ବିକ୍ରମସିଂହ ଏବଂ ତପୁନ ସାମଲ ବାଇକ୍‌ରେ ପ୍ରିୟଜିତ୍‌ଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଉଭୟେ ସୁସ୍ଥ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନୀଳମଣି ଦିଲୀପଚାନ୍ଦ ବେହେରା ସୂଚନା ଦେଇଛନ୍ତି।



ପରେଡରେ ସାମିଲ ହୋଇଥିବା କ୍ୟାଡେଟ୍‌ମାନେ।

# ପରାକ୍ରମ ଦିବସ ପାଳିତ

**ଭୁବନ, ୨୯।୯(ଡି.ଏନ୍.ଏ.)**

୨୦୧୬ ସେପ୍ଟେମ୍ବର ୨୯। ସେନାବାହିନୀର ବୀରଯୋଦ୍ଧା ଜୀବନକୁ ପାଣିଛଡ଼ାଇ ପାକିସ୍ତାନ ସୀମାରେ ପଶି କରିଥିଲେ ସର୍ଜିକାଲ ଷ୍ଟ୍ରାଇକ୍। ଯବାନଙ୍କ ଯୋଜନାବଦ୍ଧ ଆକ୍ରମଣରେ ଧ୍ୱଂସ ହୋଇଥିଲା ବହୁ ଆତଙ୍କବାଦୀ ଶିବିର। ଭାରତର ଏପରି କାର୍ଯ୍ୟାନୁଷ୍ଠାନରେ ସାରା ବିଶ୍ୱ ଚକିତ ହୋଇଥିବାବେଳେ ଥରହର ହୋଇଥିଲା ପାକିସ୍ତାନ।

ଉକ୍ତ ଦିବସର ସ୍ମୃତି ରୋମନ୍ଥନ କରିବାକୁ ଯାଇ ଭୁବନ ମହିଳା ମହାବିଦ୍ୟାଳୟ ଏନ୍‌ସିସି ପକ୍ଷରୁ ଶନିବାର ପରାକ୍ରମ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସମସ୍ତ କ୍ୟାଡେଟ୍ ସହର ପରିକ୍ରମା କରିବା ସହ ମିଳିତ ପରେଡ୍‌ରେ ଭାଗ ନେଇଥିଲେ। ଏନ୍‌ସିସି ଅଫିସର ପ୍ରମିଳା ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା ସଭାରେ କଲେଜ ଅଧକ୍ଷ ଦିଲୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ସେବାରେ ଏନ୍‌ସିସିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ଲଳିତ ବେହେରା ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ସର୍ଜିକାଲ୍ ଷ୍ଟ୍ରାଇକ୍ ସମ୍ପର୍କରେ ଆଲୋଚନା କରିଥିଲେ।

# ମଦ ଜବତ, ଜଣେ ଗିରଫ

**ଭୁବନ, ୨୯।୯(ଡି.ଏନ୍.ଏ.)**

ଢେଙ୍କାନାଳ ମୋବାଇଲ୍ ସ୍କ୍ୱାଡ୍ ଏବଂ ପରଜଙ୍ଗ ଅବକାରୀ ବିଭାଗ ପକ୍ଷରୁ କନ୍ଦରସିଂହା ଗ୍ରାମରେ ଶନିବାର ମିଳିତ ଚଢ଼ାଉ କରାଯାଇ ୬ଲିଟର ମହୁଲି ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ବୁଟୁ ନାଏକ ଗିରଫ ହୋଇଛନ୍ତି। ଏ ନେଇ ନଂ. ୩୩/୧୮ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଇନ୍ସପେକ୍ଟର ଦେବୀପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏଏସ୍‌ଆଇ ବଟକୃଷ୍ଣ ରାଉଳଙ୍କ ସହ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

# ପୁଷ୍ଟିକର ଖାଦ୍ୟ ଶିଶୁକୁ ନୀରୋଗ ରଖେ



**ଭୁବନ, ୨୯।୯(ଡି.ଏନ୍.ଏ.)**

ଭୁବନ ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଶନିବାର ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଛି। ଏଥିରେ ସିଡିପିଓ ପ୍ରମୋଦିନୀ ତ୍ରିପାଠୀ ଅଧକ୍ଷତା କରି କହିଲେ, ପୁଷ୍ଟିକର ଖାଦ୍ୟ ଶିଶୁକୁ ନୀରୋଗ ରଖେ। ଏ ବିଷୟରେ ମା'ମାନେ ଜାଣିବା ନିହାତି ଆବଶ୍ୟକ। ଏହି ଅବସରରେ ଖାଦ୍ୟ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଗର୍ଭବତୀ, ପ୍ରସୂତି, ଶିଶୁ, ପ୍ରିସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଏବଂ ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଏନ୍‌ଏମ୍, ଆଶାକର୍ମୀ, କିଶୋରୀ ବାଳିକା ଓ ଗର୍ଭବତୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ ଏବଂ ଏନ୍‌ଏସି ଅଧୀନ ସମସ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମଚାରୀ, ଏଏନ୍‌ଏମ୍, ସୁପରଭାଇଜର ଉପସ୍ଥିତ ଥିଲେ। ସୁପରଭାଇଜର ନିର୍ମଳା ସେଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଲ ପାଣି ପିଇ ଜୀବନ ଗଲା

**କାମାକ୍ଷାନଗର,୨୯।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କରଗୋଳା ପଞ୍ଚାୟତ ଆମ୍ବତଇଲା ଗ୍ରାମରେ ଶନିବାର ଅଭାବନୀୟ ଘଟଣା ଘଟିଛି। କୀଟନାଶକ ପଡ଼ିଥିବା ବିଲରୁ ପାଣି ପିଇ ଜଣେ ବୃଦ୍ଧ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଭାଲୁ ମୁର୍ମୁ (୭୦)। ଭାଲୁ ପୂର୍ବାହ୍ନରେ ବିଲରେ କାମ କରୁଥିଲେ। ପ୍ରବଳ ଶୋଷ ହେବାରୁ ସେ ବିଲରୁ ପାଣି ପିଇ ଦେଇଥିଲେ। ଏହାର କିଛି ସମୟ ମଧ୍ୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ନିକଟରେ କାମ କରୁଥିବା ଲୋକେ ଏ ସମ୍ପର୍କରେ ପରିବାରକୁ ଜଣାଇବା ପରେ ତାଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୧୯/୧୮ରେ ଏକ ମାମଲା ରୁଜୁ କରାଯାଇଛି।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ପରଜଙ୍ଗ, ୨୯।୯(ଡି.ଏନ୍.ଏ.)**



କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅଧୀନ ବାଘମୁଣ୍ଡା ଗ୍ରାମର ସୁଶାନ୍ତ ସିଂ ଶନିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଭୋର୍ ସମୟରେ ଘର ନିକଟ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିବାବେଳେ ସେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଚିତ୍କାର ଶୁଣି ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ପ୍ରଥମେ କାମାକ୍ଷାନଗର ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ସୂଚନା ଦିଆଯିବା ସତ୍ତ୍ୱେ ଠିକ୍ ସମୟରେ ବନ କର୍ମଚାରୀ ଆହତଙ୍କ ପାଖରେ ପହଞ୍ଚି ନ ଥିଲେ କିମ୍ବା କୌଣସି ସହାୟତା ମଧ୍ୟ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ଗରିବ ସୁଶାନ୍ତଙ୍କ ପରିବାର ନାହିଁ ନ ଥିବା ସମସ୍ୟା ଭୋଗିଥିଲେ। ଏ ନେଇ ଫରେଷ୍ଟର ଚନ୍ଦ୍ରଶେଖର ବେହେରା କୁହନ୍ତି, ଘଟଣା ସମ୍ପର୍କରେ ସୂଚନା ପାଇଛୁ। ଅପରାହ୍ନ ୪ଟାରେ ଗାର୍ଡଙ୍କୁ କାମାକ୍ଷାନଗର ଡାକ୍ତରଖାନା ପଠାଯାଇଥିଲା। ହେଲେ ସେ ରୋଗୀଙ୍କୁ ପାଇ ନ ଥିବା କହିଛନ୍ତି। ସେହିପରି ରେଞ୍ଜର ବିଭୂଦାନନ୍ଦ ମିଶ୍ର କୁହନ୍ତି, ସୂଚନା ମିଳିବା ମାତ୍ରେ ବିଭାଗ ପକ୍ଷରୁ ସହାୟତା ଦିଆଯିବା କଥା, ହେଲେ କାହିଁକି ସହାୟତା ଦିଆଯାଇନାହିଁ ପଚାରି ବୁଝିବେ ବୋଲି କହିଥିଲେ।

# ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଏକାଠି ହେଲେ କାଉନ୍‌ସିଲର



କାର୍ଯ୍ୟକ୍ରମରେ କାଉନ୍‌ସିଲରଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର, ୨୯।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି କାଉନ୍‌ସିଲ ସଦସ୍ୟଙ୍କ କାର୍ଯ୍ୟକାଳ ଆସନ୍ତା ରବିବାର ଶେଷ ହେଉଛି। ଏଥିପୂର୍ବରୁ ଶୁକ୍ରବାର କାଉନ୍‌ସିଲରଙ୍କୁ ନେଇ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅଧକ୍ଷ ଧର୍ମାନନ୍ଦ ପରିଡ଼ା, ଉପାଧକ୍ଷା ବ୍ରଜେଶ୍ୱରୀ ଦାସ ପ୍ରମୁଖ ଉପସ୍ଥିତ ରହି ୫ବର୍ଷରେ ସମ୍ପାଦିତ ହୋଇଥିବା ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ।

ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ, ପ୍ରତାପ ସାହୁ, ସୁକାନ୍ତି ବେହେରା, ସନ୍ତୋଷ ମହାରଣା, ରଣଜିତ ସାହୁ, ରୋଜାଲିନ୍ ମହାରଣାଙ୍କ ସମେତ ସମସ୍ତ କାଉନ୍‌ସିଲର, ଏନଏସି କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏନ୍‌ଏସି କର୍ମଚାରୀ ଶିଶିର ନାୟକ, ଧର୍ମାନନ୍ଦ ସାହୁ, ସତ୍ୟାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ବଳଦଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

# ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଲା ପ୍ରଶାସନ

**ଭୁବନ, ୨୯।୯(ଡି.ଏନ୍.ଏ.)**

ଭୁବନର ଐତିହାସିକ ବଳଦଯାତ୍ରା ପାଇଁ ଶନିବାର ଏନ୍‌ଏସି ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପରି ସଂସ୍କୃତିସମ୍ପନ୍ନ ଯାତ୍ରାକୁ ଆକର୍ଷଣୀୟ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା କରାଯିବ ବୋଲି ଶାନ୍ତି କମିଟି ସଭାପତି ତଥା ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା, ପୂର୍ବତନ ଏନ୍‌ଏସି ଅଧକ୍ଷ ନରହରି ସାହୁ ଏବଂ ବରିଷ୍ଠ ଆଇନଜୀବୀ କୁଞ୍ଜବିହାରୀ ଚିନ୍ନାରା ପ୍ରମୁଖ ଆଲୋଚନାରେ ଭାଗ ନେଇ ପ୍ରଶାସନିକସ୍ତରରେ ଡିଜେ ସାଉଣ୍ଡ ଉପରେ କଟକଣା ଜାରି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ କରାଗଲେ ଯାତ୍ରା ଅଧିକ ଲୋକପ୍ରିୟ ହୋଇପାରିବ। ଏଥିସହ ଟ୍ରାଫିକ୍ ନିୟନ୍ତ୍ରଣ, ଉଜ୍ଜ୍ୱଳ ଆଲୋକବ୍ୟବସ୍ଥା, ପାନୀୟ ଜଳ ସମସ୍ୟା ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଯୁବକମାନେ ଆଗକୁ ଆସି ଯାତ୍ରାକୁ ଶୃଙ୍ଖଳିତ କରିବାକୁ ସେମାନେ ଆହ୍ୱାନ ଦେଇଛନ୍ତି। ଅନୁକୂଳ ଯାତ୍ରାରେ ହିଙ୍ଗୁଳାଙ୍କ ପୀଠରୁ ଆଜ୍ଞାମାଳ ଅଣାଯିବ। ଭସାଣି ଶୋଭାଯାତ୍ରା ରାତ୍ରି ୮ଟାରୁ ଆରମ୍ଭ ହୋଇ ସକାଳ ୬ଟା ମଧ୍ୟରେ ଶେଷ ହେବ। ଗୁଜୁରୀହାଟ, ଗୋପାଳମଣ୍ଡପ ଏବଂ ଦୁର୍ଗାଛକରେ ବଳଦିଆ, ଦୁର୍ଗାମେଢ଼ ଏକାଠି ହେବେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନର ସହାୟତା ନିଆଯିବ। ଗଣମାଧ୍ୟମ ଜରିଆରେ ଯାତ୍ରାକୁ ସୁଦୂରପ୍ରସାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ବିଭିନ୍ନ କମିଟି ଗଠନ କରାଯାଇଛି।

ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ, ବଳଦିଆ, ଦୁର୍ଗାମେଢ କମିଟି କର୍ମକର୍ତ୍ତା, ଶାନ୍ତି କମିଟି ସଦସ୍ୟ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ତହସିଲଦାର ଶକ୍ତିକାନ୍ତ ରାୟ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଏନ୍‌ଏସି ଅଧକ୍ଷା ସ୍ୱର୍ଣ୍ଣମଞ୍ଜରୀ ସାହୁ, ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳଙ୍କ ସମେତ ପୋଲିସ, ବିଦ୍ୟୁତ୍, ଦମକଳ, ପୋଲିସ, ଅବକାରୀ ବିଭାଗ, ସମସ୍ତ ବଳଦିଆ, ଦୁର୍ଗାପୂଜା କମିଟି କର୍ମକର୍ତ୍ତା, ଶାନ୍ତି କମିଟି ସଦସ୍ୟଙ୍କ ସମେତ ବୁଦ୍ଧିଜୀବୀମାନେ ଆଲୋଚନାରେ ଭାଗ ନେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।



ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟମାନେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ମୃତ, ୨ ଗୁରୁତର

ମାଧପୁର,୨୯।୯- ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତର ଭୋଇପଡ଼ା ଗ୍ରାମରେ ଶନିବାର ସକାଳେ ଭାଲୁ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗିରୀଶ ମେହେର(୪୫)। ଆହତ ଦୁଇ ଜଣ ହେଲେ ସୁଦାମ ଜାଲ ଓ ପ୍ରକାଶ ମହାଖୁଡ଼। ଉଭୟଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ନିକଟସ୍ଥ ଗ୍ରାମ ଜଙ୍ଗଲ ଜଗିବା ପାଇଁ ଯାଇଥିବାବେଳେ ଏକ ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀମାନେ ପହଞ୍ଚି ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା ଅର୍ଥ ପ୍ରଦାନ କରିଛନ୍ତି।

### ଯୁବକଙ୍କ ମୃତଦେହ ଉଦ୍ଧାର

ତାଳଚେର,୨୯।୯(ନି.ପ୍ର.)- ତାଳଚେର ବ୍ଲକ ବ୍ରଜନାଥପୁର ଖେଳପଡିଆ ନିକଟରୁ ଶନିବାର ପଞ୍ଚୁ ସାହୁ(୩୫)ନାମକ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ଘର ଜିଲିଣ୍ଡାରେ ହୋଇଥିବାବେଳେ ସେ ଅରଖପାଳ ଗ୍ରାମରେ ରହୁଥିଲେ। ସେ ୨/୩ ଦିନହେଲା ନିଖୋଜ ଥିଲେ। ପଞ୍ଚୁଙ୍କ ଶରୀରର ଅନେକ ଅଂଶ ଜଙ୍ଗଲି ଜନ୍ତୁ ଖାଇ ଦେଇଥିବା ଜଣାପଡିଛି। ସ୍ଥାନୀୟ ପୋଲିସ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇଛି । ଏ ନେଇ ତାଳଚେର ଥାନାରେ ନଂ. ୪୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଆକାଉଣ୍ଟରୁ ୮୦ ହଜାର ଲୁଟ୍

ବଇଣ୍ଡା, ୨୯।୯(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ଗ୍ରାମର ସନ୍ତୋଷ କୁମାର ସ୍ୱାଇଁଙ୍କ ବ୍ୟାଙ୍କ ଆକାଉଣ୍ଟରୁ କେହି ୮୦ ହଜାର ଟଙ୍କା ଲୁଟ୍ କରିନେଇଛି। ଏ ନେଇ ସେ ଶନିବାର ଠାକୁରଗଡ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ବ୍ୟାଙ୍କ ଅଫ୍ ବରୋଦାର ପାଇକସାହି ଶାଖାରେ ତାଙ୍କ ଆକାଉଣ୍ଟ ରହିଛି । ଗତ ୨୨ରେ ତାଙ୍କ ନିକଟକୁ ୭୪୬୩୮୬୪୭୭୫ ନମ୍ବରରୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣକ ତାଙ୍କ ଆକାଉଣ୍ଟ ସହ ଆଧାର ଲିଙ୍କ ହୋଇ ନ ଥିବା କହିବା ସହ ସନ୍ତୋଷଙ୍କୁ ଆଧାର ନମ୍ବର ମାଗିଥିଲେ। ସନ୍ତୋଷ ତାଙ୍କୁ ଆଧାର ନମ୍ବର ଦେବା ପରେ ଏକ ମେସେଜ ଆସିଥିଲା। ଉକ୍ତ ମେସେଜକୁ ମଧ ସନ୍ତୋଷ ଫୋନ କରିଥିବା ବ୍ୟକ୍ତିଙ୍କୁ ଦେଇଥିଲେ। ଏହା ପରେ ୩ ଥରରେ ୮୦ ହଜାର ଟଙ୍କା ତାଙ୍କ ଆକାଉଣ୍ଟରୁ କଟି ଯାଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ସାପ କାମୁଡ଼ାରେ ନାବାଳକ ମୃତ

ଛେଣ୍ଡିପଦା, ୨୯।୯ (ସ୍ୱ.ପ୍ର./ଡି.ଏନ.ଏ.): ଅନୁଗୋଳ ଜିଲା ଜରପଡ଼ା ଥାନା ସାନ କୁଶକିଳା ଗ୍ରାମର ମଝିସାହିରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିପୁନ ପଲେଇ(୧୬)। ସେ ତାଙ୍କ ମାମୁ ଦିଗାମ୍ବର ପ୍ରଧାନଙ୍କ ଘରେ ରହି ପାଠ ପଢୁଥିଲେ। ଘରେ ଶୋଇଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ହେଲେ ପରିବାରଲୋକେ ସିପୁନଙ୍କୁ ଡାକ୍ତରଖାନା ଆଣିବା ପରିବର୍ତ୍ତେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଘରେ ରଖି ପୂଜାପାଠ କରିଥିଲେ। ସିପୁନଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ଶନିବାର ସକାଳେ ତାଙ୍କୁ ଆମ୍ବୁଲାନ୍ସରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚିକିତ୍ସାଳୟ ପରିସର ସଫେଇ

ଅନୁଗୋଳ ଅଫିସ, ୨୯।୯- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁକ୍ରବାର ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଶିବ ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଅଭିଯାନରେ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀକାନ୍ତ ବିଶୋଇଙ୍କ ସମେତ ଚିକିତ୍ସାଳୟର ଷ୍ଟାଫନର୍ସ, କର୍ମଚାରୀ, ଆଶାକର୍ମୀମାନେ ଡାକ୍ତରଖାନା ପରିସର ସଫେଇ କରିଥିଲେ। ନିଜ କାର୍ଯ୍ୟକ୍ଷେତ୍ରକୁ ସର୍ବଦା ପରିଷ୍କାର ରଖିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ।

### ବିଦ୍ୟୁତ୍ ବିଭାଗର ବିଚିତ୍ର ନୀତି

# ବିଜୁଳି ସଂଯୋଗ ନାହିଁ, ପହଞ୍ଚିଲା ବିଲ୍



ଘରେ ଲାଗିଥିବା ବିଦ୍ୟୁତ୍ ବୋର୍ଡ଼।



ବିଭାଗ ପକ୍ଷରୁ ପହଞ୍ଚିଥିବା ବିଦ୍ୟୁତ ବିଲ୍।

**ଅନୁଗୋଳ ଅଫିସ, ୨୯।୯**

ଘରକୁ ବିଦ୍ୟୁତ୍ ସଂଯୋଗ ହୋଇନି। ହେଲେ ବିଭାଗୀୟ କର୍ମଚାରୀ ଆସି ଧରାଇ ଦେଇଛନ୍ତି ୧୦୭୨ ଟଙ୍କାର ବିଲ୍। ଏହା ଦେଖି ତାଜୁବ ହୋଇ ଯାଇଥିଲେ ଅନୁଗୋଳ ଜିଲା ବାରମଞ୍ଚା ଗ୍ରାମର କୁନା ମୁଖି। ଏ ନେଇ ସେ ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ ମଧ ଆପଣଙ୍କୁ ବିଲ୍ ଭରିବାକୁ ପଡିବ ବୋଲି କହି କର୍ମଚାରୀ ଜଣକ ପଳାଇଥିବା କୁନା ଅଭିଯୋଗ କରିଛନ୍ତି। ଏହି ଘଟଣା ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଛି।

■ବିଦ୍ୟୁତ୍ ପାଇଁ ବର୍ଷେ ହେଲା କରିଛନ୍ତି ଆବେଦନ

■ଭୁଲ୍‌ରେ ଯାଇଥିବା ସ୍ୱୀକାର କଲେ କର୍ମଚାରୀ

କୁନାଙ୍କ କହିବା ମୁତାବକ, ସରକାରଙ୍କ ବିଦ୍ୟୁତ୍ ସଂଯୋଗୀକରଣ ଯୋଜନାରେ ସେ ବର୍ଷେ ହେଲା ଆବେଦନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ୩ ମାସ ତଳେ ବିଭାଗ କେବଳ ଗୋଟିଏ ହୋଲ୍ଡର ଓ ବୋର୍ଡ ଲଗାଇ କାମ ସାରିଦେଇଛି। ହେଲେ ଗତ ଗୁରୁବାର ବିଭାଗର ଜଣେ କର୍ମଚାରୀ ୧୦୭୨ ଟଙ୍କାର ଏକ ବିଲ୍ ଆଣି ଦେଇଯାଇଛନ୍ତି। ଏ ସମ୍ପର୍କରେ ପଚାରିବାରୁ ତୁମ ନାଁରେ ବିଲ୍ ଆସିଛି, ତେଣୁ ବିଲ୍ ପଇଠ କରିବାକୁ ପଡିବ ବୋଲି କହି କର୍ମଚାରୀ ଜଣକ ପଳାଇଥିବା କୁନା ପ୍ରକାଶ କରିଛନ୍ତି। ଏ ନେଇ ଛେଣ୍ଡିପଦା ଉପଖଣ୍ଡ ବିଦ୍ୟୁତ୍ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର କମର୍ସର(ଏଏମଇ) ବିଭୂପ୍ରସାଦ ସ୍ୱାଇଁ କହିଛନ୍ତି, ଉପଭୋକ୍ତା କୁନୁ ମୁଖୀଙ୍କ ବିଲ୍ ଭୁଲରେ କୁନା ମୁଖୀଙ୍କ ଘରକୁ ଚାଲିଯାଇଛି। କମ୍ପ୍ୟୁଟରରେ ଭୁଲ୍‌ରେ ନାମ ରହିଯାଇଥିବାରୁ ଏପରି ହୋଇଥିବା ସେ କହିଛନ୍ତି। ଏଥିପ୍ରତି ଆଗକୁ ଦୃଷ୍ଟି ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ୬ ବ୍ଲକରେ ହେବ ନିଯୁକ୍ତି, ପ୍ରଶିକ୍ଷଣ ଶିବିର

**ଅନୁଗୋଳ ଅଫିସ, ୨୯।୯**

ଜିଲା ନିୟୋଜନ କାର୍ଯ୍ୟାଳୟ ଓ ଏସ୍ଆଇଏସ୍ ଇଣ୍ଡିଆ ଲିଃର ମିଳିତ ସହଯୋଗରେ ଅନୁଗୋଳ ଜିଲାର ୬ଟି ବ୍ଲକରେ ବେକାର ଯୁବକମାନଙ୍କ ପାଇଁ ସୁରକ୍ଷା ଯବାନ (ସିକ୍ୟୁରିଟି ଗାର୍ଡ଼) ଓ ସୁରକ୍ଷା ସୁପରଭାଇଜର ପଦବୀ ନିମନ୍ତେ ପ୍ରଶିକ୍ଷଣ ଓ ନିଯୁକ୍ତ ଶିବିର ଅନୁଷ୍ଠିତ ହେବ। ସୁରକ୍ଷା ଯବାନ ନିମନ୍ତେ ୩୦୦ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ୧୦ମ ପାସ୍/ଫେଲ, ୨୦ ସୁପରଭାଇଜର ପଦବୀ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୩ ପାସ ରହିଥିବା ଆବଶ୍ୟକ। ପ୍ରାର୍ଥୀମାନେ ନିଜର ଦୁଇଟି ପାସପୋର୍ଟ ସାଇଜ ଫଟୋ ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଭୋଟର କାର୍ଡ଼, ଆଧାର କାର୍ଡ଼ ପରିଚୟ ପତ୍ର, ବ୍ୟାଙ୍କ ପାସ୍ ବୁକ, ଜାତିଗତ ପ୍ରମାଣ ପତ୍ର, ବ୍ଲଡ଼ ଗ୍ରୁପର ମୂଳ ପ୍ରମାଣ ପତ୍ର ସହ ଏହାର ଜେରକ୍ସ କପି ସହିତ ଚୟନ ସ୍ଥାନରେ ଉପସ୍ଥିତ ରହିବେ। ପ୍ରାର୍ଥିମାନେ ୧୦୦ ନମ୍ବର ବିଶିଷ୍ଟ ଲିଖିତ ପରୀକ୍ଷାର ସମ୍ମୁଖୀନ ହେବେ। ଆସନ୍ତା ଅକ୍ଟୋବର ୧ରେ କିଶୋରନଗର ବ୍ଲକ, ଅକ୍ଟୋବର ୪ରେ ଛେଣ୍ଡିପଦା ବ୍ଲକ, ଅକ୍ଟୋବର ୫ରେ କଣିହାଁ ବ୍ଲକ, ଅକ୍ଟୋବର ୬ ରେ ପାଲଲହଡ଼ା ଏବଂ ଅକ୍ଟୋବର ୯ରେ ବଣଁରପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନରେ ୧୧ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଅଧିକ ବିବରଣୀ ପାଇଁ ପ୍ରାର୍ଥୀମାନେ ୯୮୬୧୪୯୫୮୩୯ / ୯୪୩୭୭୦୧୩୮୮ ଯୋଗାଯୋଗ କରିପାରିବେ। କିମ୍ବା ଡବ୍ଲୁଡବ୍ଲ୍ୟୁଡବ୍ଲ୍ୟୁ.ଏସ୍ଆଇଏସ୍ଇଣ୍ଡିଆ.କମ୍‌ରେ ଆବଶ୍ୟକ ତଥ୍ୟ ପାଇପାରିବେ ବୋଲି ସୂଚନା ଦିଆଯାଇଛି।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ନର



@ ମାନସ ରଞ୍ଜନ



@ ଦେବାଶିଷ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ହିଙ୍ଗୁଳା ମନ୍ଦିର ପାଣ୍ଠିକୁ ୧ ଲକ୍ଷ ଦାନ

**ତାଳଚେର,୨୯।୯(ନି.ପ୍ର.)**

ତାଳଚେର ଗୋପାଳପ୍ରସାଦଠାରେ ମା' ହିଙ୍ଗୁଳାଙ୍କ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ବଲଣ୍ଡା ଗ୍ରାମର ବ୍ୟବସାୟୀ ପ୍ରସନ୍ନ ପ୍ରଧାନ ଶନିବାର ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଟ୍ରଷ୍ଟବୋର୍ଡ ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର ସିଂ, ଅରୁଣ କୁମାର ପ୍ରଧାନ, ସଞ୍ଜୀୟ କୁମାର ସାହୁ ଓ ଗଗନ ବିହାରୀ ସାହୁଙ୍କ ସହ ମନ୍ଦିର ପରିଚାଳନା କମିଟିର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରସନ୍ନ ଏହି ଅର୍ଥଦାନ କରିଥିଲେ। ଏହି ଅର୍ଥ ନୂତନ ମନ୍ଦିର ନିର୍ମାଣରେ ବିନଯୋଗ କରାଯିବା ସହ ଏଥିରୁ ଅନୁପ୍ରାଣିତ ହୋଇ ଅଧିକରୁ ଅଧିକ ଭକ୍ତ ଦାନ ଦେବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ପ୍ରକାଶ କରିଛନ୍ତି।




ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ପ୍ରସନ୍ନ ପ୍ରଧାନ ଟଙ୍କା ପ୍ରଦାନ କରୁଛନ୍ତି।

### ଶ୍ୱଶୁରଙ୍କୁ ବୋହୂର ମାଡ଼ ଅଭିଯୋଗ, ୨ ମାମଲା

**ଅନୁଗୋଳ ଅଫିସ, ୨୯।୯**

ଅନୁଗୋଳ ହେମସୁରପଡ଼ାର ଶ୍ରୀକାନ୍ତ ମାହାଳିକଙ୍କୁ ତାଙ୍କ ବୋହୂ ମାଡ଼ ମାରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଶ୍ରୀକାନ୍ତ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ ଶ୍ରୀକାନ୍ତଙ୍କ ବୋହୂ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଶ୍ୱଶୁର ଓ ପରିବାର ଲୋକଙ୍କ ନିର୍ଯାତନା ସହ୍ୟ ନ ହେବାରୁ ଏଭଳି ଘଟିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏ ନେଇ ଦୁଇଟି ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

### ■ଏସ୍‌ପିଙ୍କ ନିକଟରେ ଅଭିଯୋଗ

# ଜରିମାନାର ରସିଦ୍ ଦେଉନି ପୋଲିସ

**ବଇଣ୍ଡା, ୨୯।୯(ଡି.ଏନ.ଏ.)**

ଦୁର୍ଘଟଣା ରୋକିବା ତଥା ଲୁଟେରାଙ୍କୁ କାବୁ କରି ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ କିଛି ମାସ ହେବ ହାଇୱେ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ହେଲେ ବଇଣ୍ଡାରୁ ଆଠମଲ୍ଲିକ ପର୍ଯ୍ୟନ୍ତ କରାଯାଉଥିବା ପାଟ୍ରୋଲିଂ ଅବ୍ୟବସ୍ଥା ହେବା ସହ ଗାଡିମୋଟର ଯାଞ୍ଚବେଳେ ଜରିମାନା ଆଦାୟରେ ଅନିୟମିତତା କରାଯାଉଥିବା ଗୁଣ୍ଡୁରୀ ଗ୍ରାମବାସୀ ଶନିବାର ଜିଲା ଏସ୍‌ପିଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ପୋଲିସ ହାଇୱେ ପାଟ୍ରୋଲିଂ ଟିମ୍ ପକ୍ଷରୁ ଗୁଣ୍ଡୁରୀଠାରେ ଗାଡ଼ି ଯାଞ୍ଚ କରାଯାଉଛି। ହେଲମେଟ, ଡ୍ରାଇଭିଂ ଲାଇସେନ୍ସ ଆଦି ରଖି ନ ଥିବା ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ହେଲେ ଜରିମାନା ଆଦାୟ ବାବଦ ରସିଦ ସେମାନଙ୍କୁ ଦିଆଯାଉ ନାହିଁ। ରସିଦ ମାଗିଲେ ପୋଲିସ ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଏସ୍‌ପି ଦୃଷ୍ଟି ଦେଇ ରାଜସ୍ୱ ବାଟମାରଣା ରୋକିବାକୁ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଥାନା ଆଇଆଇସି ତାପସ କୁମାର ଭୋଇ କହିଛନ୍ତି, ବଇଣ୍ଡାଠାରୁ ଆଠମଲ୍ଲିକ ପର୍ଯ୍ୟନ୍ତ କରାଯାଉଥିବା ପାଟ୍ରୋଲିଂରେ ୩ଟି ଥାନାର କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜରିମାନା ଆଦାୟ କରାଗଲେ ରସିଦ ଦେବା ନିହାତି ଆବଶ୍ୟକ। ଯେଉଁ ଅଧିକାରୀ ଦେଉ ନ ଥିବେ ତାଙ୍କ ବିରୋଧରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

# ଗଞ୍ଜେଇ ଚାଷ କଲେ ଦୃଢ କାର୍ଯ୍ୟାନୁଷ୍ଠାନ

**ଅନୁଗୋଳ ଅଫିସ, ୨୯।୯**

ଜିଲାରେ ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଅଣ୍ଟା ଭିଡିଛି ଜିଲା ପ୍ରଶାସନ। ବେଆଇନ ଗଞ୍ଜେଇ ଚାଷ ଉଚ୍ଛେଦ କରାଯିବା ସହ ଚାରା ଉତ୍ପାଦନ ହେଉଥିବା ସ୍ଥାନରେ ଘନ ଘନ ଚଢାଉ କରାଯିବ। ଏହି ଚାଷ କରୁଥିବା ଚାଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପ୍ରଶାସନିକ ସ୍ତରରେ ଏ ନେଇ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ ବୋଲି ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକରେ ଜିଲାପାଳ ଅନିଲ କୁମାର ସାମଲ ପ୍ରକାଶ କରିଛନ୍ତି।

ଅନୁଗୋଳରେ ୧୩ ବର୍ଷ ଧରି ବିଭିନ୍ନ ପ୍ରାନ୍ତରେ ବେଆଇନ ଗଞ୍ଜେଇ ଚାଷ କରାଯାଉଛି। କେବଳ ୨୦୧୭-୧୮ରେ ବିଭିନ୍ନ ସମୟରେ ଚଢାଉ କରାଯାଇ ୫୫ ଏକର ଜାଗାରୁ ୨ ଲକ୍ଷ ୨୦ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏଥିରେ ରୋକ ଲଗାଇବାକୁ ବନ ବିଭାଗ, ରାଜସ୍ୱ ଓ ପୋଲିସ ବିଭାଗକୁ ନେଇ ଅବକାରୀ ବିଭାଗ ପକ୍ଷରୁ ଚଢାଉକୁ ଜୋରଦାର କରାଯିବ ବୋଲି ଜିଲାପାଳ ପ୍ରକାଶ କରଥିଲେ। ଆଗାମୀ ଦିନରେ ସ୍ୱୟଂସହାୟକ ଗୋଷ୍ଠୀ, ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଓ ସମାଜସେବୀଙ୍କ ସହଯୋଗରେ ଜନ ସଚେତନତା କାର୍ଯ୍ୟକ୍ରମ ସହ ନାର୍‌କୋଟିକ୍ ଡ୍ରଗ୍‌ସ ଓ ସାଇକୋଟ୍ରୋଫିକ ସବଷ୍ଟାନ୍ସ (ଏନ୍‌ଡ଼ିପିଏସ୍) ଆଇନ ୧୯୮୫ର ଠିକ କାର୍ଯ୍ୟକାରିତା ଉପରେ ପ୍ରଶାସନ ଗୁରୁତ୍ୱ ପ୍ରଦାନ କରିବ। ଏଥିସହ ଏଫ୍‌ଏମ୍ ରେଡ଼ିଓ, ଏସ୍‌ଏମ୍‌ଏସ୍, ଟେଲିଭିଜନ, ସିନେମା ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବାକୁ ଅବକାରୀ ଅଧୀକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଗଞ୍ଜେଇ ଚାଷକୁ ଆର୍ଥିକ ପ୍ରୋତ୍ସାହନ ଯୋଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅବକାରୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ନାୟକଙ୍କ ସହ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପ ଜିଲାପାଳ ପରେଶ ଚନ୍ଦ୍ର ନାୟକ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ଡେ଼ପୁଟି କଲେକ୍ଟର ବଇତୁରା ଦୀପ୍‌ଙ୍କ ସମେତ ବନ ବିଭାଗ ଓ ଅବକାରୀ ବିଭାଗର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ।




'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ମୁକ୍ତ ଅଭିଯାନକୁ ସମର୍ଥନ ଜଣାଉଛନ୍ତି ତାଳଚେର ଗଡତଳ ଆଞ୍ଚଳିକ କଲେଜର ଛାତ୍ରୀଛାତ୍ର, ଅଧାପିକା, ଅଧାପକ କର୍ମଚାରୀମାନେ।




ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ତାଳଚେର ସ୍ଥିତ ଯୁବରାଜ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀମାନେ।




## BRIDE WANTED

Wanted bride divorcee Karan boy age 48+ job at Birla Sunlife & doing business. Contact: 7008201045. D-8547

Wanted service holder bride for Khandayat groom 29+ B.Tech Software Engg. at Bangalore. Early marriage. Contact No.: 7008606797, 9861117487. D-8597

Wanted Brahmin bride, 29, 5'7", SBI Clerk, early marriage. 6371071123.D-63851

Teli boy 1985, 5'5" BA serving Bhubaneswar. Monthly 50,000/- 'Sunasansar'. 9937512659.D-8644

Bride wanted for marriage, living together with 45 yrs groom having business and also staying with Father and Mother. 7656937540. D-64187

## GROOM WANTED

Khandayat girl 5'6, DOB-1985, working in MNC, Noida. 9337019409.D-8562

Agriculture Department ରେ ଚାକିରି 43 ବର୍ଷ ଝିଅ ପାଇଁ ଯେକୌଣସି ଜାତିର ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8658204685. D-8567

ସୁନ୍ଦର ଅବିବାହିତା ବ୍ରାହ୍ମଣ ୩୮ବର୍ଷ ପାତ୍ରୀଙ୍କ ପାଇଁ ଯେକୌଣସି ଜାତିର ପାତ୍ର ଦରକାର। ଯୋଗାଯୋଗ: 7381460017. D-60817

Wanted only Karan groom for B.Tech girl 36/5'2" (Rasi 11/5) working in MNC at Hyderabad as Business Analyst. Contact No.: 8093545435 for early marriage. D-63848

**Groom required for 29 years M.Sc. Microbiology, Pre PHD in Utkal University, continuing JRF, Teli Girl, Jagamara, Bhubaneswar. Mob: 9439621642.** D-8650

Divorcee bride Lecturer 34, Teacher 40 (caste-no-bar). Contact: 7873374269. D-65007

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Ford Ikon, owner driven, showroom condition, sparingly used, Bhubaneswar. 8763802787. D-63849

## LEASE

2015 Model LPT 407 for lease on monthly basis in and around Twincity. Contact: 9040551000.D-60922




## SALE

Mornigsun Residency simplex near Hanspal-28,00,000/- (Handover within 1months) 8908015464, 9853347909. D-64331

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64176

Lingaraj Stationରୁ 5km. ଦୂରତାରେ right side gharabari plot ମିଳୁଛି। 9090963952. D-64320

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/– ଏବଂ ରେତଙ୍ଗ ଷ୍ଟେସନ ପାଖରେ ୩୩୯/– 7008202635, 9938066403. D-64321

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

5BHK ready to move flat, price 105 lakhs, Ghatikia GA plot, Bhubaneswar. Contact: 9178518254.D-8527

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ୍ ମିଳୁଅଛି। 9439864322. D-64329

1600 sqft. land private property with a 3 storied building with 3750 sqft. builtup is for sale near Dhauli OTDC Tourist Centre, Bhubaneswar. Suitable for guesthouse. Contact: 8249185093.D-63376

**Homestead land for sale at Baripada plot near Brahma Mandir genuine buyer. No broker. 8249309299, 9437086837.** D-64601

ଭୁବନେଶ୍ୱର KEC, ଗୁଡିଆ–ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8550

2650 sqft. gharabari plot at Pokhariput, Bhubaneswar. Price- 45 lakhs. 7504392698. D-64180

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381705905. D-64182

2400 sqft. gharabari yellow zone plot Jagannath Nagar Road-8, Rasulgarh, Bhubaneswar. 9 4 3 7 4 2 1 0 9 6 , 9337288910. D-63378

7040 sqft. land with 2775 sqft. constructed building at Shankarpur, Barik sahi water works road, Cuttack one hundred metres from Link Road. Contact: 7008355170.D-64184

Readymade 3BHK new flat, 3rd floor at BJB Nagar, no tax. 9439716901 (Broker Excuse). D-64185

3 acres compact patch gharabari plot for immediate sale. Location- 6.5 km. from Rabitalkies, 4km. from Siridi Sai Temple. For details Please Contact: 9937232509, 9937844991. D-8596

Bhubaneswar near Sundarpada low cost plot 5000 sqft. Dasaharaa Offer registration free. 7377596980. D-64332

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-8592

Gharabari yellow zone demarcated plot adjacent to Utkal heights 300 mtrs. from NH-5, Pahal. 9040059669.D-65005

Ready plots for house construction at Sisupalgarh @ Rs. 999/- per sqft. Contact: 9776080988, 9238361409. D-63915

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

Bhubaneswar AIIMS Hospital Doon School 30' road gharabari possession plot. 9438191293. D-62793

2000 sqft. yellowzone gharabari bounded plot for sale at Trisulia. Contact: 9583172766. D-8499

20,000 sqft. (approx) land for sale/ lease near NH. before Reliance Petrolpump, Nayagarh. Contact: 9040551000. D-60924

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 480/-ରେ ବିକ୍ରିହେବ। 9438855652, 9090053827. D-64330

8400 sft Gharabari residential plot sale Pahal on NH-5, Bhubaneswar. Contact Deepak: 9937329999 (Conditions apply). D-64510

BDA 3300 sft, boundary with electrification, near NH Dhauli for immediate construction: 7008908054. D-64508

ଭୁବନେଶ୍ୱର ସୁଦ୍ଧାନନ୍ଦ କଲେଜ ସାମ୍ନାରେ ଘରବାରି ପ୍ଲଟ 80 ଫୁଟ ପିଚୁରୋଡ୍‌କୁ ଲାଗି ବିକ୍ରିହେବ। 8093465134. D-65006

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs Contact: 9937059891, 9 3 4 8 2 5 3 4 6 3 , 8908292617.** D-8600

Ready 2BR flat near Sai Temple Tankapaniroad for sale Rs. 15 lakh onwards. 9776080988, 9238361409. D-63916

1200 sqft. gharabari residential yellowzone plot at Patia, Bhubaneswar. Price Rs. 29,40,000/-. Contact: 9078151122. D-64186

3 storied building having 3BHK 1400 sqft. in each floor, floorwise sale and registration facility near Bigbazaar, Patia. 7894139010. D-8634

2BHK apartment flat near garage Chhak, Bhubaneswar. Buyer contact: 8328890345. D-63852

## PURCHASE

2000' land requires in Bhubaneswar from Pokhariput to Chandrasekharpur & Rasulgarh to Baramunda with 30' road. 9583944403. D-62799

## GENERAL

## SALE

Furnished AC restaurent, Lewis Road, Ravi Talkies Square, Bhubaneswar. 9437283845. D-63374




3BHK, 1BHK for residence or office at Forest Park, Bhubaneswar. 8 2 1 8 7 5 3 7 6 7 , 9437594470. D-63846

Three bedroom, Portico boundarywall near Lingaraj Mandir. 9438692977. D-60816

3009 sqft. four BHK, two garages apartment at Royal Heritage, Patrapada, Bhubaneswar 150 metres from NH-16 AIIMS road, suitable for residence/ Guest house/ Company Executive. Contact: 7008355170.D-64183

2BHK flat rent for family Chandrasekharpur, Lumbini Vihar. Contact: 0 9 4 9 3 5 4 6 9 0 9 , 09493547021. D-8581

For car company showroom 20,000 sqft. land available for construction as per company format. On at NH Bhanpur, Telengapentha. Contact: 9437160289, 9437033691. D-63850

2500 sqft. first floor for rent at Patrapada NH. side for godown. Contact: 9040551000. D-60923

Single room near Sanjivani Hospital, Samantrapur, Puri road. 9937210090, 9437001226. D-63377

Ladies hostel seats available, 1050/- monthly, Matrubhawan, Jaydevvihar, Bhubaneswar (behind SBI). 8895585537.D-47988

2BHK at Kedar Gouri apartment for family Garage Chhak. 9437157439. D-8585

Nayapalli single room attached bath, kitchen Rs. 5000/- for single employee. Contact: 8455886887.D-8594

2000 sqft. furnished commercial 1st floor hall at 72, Bapujinagar, Bhubaneswar. 9861021008. D-8598

Duplex house 1st floor, Sailashreevihar infront of DAV School, Bhubaneswar. Three bedrooms, large dining, kitchen and living room, two bathrooms, small lobby, back terrace. Rent, Rs. 22,000/- (negotiable). Contact: 06742548621. Mobile: 9971200489 (Bank, Insurance, Govt. employee prefrred). D-8563

**Prime commercial RCC building space of 700 sqft. on the main road near Bharat Petroleum Petrol Pump at Rasulgarh, Bhubaneswar for corporate office, godown etc. Contact: 9437042688, 9861092096.** D-8584

Two rooms dining, toilet, balcony opposite hotel Presidency, Nayapalli, Bhubaneswar. Contact: 9668774876. D-47989

Furnished single room, AC, car parking, Old-Town, Bhubaneswar. 5,000/-. 9437388990.D-63379

Single room attached bath, kitchen Udayagiri Vihar, Patrapada, Bhubaneswar. 9861061549. D-58698




Shivam logistic packers movers. Household/ car relocation countrywide. 9777044177, 9338461133. D-8576




Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888.D-64117

Singar massage club fully relaxed by expert lady also home service available. Contact: 9937637219. D-8471

Saishree ayurvedic full body massage ladies & gents. 9078429117, 7438896074. D-63100

G.S Spa herbal full body massage ladies/ gents. 9938526614, 8658292358. D-63099

Newly open herbal full body massage with refreshment well trained therapist. 7381239385.D-8556

Newly opening ayurvedic body massage in joint pains, smart therapist. 9776383819. D-64177

Newly opening ayurvedic body massage smart therapist, Shree Herbal. 7750020754. D-64178

All type of massage and good therapy full body massage Sai herbal spa. 7609005923. D-64205

Experience full body massage with us by experts. Enquiry: 7377048581. D-64179

Opening newly ayurvedic full body massage ladies, gents. 7438851534, 7609923705. D-38534

Physiotherapy and herbal massage by trained ladies/ gents therapist. 7008773793. D-65009

## LOST

ମୁଁ ଲକ୍ଷ୍ମୀ ଶ୍ରୀରାମ, ପିତା–ଗୋପୀନାଥ ଶ୍ରୀରାମ ଗୁଡ଼ାରୀ ଲେଖି ଜଣାଉଛି, ମୋର ସ୍କୁଲ ସାର୍ଟିଫିକେଟ ଉଇ ଖାଇ ନଷ୍ଟ ହୋଇଗଲା।ଧ–୮୬୫୪

## AFFIDAVIT

I, Bijoy Laxmi, W/o- Baikuntha Nath Singh Samanta, R/o- Danda Sahi, Khandapada Garh, Nayagarh, Odisha have changed my name to Bijayalaxmi Singh Samanta for all purpose. D-8642

## କୃତିତ୍ୱ



ଚଳିତ ୨୦୧୮–୧୯ ଶିକ୍ଷାବର୍ଷରେ ତୃତୀୟ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଡୁଙ୍ଗୁରାର ଉଦୀୟମାନ ଛାତ୍ର **ଶ୍ରୀମାନ୍ ସାଇ ସିଦ୍ଧାନ୍ତ ଦାସ,** ଖଇରା ବ୍ଲକରେ ସମସ୍ତ ଛାତ୍ରଛାତ୍ରୀଙ୍କଠାରୁ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି ଏବଂ ସରକାରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଧ–୮୬୫୬

## ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



ଆଦ୍ୟାଶା (ପିହୁ)

ପୋରଗଦେଇ ତିର୍ତ୍ତୋଲ, ଜଗତ୍‌ସିଂହପୁର

ମା' ଶାରଳାଙ୍କ ଆଶୀର୍ବାଦରୁ ତୋର ସାରା ଜୀବନ ସୁଖରେ ଭରିଯାଉ। ଶୁଭେଚ୍ଛା ସହ: ଜେଜେ– ପ୍ରତାପ, ଜେଜେମା– ପ୍ରଭାତୀ, ସାନଜେଜେ– ପ୍ରକାଶ, ରବୀନ୍ଦ୍ର, ପ୍ରେମଚାନ୍ଦ, ବାବା– ସଂଗ୍ରାମ, ମାମା– ଅନୀତା, ଦାଦା– ରୁବୁ, ସାନମାମା– ରୀନା, ସାନଦାଦା– ଜୁବୁ, ମଦନ, ପାପୁ, ପ୍ରିତ୍, ସିପୁ, ପିଉସା– ଅଶୋକ, ପିଉସୀ– ବେବୀ, କାର୍ତ୍ତିକ, ଗଣେଶ, ବନ୍ଧୁ ଓ ପରିବାରବର୍ଗ। ଧ–୮୬୫୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ**

ସପ୍ତମ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ– ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର– ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର– ରୋଷନ ପାଣିଗ୍ରାହୀ, କନ୍ୟା– ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ– ଶୁଭଯାନି, ରଶ୍ମିପ୍ରଭା, ଜ୍ୱାଇଁ– ସୀମାଞ୍ଚଳ ପଣ୍ଡା, ପୌତ୍ରାଦି– ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ– କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ– ଦୁର୍ଗାପ୍ରସନ୍ନ ସାହୁ, ଭାଉଜ– ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ–୬୩୭୨୯

## ବିଂଶତମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ମାୟାଧର ପଣ୍ଡା**

ତିରୋଧାନ: ୧୧।୦୯।୧୯୯୮

(ଆଶ୍ୱିନ ମାସ କୃଷ୍ଣପକ୍ଷ ଷଷ୍ଠୀ)

ଆପଣ ଚାଲିଯିବାର ତାହୁଁ ତାହୁଁ କୋଡ଼ିଏ ବର୍ଷ ବିତିଗଲା, ଆପଣଙ୍କ ଆଦର୍ଶ ଆମମାନଙ୍କ ଆଶା, ଭରସା ଓ ପ୍ରେରଣାର ଉତ୍ସ ହୋଇ ଯୁଗଯୁଗ ଧରି ରହିବ। ଆଜି ଆପଣଙ୍କର ବିଂଶତମ ବାର୍ଷିକ ପବିତ୍ର ଶ୍ରାଦ୍ଧ ଦିବସରେ ଆପଣଙ୍କ ଅମର ଆତ୍ମାର ଚିରଶାନ୍ତି ପାଇଁ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ–୬୫୦୦୮

## CLASSIFIED BOOKING STATIONS

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**BS COMMUNICATION**
Malipada Fatak, Sambalpur, Contact : Nabin Kumar Dash, Mob : 9776813356

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-4, Road No-2, BBSR. Mr. Prasanta Kumar Nayak, Mob: 9438689186.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034






| | |
|---|---|
| Dollar | 72.48 (11) |
| Sensex | 36,227.14 (97.03) |
| Nifty | 10,930.45 (47.10) |
| Gold | 31,550.00 (₹ 250) |
| Silver | 39,100.00 (₹ 1100) |

ଡିଜିଟାଲ ନେଣଦେଣ ଚିନ୍ତାମୁକ୍ତ କାରବାର ଦିଗରେ ବିଶେଷ ଭାବେ ସହାୟକ ହେଉଛି। ଏଥି ପ୍ରତି ଲୋକଙ୍କ ବିଶ୍ୱାସ ବର୍ତ୍ତମାନ ବୃଦ୍ଧି ଘଟିଛି।

– ଟି.ଆର୍. ରାମଚନ୍ଦ୍ରନ, ଭାରତ, ଦକ୍ଷିଣ ଏସିଆ ଗ୍ରୁପ କଣ୍ଟ୍ରି ମ୍ୟାନେଜର ଭିଜା



ପରିମାଣ ଭିତ୍ତିଭୂମି ନିର୍ମାଣ ଏବଂ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଘରୋଇ ସେକ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଏହାଦ୍ୱାରା ସେମାନେ ଲୋକଙ୍କ ବ୍ୟବହାରରେ ବିରାଟ ପରିବର୍ତ୍ତନ ଆଣିପାରିବେ।

– ଦୀପକ ପାରେଖ, ଅଧ୍ୟକ୍ଷ, ଏଚ୍‌ଡିଏଫ୍‌ସି



# ୫୦% ସୁଧୁରିଯିବ ଏନ୍‌ପିଏ ସମସ୍ୟା

ନୂଆଦିଲ୍ଲୀ,୨୯-୯




- ୧,୧୫୭ କମ୍ପାନୀ ମାମଲା ପାଇଁ ଆବେଦନ କରିଛନ୍ତି
- ୨୦୨ର ଶୁଣାଣି ଆରମ୍ଭ ହୋଇଛି
- ୪୬ର ସମାଧାନ ଯୋଜନା ଲାଗୁ ହୋଇଛି

ଦେଶରେ ଏବେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ (ଆଇବିସି) ଲାଗୁ ହୋଇଛି। ଆଗାମୀ ଦିନରେ ଏହାରି ମାଧ୍ୟମରେ ଦେଶରେ ସୃଷ୍ଟି ହୋଇଥିବା ଅନାଦାୟ ଋଣ (ଏନ୍‌ପିଏ) ଅର୍ଦ୍ଧେକ ଅର୍ଥାତ୍ ୫୦% ସମସ୍ୟାର ସମାଧାନ ହୋଇଯିବ ବୋଲି ଇନସଲଭେନ୍ସି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଋଣଗ୍ରସ୍ତ କମ୍ପାନୀମାନଙ୍କୁ କିଣିବା ପାଇଁ ଏବେ ଏକାଧିକ କମ୍ପାନୀ ଆଗେଇ ଆସୁଥିବାରୁ ସେଗୁଡିକର ଅଧିକ ମୂଲ୍ୟ ମିଳିବ ବୋଲି ଆଶାକରାଯାଉଥିବା ସେମାନେ କହିଛନ୍ତି। ସୁମେଧା ମ୍ୟାନେଜମେଣ୍ଟ ସଲ୍ୟୁସନ୍ସ ଏବଂ ଏଲ୍‌ଏସ୍‌ଆଇ ଫାଇନାନ୍ସିଆଲ୍ସ ସର୍ଭିସେସ୍ ପକ୍ଷରୁ ସଂଗୃହୀତ ତଥ୍ୟ ଅନୁଯାୟୀ ୨୦୧୬ରେ ଆଇବିସି ଲାଗୁ ହେବା ପରେ ଅଦ୍ୟାବଧି ୧,୧୫୭ କମ୍ପାନୀ କର୍ପୋରେଟ ଇନସଲଭେନ୍ସି ରିଜଲ୍ୟୁଶନ ପ୍ରୋସେସ୍ ଅଧୀନରେ ସାମିଲ ହୋଇଛନ୍ତି। ତନ୍ମଧ୍ୟରୁ ୨୦୨ ମାମଲାର ଶୁଣାଣି ଆରମ୍ଭ ହୋଇଥିବା ବେଳେ ୪୬ଟିର ସମାଧାନ ଯୋଜନା ଲାଗୁ ହୋଇଯାଇଛି। ସୁମେଧା ମ୍ୟାନେଜମେଣ୍ଟର ବିଜୟ ମୁର୍ମୁରିଆ କହିଛନ୍ତି ଯେ, ଏବେ ଋଣପ୍ରଦାନକାରୀ ବ୍ୟାଙ୍କମାନେ ହାରାହାରି ୪୫ରୁ ୫୦% ଋଣ ଫେରସ୍ତ ପାଉଛନ୍ତି। ମୂଲ୍ୟାଙ୍କନ ବୃଦ୍ଧି ସହ ଏହା ସମୟକ୍ରମେ ବଢ଼ିବ। ପୂର୍ବରୁ ଏହି ହାର ୨୫ରୁ ୨୮ ପ୍ରତିଶତ ଥିଲା ବୋଲି ଏଲ୍‌ଏସ୍‌ଆଇ ରିଜଲ୍ୟୁଶନ ପ୍ରାଇଭେଟ ଲିମିଟେଡର ସମୀ ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏବେ ଦେବାଳିଆ ମାମଲାଗୁଡିକ ଏନ୍‌ସିଏଲ୍‌ଟିର ବିଭିନ୍ନ ଅଦାଲତରେ ଶୁଣାଣି ପାଇଁ ତାଲିକାଭୁକ୍ତ ହେବାରେ ବହୁ ବିଳମ୍ବ ହେଉଛି। ଆବେଦନର ୧୪ ଦିନ ଭିତରେ ମାମଲା ଗ୍ରହଣ ଯୋଗ୍ୟ ହେବ କି ନା ସ୍ଥିର ହୋଇଯିବା ଆବଶ୍ୟକ। ବାସ୍ତବରେ ଦେଖିଲେ ତାଲିକାଭୁକ୍ତ ହେବା ପାଇଁ ୬ ମାସ ଲାଗିଯାଉଛି। ଏ ଦିଗରେ ଦୃଷ୍ଟି ଦିଆଗଲେ ଦେବାଳିଆ ମାମଲାର ତ୍ୱରିତ୍ ସମାଧାନ ସମ୍ଭବ ହୋଇପାରିବ ଏବଂ ବ୍ୟାଙ୍କମାନେ ସେମାନଙ୍କ ବକେୟା ଋଣ ଫେରିପାଇବେ। ଋଣଗ୍ରସ୍ତ କମ୍ପାନୀର ସମ୍ପତ୍ତିର ପ୍ରକୃତ ମୂଲ୍ୟାୟନ ହିଁ ଦେବାଳିଆ ମାମଲା ସମାଧାନକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି।

## ■ ଇରାନରୁ ମିଳିବନି ତେଲ
# ଭାରତ ପାଇଁ ବିକଳ୍ପ ବାଟ ଖୋଜୁଛି ଆମେରିକା

ନ୍ୟୁୟର୍କ,୨୯-୯




ନଭେମ୍ବର ୪ରୁ ଇରାନ ବିରୋଧରେ ଆମେରିକାର କଟକଣା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଯିବ। ଇରାନରୁ ତେଲ ମିଳିବା ବନ୍ଦ ହୋଇଯିବା ପରେ ଭାରତ ନିଜର ଚାହିଦା ପୂରଣ ପାଇଁ ଅନ୍ୟ ଦେଶରୁ ତେଲ କିଣିବା ପାଇଁ ଉପାୟ ଖୋଜୁଛି। ଅନ୍ୟପକ୍ଷରେ ଆମେରିକା ମଧ୍ୟ ଏବେ ଭାରତକୁ ସହାୟତା ପାଇଁ ଆଗେଇ ଆସିଛି। ଆମେରିକାର ଜଣେ ବରିଷ୍ଠ ଅଧିକାରୀ ବ୍ୟୁରୋ ଅଫ୍ ସାଉଥ ଆଣ୍ଡ ସେଣ୍ଟ୍ରାଲ ଏସିଆ ରିଜିଅନର ପ୍ରିନ୍ସିପାଲ ଡେପୁଟୀ ଆସିଷ୍ଟାଣ୍ଟ ସେକ୍ରେଟାରୀ ଆଲିସ୍ ୱେଲ୍ସ କହିଛନ୍ତି ଯେ, ମିତ୍ର ରାଷ୍ଟ୍ର ଭାରତକୁ ଯେପରି ଅଶୋଧିତ ତେଲ ଯୋଗାଣ ଜାରି ରହିବ ସେନେଇ ତାଙ୍କ ଦେଶ ବିକଳ୍ପ ବାଟ ଖୋଜୁଛି। ସେ କହିଛନ୍ତି ଯେ, ଭାରତର ତେଲ ଚାହିଦାକୁ ଆମେରିକା ବୁଝୁଛି। ତେଲ ଯୋଗୁ ଭାରତର ଅର୍ଥନୀତି ଯେପରି କ୍ଷତିଗ୍ରସ୍ତ ନ ହୁଏ ସେଥିପାଇଁ ଆମେରିକା ପଦକ୍ଷେପ ନେଉଛି। ସେହି ଉଦ୍ଦେଶ୍ୟରେ ଏହା ଅନ୍ୟ ମିତ୍ର ରାଷ୍ଟ୍ରଗୁଡିକ ସହ ଆଲୋଚନା ଜାରି ରଖିଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ଆମେରିକା ଓ ଇରାନ ମଧ୍ୟରେ ପରମାଣୁ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ତେବେ ଆମେରିକା ଏକତରଫା ଭାବେ ଏହି ଚୁକ୍ତିରୁ ଓହରି ଆସିବା ପରେ ଇରାନ ବିରୋଧରେ କଟକଣା ଲାଗୁ କରିଥିଲା। ଏହାର ପ୍ରଥମ ପର୍ଯ୍ୟାୟ ଲାଗୁ ହୋଇସାରିଥିବା ବେଳେ ନଭେମ୍ବର ୪ରୁ ସମ୍ପୂର୍ଣ୍ଣ କଟକଣା ଲାଗୁ ହୋଇଯିବ।

## ଖବର ଏଇ ସପ୍ତାହ

### ୫ କୋଟି ଫେସ୍‌ବୁକ୍ ୟୁଜରଙ୍କ ତଥ୍ୟ ଚୋରି

ସୋସିଆଲ ମିଡିଆ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ବେଳେ ତଥ୍ୟ ଚୋରି ହେବା ଏବେ ସାଧାରଣ ଘଟଣାରେ ପରିଣତ ହୋଇଛି। ଫେସବୁକ୍ ହ୍ୟାକ୍ କରି ହ୍ୟାକରମାନେ ୫ କୋଟି ୟୁଜରଙ୍କ ତଥ୍ୟ ଚୋରେଇ ନେଇଛନ୍ତି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଫେସବୁକ୍ ପକ୍ଷରୁ ଲେଖାଯାଇଥିବା ବ୍ଲଗ୍‌ରେ ଦର୍ଶାଯାଇଛି ଯେ, ହ୍ୟାକରମାନେ ଏହାର ସୁରକ୍ଷା ବଳୟ ଭେଦ କରି ୫ କୋଟି ୟୁଜରଙ୍କ ତଥ୍ୟ ଚୋରେଇ ନେଇଛନ୍ତି। ସେମାନେ 'ଭିୟୁ ଆଜ୍' ଫିଚରର ଫାଇଦା ଉଠାଇ ତଥ୍ୟ ଚୋରି କରିବାରେ ସଫଳ ହୋଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ଲାଗି କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଉଛି ଏବଂ ଏ ସମ୍ପର୍କରେ ପୋଲିସକୁ ସୂଚନା ଦିଆଯାଇଛି ବୋଲି କୁହାଯାଇଛି। ବର୍ତ୍ତମାନ ପାଇଁ ଫେସବୁକ୍ ୯ କୋଟି ୟୁଜରଙ୍କ ଲଗ୍ ଇନକୁ ରିସେଟ୍ କରିଛି। କେଉଁ ହ୍ୟାକର ଏହା ପଛରେ ରହିଛନ୍ତି, ତାହା ଅଦ୍ୟାବଧି ଜଣାପଡି ନାହିଁ ବୋଲି ଫେସବୁକ କହିଛି। କମ୍ପାନୀ ଗୋପନୀୟତା ରକ୍ଷା କରିବାରେ ବିଫଳ ହେବାକୁ ନେଇ ଏହାର ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ଆମେରିକା ସଂସଦର ସମ୍ମୁଖୀନ ହୋଇଥିଲେ।

# ଆର୍‌ବିଆଇରୁ ଡଲାର କିଣିବେ ତୈଳ ମାର୍କେଟିଂ କମ୍ପାନୀ

ନୂଆଦିଲ୍ଲୀ,୨୯-୯




ଟଙ୍କାର ମୂଲ୍ୟ ହ୍ରାସକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ତୈଳ ମାର୍କେଟିଂ କମ୍ପାନୀଗୁଡିକ ଭାରତୀୟ ରିଜର୍ଭବ୍ୟାଙ୍କ (ଆର୍‌ବିଆଇ)ଠାରୁ ସିଧାସଳଖ ଡଲାର କିଣିବେ। ଏ ସମ୍ପର୍କରେ ସରକାରଙ୍କୁ ମିଳିଥିବା ପ୍ରସ୍ତାବ ବିଚାରାଧୀନ ରହିଛି। ପୂର୍ବରୁ ମଧ୍ୟ ଏଭଳି ବ୍ୟବସ୍ଥା ରହିଥିଲା, କିନ୍ତୁ ପରେ ଏହାକୁ ପ୍ରତ୍ୟାହାର କରାଯାଇଥିଲା। ଏ ସମ୍ପର୍କରେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସର୍ବବୃହତ ତୈଳ ମାର୍କେଟିଂ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ)କୁ ତୈଳ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ ହେବା ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲ ଦର ହୁ ହୁ ହୋଇ ବଢ଼ିଚାଲିଛି। ଏହି କାରଣରୁ ଦେଶର ତେଲ ଆମଦାନୀ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଘରୋଇ କ୍ଷେତ୍ରରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଅଦ୍ୟାବଧି ପ୍ରାୟ ୧୧% ହ୍ରାସ ପାଇସାରିଛି। ୨୦୧୩ରେ ଅଶୋଧିତ ତେଲ ଦର ୧୦୦ ଡଲାର ଛୁଇଁବା ପରେ କେନ୍ଦ୍ର ସରକାର ତୈଳ କମ୍ପାନୀଙ୍କୁ ଆର୍‌ବିଆଇରୁ ସିଧାସଳଖ ଡଲାର କିଣିବାକୁ ଅନୁମତି ଦେଇଥିଲେ। ସେତେବେଳେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୬୮ ଥିଲା। ଏବେ ସେହି ଏକା ସମାନ ପରିସ୍ଥିତି ଥିବାରୁ ପୂର୍ବରୁ ପରୀକ୍ଷିତ ଏହି ଉପାୟକୁ ଆପଣାଇବା ଲାଗି ସରକାର ଆଗ୍ରହ ଦେଖାଇଛନ୍ତି। ଆର୍‌ବିଆଇରୁ ସିଧାସଳଖ ଡଲାର କିଣାଗଲେ ମୁଦ୍ରା ବଜାରରେ ଟଙ୍କାର ଅସ୍ଥିରତାକୁ ଅନେକାଂଶରେ ରୋକାଯାଇପାରିବ।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ଋଣବୋଝ ହ୍ରାସ ହେବ

ନୂଆଦିଲ୍ଲୀ,୨୯-୯

ଭିତ୍ତିଭୂମି ନିର୍ମାଣ ପାଇଁ ଋଣ ଦେଉଥିବା ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡଏଫ୍‌ଏସ୍) ଉପରେ ୯୧ ହଜାର କୋଟି ଟଙ୍କାର ଋଣଭାର ରହିଛି। ଋଣବୋଝ କମାଇବା ଉଦ୍ଦେଶ୍ୟରେ କମ୍ପାନୀ ରାଇଟ୍ସ ଇସ୍ୟୁ ବିକ୍ରି କରିବ ବୋଲି ଶନିବାର ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ନିଷ୍ପତ୍ତି ନେଇଛି। ତଦନୁଯାୟୀ ୪୫୦୦ କୋଟିର ରାଇଟ୍ସ ଇସ୍ୟୁ କ୍ରୟ ଲାଗି ଏହାର ବୃହତ୍ ନିବେଶକ ଏଲଆଇସି, ଏସ୍‌ବିଆଇ ଏବଂ ଜାପାନ କମ୍ପାନୀ ଓରିକ୍ସ କର୍ପ ଘୋଷଣା କରିଛି।

## ୟୁଏସ୍ ସଂସଦୀୟ କମିଟିରେ ହାଜର ହେବେ ପିଚାଇ

ୱାଶିଂଟନ,୨୯-୯

ଗୁଗୁଲ ସିଇଓ ସୁନ୍ଦର ପିଚାଇ ଆସନ୍ତା ନଭେମ୍ବରରେ ଆମେରିକା ସଂସଦର ଜୁଡିସିଆରି କମିଟି ସମ୍ମୁଖରେ ହାଜର ହେବେ। ଗୋପନୀୟତା ପ୍ରସଙ୍ଗ ସହିତ ଚାଇନା ବଜାରରେ ଗୁଗୁଲର ପ୍ରବେଶ ନେଇ କମ୍ପାନୀର ଚିନ୍ତାଧାରା ସମ୍ପର୍କରେ ପିଚାଇ କମିଟିକୁ ଜଣାଇବେ। ମିଡିଆ ରିପୋର୍ଟ ଅନୁଯାୟୀ ଗୁଗୁଲ ସିଇଓ ଶୁକ୍ରବାର ରିପବ୍ଲିକାନ ସାଂସଦମାନଙ୍କୁ ଭେଟି ସଂସଦର ଜୁଡିସିଆରି କମିଟି ସମ୍ମୁଖରେ ହାଜର ହେବା ପାଇଁ ସହମତି ପ୍ରକାଶ କରିଥିଲେ। ଇଣ୍ଟରନେଟ ସମ୍ପର୍କିତ ବ୍ୟବସାୟକୁ ନେଇ କମ୍ପାନୀର କାର୍ଯ୍ୟଶୈଳୀ ଉପରେ ଆମେରିକା ସରକାର ଚିନ୍ତାବ୍ୟକ୍ତ କରିଛନ୍ତି। ଏହାକୁ ଦୂର କରିବା ପାଇଁ ପିଚାଇ ସଂସଦୀୟ କମିଟି ସମ୍ମୁଖରେ ହାଜର ହେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମିଡିଆ ରିପୋର୍ଟରେ କୁହାଯାଇଛି। ଏଥିସହିତ ଶୁକ୍ରବାର ପିଚାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅର୍ଥନୈତିକ ଉପଦେଷ୍ଟା ଲ୍ୟାରି କୁଡ୍‌ଲାଙ୍କୁ ଭେଟିଥିଲେ।

# ବଲାଙ୍ଗୀରରେ ବାଜାର କୋଲକାତା ଶୋ'ରୁମ

ଭୁବନେଶ୍ୱର,୨୯-୯



ପ୍ରମୁଖ ରିଟେଲ ଚେନ୍ ବାଜାର କୋଲକାତା ପକ୍ଷରୁ ବଲାଙ୍ଗୀରରେ ଏହାର ନୂଆ ଶୋ'ରୁମ ଶନିବାର ଶୁଭାରମ୍ଭ ହୋଇଛି। ୭ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଉକ୍ତ ଶୋ'ରୁମ ଅବସ୍ଥାପିତ। ଏଠାରେ ଗ୍ରାହକମାନେ ବିସ୍ତୃତ ରେଞ୍ଜର ପୋଷାକପତ୍ର, ଘରୋଇ ଉତ୍ପାଦ, ଆସବାବପତ୍ର ଆକର୍ଷଣୀୟ ମୂଲ୍ୟରେ ଲାଭ କରିବାକୁ ସକ୍ଷମ ହେବେ। ମହିଳାଙ୍କ ପୋଷାକ ମାତ୍ର ୯୯ ଟଙ୍କାରୁ ଉପଲବ୍ଧ ହେଉଥିବା ବେଳେ ପୁରୁଷ ବର୍ଗରେ ୫୦ ଟଙ୍କାରୁ, ପିଲାଙ୍କ ପୋଷାକ ୭୦ ଟଙ୍କାରୁ ଏବଂ ଆସବାବପତ୍ର ମାତ୍ର ୨୦ ଟଙ୍କାରୁ ଆରମ୍ଭ ହେଉଛି। ନୂଆ ଶୋ'ରୁମ ଦ୍ୱାରା ଗ୍ରାହକଙ୍କ ମନ ଜିଣିବାରେ ସହାୟକ ହେବୁ ବୋଲି ବାଜାର କୋଲକାତାର ମାର୍କେଟିଂ ମୁଖ୍ୟ ଉମେଶ ଶର୍ମା ସୂଚନା ଦେଇଛନ୍ତି। ନୂତନ ଷ୍ଟୋରରେ ମହିଳାଙ୍କ ବିଭିନ୍ନ ବର୍ଗର ପୋଷାକ ଯଥା- ଶାଢ଼ି, ସାଲୱାର, ଡ୍ରେସ ଫ୍ୟାବ୍ରିକ, ନାଇଟି, ଲେଗିନ୍ସ, ଟି-ସାର୍ଟ, କୁର୍ତ୍ତି ଭଳି ପୋଷାକ ସାମିଲ ରହିଛି। ସେହିଭଳି ପୁରୁଷ ପୋଷାକ ବର୍ଗରେ ଟି-ସାର୍ଟ, କାଜୁଆଲ ଟି-ସାର୍ଟ, କୋର୍ଟ, ମୋଦି କୋର୍ଟ, ଜିନ୍ସ ଭଳି ପୋଷାକ ରହିଛି। ନୂଆ ଶୋ'ରୁମ ଶୁଭାରମ୍ଭ ଅବସରରେ ଗ୍ରାହକଙ୍କୁ ଅଫର ପ୍ରଦାନ କରାଯାଉଛି। ପୁରୁଷ ଏବଂ ମହିଳାଙ୍କ ପୋଷାକ ଉପରେ ବାଏ ୱାନ ଗେଟ୍ ୱାନ ଅଫର ରହିଛି। ସେହିଭଳି ସାମଗ୍ରୀ କ୍ରୟରେ ଆକର୍ଷଣୀୟ ଉପହାର ପ୍ରଦାନ ବ୍ୟବସ୍ଥା ରହିଛି। ଏହି ନୂଆ ଷ୍ଟୋର ଦ୍ୱାରା ବାଜାର କୋଲକାତାର ଷ୍ଟୋର ସଂଖ୍ୟା ୬୪ ଛୁଇଁଛି।

## ସିଣ୍ଡିକେଟ ବ୍ୟାଙ୍କର ହିନ୍ଦୀ ଦିବସ




ଭୁବନେଶ୍ୱର,୨୯-୯

ସିଣ୍ଡିକେଟ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ପ୍ରବନ୍ଧକ କେ.ସି.ଟୁଡୁ ଅଧ୍ୟକ୍ଷତା କରିଥିଲେ। ନରାକାସ ସଦସ୍ୟ ସଚିବ ତଥା ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଆଲୋକ କୁମାର, ସିଣ୍ଡିକେଟ ବ୍ୟାଙ୍କ ରାଷ୍ଟ୍ରୀୟ ପ୍ରସଂସ୍କରଣ କେନ୍ଦ୍ରର ସହାୟକ ମହାପ୍ରବନ୍ଧକ ରବି ପ୍ରସାଦ ଭଟ୍ଟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଠାରେ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତା ଆୟୋଜନ କରାଯିବା ସହ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ରାଜଭାଷା ଅଧିକାରୀ ପୂଜା କୁମାରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଉପକ୍ଷେତ୍ରୀୟ ପ୍ରବନ୍ଧକ ଏସ୍. ମାନସିଂହ ଧନ୍ୟବାଦ ଦେଇଥିଲେ।

# ଦିବ୍ୟାଙ୍ଗଙ୍କ ଥଇଥାନ ଲାଗି ନାଲ୍‌କୋର ପଦକ୍ଷେପ




ଭୁବନେଶ୍ୱର,୨୯-୯

ନାଲ୍‌କୋ ପକ୍ଷରୁ ଦିବ୍ୟାଙ୍ଗଙ୍କ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଦିବ୍ୟାଙ୍ଗଙ୍କୁ ଦକ୍ଷ ତଥା ଆତ୍ମ ନିର୍ଭରଶୀଳ କରାଇବା ଲକ୍ଷ୍ୟରେ କମ୍ପାନୀ ଏଭଳି ଏକ ପଦକ୍ଷେପ ନେଇଛି। ଏହି ପଦକ୍ଷେପ ଅନ୍ତର୍ଗତ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ରିହାବିଲିଟେଶନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ଠାରେ କ୍ୟାଡ, କ୍ୟାମ ଲାବୋରେଟୋରି ଉଦ୍‌ଘାଟନ ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ରକୁ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଶିଳାନ୍ୟାସ କରିଛନ୍ତି। ଏଠାରେ ସ୍ଥାପନ ହୋଇଥିବା ଆକ୍ସିସ ରୋବଟିକ୍ସ ମେଶିନ ଦେଶରେ ପ୍ରଥମ ହୋଇଥିବା ବେଳେ ନାଲ୍‌କୋ ଫାଉଣ୍ଡେଶନ ପକ୍ଷରୁ ଏହାକୁ ପ୍ରଦାନ କରାଯାଇଛି। ୨.୭୩ କୋଟି ଟଙ୍କାର ଉକ୍ତ ପ୍ରକଳ୍ପଟି ଅଧିକ ଦକ୍ଷତାର ସହ କମ୍ ସମୟରେ ବ୍ୟବହାରକାରୀଙ୍କ ଲାଗି ସୁବିଧାଜନକ ଅର୍ଥୋସେସ ଏବଂ ପ୍ରୋସ୍ଥେସିସ ସକେଟ ପ୍ରସ୍ତୁତ କରାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ହ୍ୟୁଣ୍ଡାଇର ନ୍ୟାଶନାଲ ଟେକ୍ନିସିଆନ୍ ସ୍କିଲ୍ ଅଲିମ୍ପିକ୍ସ

ନୂଆଦିଲ୍ଲୀ,୨୯-୯



ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଆଇଏଲ୍)ପକ୍ଷରୁ ଦଶମ ନ୍ୟାଶନାଲ ଟେକ୍ନିସିଆନ୍ ସ୍କିଲ୍ ଅଲିମ୍ପିକ୍ସ ଚେନ୍ନାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ କମ୍ପାନୀର ଏମ୍‌ଡି ତଥା ସିଇଓ ୱାଇ.କେ. କୋ ଅଧ୍ୟକ୍ଷତା କରିଥିବା ବେଳେ ଡିଲର ପାର୍ଟନର, ସିନିୟର ମ୍ୟାନେଜମେଣ୍ଟ ଏଥିରେ ଯୋଗ ଦେଇଥିଲେ। ଏଥିରେ ପ୍ରଦୀପ କୁମାର ଶାହା ଚାମ୍ପିୟନ ହୋଇଥିବା ବେଳେ ତାରକ ଦାସ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଏହି ଦୁଇ ଟେକ୍ନିସିଆନ୍ ପୂର୍ବାଞ୍ଚଳ ଲାଗି ପ୍ରଥମ ଟ୍ରଫି ଆଣିବାରେ ସକ୍ଷମ ହୋଇଛନ୍ତି। ୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା ୱାର୍ଲଡ ସ୍କିଲ ଅଲିମ୍ପିକ୍ସରେ ଏହି ଦୁଇ ଟେକ୍ନିସିଆନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏମାନେ ସେଠାରେ ମଧ୍ୟ ଉତ୍କର୍ଷ ଦେଖାଇବେ ବୋଲି କମ୍ପାନୀ ପ୍ରକାଶ କରିଛି।

## ଏ.ବି. ସିଂଙ୍କୁ ନିଶା ଫାଉଣ୍ଡେଶନ ଆୱାର୍ଡ




ଭୁବନେଶ୍ୱର,୨୯-୯

ଆକାଶ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ଡାଇରେକ୍ଟର ଏ.ବି. ସିଂଙ୍କୁ ନିଶା ଫାଉଣ୍ଡେଶନ ପକ୍ଷରୁ ହିରୋ ଅଫ୍ ଦି ନେଶନ ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷା କ୍ଷେତ୍ରକୁ ବିଶେଷ ଅବଦାନ ଲାଗି ତାଙ୍କୁ ଏହି ଆୱାର୍ଡ ମିଳିଛି। ଲୋକସଭା ଆନେକ୍ସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଉକ୍ତ ଆୱାର୍ଡ ଲାଭ କରିଥିଲେ। ଭାରତ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଓ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୱାର୍ଡକୁ ସେ ଓଡିଶାକୁ ସମର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ, ରାମଦାସ ଅଠୱାଲ, ଜୈନ ମୁନି ଲୋକେଶ ମହାରାଜ, ଚିଦାନନ୍ଦ ସରସ୍ୱତୀଜୀ, ଡ. ଅହମ୍ମଦ ଇଲିଆସ୍, ଡି.ଏସ୍ ଉଲାର ପ୍ରମୁଖ ଉପସ୍ଥିତ ଥିଲେ।

# କାନାରା ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

ଭୁବନେଶ୍ୱର,୨୯-୯




କାନାରା ବ୍ୟାଙ୍କ ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରସିଦ୍ଧ କବି ଉଦୟନ ସୁପକାର, ଏସ୍‌ବିଆଇ ପ୍ରଧାନ କାର୍ଯ୍ୟାଳୟର ରାଜଭାଷା ମୁଖ୍ୟ ପ୍ରବନ୍ଧକ ଆଲୋକ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହାୟକ ମହାପ୍ରବନ୍ଧକ ସତ୍ୟେନ୍ଦ୍ର କୁମାର ପାଣ୍ଡେୟ ସ୍ୱାଗତ ଭାଷଣ ଦେଇଥିଲେ। ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ବାର୍ତ୍ତାକୁ ଏହି ଅବସରରେ ଉପସ୍ଥାପନ କରାଯାଇଥିଲା। ପ୍ରବନ୍ଧକ ସୁବ୍ରତ ଦାସ, ବିକାଶ କୁମାର ଏବଂ ଅଞ୍ଜୁବାଇ ଚୌଧୁରୀ ଏହାକୁ ପାଠ କରିଥିଲେ। ହିନ୍ଦୀ ଭାଷାକୁ ପ୍ରାଥମିକତା ପ୍ରଦାନ ଉପରେ ଏଠାରେ ଆଲୋଚନା ହୋଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମଣ୍ଡଳ ପ୍ରବନ୍ଧକ ମାଧବ ଚନ୍ଦ୍ର ପଣ୍ଡା, ରାଜଭାଷା ଅଧିକାରୀ ସୁଶ୍ରୀ ଗୀତା ରାଣା, ମଦନ ମୋହନ ନାୟକ ପ୍ରମୁଖଙ୍କ ସହ ଭୁବନେଶ୍ୱର ଅଞ୍ଚଳ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ।


## ODISHA UNIVERSITY OF AGRICULTURE & TECHNOLOGY
**Bhubaneswar - 751003, Odisha**

Website: www.ouat.nic.in, Phone: 0674 - 2397818 / 919, Fax: 0674 - 2397424

E-III-I-03/2017 - 23158/UAT. Dated 29.09.2018

**ADVERTISEMENT**

Applications are invited from the eligible candidates for recruitment to the following vacant post on contractual basis in the constituent college under OUAT.

| Sl. No. | Name of the post | Vacancy with category | Scale of pay (as per pre-revised scale) | Minimum Qualification |
|---|---|---|---|---|
| 1 | 2 | 3 | 4 | 5 |
| 1 | Laboratory Assistant Deptt. of Agril. Biotechnology College of Agriculture, BBSR | 01 (one) ST-1 | Rs. 9,300-34,800 with Grade Pay Rs. 4200 | B.Sc (Ag.) / B. Sc with Botany or Zoology or Biotechnology or Chemistry (Hons.) |

Abbreviation: ST = Schedule Tribe

Age Limit : Candidate must not be less than 21 years and more than 32 years of age as on 01.01.2018 (the upper age limit relaxable by 5 years in case of candidate belonging to ST category).

The appointment will be initially on contractual basis as per the new recruitment rules notified vide GA Department notification No. 1147 dtd.17.01.2014 read with notification No.4587 dtd.15.02.2014.

The prescribed application form, fees for the post, general information, selection procedure and instruction to the candidate can be downloaded from University website **ouat.nic.in**.

Last date of receipt of application is **29.10.2018 by 05.00 PM**.

**By Order of the Vice-Chancellor,**
**Sd./- Registrar**



"୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ ଦକ୍ଷିଣ କୋରିଆ ବିପକ୍ଷ କ୍ୱାର୍ଟରଫାଇନାଲ ମୋ ଖେଳାଳିଙ୍କ କ୍ୟାରିୟର ସବୁଠାରୁ ବଡ଼ ଚ୍ୟାଲେଞ୍ଜ।"
–ବିବିଆନୋ ଫର୍ନାଣ୍ଡିଜ, ଫୁଟ୍‌ବଲ କୋଚ୍

"ମୁଁ ରିୟଲ ମାଡ୍ରିଡ ତରଫରୁ ଖେଳୁଥିବାବେଳେ ଜୁଭେଣ୍ଟସ ବିପକ୍ଷରେ ମୋ ବାଇସାଇକେଲ କିକ୍ ମହମ୍ମଦ ସାଲ୍ହାଙ୍କ ଫିଫା ଗୋଲଠାରୁ ଉନ୍ନତ।"
–କ୍ରିଷ୍ଟିଆନୋ ରୋନାଲ୍ଡୋ, ପର୍ତ୍ତୁଗିଜ୍ ଫୁଟ୍‌ବଲ ଖେଳାଳି



## ସଂକ୍ଷେପରେ

### ଆଇଏସ୍‌ଏଲ୍-୫ ଆରମ୍ଭ

କୋଲକାତା, ୨୯।୯ (ପି.ଟି.): ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଫୁଟ୍‌ବଲ ପ୍ରତିଯୋଗିତାର ୫ମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଛି। ଦୁଇଥର ଚାମ୍ପିୟନ ଆଟ୍‌ଲେଟିକୋ ଡି କୋଲକାତା (ଏଟିକେ) ୦-୨ ଗୋଲରେ ୨ଥର ରନର୍ସଅପ୍ କେରଳା ବ୍ଲାଷ୍ଟର୍ସ ନିକଟରୁ ପରାସ୍ତ ହୋଇଛି। ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ବେଶ୍ ରୋମାଞ୍ଚକ ରହିଥିଲା। ଉଭୟ ଦଳ ଗୋଲସ୍କୋର କରିବାରେ ବିଫଳ ହେବାରୁ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ହୋଇଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ମଟେଜ ପପ୍‌ଲେଟନାଇକ ଓ ସ୍ଲାଭିସିଆ ଷ୍ଟୋଜାନୋଭିକ ଗୋଟିଏ ଲେଖାଏ ଗୋଲ କରି ଏଟିକେକୁ ୨-୦ ଗୋଲରେ ବିଜୟୀ କରାଇଥିଲେ। ଆଇଏସ୍‌ଏଲ୍‌ରେ ଏଟିକେ ବିପକ୍ଷରେ କେରଳାର ଏହା ସର୍ବମୋଟ୍ ୨ୟ ତଥା ୨୦୧୪ ପରେ ପ୍ରଥମ ବିଜୟ୍ ଥିଲା।ଷ୍ଟିଭ କୋପେଲ କୋଚ୍ ଭାବେ ଯୋଗଦେବା ପରେ କୋଲକାତାର ଭାଗ୍ୟରେ ପରିବର୍ତ୍ତନ ଘଟିବ ବୋଲି ଦଳ ଆଶା କରିଥିଲା। ମାତ୍ର ଦଳକୁ ପ୍ରଥମରୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି।

# ଥ୍ରୋ ବଲ୍‌ରେ ଓଡ଼ିଶାକୁ ବ୍ରୋଞ୍ଜ




ଟ୍ରଫି ଓ ପଦକ ସହ ଅତିଥିଙ୍କ ଗହଣରେ ଓଡ଼ିଶା ଦଳର ଖେଳାଳିମାନେ।

ଭୁବନେଶ୍ୱର, ୨୯।୯(ସ୍ପୋର୍ଟ୍ସ ବ୍ୟୁରୋ)

ତାମିଲନାଡୁର ବିରିପୁରଠାରେ ଅନୁଷ୍ଠିତ କନିଷ୍ଠ ଥ୍ରୋ ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ସେମିଫାଇନାଲରେ ଓଡ଼ିଶା ୧୨-୧୫, ୧୫-୧୬ରେ ଶକ୍ତିଶାଳୀ ଦିଲ୍ଲୀଠାରୁ ପରାସ୍ତ ହୋଇ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲା। କିନ୍ତୁ ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧୫-୮, ୧୫-୧୦ରେ କର୍ନାଟକକୁ ମାତ୍ ଦେଇ ବ୍ରୋଞ୍ଜ ପଦକ ଜିତିଛି। ସୁଶାନ୍ତ କୁମାର ଦାସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଦୀର୍ଘ ୮ବର୍ଷର ବ୍ୟବଧାନ ପରେ ଓଡ଼ିଶା ଜାତୀୟସ୍ତରର ପ୍ରତିଯୋଗିତାରେ ପଦକ ହାସଲ କରିଛି। ଓଡ଼ିଶା ଥ୍ରୋ ବଲ ଆସୋସିଏଶନର ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ଓ ସଭାପତି ଭୂପେନ୍ଦ୍ର ସିଂ ଏହି ଅବସରରେ ଖେଳାଳିଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟ ସ୍କୁଲ ଖୋ ଖୋ: ଭୁବନେଶ୍ୱର ଚାମ୍ପିୟନ

ଟିଟିଲାଗଡ଼, ୨୯।୯ (ଡି.ଏନ.ଏ.)




ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଭୁବନେଶ୍ୱର ବାଳିକା ଦଳ।

ବଲାଙ୍ଗୀର ଜିଲା ଟିଟିଲାଗଡ଼ଠାରେ ଚାରିଦିନ ଧରି ଚାଲିଥିବା ରାଜ୍ୟ ସ୍କୁଲ ଖୋ ଖୋ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଜିଲା ୧୭ ବର୍ଷରୁ କମ୍ ବାଳିକା ଏବଂ ବାଳକ ଓ ୧୪ବର୍ଷ ବାଳକ ବିଭାଗରେ ସୁନ୍ଦରଗଡକୁ ହରାଇ ଥିବା ବେଳେ ୧୪ ବର୍ଷରୁ କମ ବାଳିକା ବିଭାଗରେ କେନ୍ଦୁଝରକୁ ହରାଇ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୨୬ ଟି ଜିଲାରୁ ଉଭୟ ବାଳିକା ଏବଂ ବାଳକ ବର୍ଗରେ ୧୧୭୬ଜଣ ଖେଳାଳି ଭାଗ ନେଇଥିଲେ। ୧୧୯ ଅଫିସିଆଲ ତଥା କ୍ରୀଡା ଶିକ୍ଷକ ଟିଟିଲାଗଡରେ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଷ୍ଟେଟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ, ଡିଷ୍ଟ୍ରିକ୍ଟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ବଲାଙ୍ଗୀର ତଥା ଶ୍ରୀ ଦାଦିଜୀ ମନ୍ଦିର ଟ୍ରଷ୍ଟ ପ୍ରଭାବତୀ ସ୍କୁଲ ଟିଟିଲାଗଡଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।


OFFICE OF THE
## PARADEEP MUNICIPALITY, PARADEEP
### CANCELLATION TO TENDER CALL E-PROCUREMENT NOTICE

**Tender Reference No.- PDP_MUN_4 (05)-2018-19**
**Bid Identification No.- 2018_ ORULB_49668**
**TENDER CALL NOTICE No.7382, Dt.25.09.2018**

No. 7516 Dt.27.09.18

The Tender Call Notice No. 7382 dt.25.09.2018 is cancelled due to problem on publication of document in e-procurement system.

**Sd./- Executive Officer, Paradeep Municipality**

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

## SIKSHYA ADHIKAR RTE-SSA, GANJAM, CHATRAPUR

**Ph: 06811-260833 (DPO)/ 262799 (MIS/FAX), Email ID: dpcganjamssa.opepa@nic.in**

**Letter No. 533/KGBV/18 Date: 28.09.18**

### ADVERTISEMENT

**Select list of various Posts in different KGBVs of Ganjam District under RTE-SSA, Ganjam**

Pursuant to advertisement No. 1323 dated 27.03.2017 of District Project Office, RTE-SSA, Ganjam the applicants are hereby informed that the select list for the various Posts in KGBVs of Ganjam District are available in the District website www.ganjam.nic.in and OPEPA website www.opepa.in.

All the candidates placed in select list should attend the District Project Office, RTE-SSA, Ganjam, Chatrapur on dated 12.10.2018 at 10 A.M. along with all of their original Certificates and other required documents positively for verification and the cooking test and interview will be conducted on the same day for the candidate who is placed in the select list of Asst. Cook. The candidates who will not attend on the said date with the all certificates and documents will not claim for the Post in future.

**Sd./- District Project Coordinator RTE-SSA, Ganjam, Chatrapur**

## OFFICE OF THE MUNICIPAL COUNCIL, CHOUDWAR

**No. 4510 Date: 28.09.18**

**"e" Procurement Notice**
**Bid Reference No.-ChM-15/2017-18**

| | | | |
|---|---|---|---|
| 1. | Name of the Work | : | Construction of Market Complex at Gandhi Chhak under Choudwar Municipality |
| 2. | No. of Work | : | 1 No. |
| 3. | Bid Value | : | Rs. 19.98 lakh |
| 4. | Period of Completion | : | Three Calendar Months |
| 5. | Date and Time of availability of the bid documents in the portal | : | From 10.00 A.M. of 01.10.2018 to 05.00 P.M. of 15.10.2018 |
| 6. | Last Date/Time for receipt of bid in the portal | : | 15.10.2018 upto 05.00 P.M. |
| 7. | Bids received online shall be opened on | : | Dt. 25.10.2018 at 11.00 A.M. |
| 8. | Name and address of the officer inviting Bid | : | Executive Officer, Choudwar Municipality, Choudwar. Further details can be seen from the procurement Portal www.tendersorissa.gov.in. |
| 9. | The tender paper should be accompanied with valid xerox copy of Contractory Licence, PAN Card, GST, Labour Contract Licence, Cost of tender paper in shape of Bankers Cheque/ Demand Draft in favour of the undersigned, 1% EMD separately in shape of NSC/TDR of Schedule Bank/NSC/Post Office time deposit should be pledged in favour of the undersigned. | | |

N.B:- Without labour contractor licence, Valid contractory licence, PAN CARD, GST, Cost of tender paper (Non-redundable) & EMD separately, the tender will be automatically rejected.

**Sd./- Executive Officer Choudwar Municipality**

See Career Appointment on every Wednesday & Saturday

## DISTRICT SUPPLY AND MARKETING SOCIETY, DHENKANAL

**(Under the Aegis of ORMAS, Panchayati Raj Department, Government of Odisha)**

### TENDER CALL NOTICE

**No. 200 Date: 28.09.2018**

Sealed tenders are invited from reputed Firms/Tent houses/ Security Agencies etc. for different works like (A) tentage and allied works, (B) printing, (C) documentation, (D) security services, (E) cleaning & Sanitation, (F) Installation of surveillance equipments, (G) Application for allotment of food stall are required for ensuring National Level Pallishree Mela at Dhenkanal to be held from 24th to 31th October 2018. The detail itemwise tender paper alogn with terms and conditions published in the website www.dhenkanal.nic.in. Interested persons/ firms/parties may download the tender paper from the above website & participate in the tender process. Last date of tender & application for allotment of food stall is 10.10.2018 at 05.00 P.M.

**Sd./- Project Director, DRDA, Dhenkanal**

## ପୌରପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା
## MUNICIPAL OFFICE, JHARSUGUDA

**No. 3600/ JM Dt. 28.09.18**

**e-Mail: jsgmunicipality@yahoo.com, jharsugudam. hud@nic.in, Fax: 06645-273019, Ph: 06645-273019**

### QUOTATION CALL NOTICE

Sealed Quotations are invited from reputed Govt/ULB registered Contractor for construction/development of Idol Immersion Pond in Jharsuguda Municipality area as per the items below should reach the undersigned on or before 10.10.2018 upto 3.00 P.M. and the same will be opened on the same day at 3.30 P.M.

Item of work:

Supplying all materials and labour for de-wedding the pond 1st and 2nd pond to be excavated and water to be pumped in and laying good quality polythene to be cover with proper lining on base as well as bank to make water sealed. On each day the idol debris to be cleaned and lime to be poured in the pond water and on the end of season the clean water with leaching should be pumped back. The contractor must have made arrangement for temporary light arrangement at immersion site for three days.

The authority is not responsible for any postal delay. The authority reserves the right to reject any or all the quotation without assigning any reason there of.

**Sd./- Executive Officer, Jharsuguda Municipality**

## MUNICIPAL OFFICE, JHARSUGUDA

**"E" Procurement Notice**
**Tender Call Notice No. 3595/ JM, Dt. 28.09.18**

BID Documents consisting of Work, Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in.

| | | | |
|---|---|---|---|
| 1. | Tender Reference | : | EO/JMC/07/2018-19 |
| 2. | Tender ID No. | : | 2018_ORULB_49778 |
| 3. | Name of the Work | : | Civil Construction works as mentioned in website. |
| 4. | No. of works | : | 04 Nos. |
| 5. | Estimated Cost | : | as per DTCN |
| 6. | Date & Time of availability of Bid Documents in the Portal | : | 29.09.2018 at 06.00 P.M. |
| 7. | Last date & time for receipt of bids in the portal | : | 10.10.2018 at 06.00 P.M. |
| 8. | Bids received online shall be opened on | : | 12.10.2018 at 03.00 P.M. |
| 9. | Name and address of the Officer inviting | : | Executive Officer, Jharsuguda Municipality. |
| 10. | Further details can be seen from the procurement portal i.e. www.tenderodisha.gov.in. | | |

**Sd./- Executive Officer, Jharsuguda Municipality**

## OFFICE OF THE EXECUTIVE ENGINEER RWSS DIVISION, NAYAGARH

Khandapada Road, Near Fire Station, Pin-752069
E-Mail : eerwss_nay@nic.in, dwsc_ngr@yahoo.co.in

### "e" Procurement Notice

**Identification No. 19 / RWSS/2018-19**

**No. 808-O:-** Executive Engineer RWS&S Division Nayagarh invites tender for the following works online for "e" procurement as per details given below.

| | | |
|---|---|---|
| Name of the work | : | Construction of 2.00 Lakh litre 12 mtr staging ESR for PWS to CHAMPATIPUR under NAYAGARH block. |
| No. of works | : | 1 (one) No. |
| Estimated cost | : | 32.36 Lakhs |
| Period of completion | : | 3 months. |
| Date & time of availability of Bid documents in the portal | : | 01.10.2018 at 5.00 PM to 09.10.2018 upto 5.00 PM |
| Clarification Start & end date | : | 01.10.2018 at 5.00 PM to 05.10.2018 upto 5.00 PM |
| Date of receipt of tender paper cost, EMD & original affidavit | : | 10.10.2018 to 10.10.2018 (From 11.00 AM to 4.00 PM) At O/O of the EE RWS&S Division, Nayagarh |
| Date of opening of tender paper | : | 10.10.2018 at 04.30 PM At O/O of the Executive Engineer RWS&S Division, Nayagarh |
| Officer Inviting Bids | : | Executive Engineer, RWS&S Division, Nayagarh |

Any addendum / corrigendum / cancellation of tender can also be seen in the website "http://tendersodisha.govt.in".

25042/11/0016/1819 **EXECUTIVE ENGINEER, RWS&S DIVISION, NAYAGARH**

## GOVERNMENT OF ODISHA
### ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT

No. 18530/ SSD, Bhubaneswar, the Dated 28th Sept., 2018
STSCD-WOEP-CASE 3-0007-2015

### ORDER

No. 06-VV: Whereas a disciplinary proceeding under Rule 15 of the O.C.S.(C.C&A) Rules, 1962 was initiated against Sri Manas Ranjan Pattanaik, Ex-WEO, Rayagada Block, Gajapati vide the ST&SC Development Department Memorandum No.13706/SSD, dated 27.04.2011. And whereas the Disciplinary Authority considered it necessary to appoint an Inquiring Officer to inquire into the charges framed against Sri Manas Ranjan Pattanaik, Ex-WEO, Rayagada Block, Gajapati and appointed the Sub-Collector, Parlakemundi as the Inquiring Officer and nominated the B.D.O., Rayagada Block as the Marshalling Officer under sub-rule 4 & 5 of Rule-15 of OCS(CC&A) Rules of 1962 vide Office Order No. 34347, dated 31.12.2014.

And whereas the Inquiring Officer submitted his enquiry report vide his letter no.2536, dated 04.09.2018.

And whereas the 1st Show Cause Notice along with the enquiry report was issued to the Delinquent Officer vide this Department no.17314/SSD, dated.06.09.2018. He was also intimated through a notice published in two local dailies viz, "The Samaj" and "The Dharitri" (dtd. 08.09.2018) to receive a copy of the 1st Show Cause Notice within 7 days of publication of the said notice and submit his representation against the findings of the Inquiring Officer.

And whereas the Delinquent Officer has not responded to the above mentioned Notice and has not submitted his representation within the stipulated time.

And whereas the 2nd Show Cause Notice along with the proposed punishment was issued vide No.18006/SSD, dated.20.09.2018 calling upon him to submit his representation against the proposed punishment within 7 days of publication of the said notice. The same was also published in two local dailies viz, "The Samaj" and "The Dharitri" (dtd. 21.09.2018).

And whereas the Delinquent Officer has not submitted his representation against the proposed punishment within the stipulated time.

And whereas after careful consideration of article of charges, enquiry report of the Inquiring Officer, the Disciplinary Authority has been pleased to impose the following punishment on the Delinquent Officer on finalisation of the disciplinary proceeding.

1. The Delinquent Officer is removed from Government service w.e.f. 28-09-2018.

45001/11/0007/1819 **Sd./- Director (ST)-cum-Special Secretary to Govt.**

## Odisha State Medical Corporation Limited (OSMC)

**In front of Ram Mandir, Convent Square, Unit – III, Bhubaneswar -751 001**
**Tel. : (0674) 2380660/2380608**
**Website : www.osmcl.nic.in,**
**Email : logistics.osmcl.od@nic.in**

Assuring Quality, Saving Lives No.CAD-891

### NOTICE INVITING E-TENDER FOR SUPPLY OF SANITARY NAPKIN

Bid Ref. No. : OSMCL/2018-19/SN-GoO(Retender)/06 Date: 29.09.2018

Online Bids through e-Tender portal (https://tendersodisha.gov.in) are invited from eligible bidders for supply of Sanitary Napkin as per the particulars mentioned below:

| Sl. No. | Particulars | Date and Time | |
|---|---|---|---|
| 1. | Date & time of release of bid | 01.10.2018, 3 PM | |
| 2. | Date & time of Pre-bid meeting | 11.10.2018, 11:30 AM<br>Venue : Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time | End Date & Time |
| | | 30.10.2018, 3 PM | 15.11.2018 , 5 PM |
| 4. | Date & time for submission of Tender Documents and EMD amount as per section-IV of tender documents | 16.11.2018, 10 AM | 26.11.2018 till 11 AM |
| 5. | Date & time for submission of samples as per Section-IV of tender documents | 26.11.2018 , till 5 PM | |
| 6. | Date & time of online Technical bid opening | 26.11.2018 , 11:30 AM | |
| 7. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, pre-qualification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

10112/11/0040/1819 **Sd/- Managing Director OSMC Ltd.,Odisha**


## ଜିଲ୍ଲା କାର୍ଯ୍ୟାଳୟ, ଯାଜପୁର
### (ଶିଶୁ ସୁରକ୍ଷା ୟୁନିଟ୍)

ପତ୍ରସଂଖ୍ୟା : DCPU/JPR/884/18 ତାରିଖ : ୨୯.୦୯.୨୦୧୮

### ବିଜ୍ଞପ୍ତି

ଏତଦ୍ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା. ୨୧.୦୮.୨୦୧୭ ରିଖରେ ଯାଜପୁର ଜିଲ୍ଲାର ଧର୍ମଶାଳା ଥାନା ଅନ୍ତର୍ଗତ ସାରୋଇସ୍ଥ ଏକ ଫାର୍ମ ହାଉସରେ କାମ କରୁଥିବା ୩ ଜଣ ଶିଶୁଙ୍କୁ ଧର୍ମଶାଳା ପୋଲିସ ସହାୟତାରେ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିକଟରେ ଉପସ୍ଥାପିତ କରାଯାଇଥିଲା। ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକ୍ରମେ ଉକ୍ତ ଶିଶୁମାନଙ୍କୁ ବିଞ୍ଝାରପୁର ବ୍ଲକରେ ଥିବା ବଳଦେବ ଜୀଉ ସେବାଶ୍ରମ ଠାରେ ଅସ୍ଥାୟୀ ଭାବରେ ଥଇଥାନ କରାଯାଇଛି। ପରାମର୍ଶ ସମୟରେ ଉକ୍ତ ପିଲାମାନେ ସେମାନଙ୍କ ମାତା ମୃତ ଓ ପିତା ରାନଓ୍ୱକୁ ମୁଣ୍ଡା (ପଳାତକ) ବୋଲି କହୁଛନ୍ତି। ପିଲାମାନେ ଗୋଟିଏ ପରିବାରର ଓ ପରସ୍ପର ଭାଇ ଭଉଣୀ ଅଟନ୍ତି। ଯଦି ଉକ୍ତ ଶିଶୁମାନଙ୍କର ପିତା-ମାତା କିମ୍ବା ଅଭିଭାବକ / ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଅଧକ୍ଷ୍ୟା, ଶିଶୁ ମଙ୍ଗଳ କମିଟି, ଯାଜପୁର, ଫୋନ- ୨୨୨୧୩୧, ମୋ- ୯୩୩୭୮୧୦୪୯୭ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ- ୦୬୭୨୮-୨୨୩୬୨୨, ୯୪୩୭୨୯୭୭୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରି ଉକ୍ତ ଶିଶୁମାନଙ୍କୁ ନେବାପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ।

| ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | CWC କେସ୍ ନମ୍ବର ଓ ତାରିଖ | ଫଟୋ |
|---|---|---|---|---|---|
| କାଲୁ ମୁଣ୍ଡା | ପୁଅ | ୯ ବର୍ଷ | ଧର୍ମଶାଳା ଥାନା ଅନ୍ତର୍ଗତ ସାରୋଇସ୍ଥ ଏକ ଫାର୍ମ ହାଉସ | ୧୧୧୫/ ୨୨.୦୮.୨୦୧୭ |  |
| ବାପୁନ ମୁଣ୍ଡା | ପୁଅ | ୧୨ ବର୍ଷ | ଧର୍ମଶାଳା ଥାନା ଅନ୍ତର୍ଗତ ସାରୋଇସ୍ଥ ଏକ ଫାର୍ମ ହାଉସ | ୧୧୧୬/ ୨୨.୦୮.୨୦୧୭ |  |
| ମାମା ମୁଣ୍ଡା | ଝିଅ | ୧୩ ବର୍ଷ | ଧର୍ମଶାଳା ଥାନା ଅନ୍ତର୍ଗତ ସାରୋଇସ୍ଥ ଏକ ଫାର୍ମ ହାଉସ | ୧୧୧୭/ ୨୨.୦୮.୨୦୧୭ |  |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର

“ ଭାରତ ଏକ କ୍ରୀଡ଼ାପ୍ରିୟ ରାଷ୍ଟ୍ର। ଭବିଷ୍ୟତରେ ଏହି ଦେଶ ଫୁଟ୍‌ବଲରେ ଯଥେଷ୍ଟ ଅଗ୍ରଗତି କରିବ ବୋଲି ମୋର ଦୃଢ ବିଶ୍ୱାସ।
—ଜାଭିୟର ସାଭିଓଲା
ପୂର୍ବତନ ଆର୍ଜେଣ୍ଟିନା ଓ ବାର୍ସିଲୋନା ଷ୍ଟ୍ରାଇକର



“ ଶୁକ୍ରବାର ଏସିଆ କପ୍ ଟାଇଟଲ ମୁକାବିଲାରେ ମ୍ୟାଚ ଆମ ନିୟନ୍ତ୍ରଣରେ ରହିଥିବାବେଳେ ଆମେ ସୁଯୋଗ ହାତଛଡ଼ା କରିଦେଲୁ।
—ମାଶ୍ରାଫି ମୋର୍ତାଜା, ବାଂଲାଦେଶ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ନେପାଳ ବିପକ୍ଷରେ ଭାରତର ସହଜ ବିଜୟ

**ସାଭର (ବାଂଲାଦେଶ), ୨୯।୯ (ପି.ଟି.):** ଭାରତ ବିଜୟ ସହ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ତା'ର ଅଭିଯାନ ଆରମ୍ଭ କରିଛି। ଦଳ ଶନିବାର ଅନୁଷ୍ଠିତ ଗ୍ରୁପ୍ ଏ'ର ଏକ ମ୍ୟାଚରେ ନେପାଳକୁ ୧୭୧ ରନରେ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ୧୦୪ ଏବଂ ଉଇକେଟକିପର ପ୍ରଭ ସିମରନ ସିଂଙ୍କ ୮୪ ରନ ସହାୟତାରେ ୯ ଉଇକେଟ ବିନିମୟରେ ୩୦୪ କରିଥିଲା। ଯଶସ୍ୱୀ ତାଙ୍କ ବିସ୍ଫୋରକ ଇନିଂସରେ ୮ ଚୌକା ଓ ୫ ଛକା ଲଗାଇଥିଲେ। ଅଧିନାୟକ ପୱାନ ଶାହ(୧୩), ଆୟୁଷ ବାଦୋନୀ (୩୩) ଓ ମୋହତ ଜାଙ୍ଗ୍ରା (୧୯) ଦ୍ରୁତ ବ୍ୟାଟିଂ କରି ଭାରତର ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ବିପକ୍ଷ ଦଳର ସଫଳ ବୋଲର ଭୀମ ଶାର୍କି ୪୨ ରନ ବିନିମୟରେ ୪ଟି ଉଇକେଟ ନେଇଥିଲେ। ରଶିଦ ଖାଁ ୪୫ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ୩୦୫ ରନର ବିଜୟ ଲକ୍ଷ୍ୟର ପିଛା କରିବାକୁ ଯାଇ ନେପାଳ ଭାରତର ବୋଲିଂ ଆକ୍ରମଣକୁ ସାମ୍ନା କରି ନ ପାରି ୩୭.୪ ଓଭରରେ ୧୩୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଆସିଫ୍ ଶେଖ୍ ୨୫, ସନ୍ଦୀପ ଜୋରା ୨୦ ଏବଂ ରୋହିତ ପଡେଲ ୨୪ ରନ କରିପାରିଥିଲେ। ଭାରତ ପକ୍ଷରୁ ସିଦ୍ଧାର୍ଥ ଦେଶାଇ (୩/୧୯) ଓ ହର୍ଷ ତ୍ୟାଗୀ (୩/୨୧) ତିନୋଟି ଲେଖାଏଁ ଉଇକେଟ ନେଇଥିଲେ।

### ଅଙ୍କିତ୍‌ଙ୍କ ଶତକ

**ଭଦୋଦରା, ୨୯।୯ (ପି.ଟି.):** ସ୍ଥାନୀୟ ରିଲାଏନ୍ସ ଷ୍ଟାଡିୟମରେ ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳ ମଧ୍ୟରେ ଦୁଇଦିନିଆ ଅଭ୍ୟାସ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ସଭାପତି ଏକାଦଶ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୬ ଉଇକେଟ ହରାଇ ୩୬୦ ରନ କରି ପାଳି ଘୋଷଣା କରିଛି। ଦଳ ତରଫରୁ ଅଙ୍କିତ ବାୱ୍ନେ ସର୍ବାଧିକ ୧୧୬ ରନର ଶତକୀୟ ପାଳି ଖେଳି ଓ ଜଲାଜ ଏସ୍ ସାକସେନା ୧୮ ରନ କରି ଅପରାଜିତ ରହିଥିଲେ। ମୟଙ୍କ ଅଗ୍ରୱାଲ ୯୦ ଓ ଶ୍ରେୟାସ ଆୟାର ୬୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ୱେଷ୍ଟଇଣ୍ଡିଜ୍ ବୋଲରଙ୍କୁ ନିରାଶ କରିଥିଲେ। ବାୱ୍ନେ ୧୯୧ ବଲର ସମ୍ମୁଖୀନ ହୋଇ ୧୪ଟି ଚୌକା ମାରିଥିଲେ। ତେବେ ସେ ୧୫୩ଟି ବଲ ଖେଳି ଶତକ ହାସଲ କରିନେଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍ ତରଫରୁ ବିଶୁ ସର୍ବାଧିକ ୩, ଗାବ୍ରିଏଲ ୨, ଲୁଇସ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସଂକ୍ଷିପ୍ତ ସ୍କୋର: ବୋର୍ଡ ସଭାପତି ଏକାଦଶ ପ୍ରଥମ ଇନିଂସ-୯୦ ଓଭରରେ ୩୬୦/୬ରେ ପାଳି ଘୋଷଣା (ବାୱ୍ନେ- ୧୧୬*, ସାକସେନା- ୧୮*, ଅଗ୍ରୱାଲ- ୯୦, ଆୟାର- ୬୧, ବିଶୁ- ୩/୧୦୪, ଗାବ୍ରିଏଲ- ୨/୪୧)।

■ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ

# ଧାୱନ ବାଦ୍: ମୟଙ୍କ, ସିରାଜ ନୂଆ ମୁହଁ

**ନୂଆଦିଲ୍ଲୀ, ୨୯।୯(ପି.ଟି.)**

ଆଗାମୀ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ବିରାଟ କୋହଲିଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ଇଂଲଣ୍ଡ ଗସ୍ତରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ଖରାପ୍ ଫର୍ମ କାରଣରୁ ଦଳରୁ ବାଦ ଦିଆଯାଇଛି। ତେବେ ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ମୟଙ୍କ ଅଗ୍ରୱାଲ ଓ ମହମ୍ମଦ ସିରାଜ ନୂଆମୁହଁ ଭାବେ ଦଳରେ ସ୍ଥାନ ପାଇଛନ୍ତି। ଗତ ଏସିଆ କପ୍‌ରେ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିଲା।

ତେବେ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ ଚୟନକର୍ତ୍ତାମାନେ ଦୁଇ ତାରକା ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦେଇଛନ୍ତି। ଏକ ମାତ୍ର ଅଭିଜ୍ଞ ବୋଲରଭାବେ ମହମ୍ମଦ ସାମି ଦଳରେ ସ୍ଥାନ ପାଇଛନ୍ତି।



ମୟଙ୍କ ଅଗ୍ରୱାଲ



ମହମ୍ମଦ ସିରାଜ

ମୁମ୍ବାଇ ଯୁବ ବ୍ୟାଟ୍ସମ୍ୟାନ୍ ପୃଥ୍ୱୀ ଶ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ଅନ୍ତିମ ଦୁଇଟି ଟେଷ୍ଟରେ ସେ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ଖେଳିବାର ସୁଯୋଗ ପାଇ ନ ଥିଲେ। ଧାୱନଙ୍କ ବଦଳରେ ସେ ଲୋକେଶ ରାହୁଲଙ୍କ ସହ ଇନିଂସ ଓପନ କରିବେ। ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟରେ ରାହୁଲ ଚମତ୍କାର ଶତକ ହାସଲ କରି ସ୍ଥାନ ସୁରକ୍ଷିତ ରଖିଛନ୍ତି। ଆଘାତ ସମସ୍ୟା କାରଣରୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ଇଶାନ୍ତ ଶର୍ମାଙ୍କୁ ଚୟନକର୍ତ୍ତାମାନେ ଅଣଦେଖା କରିଛନ୍ତି। ଏହି ଦୁଇ ଖେଳାଳି ଏପର୍ଯ୍ୟନ୍ତ ଫିଟ୍ ହୋଇପାରି ନାହାନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଅମିତାଭ ଚୌଧୁରୀ କହିଛନ୍ତି। ତେବେ ଉମେଶ ଯାଦବ ଓ ଶାର୍ଦ୍ଦୁଳ ଠାକୁର ଦଳରେ ସ୍ଥାନ ବଜାୟ ରଖିଛନ୍ତି।

ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଅକ୍ଟୋବର ୪ରୁ ୮ ତାରିଖ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ସେହିପରି ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଅକ୍ଟୋବର ୧୨ରୁ ୧୬ ତାରିଖ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଆୟୋଜନ ହେବ।

**ଘୋଷିତ ଭାରତୀୟ ଦଳ**

**ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ- ଅଧିନାୟକ), ହନୁମା ବିହାରୀ, ଋଷଭ ପନ୍ତ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ଉମେଶ ଯାଦବ, ମହମ୍ମଦ ସିରାଜ ଓ ଶାର୍ଦ୍ଦୁଳ ଠାକୁର।**

# ସିଲେକ୍ସନ ଟ୍ରାଏଲକୁ ବର୍ଜନ କଲେ ରାକେଶ

**ନୂଆଦିଲ୍ଲୀ, ୨୯।୯(ପି.ଟି.)**

୪୮ତମ ଆର୍ଟିଷ୍ଟିକ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଆୟୋଜିତ ଟ୍ରାଏଲକୁ ଓଡ଼ିଆ ଜିମ୍ନାଷ୍ଟ ରାକେଶ ପାତ୍ର ବର୍ଜନ କରିଛନ୍ତି। ଅନ୍ୟପକ୍ଷରେ ଦୀପା କର୍ମାକାର ଫିଟ୍‌ନେସ କାରଣ ଦର୍ଶାଇ ଏଥିରୁ ଓହରି ଯାଇଛନ୍ତି। ସେ ଏକ ସପ୍ତାହ ପରେ ଟ୍ରାଏଲରେ ଯୋଗଦେବେ ବୋଲି ତାଙ୍କ କୋଚ୍ ବିଶେଶ୍ୱର ନନ୍ଦୀ ସୂଚନା ଦେଇଛନ୍ତି। ଚୟନ ପ୍ରକ୍ରିୟାରେ ଅସନ୍ତୋଷ ପ୍ରକାଶ କରି ଓହରିଯାଇଥିବା ରାକେଶ କହିଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ନିର୍ଦ୍ଦେଶାବଳୀ ଅନୁସାରେ ଜିମ୍ନାଷ୍ଟମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଇଭେଣ୍ଟ ପରିବର୍ତ୍ତେ ଅଲରାଉଣ୍ଡ ପ୍ରଦର୍ଶନ ଭିତ୍ତିରେ ମନୋନୟନ କରାଯିବ। ଦୀର୍ଘ ଦିନ ହେଲା ଭାରତର ମୁଖ୍ୟ କୋଚ୍ ରହିଆସିଥିବା ଜି.ଏସ. ବାୱା ସିଲେକ୍ସନ ଟ୍ରାଏଲର ଚୟନ ମାନଦଣ୍ଡ ବିଷୟରେ ଟ୍ରାଏଲର ଦିନକୁ ପୂର୍ବରୁ କେବଳ ଜାଣିବାକୁ ପାଇଥିଲେ। ଏହା ପୂର୍ବରୁ ଅର୍ଥାତ ସେପ୍ଟେମ୍ବର ୨୮ରେ କେତେଜଣ ଜିମ୍ନାଷ୍ଟ ସେମାନଙ୍କ ଇଭେଣ୍ଟରେ ପ୍ରଦର୍ଶନ କରିସାରିଥିଲେ। ରାକେଶ ଏହି ପ୍ରସଙ୍ଗରେ କ୍ରୀଡ଼ା ସଚିବ, ସାଇ ଏବଂ ଜିମ୍ନାଷ୍ଟିକ ଫେଡେରେଶନ ଅଫ୍ ଇଣ୍ଡିଆର ଦୃଷ୍ଟି ଆକର୍ଷଣ କରିଛନ୍ତି।



ରାକେଶ ପାତ୍ର



ରାଜ୍ୟ କାୟାକିଂ ଓ କାନୋଇଂ ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

# ରାଜ୍ୟ କାୟାକିଂ, କାନୋଇଂ ଉଦ୍‌ଘାଟିତ

**କଟକ ଅଫିସ,୨୯।୯**

ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ଶନିବାର ୧୪ତମ ରାଜ୍ୟ କାୟାକିଂ ଓ କାନୋଇଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ଏକ ହଜାର ମିଟର ବିଭାଗର ୧୧ଟି ପ୍ରତିଯୋଗିତା ଖେଳାଯାଇଥିଲା। ପୁରୁଷ କାୟାକିଂ-୧ରେ ଏନ ଟମଥିଲଙ୍ଗବା, ମହିଳା କାନୋଇଂ-୧ରେ ଏନ୍ ସିଂ, ମହିଳା କାୟାକିଂ-୨ରେ ଫୁଲମଣି ଖାଖା, ଏଶ୍ୱା ବାର୍ଲା, ଜୁନିୟର ବାଳକ କାୟାକିଂ-୪ରେ ରଞ୍ଜିତ ନାୟକ, ଏମ.ଆର ସିଂ, ଏନ ଟମଥିଲଙ୍ଗବା, ୱାଇ.ଜି ସିଂ, ମହିଳା କାନୋଇଂ-୨ରେ ଏସ.ଏ ଦେବୀ, ଏଚ୍ ବିଦ୍ୟାପତି ଚାନୁ, ମହିଳା କାୟାକିଂ-୧ରେ ଫୁଲମଣି ଖାଖା, ପୁରୁଷ କାୟାକିଂ-୨ରେ ରାହୁଲ ସିଂ, ନାନାଓ ମାଇତି, ପୁରୁଷ କାନୋଇଂ-୪ରେ ଅମର ଲିଶରାମ, ଏ ନାଓବି ସିଂ,ଏନ. ସିଂ, ଦେବୀସନ ସିଂ, ଜୁନିୟର ବାଳିକା କାୟାକିଂ-୪ରେ ସନ୍ଧ୍ୟାରାଣୀ ଦେବୀ, ଆରତୀ, ଶୃତି, ଓନିମା ବିଦ୍ୟାଦେବୀ, ଜୁନିୟର ବାଳକ କାୟାକିଂ-୧ରେ ଏନ ଟମଥିଲଙ୍ଗବା, ମହିଳା କାନୋଇଂ-୧ରେ ଏଚ୍ ବିଦ୍ୟାପତି ଚାନୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତୀୟ କାୟାକିଂ, କାନୋଇଂ ସଂଘର ଉପସଭାପତି ବିପିନ ଦାଶ, ସାଇ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଜନସନ ସିଂ, କୋଚ୍ ପି.ଟି. ପାଲୁସ, ନୃସିଂହ ଚରଣ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ।

## ସୁପର ଲିଗ୍ ତାଲିକା ଚୂଡ଼ାନ୍ତ: ଗୋଲ୍ଡ ଗ୍ରୁପ୍‌ରେ ସନସାଇନ

**କଟକ ଅଫିସ, ୨୯।୯:** କଟକରେ ଚାଲିଥିବା ଫାଓ ଲିଗ୍‌ର ସୁପର ଲିଗ ପର୍ଯ୍ୟାୟ ତାଲିକା ଚୂଡ଼ାନ୍ତ ହୋଇଛି। ଡାଇମଣ୍ଡ ଗ୍ରୁପ୍‌ର ଚାମ୍ପିୟନ ହୋଇଥିବା ସନରାଇଜ୍ କ୍ଲବ, ରନର୍ସଅପ ଓଡ଼ିଶା ପୋଲିସ, ୩ୟ ସ୍ଥାନରେ ରହିଥିବା ସ୍ପୋର୍ଟ୍ସ ହଷ୍ଟେଲ ଓ ୪ର୍ଥ ସ୍ଥାନରେ ରହିଥିବା ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ସୁପରଲିଗ୍‌ରେ ସ୍ଥାନ ପାଇଛନ୍ତି। ଗୋଲ୍ଡ ଗ୍ରୁପ୍‌ର ଚାମ୍ପିୟନ ୟଙ୍ଗ ଉତ୍କଳ କ୍ଲବ, ରନର୍ସଅପ ରାଇଜିଂ ଷ୍ଟାର କ୍ଲବ, ୩ୟ ସ୍ଥାନରେ ରହିଥିବା ରୋଭର୍ସ କ୍ଲବ ଓ ସିଲଭର ଗ୍ରୁପ୍‌ର ଚାମ୍ପିୟନ ସନସାଇନ୍ କ୍ଲବ ଏହି ପର୍ଯ୍ୟାୟରେ ସାମିଲ ହୋଇଛନ୍ତି। ଅକ୍ଟୋବର ୨ ଓ ୩ ତାରିଖରେ ସୁପରଲିଗ୍ ପର୍ଯ୍ୟାୟ ଖେଳାଯିବ। ୨ ତାରିଖରେ ସନରାଇଜ୍ କ୍ଲବ-ସନ୍‌ସାଇନ୍ କ୍ଲବ, ଓଡ଼ିଶା ପୋଲିସ-ରୋଭର୍ସ କ୍ଲବ, ୩ରେ ସ୍ପୋର୍ଟ୍ସ ହଷ୍ଟେଲ-ରାଇଜିଂ ଷ୍ଟାର କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ-ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ମୁକାବିଲା ହେବ। ୫ରେ ସେମିଫାଇନାଲ ଓ ୭ରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସନ୍‌ସାଇନ କ୍ଲବ ଟାଇବ୍ରେକର ପଦ୍ଧତିରେ ସାଇ କେନ୍ଦ୍ରକୁ ହରାଇ ଆସନ୍ତା ଫାଓ ଲିଗ ସଂସ୍କରଣ ନିମନ୍ତେ ଗୋଲ୍ଡ ଗ୍ରୁପ୍‌କୁ ଉନ୍ନୀତ ହୋଇଛି।

# ଓଡ଼ିଶା-ମଣିପୁର ଫାଇନାଲ

**କଟକ ଅଫିସ,୨୯।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପର ଫାଇନାଲ ମୁକାବିଲା ଓଡ଼ିଶା ଓ ମଣିପୁର ମଧ୍ୟରେ ହେବ। ଶନିବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ମଣିପୁର ଟାଇବ୍ରେକର ପଦ୍ଧତିରେ ରେଲୱେକୁ, ଓଡ଼ିଶା ୪-୩ ଗୋଲରେ ତାମିଲନାଡୁକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଅକ୍ଟୋବର ୧ରେ ଫାଇନାଲ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ।

ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଓଡ଼ିଶା-ତାମିଲନାଡୁ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ଓଡ଼ିଶା ଗତ ସିଜନର ମଧୁର ପ୍ରତିଶୋଧ ନେଇଛି। ଗତ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପର କ୍ୱାର୍ଟରଫାଇନାଲରେ ଓଡ଼ିଶାକୁ ୨-୦ ଗୋଲରେ ହରାଇ ତାମିଲନାଡୁ ପ୍ରତିଯୋଗିତାରୁ ବିଦା କରିଥିଲା। ଗତ ସିଜନରେ ମଧ୍ୟ ତାମିଲନାଡୁ ଚାମ୍ପିୟନ ହୋଇଥିଲା। ଶନିବାର ଖେଳାଯାଇଥିବା ସେମିଫାଇନାଲରେ ଉଭୟ ଦଳ ମଧ୍ୟରେ କଡା ମୁକାବିଲା ହୋଇଥିବା ଦେଖିବାକୁ ମିଳିଛି। ପ୍ରଥମାର୍ଦ୍ଧର ୧୦ମ, ୧୬ତମ ମିନିଟରେ ତାମିଲନାଡୁ ପକ୍ଷରୁ ପ୍ରଥମେ ୨ଟି ଗୋଲ ହୋଇଥିଲା। ୨୫ତମ ମିନିଟରେ ଓଡ଼ିଶା ଫରୱାର୍ଡ ପ୍ୟାରୀ ଖାଖା, ୩୧ତମ ମିନିଟରେ ଅଞ୍ଜୁ ତମାଙ୍ଗ ଗୋଟିଏ ଲେଖାଏ ଗୋଲ ଦେଇ ସ୍କୋରକୁ ୨-୨ର ସମାନ ସ୍ଥିତିରେ ପହଞ୍ଚାଇଥିଲେ। ଅତିରିକ୍ତ ୪୭ତମ ମିନିଟରେ ପ୍ୟାରୀ ଅନ୍ୟ ଏକ ଗୋଲ ଦେବା ଯୋଗୁ ପ୍ରଥମାର୍ଦ୍ଧରେ ଓଡ଼ିଶା ୩-୨ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧର ୭୭ତମ ମିନିଟରେ ଏହାର ଫାଇଦା ଉଠାଇଥିଲା ତାମିଲନାଡୁ। ସ୍କୋର ୩-୩ରେ ପହଞ୍ଚିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କୌଣସି ଗୋଲ ନ ହେବା ଯୋଗୁ ଅତିରିକ୍ତ ସମୟ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଦୁଇଟି ଗୋଲ ସ୍କୋର କରିସାରିଥିବା ପ୍ୟାରୀ ୧୧୦ତମ ମିନିଟରେ ବ୍ୟକ୍ତିଗତ ୩ୟ ଗୋଲ୍ ଦେଇ ଓଡ଼ିଶାକୁ ୪-୩ରେ ବିଜୟୀ କରାଇଥିଲେ। ଭାରତୀୟ ରେଲୱେ ଓ ମଣିପୁର ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ସେମିଫାଇନାଲ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଓ ଅତିରିକ୍ତ ସମୟ ମଧ୍ୟରେ କୌଣସି ଗୋଲ ହୋଇନଥିଲା। ଟାଇବ୍ରେକରରେ ମଣିପୁର ୪-୩ ଗୋଲରେ ବିଜୟୀ ହୋଇଛି।



ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

■ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟେନିସ

# ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଭୁବନେଶ୍ୱର, ୨୯।୯(ସ୍ପୋର୍ଟ୍ସ ବ୍ୟୁରୋ)**

ସିଟି କ୍ଲବ ନୟାପଲ୍ଲୀ ଓ ଯୁବ ଓଡ଼ିଶା ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମମତାଜ୍ ଅଲୀ ହାଇସ୍କୁଲ ପଡ଼ିଆରେ ଦ୍ୱିତୀୟ ନରେନ୍ଦ୍ର ଜେନା ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟେନିସ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜୟ କୁମାର ସାହୁ (ଡିସିପି ଟ୍ରେନିଂ), ସମ୍ମାନିତ ଅତିଥି ଭାବେ ସୌର୍ଯ୍ୟରଞ୍ଜନ ପରିଜା, ନିଖିଳ ବଳବନ୍ତରାୟ, ନବରଞ୍ଜନ ପଟ୍ଟନାୟକ, କାଦମ୍ବିନୀ ଦାସ, ଡ. ପ୍ରକାଶ ଶ୍ରୀଚନ୍ଦନ, ଅର୍ଜୁନ ସାହୁ, ସମରେନ୍ଦ୍ର ଜେନା ଓ ପ୍ରେମାନନ୍ଦ ଜେନା ଉପସ୍ଥିତ ରହିଥିଲେ। ପ୍ରତିଯୋଗିତାରେ ଓଡ଼ିଶାରୁ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସ ଶେଷ ସୁଦ୍ଧା ଉଭୟ ପୁରୁଷ ଓ ମହିଳା ବିଭାଗ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୌଦ୍ଧ ଓ ଢେଙ୍କାନାଳ-କ ଏବଂ କନ୍ଧମାଳ ଓ ଢେଙ୍କାନାଳ-ଖ ମଧ୍ୟରେ ପୁରୁଷ ବିଭାଗ ସେମିଫାଇନାଲ ଖେଳାଯିବ। ସେହିଭଳି ମହିଳା ବିଭାଗରେ କଟକ ଜିଲା ଓ କଟକ ସହର ଏବଂ ଚୌଦ୍ୱାର ଓ ବିଡ଼ାନାସୀ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ରବିବାର ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ହୋଇଥିବାବେଳେ ଅର୍ଥ ଏବଂ ଅବକାରୀ ମନ୍ତ୍ରୀ ଶଶୀଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ବାଂଲାଦେଶ ପ୍ରଶଂସାର ପାତ୍ର

**ମାହେଲା ଜୟବର୍ଦ୍ଧନେ**

ଏସିଆ କପ୍‌ରେ ଭାରତ ଫେଭରାଇଟ ବିବେଚିତ ହେଉଥିଲା ଓ ଦଳ ଆଶାନୁରୂପ ପ୍ରଦର୍ଶନ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ତେବେ ଫାଇନାଲ ମ୍ୟାଚରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ସାରା ମ୍ୟାଚ୍ ବେଶ୍ ରୋମାଞ୍ଚକ ହୋଇଥିଲା। ଆଘାତ ସମସ୍ୟା ଜର୍ଜରିତ ବାଂଲାଦେଶ ତା'ର ଦୁଇଜଣ ପ୍ରମୁଖ ଖେଳାଳିଙ୍କୁ ହରାଇଥିଲା। ଓପନର ତାମିମ ଇକବାଲ ଓ ସାକିବ ଅଲ ହାସନଙ୍କ ଅନୁପସ୍ଥିତ ବାଂଲାଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ତେବେ ଏହା ସତ୍ତ୍ୱେ ବାଂଲାଦେଶ ମ୍ୟାଚର ଶେଷ ବଲ ପର୍ଯ୍ୟନ୍ତ ସଂଘର୍ଷ କରିଥିଲା। ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ ମଧ୍ୟ ବାଂଲାଦେଶ ମୁଣ୍ଡ ଉଚ୍ଚ କରି ସମ୍ମାନର ସହିତ ଘରକୁ ପ୍ରତ୍ୟାବର୍ତ୍ତନ କରିଛି। ତେବେ ଜବରଦସ୍ତ ଆରମ୍ଭ ତଥା ପ୍ରାରମ୍ଭିକ ବ୍ୟାଟିଂ ସଫଳତା ସତ୍ତ୍ୱେ ଏହାର ଫାଇଦା ଉଠାଇପାରି ନ ଥିବାରୁ ବାଂଲାଦେଶ ଖେଳାଳି ଓ ପ୍ରଶଂସକମାନେ ନିରାଶ ହୋଇଥିବେ।

ମ୍ୟାଚ ଆରମ୍ଭରୁ ବାଂଲାଦେଶ ଅଫ୍ ସ୍ପିନର ମେହିଦି ହାସନ ମିରାଜଙ୍କୁ ଓପନିଂ କରିବାକୁ ପଠାଇ ସମସ୍ତଙ୍କୁ ଚକିତ କରିଥିଲା ଓ ଅନ୍ଧାରରେ ତୀର ମାରିବାକୁ ଚେଷ୍ଟା କରିଥିଲା। ଅବଶ୍ୟ ବାଂଲାଦେଶର ଏହି ପ୍ରୟାସ ବେଶ୍ ସଫଳ ହୋଇଥିଲା। ପ୍ରଥମଥର ପାଇଁ କ୍ୟାରିୟରରେ ମିରାଜ ଏଭଳି ହାଇଭୋଲ୍ଟେଜ ମ୍ୟାଚ୍‌ରେ ଓପନିଂ କରିବାର ସୁଯୋଗ ହାସଲ କରିଥିଲେ। ବାଂଲାଦେଶ ଓପନରଙ୍କ ଦମ୍‌ଦାର ବ୍ୟାଟିଂ ଫଳରେ ଭାରତ ବ୍ୟାକ୍ ଫୁଟକୁ ଚାଲିଯାଇଥିଲା।

ତେବେ ଭାରତୀୟ ଦଳରେ ଅଭିଜ୍ଞତା ଓ ଯଥେଷ୍ଟ ଗଭୀରତା ରହିଛି। ବିଶ୍ୱର ଅନ୍ୟତମ ସନ୍ତୁଳିତ ଦଳ ଭାବେ ଭାରତର ଖ୍ୟାତି ମଧ୍ୟ ରହିଛି। ପୁଣି ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତି ମଧ୍ୟ ଭାରତ ପାଇଁ କୌଣସି ଫରକ ଆଣି ନ ଥିଲା। ପ୍ରତିଭା ସମ୍ପନ୍ନ ଖେଳାଳିମାନଙ୍କୁ ନେଇ ଦଳ ବେଶ୍ ଶକ୍ତିଶାଳୀ। କେଦାର ଯାଦବ ତାଙ୍କ ଯାଦୁ ଦେଖାଇ ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ଏହା ପରେ ଭାରତୀୟ ସ୍ପିନରମାନେ କୌଣସି ସୁଯୋଗ ହାତଛଡ଼ା କରି ନ ଥିଲେ ଓ ଗୋଟିଏ ପରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏହା ପରେ ଦ୍ରୁତ ବୋଲରମାନେ ମଧ୍ୟ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ ଓ ମ୍ୟାଚ୍‌କୁ ଭାରତର ନିୟନ୍ତ୍ରଣକୁ ଆଣିଥିଲେ।

ବାଂଲାଦେଶ ଅତିକମ୍‌ରେ ୨୬୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିବାର ଥିଲା। ତେବେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହାଲକା ଶଟ୍ ଖେଳିଥିଲେ ଓ ଭାରତୀୟ ବୋଲରଙ୍କୁ ସୁଯୋଗ ଦେଇଥିଲେ। ଏହା ସତ୍ତ୍ୱେ ନିୟମିତ ବ୍ୟବଧାନରେ ଉଇକେଟ ଅକ୍ତିଆର କରି ବାଂଲାଦେଶ ଶେଷ ପର୍ଯ୍ୟନ୍ତ ଲଢେଇ ଜାରି ରଖିଥିଲା। ନୂଆ କୋଚ୍ ଷ୍ଟିଭ୍ ରୋଡ୍ସଙ୍କ ତତ୍ତ୍ୱାବଧାନରେ ବାଂଲାଦେଶ ନିଜର ଦକ୍ଷତା ପ୍ରତିପାଦନ କରିଥିଲା।

ଇଂଲଣ୍ଡ ଗସ୍ତର ବିଫଳତା ପରେ ଏସିଆ କପ୍ ଜିତିଥିବାରୁ ଭାରତ ପାଇଁ ଏହା ବିଶେଷ ମହତ୍ତ୍ୱ ରଖୁଛି। ଏହି ଟୁର୍ନାମେଣ୍ଟରେ ଭାରତ ନୂଆ ଖେଳାଳି ଓ ନୂଆ କମ୍ବିନେଶନ ନେଇ ପରୀକ୍ଷା ନିରୀକ୍ଷା କରିଥିଲା। ଭାରତ ପାଖରେ ଏକାଧିକ ବିକଳ୍ପ ରହିଛି ଓ ବେଞ୍ଚ୍ ଷ୍ଟ୍ରେନ୍ଥରେ ମଧ୍ୟ ସୁଧାର ଆସିଛି। ଭାରତ ଓ ବାଂଲଦେଶର ଉଚ୍ଚକୋଟୀର ପ୍ରଦର୍ଶନକୁ ବାଦ୍ ଦେଲେ ଆଫଗାନିସ୍ତାନ ମଧ୍ୟ ପ୍ରଶଂସାର ପାତ୍ର। ଆଫଗାନିସ୍ତାନ ବ୍ୟାଟିଂରେ ସ୍ଥିର ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ବିଶେଷ କରି ସ୍ପିନରମାନେ କମାଲ କରିଥିଲେ। ବିଶ୍ୱ କ୍ରିକେଟରେ ବାଂଲାଦେଶ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତେବେ ଶ୍ରୀଲଙ୍କାର ପ୍ରଦର୍ଶନ ମତେ ନିରାଶ କରିଛି। ଶ୍ରୀଲଙ୍କାକୁ ବହୁତ କିଛି କାର୍ଯ୍ୟ କରିବାକୁ ହେବ। ଯୋଜନାବଦ୍ଧ ଭାବେ କାର୍ଯ୍ୟକରି ଦଳଗତ ଭାବେ ଖେଳିବା ଉପରେ ଶ୍ରୀଲଙ୍କା ଗୁରୁତ୍ୱ ଦେବା ଉଚିତ। ଏହା ହୋଇପାରିଲେ ଶ୍ରୀଲଙ୍କା ପୁଣିଥରେ ବିଶ୍ୱ କ୍ରିକେଟରେ ନିଜର ପୂର୍ବ ଗୌରବ ଫେରିପାଇବ।

—ଗେମ୍ ପ୍ଲାନ୍

#WhatDrivesYou
EXIDE

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ରବିବାର, ସେପ୍ଟେମ୍ବର ୩୦ /୨୦୧୮ Dhenkanal-Angul, Sunday, September 30 / 2018

## ସଂକ୍ଷେପରେ

### ଯାଦବ ମହାସଭାର ସାଧାରଣ ବୈଠକ

**ଢେଙ୍କାନାଳ ଅଫିସ,୨୯।୯**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ରତନପୁର ପଞ୍ଚାୟତର ସୋଲଗାଡ଼ଆ ଗ୍ରାମସ୍ଥିତ ଶ୍ରୀମହାଦେବ ଓ ସିଦ୍ଧ ମହାବୀରଙ୍କ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଜିଲା ଯାଦବ ମହାସଭାର ସାଙ୍ଗଠନିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଯାଦବ ସଙ୍ଗଠନକୁ ସୁଦୃଢ଼ କରିବାକୁ ଜିଲା ସଭାପତି ପ୍ରମୋଦ କୁମାର ବେହେରା ଆହ୍ୱାନ ଦେଇଥିଲେ। ନିହଲପ୍ରସାଦ, ରତନପୁର, ଲାଉଲଇ, ଖଙ୍କିରା, ଲେଥକା ଅଞ୍ଚଳର ଶତାଧିକ ଯାଦବ ନେତା ଓ ମହିଳା ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।

### ଦୁର୍ଘଟଣାରେ ଯୁବକଙ୍କ ଜୀବନ ଗଲା

**ଢେଙ୍କାନାଳ ଅଫିସ,୨୯।୯**

ଢେଙ୍କାନାଳ ଜିଲା ଗଁଦିଆ ଥାନା ନାଗିଆପଶି ଗ୍ରାମ ନିକଟରେ ଶନିବାର ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଇନ୍ଦ୍ରଜିତ୍ ଦାସ (୨୦) ପ୍ରାଣ ହରାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି। ଏ ନେଇ ନଂ. ୧୪୭/୧୮ରେ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### କବିବର ଜୟନ୍ତୀ ସମାରୋହ

**ପରଜଙ୍ଗ, ୨୯।୯(ଡି.ଏନ.ଏ.)**

ପରଜଙ୍ଗ କଲେଜ ଓଡ଼ିଆ ବିଭାଗରେ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ସମାରୋହ ଶୁକ୍ରବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସୁନୀଲ କୁମାର ରଥ ରାଧାନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ପ୍ରସନ୍ନ କୁମାର ସାହୁ ରାଧାନାଥଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଇଂଲିଶ ବିଭାଗର ମୁଖ୍ୟ ଅଧାପକ ପ୍ରବୋଧ କୁମାର ରଥ, ଇତିହାସ ବିଭାଗ ମୁଖ୍ୟ ଅଧାପକ ସନାତନ ସାମଲ, ଓଡ଼ିଆ ବିଭାଗ ଅଧାପକ ଅଞ୍ଜନ କୁମାର ମହାରଣା, ଅଧାପିକା ଦେବୀକୃପା ଦଳ ବେହେରା, ପ୍ରାଚୀପ୍ରଭା ସେଣ୍ଟ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ଲୀନାରାଣୀ ଖୁଣ୍ଟିଆ, ଭାଗ୍ୟଶ୍ରୀ ସାହୁ, ରୁନୁବାଳା ସାହୁଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ସମୀକ୍ଷା

# ସାରା ରାଜ୍ୟରେ ଲାଗିବ ୩୫ଲକ୍ଷ ଚାରା

**ଢେଙ୍କାନାଳ ଅଫିସ, ୨୯।୯**



ବୈଠକରେ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ସମେତ ଅନ୍ୟମାନେ।

ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୂପ ମୋହନ ପଟ୍ଟନାୟକ ଶନିବାର ଢେଙ୍କାନାଳ ଗସ୍ତରେ ଆସି ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀଙ୍କ ସହିତ ଭାବ ବିନିମୟ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରିବାରେ ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ।

ଖୁବ୍‌ଶୀଘ୍ର ବାରବାଟୀ ଷ୍ଟାଡିୟମ୍‌ରେ ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀଙ୍କୁ ନେଇ କନ୍‌କ୍ଲେଭ ଆୟୋଜିତ ହେବ। ଏଥିରେ ୪୦ହଜାର କର୍ମକର୍ତ୍ତା ଯୋଗଦେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହ ସାରା ରାଜ୍ୟରେ ବିଜୁ ଯୁବବାହିନୀ ସଦସ୍ୟଙ୍କ ଦ୍ୱାରା ୩୫ ଲକ୍ଷ ଚାରା ରୋପଣ କରାଯିବ। କୌଣସି ସ୍ୱେଚ୍ଛାସେବୀ ଭଲ କାର୍ଯ୍ୟ କରିବାକୁ ଚାହିଁଲେ କିମ୍ବା ପରାମର୍ଶ ଦେବାକୁ ଇଚ୍ଛୁକ ଥିଲେ ଅଧ୍ୟକ୍ଷଙ୍କ ମୋବାଇଲ (ନଂ. ୯୧୮୭୮୫୬୭୮୦)ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଢେଙ୍କାନାଳ ଜିଲାରେ ଗଠିତ ଯୁବବାହିନୀରେ ୩୦% ସ୍ୱେଚ୍ଛାସେବୀଙ୍କ ବୟସ ୧୫ରୁ ୩୫ବର୍ଷ ମଧ୍ୟରେ ରହିବ। ୩ ଲକ୍ଷ ୫୦ହଜାର ଯୁବକ ନିଶା ସେବନରୁ ଦୂରେଇ ରହିବାକୁ ଶପଥ ନେବେ। ଯୁବ ବାହିନୀ ସଦସ୍ୟଙ୍କୁ ମୁଣ୍ଡପିଛା ୧୦୦ ଟଙ୍କା ଦିଆଯାଉଛି। ତଥାପି ଅନେକ ଯୁବକ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଚାରାରୋପଣ, ନିଶାମୁକ୍ତ ଭଳି କାର୍ଯ୍ୟ କରୁଥିବା ଅଧ୍ୟକ୍ଷ ସୂଚନା ଦେଇଥିଲେ।

ଜିଲାପାଳ ନିଖିଲ ପୱନ କଲ୍ୟାଣ କହିଲେ, ଜିଲାରେ ୨୩୦ ରାଜ୍ୟ ଯୁବ କଲ୍ୟାଣ କାର୍ଯ୍ୟକ୍ରମ କରାଯିବାକୁ ଥିବାବେଳେ ଏଯାବତ୍ ୨୨୮ଟି ହୋଇଛି। ଜିଲା ଲାଗି ୭୬୪୬ ସ୍ୱେଚ୍ଛାସେବୀଙ୍କୁ ପ୍ରସ୍ତୁତ କରାଯାଇଛି। ସେହିପରି ରକ୍ତଦାନ ଏବଂ ଅନ୍ୟାନ୍ୟ ଶିବିର ଲାଗି ସ୍ୱତନ୍ତ୍ର ଭାବେ ୬୪୨ଜଣଙ୍କୁ ସାମିଲ କରାଯାଇଛି। ଅକ୍ଟୋବର ୨ ଗାନ୍ଧୀଜୟନ୍ତୀରୁ 'ନିଶାକୁ ନା' କାର୍ଯ୍ୟକ୍ରମ ଜରିଆରେ ଶପଥ ପାଠ କରାଯିବ। ନଭେମ୍ବର, ଡିସେମ୍ବରରେ ପ୍ଲାଷ୍ଟିକମୁକ୍ତ ଅଭିଯାନ ଆରମ୍ଭ ହେବ। ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲାପାଳ କହିଥିଲେ। ଏସ୍‌ପି ସନ୍ତୋଷ କୁମାର ନାୟକ କହିଲେ, ଯୁବ ବାହିନୀ ଆଗାମୀ ଦିନର ଭବିଷ୍ୟତ। ସେମାନେ ପ୍ରେରଣା ପାଇଲେ ବହୁ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର ହୋଇପାରିବ। ଲକ୍ଷ୍ମୀପୂଜା, ଯୋରନ୍ଦା ମେଳା, କପିଳାସ ପୀଠରେ ହେଉଥିବା ଯାନିଯାତ୍ରାରେ ଯୁବ ବାହିନୀଙ୍କୁ ସାମିଲ କରାଯିବା ଆବଶ୍ୟକ ବୋଲି ଏସ୍‌ପି ମତବ୍ୟକ୍ତ କରିଥିଲେ। ବୈଠକରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ପ୍ରଶାସନିକ ଅଧିକାରୀମାନେ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

## ଉଚ୍ଛେଦ ବେଳେ ଉତ୍ତେଜନା

**ଢେଙ୍କାନାଳ ଅଫିସ, ୨୯।୯**

ଢେଙ୍କାନାଳ ଗଣେଶ ବଜାର ଓ ମହାବୀର ବଜାର ନିକଟରେ ପ୍ରଶାସନ ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ ପାଇଁ ଶନିବାରଠାରୁ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ। ହେଲେ ମାପଚୁପ ଠିକ୍ ଭାବେ କରାଯାଇ ନ ଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଠିକ୍ ଭାବେ ମାପଚୁପ କରାଯାଇ ଲକ୍ଷ୍ମୀପୂଜା ପରେ ଜବରଦଖଲ ଉଚ୍ଛେଦ କରିବାକୁ ସେମାନେ ଦାବି କରିଥିଲେ।

ଉପଜିଲାପାଳ ପୀତାମ୍ବର ସାମଲ, ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍, ତହସିଲଦାର ଉଦୟନାଥ ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ମିଳିତବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର ପ୍ରମୁଖ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

## ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ

**ବଇଣ୍ଡା,୨୯।୯(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ଭୋଗରା ଗ୍ରାମରେ ଲକ୍ଷ୍ମୀ ପୂଜା ପାଳନ ହେବ। ଏଥିପାଇଁ ଗୁରୁବାର ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନିରୁଦ୍ଧ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ତାପସ କୁମାର ପ୍ରଧାନ, ସେବକ ପ୍ରଧାନ, ଅଲେଖ ମାଝି, ସୁଦାମ ବେହେରା, ସନ୍ତୋଷ ପ୍ରଧାନ, ବୀରକିଶୋର ସାହୁ, କିଶୋର ସାହୁ, ପତି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କିଭଳି ପୂଜା ଧୁମଧାମ୍‌ରେ ପାଳନ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଅକ୍ଟୋବର ପାଇଁ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଚୂଡ଼ାନ୍ତ

**ଅନୁଗୋଳ ଅଫିସ, ୨୯।୯**

ଅନୁଗୋଳ ଜିଲାପାଳଙ୍କ ଅକ୍ଟୋବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅକ୍ଟୋବର ୧ (ସୋମବାର) ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟରେ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ୯ ତାରିଖ (ମଙ୍ଗଳବାର) ପୂର୍ବାହ୍ନ ୧୦ଟାରେ କିଶୋରନଗର ବ୍ଲକ, ୧୫ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ, ୨୨ ତାରିଖ ପୂର୍ବାହ୍ନ ୧୦ ଟାରେ ଛେଣ୍ଡିପଦା ବ୍ଲକ ଏବଂ ୨୯ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟରେ ଶିବିର ଅନୁଷ୍ଠିତ ହେବ। ସେହିପରି ୯ ତାରିଖ (ମଙ୍ଗଳବାର) ଅପରାହ୍ନ ୩ଟାରେ କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ କାର୍ଯ୍ୟାଳୟରେ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଜିଲାପାଳ ଅନିଲ କୁମାର ସାମଲ ଓ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଶିବିରରେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସମାଜ ଗଠନରେ ଦିବ୍ୟାଙ୍ଗଙ୍କ ଭୂମିକା ଅତୁଳନୀୟ

**ଢେଙ୍କାନାଳ ଅଫିସ, ୨୯।୯**



ଅନ୍ତର୍ଜାତୀୟ ବଧିର ସପ୍ତାହ ପାଳନ ଅବସରରେ ବାହାରିଥିବା ଶୋଭାଯାତ୍ରା।

ଢେଙ୍କାନାଳରେ ଶନିବାର ଅନ୍ତର୍ଜାତୀୟ ବଧିର ସପ୍ତାହ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଜିଲା ବଧିର ସଂଘର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ମିନି ଷ୍ଟାଡିୟମରୁ ବାହାରି ଗୁଡ଼ିଆନାଳୀ କଲ୍ୟାଣ ମଣ୍ଡପ ଯାଏ ଯାଇଥିଲା। ବିଡିଓ ସରୋଜ କୁମାର ଦତ୍ତ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଇଓ ସୁଧାନନ୍ଦ ପରିଡ଼ା, ବିଇଓ ନିତ୍ୟାନନ୍ଦ ବାରିକ, ଜିଲା ବଧିର ସଂଘ ସଭାପତି ଦୀପକ ପଟ୍ଟନାୟକ, ସମ୍ପାଦକ ମନୋରଞ୍ଜନ ସାମଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିଷ୍ଣୁ ଚରଣ ବେହେରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦିବ୍ୟାଙ୍ଗମାନେ ସାମାଜିକ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସମାଜ ଗଠନରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଧାରଣ ମଣିଷ ଭଳି ସେମାନେ ମଧ୍ୟ ଅଧିକାର ପାଇବାକୁ ଯୋଗ୍ୟ। ଏ କଥାକୁ ଅନ୍ୟମାନେ ହୃଦୟଙ୍ଗମ କଲେ ଦିବ୍ୟାଙ୍ଗଙ୍କ ଜୀବନ ସ୍ୱାଭାବିକ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭିନ୍ନକ୍ଷମଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବାକୁ ଫିନ୍‌ଲାଣ୍ଡର ହେଲ୍‌ସିଙ୍ଗ ସହରରେ ୧୯୫୭ରେ ସର୍ବପ୍ରଥମେ ବଧିର ଦିବସ ପାଳିତ ହୋଇଥିଲା। ବଧିରମାନେ ଭୋଗୁଥିବା ସମସ୍ୟା ସମ୍ପର୍କରେ ପ୍ରତି ରାଷ୍ଟ୍ରର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଭିନ୍ନକ୍ଷମଙ୍କୁ ସଶକ୍ତ କରିବାକୁ ବାଣିଶ୍ରୀ ବୃତ୍ତି, ଜାତୀୟ ବୃତ୍ତି, ବିବାହ ପ୍ରୋତ୍ସାହନ, ଶିକ୍ଷା ବୃତ୍ତି, ବିଆର୍‌ଆଇ ଋଣ, ଦୃଷ୍ଟିହୀନଙ୍କୁ ଲାପ୍‌ଟପ୍, ବସ୍ ପାସ୍, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, କୃତ୍ରିମ ଅଙ୍ଗ ପ୍ରଦାନ, ସରକାରୀ ଚାକିରିରେ ୪% ସ୍ଥାନ ସଂରକ୍ଷଣ ସୁବିଧା ଦିଆଯାଉଥିବା ଅତିଥିମାନେ ସୂଚନା ଦେଇଥିଲେ। ମହର୍ଷି ଦୟାନନ୍ଦ ମିଶନ, ଜୀବନଜ୍ୟୋତି, ଐରା, ଅକ୍ଷମ କଲ୍ୟାଣ ସମିତିର ଅନ୍ତେବାସୀ, ଜିଲା ବଧିର ସଂଘ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




## ଓକିଲ ସଂଘର ଆନ୍ଦୋଳନ

**ଅନୁଗୋଳ ଅଫିସ, ୨୯।୯**

କଟକରେ ଆଇନଜୀବୀଙ୍କୁ ପୋଲିସ ମାଡ଼ ମାରିବା ଘଟଣାକୁ କେନ୍ଦ୍ରକରି ରାଜ୍ୟ ବ୍ୟାପୀ ଚାଲିଥିବା ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନରେ ୨୭ ତାରିଖରୁ ସାମିଲ ହୋଇଛ ଜିଲା ଓକିଲ ସଂଘ। ଏ ସଂକ୍ରାନ୍ତରେ ଶନିବାର ସଂଘର ଏକ ଜରୁରୀ ସାଧାରଣ ପରିଷଦ ବୈଠକ ସଭାପତି ସଭାପତି ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ବସିଥିଲା। ଆନ୍ଦୋଳନ ପ୍ରତ୍ୟାହାର ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପ୍ରସଙ୍ଗରେ ଏହି ବୈଠକ ବସିଥିଲା। ବରିଷ୍ଠ ସଭ୍ୟ ସୁବାସ ଚନ୍ଦ୍ର ମିଶ୍ର, ପ୍ରମୋଦ କୁମାର ପ୍ରଧାନ, ଭୂପେଶ ଚନ୍ଦ୍ର ପ୍ରଧାନ, ପ୍ରଦୀପ ଦେବତା ପ୍ରମୁଖ ଆନ୍ଦୋଳନରୁ ନ ଓହରିବା ସପକ୍ଷରେ ମତ ରଖିଥିଲେ। ଆସନ୍ତା ଅକ୍ଟୋବର ୩ରେ ସଂଘର ସାଧାରଣ ପରିଷଦ ବୈଠକରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହେବ। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁଥିବା ସମୟରେ ସଭ୍ୟମାନେ କାର୍ଯ୍ୟରୁ ବିରତ ରହିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଉପସଭାପତି ମମତା ପଟ୍ଟନାୟକ, ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ଅରବିନ୍ଦ ସାହୁ, କୋଷାଧ୍ୟକ୍ଷ କୁଶ ସାହୁଙ୍କ ସମେତ ସଂଘର ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।

## ଫାଇନାଲରେ ରାଉରକେଲା, ଖୋର୍ଦ୍ଧା

**ଢେଙ୍କାନାଳ ଅଫିସ,୨୯।୯**

ଢେଙ୍କାନାଳ ଜିଲା ହକି ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ମହିଳା ହକି ପ୍ରତିଯୋଗିତାର ଶନିବାର ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର କିଟ୍‌କୁ ଖୋର୍ଦ୍ଧା ୩-୧ ଗୋଲରେ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ୬-୦ ଗୋଲରେ ସମ୍ବଲପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ପ୍ରତିଯୋଗିତାର ଉଦ୍‌ଯାପନୀ ମ୍ୟାଚ୍ ଖେଳାଯିବ। ବିଶ୍ୱରଞ୍ଜନ ଷଡ଼ଙ୍ଗୀ, ନିରଞ୍ଜନ ଗୌଡ଼, ରଞ୍ଜନ ଦାସ, ପ୍ରଦୀପ ନାୟକ, ସୁଜିତ ମଲ୍ଲିକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ